ISSN No. : 2583-147X (P)



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଜୁନ୍ ୨୦୨୪
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦଶମ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, June 2024, Issue No. III
ISSN NO. 2583-147X (P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
ପ୍ରାଚୀ ପ୍ରଯୁକ୍ତା
**ସଂପାଦନା ମଣ୍ଡଳୀ**
**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
**ପ୍ରଫେସର ଅଞ୍ଜୁମାନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ଶିବ ପ୍ରସାଦ ଧଳ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ : **ଅବିନାଶ ଦାଶ**
ବିତରଣ ଅଧିକାରୀ : **ରାଜେନ୍ଦ୍ର ବାରିକ**
ମୁଦ୍ରଣ : **ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ତୁଳନାତ୍ମକ ସାହିତ୍ୟ : ଭୂମି ଓ ଆକାଶ
– ଜ୍ଞାନୀ ଦେବାଶିଷ ମିଶ୍ର ୦୭

ତତ୍ତ୍ୱାର୍ଥ-ଦର୍ଶନର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ 'ଅଷ୍ଟାବକ୍ର ଗୀତା'
– ଶ୍ରୀ ପ୍ରୀତମ ରାଉତ
– ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ୧୫

ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀ
– ଡକ୍ଟର ସୋନାଲି ସାହୁ ୨୨

ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଟେଲିଫିଲ୍ମର ଅବଦାନ
"ଦୂରଦର୍ଶନ ପରିପ୍ରେକ୍ଷୀରେ ଅଧ୍ୟୟନ"
– ସୀମା ସ୍ୱାଇଁ ୨୭

ଓଡ଼ିଆ ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ନାରୀ ଜାଗରଣର ସ୍ୱର
– ରୁଦ୍ରନାରାୟଣ ସାହୁ ୩୧

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଅନୁଚିନ୍ତା
– ଚିନ୍ମୟ ସାମଲ ୩୭

ଉତ୍ତରଅଶୀ ଓଡ଼ିଆ ଉପନ୍ୟାସରେ
ବୌଦ୍ଧ ଧର୍ମର ପ୍ରଭାବ : ଏକ ବିଶ୍ଳେଷଣ
– ରୁବିନା ପାତ୍ର ୪୧

ବିସ୍ମୃତ ଗାଳ୍ପିକ ଦିବ୍ୟସିଂହ ପାଣିଗ୍ରାହୀ ଓ ଅମୃତ କଙ୍କଣ
– ଅଧ୍ୟାପକ ବିଶ୍ୱନାଥ ସାହୁ ୪୭

ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାରେ ଆଧ୍ୟାତ୍ମିକ ଚେତନା
– ପ୍ରାଚୀପ୍ରଭା ସାଏନ୍ତ ୫୩

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା ........................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ......................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ...................................

ବ୍ୟାଙ୍କ୍......................................... ସ୍ଥାନ....................................................

ତାରିଖ....................................... ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 02-April-2024 | 03-May-2024 | 20-May-2024 | 01-June-2024 |


# ତୁଳନାତ୍ମକ ସାହିତ୍ୟ : ଭୂମି ଓ ଆକାଶ

**ଜ୍ଞାନୀ ଦେବାଶିଷ ମିଶ୍ର**

ତୁଳନା ମଣିଷର ସହଜାତ ପ୍ରବୃତ୍ତି । କଥା ପ୍ରସଙ୍ଗରେ ଆମେ ବ୍ୟକ୍ତି, ବସ୍ତୁ, ଘଟଣା ଓ ଅନୁଭବର ତୁଳନା କରିଥାଉ । ନିଜେ ଭୋଗିଥିବା ବିଭିନ୍ନ ଘଟଣା ସହିତ ଅପର ବ୍ୟକ୍ତି ତଥା ଘଟଣାର ତୁଳନା ଆମ କଥାବାର୍ତ୍ତାରେ ଅନେକତ୍ର ଉପଲବ୍ଧ । ତୁଳନାତ୍ମକ ସାହିତ୍ୟ ସମ୍ଭବତଃ ସେହି ପରମ୍ପରାର ଏକ ଉତ୍ତରିତ ରୂପ । ମାତ୍ର ଏଥିରେ ସାଧାରଣ ଜୀବନ ଭଳି ଅନ୍ୟ ସହ ନିଜକୁ ତୁଳନା କରି ଦୁଃଖ କି ଶୋଚନା ଅନୁଭବ କରିବାର ଅବସୋସ ନଥାଏ । ବରଂ ତୁଳନାତ୍ମକ ଆଭିମୁଖ୍ୟ ନେଇ ନିଜ ସାହିତ୍ୟକୁ ଅପର ସାହିତ୍ୟ ସହିତ ଆଲୋଚନା କରିବା ଏହାର ଲକ୍ଷ୍ୟ ।

ସାଧାରଣ ଅର୍ଥରେ ସାଦୃଶ୍ୟ ନିରୂପଣକୁ ହିଁ ଆମେ 'ତୁଳନା' ବୋଲି କହିଥାଉ । କୌଣସି ବ୍ୟକ୍ତି-ବସ୍ତୁ-ଘଟଣାର ସମଧର୍ମୀ ଅନ୍ୟ ବ୍ୟକ୍ତି-ବସ୍ତୁ-ଘଟଣା ସହ ସାମ୍ୟ କିମ୍ବା ବୈଷମ୍ୟ ପ୍ରଦାନ ବେଳେ ଆମେ ଏହି ଆଭିମୁଖ୍ୟର ବଶବର୍ତ୍ତୀ ହେଉ । ଏପରି ଆଲୋଚନା ପ୍ରାୟତଃ ଉତ୍କର୍ଷ-ଅପକର୍ଷ ନିର୍ଣ୍ଣୟର ପ୍ରଚେଷ୍ଟା କରିଥାଏ । ସାହିତ୍ୟରେ ମଧ୍ୟ ନିଜ ସାହିତ୍ୟ ସହିତ ଅପର ସାହିତ୍ୟର ଆଲୋଚନା ପ୍ରକ୍ରିୟାକୁ ନେଇ ତୁଳନାତ୍ମକ ସାହିତ୍ୟ ପରିଚର୍ଚ୍ଚାର ଉଦ୍‌ଭବ ଓ ଉତ୍ତରଣ ।

ତୁଳନାତ୍ମକ ସାହିତ୍ୟ ଆଲୋଚନାରେ ଅନ୍ୟର ମହନୀୟତା ବା ଗୌଣତ୍ୱ ପ୍ରତିପାଦନ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏଥିରେ ନିଜସ୍ୱ ସ୍ୱାତନ୍ତ୍ର୍ୟ ଆକଳନର ମୂଳସୂତ୍ର ମଧ୍ୟ ଲୁଚି ରହିଥାଏ । ମାତ୍ର ତୁଳନାତ୍ମକ ପରିଚର୍ଚ୍ଚାର ପ୍ରାଥମିକ ଦିନସବୁରେ ଏହାର କ୍ଷେତ୍ର ଆଜି ଭଳି ବିସ୍ତୃତ ନଥିଲା । ଏହାର ମୂଳ ଉଦ୍ଦେଶ୍ୟ କେବଳ ପାଠ (Text)ର ଅଧ୍ୟୟନରେ ହିଁ ସୀମିତ ଥିଲା । ପୁନଶ୍ଚ ସେହି ପାଠଭିତ୍ତିକ ଆଲୋଚନା ସାଂସ୍କୃତିକ ପରିସରଗତ ଅଧ୍ୟୟନଠାରୁ ଦୂରରେ ଥିଲା । ଭୂମି ଓ ସମୟର ସୀମାକୁ ଅତିକ୍ରମ କରିବା ତଳଳନାତ୍ମକ ସାହିତ୍ୟର ମୂଳ ଆଭିମୁଖ୍ୟ ଥିଲା, କିନ୍ତୁ କ୍ରମଶଃ ନିଜ କୃତି ବା ପାଠର ମହନୀୟତା ପ୍ରତିପାଦନ ହିଁ ତୁଳନାତ୍ମକ ସାହିତ୍ୟ ସମାଲୋଚକଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଯାଇଥିଲା ।

ଉନବିଂଶ ଶତାବ୍ଦୀରେ ଇଂରେଜମାନେ ଭାରତୀୟ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବାରୁ ନିଜ ସାହିତ୍ୟକୁ ଶାସିତ ରାଷ୍ଟ୍ରର ସାହିତ୍ୟ ସହିତ ତୁଳନା କରିବାକୁ ଅନୁପଯୁକ୍ତ ବୋଲି ବିଚାରୁଥିଲେ । ଏଣୁ ଗ୍ରୀକ୍ ସାହିତ୍ୟ, ଫରାସୀ ସାହିତ୍ୟ ଏପରିକି ଆମେରିକୀୟ ସାହିତ୍ୟ ସହିତ ବ୍ରିଟିଶ ସାହିତ୍ୟର ତୁଳନା ସମ୍ଭବପର ଥିଲା । ମାତ୍ର ଭାରତୀୟ ସାହିତ୍ୟ ସହିତ ତୁଳିତ ହେବାକୁ ଇଂରେଜମାନେ ଅପମାନଜନକ ବୋଲି ବିଚାରୁଥିଲେ । ପୁନଶ୍ଚ ଭାରତ ଗୋଟିଏ ବହୁଭାଷୀ ରାଷ୍ଟ୍ର ହୋଇଥିବାରୁ ରାଷ୍ଟ୍ରୀୟସାହିତ୍ୟ ଭାବରେ ଭାରତରେ କୌଣସି ଗୋଟିଏ ଭାଷାର ସାହିତ୍ୟ ସ୍ୱୀକୃତି ପାଇବା ସହଜ କଥା ନଥିଲା । ଭାରତୀୟ ବହୁଭାଷିକତା ଭିତରେ ଲୁଚି ରହିଥିବା ଏକସୂତ୍ରତ୍ୱର ଆଧାର ସେମାନଙ୍କ ଆଖିରେ ଦିଶୁନଥିଲା ।

ବିଶ୍ୱ ଓ ଅଞ୍ଚଳ ଭିତରେ ସୂକ୍ଷ୍ମ ସମ୍ପର୍କଟିଏ ଲୁଚି ରହିଥାଏ । ଜଣକ ପାଇଁ ଯାହା ଅଞ୍ଚଳ ଅପର ପାଇଁ ତାହା ବିଶ୍ୱର ସମ୍ଭାବନା ଟିଏ ତିଆରିପାରେ । ଏଣୁ ତୁଳନାତ୍ମକ ପରିଚର୍ଚ୍ଚା ମାଧ୍ୟମରେ ଆଞ୍ଚଳିକତାକୁ ପ୍ରାଧାନ୍ୟ ଦେବା ଅପେକ୍ଷା ଅଞ୍ଚଳ ଓ ବିଶ୍ୱ ମଧ୍ୟରେ ସମନ୍ୱୟ ସ୍ଥାପନ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ହୋଇଯାଏ । ଅଞ୍ଚଳ ଭିତରେ ଲୁଚି ରହିଥିବା ବିଶ୍ୱର ସନ୍ଧାନ ତଥା ପ୍ରାଣସତ୍ତା ଆବିଷ୍କାର ହିଁ ତୁଳନାତ୍ମକ ସାହିତ୍ୟର ସୂକ୍ଷ୍ମ ଉଦ୍ଦେଶ୍ୟ । ଅଞ୍ଚଳର କ୍ଷୁଦ୍ରତା ଓ ବିଶ୍ୱର ବିରାଟତ୍ୱ ପ୍ରତିପାଦନ ନୁହେଁ ବରଂ ଅଞ୍ଚଳ ଓ ବିଶ୍ୱ ଭିତରେ ସଂହତି-ସମନ୍ୱୟ-ସମାନତା-ସ୍ଥାପନ ଏହାର ଲକ୍ଷ୍ୟ ।

ତୁଳନାତ୍ମକ ସାହିତ୍ୟ ଆଲୋଚନା ମୌଖିକ ସାହିତ୍ୟ ଭିତ୍ତିରେ ତୁଳନାକୁ ସ୍ୱୀକୃତି ଦିଏ ନାହିଁ । ମୌଖିକ ସାହିତ୍ୟର

ସ୍ଥିର ପ୍ରତିରୂପ ନଥିବାରୁ ଏହା ପରିବର୍ତ୍ତନୀୟ । ତେଣୁ ଏହାକୁ ତୁଳନାତ୍ମକ ପରିଚର୍ଚ୍ଚାର ପରିସରଭୁକ୍ତ କରିବାପାଇଁ ତୁଳନାତ୍ମକ ସାହିତ୍ୟ ଆଲୋଚକମାନେ କୁଣ୍ଠାବୋଧ କରନ୍ତି । ମାତ୍ର ଭାରତ ଭଳି ବହୁଭାଷୀ ଅଥଚ ସାଂସ୍କୃତିକ ସଂହତିସମ୍ପନ୍ନ ରାଷ୍ଟ୍ରରେ ଏ କ୍ଷେତ୍ରରେ କିଛିକିଛି ଉଦ୍ୟମ ହୋଇଥିବା ଦେଖାଯାଏ । ଏହାକୁ ତୁଳନାତ୍ମକ ସାହିତ୍ୟର ପରିସରଭୁକ୍ତ କରିବା ଅପେକ୍ଷା ଏଇ ଧରଣର ଆଲୋଚନାରେ ତୁଳନାତ୍ମକ ପ୍ରବୃତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ସ୍ୱୀକାର କରାଯାଇପାରେ ।

ଭାଷା-ସାହିତ୍ୟକୁ ଦେଶୀୟ ବାଧାବନ୍ଧନରୁ ମୁକ୍ତି ଦେବା ତୁଳନାତ୍ମକ ସାହିତ୍ୟର ଉଦ୍ଦେଶ୍ୟ । ପାଠକୀୟ ଅଭୀପ୍ସାକୁ ଏକମୁଖୀ ସୀମିତତାରୁ ବହୁମୁଖୀ ବ୍ୟାପକତା ଦେବା ଉଦ୍ଦେଶ୍ୟରେ ଏହା ଅଭିପ୍ରେତ । ଜ୍ଞାନର ପରିସୀମାକୁ ବ୍ୟାପ୍ତି ଓ ବିସ୍ତୃତି ଦେବା ଏହାର ଲକ୍ଷ୍ୟ । ପାଠକୀୟ ରୁଚିକୁ ବିଶ୍ୱମୁଖୀ କରାଇବା ଏହାର କାର୍ଯ୍ୟ ।

ତୁଳନାତ୍ମକତା ଏକ ଆଭିମୁଖ୍ୟ । ଏହା ଦ୍ୱାରା ମାନବିକତା ଓ ହୃଦୟବତ୍ତା ବିସ୍ତାରିତ ହୁଏ । ଚିନ୍ତାଧାରାର ବିକାଶ ଘଟେ । ଦୁଇଟି ଭିନ୍ନ ଅଞ୍ଚଳର ଭାଷା ଭିତରେ ଏକତା ଓ ସାମ୍ୟ ସ୍ଥାପନ ହୁଏ । ନିଜ ସାହିତ୍ୟ ବ୍ୟତୀତ ଅନ୍ୟ ସାହିତ୍ୟର ଗଭୀରତା ଓ ସ୍ୱତନ୍ତ୍ରତା ସମ୍ପର୍କୀୟ ଜ୍ଞାନ ବୃଦ୍ଧି ହୁଏ । ତୁଳନାତ୍ମକ ସାହିତ୍ୟର ଅନୁରାଗୀ ଏକ ବ୍ୟାପକ ଲକ୍ଷ୍ୟପଥର ଅଭିଯାତ୍ରୀ । ଯାତ୍ରା ସମୟରେ ସେ ଭେଟୁଥିବା ସାହିତ୍ୟ କୃତିସମୂହର ବୀକ୍ଷଣ, ଅନୁଶୀଳନ ଓ ସେସବୁର ତୁଳନାତ୍ମକ ଅବବୋଧଭିତ୍ତିକ ବିଚାର-ଆଲୋଚନା ଏହାର କ୍ଷେତ୍ର । ବିଭିନ୍ନ ସାହିତ୍ୟର ପ୍ରଭାବ-ପ୍ରେରଣା-ସାମ୍ୟ-ବୈଷମ୍ୟ-ଏକସୂତ୍ରତ୍ୱ ପ୍ରତି ଜାଗରୁକ ଦୃଷ୍ଟି ଓ ଚିନ୍ତନ ତୁଳନାତ୍ମକ ଆଲୋଚନାର ପ୍ରମୁଖ ଉପାଦାନ । ସାହିତ୍ୟକୁ ପ୍ରାଦେଶିକତାରୁ ମୁକ୍ତି ଦେଇ ଏକ ସାର୍ବଭୌମ ସ୍ୱରୂପ ପ୍ରଦାନ କରିବାରେ ତୁଳନାତ୍ମକ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପର୍ଯ୍ୟାୟରେ ଅନୁସନ୍ଧାନ, ସଚେତନତା ଓ ସତର୍କତା ତୁଳନାତ୍ମକ ସାହିତ୍ୟ ଗବେଷକର ମୁଖ୍ୟ ଉପଜୀବ୍ୟ ।

ତୁଳନାତ୍ମକ ସାହିତ୍ୟର ପ୍ରାଚୀନତା ଦର୍ଶାଇବାକୁ ଯାଇ ଆଲୋଚକମାନେ ୧୫୯୮ ଖ୍ରୀ.ରେ ଫ୍ରାନ୍ସିସ୍ ମେରିସ୍‌ଙ୍କ ବକ୍ତବ୍ୟ ଉଦ୍ଧାର କରିଥାନ୍ତି । ଯେଉଁଠି ମେରିସ୍ ବିଭିନ୍ନ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ କହୁଛନ୍ତି, "A comparative discourse of our English poets with the Greek, Latin and Indian poets" । ପରେ ଫୁଲବେକ୍‌ଙ୍କ 'Comparative discourse of the law' କଥା ଆସେ । ୧୮୨୬ରେ ଗେଟେ (Goethe) ଜର୍ମାନୀରେ 'Welt literature' ର ଅବତାରଣା କରନ୍ତି । ତାଙ୍କର 'The Poet's Mission' ପ୍ରବନ୍ଧରେ ତୁଳନାତ୍ମକ ସାହିତ୍ୟର ଉଦ୍ଦେଶ୍ୟ ଗୋଟିଏ ସର୍ବଜନୀନ ଚିନ୍ତନ ବା Universal Mind ତିଆରିବା ବୋଲି ସେ ଉଲ୍ଲେଖ କରନ୍ତି । ପରେ ବିଭିନ୍ନ ସମୟରେ ଏହି ଅବବୋଧ ପରବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ଦାଏସ୍ ଜୁଏସ୍ ସାଁ (Total Literature), ମୋରିଜ୍ କାରିଅର୍ (ପ୍ରତିରୂପ ସାହିତ୍ୟ), ମାଥ୍ୟୁ ଆର୍ଣ୍ଣୋଲ୍ଡ (ତୁଳନାତ୍ମକ ସାହିତ୍ୟ)ଙ୍କ ବାଟ ଦେଇ ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'ବିଶ୍ୱସାହିତ୍ୟ'ରେ ପହଞ୍ଚିଛି ।[୧] ପରବର୍ତ୍ତୀ ପର୍ଯ୍ୟାୟରେ ହେନେରୀ ରିମାକ୍ ଏହି ଧାରା ଓ ପରମ୍ପରାକୁ 'ବିଶ୍ୱାୟିତ ସାହିତ୍ୟ'ର ନାମ ଦେଇଛନ୍ତି । ରେନେ ୱେଲେକ୍ ମଧ୍ୟ ପୂର୍ବସୁରୀଙ୍କ ଚିନ୍ତାଧାରାର ନିର୍ଯ୍ୟାସ ଗ୍ରହଣ ପୂର୍ବକ କହିଛନ୍ତି ଯେ ତୁଳନାତ୍ମକ ସାହିତ୍ୟର ଆଭିମୁଖ୍ୟ ପରିପ୍ରେକ୍ଷିତ ଓ ଭାବଚେତନା ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ସମସ୍ତ ସାରସ୍ୱତ ସୃଷ୍ଟି ଓ ଅଭିଜ୍ଞତା ମଧ୍ୟରେ ନିହିତ ଐକ୍ୟ ସମ୍ପର୍କରେ ସଚେତନ ଓ ଅବହିତ ହୋଇ ଆନ୍ତର୍ଜାତିକ ଦୃଷ୍ଟିକୋଣରୁ ସାହିତ୍ୟର ମୂଲ୍ୟାଙ୍କନ କରିବା ।[୨]

ମାତ୍ର କେବଳ ବାହ୍ୟ ଅବଧାରଣା (External Rituals) କୁ ନେଇ ସାହିତ୍ୟର ତୁଳନା କରିବାର ଔଚିତ୍ୟବୋଧ ନେଇ ପ୍ରଶ୍ନ ଉଠାନ୍ତି ଜୋନାଥନ୍ କଲର୍ । ତାଙ୍କ ମତରେ ସାହିତ୍ୟ ହେଉଛି ଭାବ ଓ ଚିନ୍ତା-ଚେତନାର ବ୍ୟାପାର । ତେଣୁ ତୁଳାନାତ୍ମକ ଅଧ୍ୟୟନ ସମୟରେ ସାହିତ୍ୟକୃତିରେ ଉଲ୍ଲିଖିତ ଭାବ-ଚେତନାର ସାମ୍ୟ-ବୈଷମ୍ୟ-ବିବିଧତା ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ମଧ୍ୟ ରହିଛି ।[୩]

ପ୍ରତି ଭାଷାର ସାହିତ୍ୟ ତା'ର ଭୌଗୋଳିକ ସୀମା ଅତିକ୍ରମ କରି ଏକ ବ୍ୟାପକ ଦୃଷ୍ଟିଭଙ୍ଗୀ ସହିତ ଅନ୍ୟାନ୍ୟ ଭାଷାର ସାହିତ୍ୟ ସହିତ ତୁଳନାତ୍ମକ ଭାବେ ଆଲୋଚିତ ହେଲେ ଉଭୟ ସାହିତ୍ୟର ପରିସର ବୃଦ୍ଧି ପାଏ । ସେହିପରି କୌଣସି ଆଞ୍ଚଳିକ ସାହିତ୍ୟ, ଜାତୀୟ ସାହିତ୍ୟ ସହିତ ମିଶିଲେ ପରସ୍ପର ସହ ସମନ୍ୱିତ ହେବାର ସୁଯୋଗ ପାଇଥାନ୍ତି । ଉଭୟ ସାହିତ୍ୟର ବ୍ୟକ୍ତିଗତ ମନେ ହେଉଥିବା ଉପାଦାନ ସମୂହର ଆଦାନପ୍ରଦାନ ମଧ୍ୟ ସମ୍ଭବପର ହୋଇଥାଏ । ଆଞ୍ଚଳିକ ସାହିତ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ ସ୍ୱାତନ୍ତ୍ର୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଜାତୀୟ ସାହିତ୍ୟରେ ସ୍ୱାତନ୍ତ୍ର୍ୟ ଅଞ୍ଚଳରୁ ଉର୍ଦ୍ଧ୍ୱକୁ ଉଠି ଜାତି ଓ ରାଷ୍ଟ୍ରର ମହନୀୟତା ପ୍ରତିପାଦନ କରେ । ତୁଳନାତ୍ମକ ସାହିତ୍ୟ ଜରିଆରେ ଦୁଇଟି ଭାଷା-ଜାତି-ସଂସ୍କୃତିର ପାରସ୍ପରିକ ସମ୍ପର୍କ ସ୍ଥାପିତ ହୁଏ । 'ଗୋଟିଏ ଦେଶ ବା ଜାତିର ସାହିତ୍ୟ ସହିତ ଅନ୍ୟ ଦେଶ ବା ଜାତିର ସାହିତ୍ୟ କିମ୍ବା ଗୋଟିଏ ଦେଶର ଜଣେ ସ୍ରଷ୍ଟାଙ୍କ ସହିତ ଅନ୍ୟ ଦେଶର ଜଣେ

ସ୍ରଷ୍ଟାଙ୍କୁ ଆମେ ଯେତେବେଳେ ତୁଳନାତ୍ମକ ବିଚାର-ପରିଧି ମଧ୍ୟକୁ ଆଣିଥାଉ, ସେତେବେଳେ ଉଭୟ ଦେଶର ଭୌଗୋଳିକ ପରିବେଶ, ଐତିହାସିକ ଚେତନା, ସାଂସ୍କୃତିକ ପରମ୍ପରା, ଲୋକଚରିତ୍ର ଓ ଚଳଣି ସହିତ ନିବିଡ଼ ଭାବରେ ପରିଚିତ ହେବା ଯେପରି ଆବଶ୍ୟକ, ଠିକ୍ ସେହିପରି ଉଭୟ ସ୍ରଷ୍ଟାଙ୍କ ମାନସିକତା, ଜୀବନ ଓ ଜଗତ ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ସେମାନଙ୍କ ଜୀବନଜଗତ ପରିବେଶ ଓ ପରିସ୍ଥିତି ପ୍ରତି ସଚେତନ ରହିବା ଯେକୌଣସି ସମାଲୋଚକର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ । କାରଣ ଯେ କୌଣସି ସୃଷ୍ଟି ଆନ୍ତର୍ଜାତିକ ଓ ଆନ୍ତର୍ଦେଶିକ ହେଲେ ମଧ୍ୟ ତା'ର ଏକ ଦେଶକାଳୋପଯୋଗୀ ଦାୟବଦ୍ଧତା ରହିଛି ।[୪] ଉଭୟ ସାହିତ୍ୟର ଏକ ସାମଗ୍ରିକ ଭାବଗତ ସାମ୍ୟ ଓ ଚେତନାଭିତ୍ତିକ ସାଦୃଶ୍ୟର ବିଚାର-ବିଶ୍ଳେଷଣଧର୍ମୀ ଆଭିମୁଖ୍ୟ ହିଁ ତୁଳନାତ୍ମକ ସାହିତ୍ୟ ଗବେଷଣାର ମୂଳପିଣ୍ଡ ।

ତୁଳନାତ୍ମକ ସାହିତ୍ୟ ଆଲୋଚନା କ୍ଷେତ୍ରରେ ସାଧାରଣ ଭାବେ ଗୃହୀତ ମତାମତ ଦ୍ୱିବିଧା ବିଭକ୍ତ । ପ୍ରଥମଟି ସାହିତ୍ୟର ଗାଠନିକ ଦିଗକୁ ନିୟନ୍ତ୍ରଣ କରିଥାଏ, ଏଥିରେ ସଂରଚନା, ଭାଷାବିଚାର, ଶୈଳ୍ପିକ ଆଦର୍ଶ, ବିନିର୍ମାଣବାଦ, ଭଳି ଗଠନଗତ ସଂରଚନାକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଦ୍ୱିତୀୟ ମତଧାରାରେ ସାଧାରଣତଃ ସାହିତ୍ୟକୁ ପ୍ରଭାବିତ କରିଆସିଥିବା ଚିନ୍ତାଧାରା ଓ ବିଚାରବୋଧର ଆକଳନ କରାଯାଇଥାଏ । ଏଥିରେ ମାର୍କ୍ସବାଦ, ନବ୍ୟ ଇତିହାସବାଦ, ବାମାବାଦୀ ଆଭିମୁଖ୍ୟ, ଦଳିତ ଚେତନା ସମ୍ବନ୍ଧୀୟ ବିଚାରବିମର୍ଷ ଇତ୍ୟାଦି ଆଲୋଚନା କରାଯାଇଥାଏ । ମାତ୍ର ତୁଳନାତ୍ମକ ସାହିତ୍ୟ ଆଲୋଚନା ଏହି ଉଭୟ ଧାରାରୁ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଧାରା ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ପ୍ରକାଶ କରେ ନାହିଁ ବୋଲି ଆଲୋଚକ ସ୍ୱୀକାର କରନ୍ତି । ବରଂ ଏହା ଉଭୟ ମତବାଦର ମିଳନର କ୍ଷେତ୍ର ଓ ବିଭେଦର କ୍ଷେତ୍ରକୁ ଆବିଷ୍କାର କରି ଉଭୟ ସାହିତ୍ୟର ଆତ୍ମାନୁସନ୍ଧାନରେ ବ୍ରତୀ ହୋଇଥାଏ ।[୫] ସେହି ହେତୁ ଏହାର ପରିସରଗତ ନିର୍ଦ୍ଦିଷ୍ଟତା ଓ ସୀମିତତା ଦେଖିବାକୁ ମିଳେ ନାହିଁ । ଏହା ଏକ ବୃହତ୍ତର କ୍ଷେତ୍ରର ଅନୁସନ୍ଧାନରେ ପ୍ରୟାସଶୀଳ ଥାଏ ।

"ଅତି କମ୍‌ରେ ଦୁଇଟି ସାହିତ୍ୟର ଅଧ୍ୟୟନକୁ ତୁଳନାତ୍ମକ ଅଧ୍ୟୟନ କୁହାଯାଇଥାଏ । ମାତ୍ର ଏ ପ୍ରକାର ଦ୍ୱୈତ ଅଧ୍ୟୟନ ଦ୍ୱାରା ତୁଳନାତ୍ମକ ସାହିତ୍ୟ ଅଧ୍ୟୟନର ପୂର୍ଣ୍ଣ ଆଭିମୁଖ୍ୟ ସାଧିତ ହୋଇ ନଥାଏ । କାରଣ ସମସ୍ତ ଭାଷାରେ ରଚିତ ସବୁ ଦେଶର ସାହିତ୍ୟକୁ ଏକ ଅଖଣ୍ଡ ସତ୍ତା ଭାବରେ ଅଧ୍ୟୟନ କରିବାକୁ ପଡ଼ିଥାଏ । x xx ତେଣୁ ତୁଳନାତ୍ମକ ସାହିତ୍ୟ ହେଉଛି ଏକାଧିକ ସାହିତ୍ୟ ଅଧ୍ୟୟନର ପ୍ରଧାନ ସାଧନ । ଏଥିରେ ଜଣେ ତୁଳନାକାରୀ ଅତି ସଚେତନ ଭାବରେ ଗୋଟିଏ ପଦ୍ଧତିକୁ ମୌଳିକ ଉପାଦାନ ଭାବରେ ସାଧାରଣତଃ ଗ୍ରହଣ କରି ନେଇଥାଏ ।"[୬] ଏହି ସମୟରେ ଆଲୋଚ୍ୟ ପ୍ରସଙ୍ଗକୁ ନୂତନ ଦୃଷ୍ଟିଭଙ୍ଗୀରେ ଦେଖିବା ନିମିତ୍ତ ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ପୁଙ୍ଖାନୁପୁଙ୍ଖ ବିଚାର ବିଶ୍ଳେଷଣର ଆବଶ୍ୟକତା ରହିଛି ।

ତୁଳନାତ୍ମକ ସାହିତ୍ୟ ଏକ ବ୍ୟାପ୍ତ ଓ ବିସ୍ତୃତ ପରିଚର୍ଚ୍ଚାର ଆଧାରଭୂମି । ଏହା ଜ୍ଞାନର ପରିସୀମାକୁ ବୃଦ୍ଧି କରେ । ସୀମିତ ଦୁନିଆରୁ ଏକ ବିସ୍ତୃତ ଦିଗନ୍ତର ସମ୍ଭାବନା ନିର୍ମାଣ କରେ । ସାହିତ୍ୟକୁ ଭାଷୀୟ ଓ ଦେଶୀୟ ବନ୍ଧନରୁ ମୁକ୍ତ କରି ସାହିତ୍ୟକୁ ବିଶ୍ୱଜନୀନ ହେବାର ସ୍ୱପ୍ନ ଦେଖାଏ । ବିଭିନ୍ନ ସୃଷ୍ଟି, ସାହିତ୍ୟିକ ମୂଲ୍ୟବୋଧ ଓ ଚିନ୍ତନ ମଧ୍ୟରେ ନୈକଟ୍ୟ ପ୍ରକାଶ କରି ଭାବଗତ ଐକ୍ୟ ସ୍ଥାପନରେ ସହାୟକ ହୁଏ । ସାହିତ୍ୟ ଆଲୋଚନାରେ ତୁଳନାତ୍ମକ ଆଭିମୁଖ୍ୟର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରି ଆଲୋଚକ କୁହନ୍ତି, 'ଆଧୁନିକ ସାହିତ୍ୟର ସ୍ରଷ୍ଟାଗଣ ନିଜ ଦେଶର ପୁରାଣ, ଧର୍ମ, ଆଚାରସୀମା ମଧ୍ୟରେ ଆବଦ୍ଧ ନ ରହି ବାହାର ଜଗତ ସହିତ ନିଜର ସମ୍ପର୍କ ସ୍ଥାପନ କରିଛନ୍ତି । ଏହି ସମ୍ପର୍କର ପରିସର କଳନା କରିବା ପାଇଁ ତୁଳନାତ୍ମକ ସାହିତ୍ୟର ପ୍ରୟୋଜନ । x x x ସକଳ ସାହିତ୍ୟର ଯଥାର୍ଥ ଅବତାରଣା ପାଇଁ ସେହି ସବୁ ଦେଶର ସାମାଜିକ-ସାଂସ୍କୃତିକ ପରିବେଶ ବିଷୟରେ ଜାଣିବାର ଅବକାଶ ମିଳୁନାହିଁ । ଏହି କ୍ଷେତ୍ରରେ ତୁଳନାତ୍ମକ ସାହିତ୍ୟ ବିଶେଷ ପ୍ରୟୋଜନ ବିବେଚିତ ହୋଇପାରେ ।[୭] ପାରସ୍ପରିକ ସମ୍ପର୍କ-ସାହଚର୍ଯ୍ୟ-ଅବବୋଧ ଜରିଆରେ ଜ୍ଞାନର ବିଶ୍ୱମୁଖୀନତାକୁ ଅଧିକ ବିସ୍ତାରିତ ହେବାର ସୁଯୋଗ ଓ ସମ୍ଭାବନା ଦେଇଥାଏ ତୁଳନାତ୍ମକ ପରିଚର୍ଚ୍ଚା ।

ତୁଳନାତ୍ମକ ସାହିତ୍ୟ ଏକ ମେଘମୁକ୍ତ ଫର୍ଚ୍ଚା ଆଲୁଅର ଆକାଶ । ତା'ର ଦିଗ୍‌ବଳୟ ଅତ୍ୟନ୍ତ ବିସ୍ତୀର୍ଣ୍ଣ । ତା'ର ଭୂଖଣ୍ଡ ସମସ୍ତ ସଂକୀର୍ଣ୍ଣତା ଓ ସୀମିତତା ଠାରୁ ଊର୍ଦ୍ଧ୍ୱରେ । କୌଣସି ନିର୍ଦ୍ଦିଷ୍ଟ ଭାଷାପ୍ରତି ଆନୁଗତ୍ୟ, ଜାତି ପ୍ରୀତି କିମ୍ବା କୌଣସି ପ୍ରକାରର ଆଞ୍ଚଳିକତାକୁ ଆରୋପଣ ପୂର୍ବକ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ ତା'ର ମୂଳ ଲକ୍ଷ୍ୟ ନୁହେଁ ।

ଭାବାବେଗ, ମଣିଷର ମନ, ବୋଧି, ପ୍ରଜ୍ଞା, ଚିନ୍ତନର କୌଣସି ଭାଷା ନଥାଏ । ଏସବୁକୁ ବ୍ୟକ୍ତ କରିବା ପାଇଁ କିନ୍ତୁ ଲୋଡ଼ା ହୁଅନ୍ତି ଶବ୍ଦ । ଚିନ୍ତନ ଶକ୍ତି ଓ ମନନଶୀଳତାକୁ ଭାଷା ଓ ଶବ୍ଦର ବନ୍ଧନରୁ ମୁକ୍ତି ଦେବା ହେଉଛି ତୁଳନାତ୍ମକ ସାହିତ୍ୟର କାର୍ଯ୍ୟ । ତୁଳନାତ୍ମକ ଗବେଷଣା ବନ୍ଧନର ସଂଶୟାତ୍ମକତାରୁ ମୁକ୍ତ ରହିବା ଶିଖାଏ । ଉଚ୍ଚ ଓ ଅବାଧ ଉଡ଼ାଣର ସୁଯୋଗ ଦିଏ ।

ଭୂମିରୁ ଭୂମା ଆଡ଼କୁ ଯିବାର ରାହା ଦେଖାଏ । ଦୁଇଟି ଭିନ୍ନଭାଷୀ-ଭିନ୍ନଦେଶୀ ଜାତୀୟତାବୋଧ ଭିତରେ ସାମ୍ୟ ଆଣିବାର ପ୍ରୟାସ କରେ । ତୁଳନାତ୍ମକ ଆଭିମୁଖ୍ୟ ସହ ବାଟ ଚାଲିବା ପ୍ରକ୍ରିୟା ଏକ ନିରନ୍ତର ଗତିଶୀଳତା । ଭାଷା, ସମୟଖଣ୍ଡ, ସାହିତ୍ୟ ସୃଷ୍ଟି ଭିତରେ ଭାବଗତ ସଂହତି ପ୍ରତିପାଦନରେ ତୁଳନାତ୍ମକ ପରିସର ପରିବ୍ୟାପ୍ତ । "ସଂପ୍ରତି ତୁଳନାତ୍ମକ ଗବେଷଣା ଏକ ଆବିଷ୍କାର ଭାବରେ ପରିଗଣିତ । ଏହାର ବିସ୍ତୀର୍ଣ୍ଣ ପରିମଣ୍ଡଳ ପୃଥିବୀର ସବୁ ସ୍ଥାନରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଆସନ ଗ୍ରହଣ କରିବା ସହିତ ଏ ବିଦ୍ୟା ଏକ ତୃତୀୟ ସାହିତ୍ୟିକ କ୍ଷେତ୍ର ନିର୍ମାଣ କରି ସାରିଲାଣି ।"[୮] ତେଣୁ ସାହିତ୍ୟର ଯଥାଯଥ ଓ ନିରପେକ୍ଷ ଆକଳନ ନିମିତ୍ତ ଏହାର ଆବଶ୍ୟକତା ରହିଛି । ଯେ କୌଣସି ସାହିତ୍ୟ ଆଲୋଚନାରେ ଗବେଷକର ତୁଳନାତ୍ମକ ଆଭିମୁଖ୍ୟଟି ଜାଗରୁକ ରହିଲେ ଗବେଷଣାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବ୍ୟାପ୍ତି ସମ୍ପର୍କରେ ବିଭିନ୍ନ ଆଲୋଚକଙ୍କୁ ପଢ଼ିବା ପରେ ଏହାର ସାରମର୍ମକୁ ଏହିପରି ପ୍ରକାଶ କରାଯାଇପାରେ ।

- ସଂକୀର୍ଣ୍ଣତା ପରିବର୍ତ୍ତେ ବିଶ୍ୱପ୍ରାଣତା ସୃଷ୍ଟି ହେଉଛି ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ।
- ଆଞ୍ଚଳିକତା କିମ୍ବା ରକ୍ଷଣଶୀଳତାଠାରୁ ଦୂରରେ ରହି ବିଶ୍ୱଜନୀନତା ତିଆରିବା ଏହାର ଉଦ୍ଦେଶ୍ୟ ।
- ଜାତୀୟ ସାହିତ୍ୟର ଆତ୍ମାନୁସନ୍ଧାନ ଏହାର ଅନ୍ୱେଷାବୋଧ ।
- ଅନ୍ୟାନ୍ୟ ସାହିତ୍ୟ ପରିପ୍ରେକ୍ଷୀରେ ନିଜ ସାହିତ୍ୟର ଆକଳନ କରିବା ଏହାର ଅଭୀପ୍ସା ।
- ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଂହତି ଓ ସାମ୍ୟ ପ୍ରତିପାଦନ କରିବା ।
- ସାର୍ବଜନୀନତା ପ୍ରତିପାଦନର ଆସ୍ଥା ନେଇ ତୁଳନାତ୍ମକ ସାହିତ୍ୟର ପରିସର ନିର୍ମାଣ ହୋଇଥାଏ ।
- ଅନୁକରଣ ଓ ଅନୁସରଣର ସୁସ୍ଥ ପରମ୍ପରା ଉପରେ ଏହା ଆସ୍ଥା ରଖେ ।
- ତୁଳନାତ୍ମକ ସାହିତ୍ୟର ଗବେଷକ ଉଭୟ ସାହିତ୍ୟର ସୌନ୍ଦର୍ଯ୍ୟବୋଧର ମୂଲ୍ୟାୟନ ପ୍ରତି ସଚେତନ ରହିବା ଆବଶ୍ୟକ ।
- ଉପସ୍ଥାପନ କୌଶଳ ଓ ଶୈଳୀର ନୂତନତ୍ୱ ଆବିଷ୍କାର ପ୍ରତି ଏହା ଦୃଷ୍ଟି ଦିଏ ।
- ଭାଷାଗତ ବ୍ୟବଧାନର ଦୂରୀକରଣ ପାଇଁ ଏହା ପ୍ରୟାସ କରେ ।
- ଆଞ୍ଚଳିକତାରୁ ମୁକ୍ତ ହୋଇ ଜାତୀୟ-ଆନ୍ତର୍ଜାତୀୟ ଆଦର୍ଶବୋଧର ପ୍ରତିଷ୍ଠା ମଧ୍ୟ ଏହାର ଉଦ୍ଦେଶ୍ୟର ପରିସରଭୁକ୍ତ ।
- ଏକାଧିକ ନୂତନ ସାହିତ୍ୟକୁ ଆବିଷ୍କାର କରି ନୂତନ ଚିନ୍ତା-ଚେତନାର ଆବିଷ୍କାରରେ ଏହା ବ୍ରତୀ ।
- ସାମ୍ୟତା ପ୍ରତିପାଦନରେ ସୀମିତ ନରହି ସାହିତ୍ୟର ମୌଳିକତା ନିରୂପଣ, ଆତ୍ମାନୁସନ୍ଧାନ ଏବଂ ଅଭିନବତ୍ୱ ପ୍ରତିପାଦନ ଏହାର ଆବଶ୍ୟକତା ।
- ଏକାଧିକ ଭାଷା ଓ ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଇତିହାସର ଅଧ୍ୟୟନ ଏହାର କାର୍ଯ୍ୟ ।
- ଭିନ୍ନଭିନ୍ନ ସାହିତ୍ୟର ଆଦର୍ଶ ଓ ସ୍ୱତନ୍ତ୍ରତା ପ୍ରତିପାଦନ ପ୍ରତି ଏହା ପ୍ରୟାସ କରିଥାଏ ।
- ସାମ୍ୟ ପ୍ରତିପାଦନ ଏହାର ମୂଳ ଉଦ୍ଦେଶ୍ୟ ହେଲେ ହେଁ, ଏହା ସାହିତ୍ୟ ଓ ସାହିତ୍ୟିକଙ୍କ ବୈଶିଷ୍ଟ୍ୟ ପ୍ରତି ମଧ୍ୟ ସଚେତନ ରହିଥାଏ ।
- ସାହିତ୍ୟିକ ସଂରଚନା (ଗପ, କବିତା, ନାଟକ, ଉପନ୍ୟାସ ଭଳି ବିଭାଗ)କୁ ଅତିକ୍ରମ କରି ସାହିତ୍ୟର ଆତ୍ମା ଆବିଷ୍କାର ଉପରେ ଗୁରୁତ୍ୱ ।

ତୁଳନାତ୍ମକ ସାହିତ୍ୟର ବୈଶିଷ୍ଟ୍ୟ ତଥା ଆଲୋଚନାର ଆଧାର ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଆଲୋଚକମାନେ ଯେଉଁସବୁ ବିଷୟ ପ୍ରତି ଗବେଷକଙ୍କର ଦୃଷ୍ଟିପାତର ଆବଶ୍ୟକତା କଥା କୁହନ୍ତି, ଏବେ ସେ ସମ୍ପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ ।

**ପ୍ରଭାବ (Influence) :**

କୌଣସି ସାହିତ୍ୟ କୃତି ଉପରେ ଏକ ବା ଏକାଧିକ ସାହିତ୍ୟ, ଭାଷା, ଶୈଳୀ, ବର୍ଣ୍ଣନା ଓ ବିଭିନ୍ନ ଉପାଦନାର ପ୍ରଭାବ ପଡ଼ିବା ଏକ ସ୍ୱାଭାବିକତା । ଏହି ପ୍ରଭାବ ସବୁ ସିଧାସଳଖ ଆହରିତ ନୁହେଁ । ଆଲୋକର ଉପସ୍ଥିତିରେ ବ୍ୟକ୍ତି ପଛପଟରେ ଛାଇ ଭଳି ଏହି ପ୍ରଭାବ । ତୁଳନାତ୍ମକ ସାହିତ୍ୟର ଉଦ୍ଦେଶ୍ୟ ଏହି ପ୍ରଭାବକୁ ଅନୁସନ୍ଧାନ କରିବା ।

ସଂସ୍କୃତି, ସଭ୍ୟତା, ଧର୍ମୀୟଧାରଣା, ଆଚାର-ବିଚାର, ଲୋକବିଶ୍ୱାସ, ପ୍ରଥା, ପ୍ରଚଳିତ ମୂଲ୍ୟବୋଧ ଓ Little Tradition - Great Tradition ର ପ୍ରଭାବ ସାହିତ୍ୟ ଉପରେ ପଡ଼ିଥାଏ । ଏହି ପ୍ରଭାବର ଉତ୍ସ ଓ ପରିମାଣ ଅନୁସନ୍ଧାନ ଓ ସାହିତ୍ୟରେ ଏହାର ପରିମାଣ ଆକଳନ କରିବା ନିମିତ୍ତ ତୁଳନାତ୍ମକ ସାହିତ୍ୟର ଗବେଷକ ସଚେତନ ଦୃଷ୍ଟି ରଖିଥାଏ । "ମଣିଷର ମନ ସଜୀବ

ପଦାର୍ଥ ଓ ତା'ର ସଜୀବତାର ପ୍ରମାଣ ହେଲା ପ୍ରଭାବ-ପ୍ରବଣତା । ମନ ଉପରେ କେତେ ବ୍ୟକ୍ତି, ଘଟଣା, ପରିବେଶ-ପ୍ରକୃତି, ସ୍ମୃତି, ତତ୍ତ୍ୱ, କଳାର ଆଘାତ ପ୍ରତିନିୟତ ଆସୁଛି । ଆଘାତ ଉପରେ ମନର ପ୍ରତିଘାତ ବା ପ୍ରତିକ୍ରିୟା ଯେତେବେଳେ ଗଭୀର ହୁଏ, ସେତେବେଳେ ତାକୁ କୁହାଯାଏ ପ୍ରଭାବ । ସେଇ ପ୍ରଭାବ ହେତୁ କେତେ ଭାବ ଓ କର୍ମର ପ୍ରବୃତ୍ତି ବା ନିବୃତ୍ତି । ଏ କଥା ଯଦି ସତ୍ୟ ହୁଏ, ତେବେ କବିର ଅସାଧାରଣ ମନ ସମ୍ପର୍କରେ ତାହା ଅଧିକ ଭାବରେ ସତ୍ୟ ।"[୯] ଆଲୋଚକ ନିଜ ବକ୍ତବ୍ୟ ସପକ୍ଷରେ ଅଲୋଚକ ୱାର୍ଡସ୍ ୱାର୍ଥଙ୍କ କବିତାଟିଏ ମଧ୍ୟ ଦେଇଛନ୍ତି ।[୧୦] ସାହିତ୍ୟ ସୃଷ୍ଟି ଉପରେ ଥିବା ଉଭୟ ଦୃଶ୍ୟ-ଅଦୃଶ୍ୟ ଛାଇର ଉତ୍ସ, କାରଣ ଓ ଯଥାର୍ଥ୍ୟ ନିରୂପଣ ହିଁ ପ୍ରଭାବ ଆକଳନର ମୂଳ ଉଦ୍ଦେଶ୍ୟ ।

**ସାଦୃଶ୍ୟ (Similarity) :**

ଦୁଇ ବା ତତୋଽଧିକ ସାହିତ୍ୟ ମଧ୍ୟରେ ତୁଳନା କରିବା ସମୟରେ ଆମେ ଉଭୟ ସାହିତ୍ୟର ସମାନତା ବା ସାଦୃଶ୍ୟ ଆକଳନ ପ୍ରତି ଦୃଷ୍ଟି ଦେଇଥାଉ । ସେହି ସାଦୃଶ୍ୟ ବିବିଧ । ତାହା ହୁଏତ ଉଭୟ ଜାତିର ଐତିହାସିକ ବିବର୍ତ୍ତନ ଅଥବା ସାମାଜିକତାର ସାଦୃଶ୍ୟ ହୋଇପାରେ । ଅବା ହୋଇପାରେ ମଧ୍ୟ ବିଷୟବସ୍ତୁ, ଆଦର୍ଶବୋଧ କିମ୍ବା ପରମ୍ପରାଗତ ସାଦୃଶ୍ୟ । ଅଞ୍ଚଳ ଭିତ୍ତିରେ ସାମାନ୍ୟ ବ୍ୟତିକ୍ରମ ଥିଲେ ମଧ୍ୟ ପୌରାଣିକ ଚରିତ୍ର କିମ୍ବା ମିଥକୀୟ ସାଦୃଶ୍ୟ ମଧ୍ୟ ଅନୁଭବ କରାଯାଇପାରେ । ଉଭୟ ସାହିତ୍ୟର ବିଷୟବସ୍ତୁ, ଆବେଦନ କିମ୍ବା ଉଦ୍ଦେଶ୍ୟ ଭିତ୍ତିରେ ମଧ୍ୟ ସାଦୃଶ୍ୟ ଆକଳନ ସମ୍ଭବପର । ଭାଷା, ଜାତୀୟତାବୋଧ, ଆଞ୍ଚଳିକତା, ସମୟଖଣ୍ଡ, କୌଣସି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବା ଘଟଣା ବିଶେଷ ମଧ୍ୟ ଏହି ସାଦୃଶ୍ୟ ଆକଳନର କେନ୍ଦ୍ରବିନ୍ଦୁ ହୋଇପାରନ୍ତି ।

**ଆହରଣ (Borrowing) :**

ସାହିତ୍ୟ ରଚନା ବେଳେ ସାହିତ୍ୟିକ ଜାଣତ ବା ଅଜାଣତରେ ପୂର୍ବରୁ ପଢ଼ିଥିବା-ଶୁଣିଥିବା-ପ୍ରଭାବିତ ହୋଇଥିବା ଅନେକ କଥାକୁ ନିଜ ସାହିତ୍ୟର ପରିସରଭୁକ୍ତ କରିଥାଏ । ଅନ୍ୟ ଭାଷା, ସଭ୍ୟତା, ସଂସ୍କୃତିରୁ ଆହରିତ ଏହି ଭାବରାଜି ପ୍ରତି ତୁଳନାତ୍ମକ ସାହିତ୍ୟ ଗବେଷକ ସଚେତନ ରହିବାର ଆବଶ୍ୟକତା ରହିଛି । ଆହରିତ ଏହି ବିବିଧ ଅଭିବ୍ୟକ୍ତି ସାହିତ୍ୟ ସୃଷ୍ଟିରେ କିପରି ଆତ୍ମୀକରଣ କରାଯାଇଛି, ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଗୁରୁତ୍ୱପୂର୍ଣ୍ଣ ।

ତୁଳନାତ୍ମକ ସାହିତ୍ୟ ଆଲୋଚନାର ପ୍ରାରମ୍ଭିକ ଦିନଗୁଡ଼ିକ ଏହି ଉଧାରତତ୍ତ୍ୱ (Theory of Borrowing) ଦ୍ୱାରା ହିଁ ଅଧିକ ପ୍ରଭାବିତ ହେଉଥିଲା । ବୃହତ୍ତର ଜନତାଙ୍କ ଭାଷାର ସାହିତ୍ୟ ଅଳ୍ପସଂଖ୍ୟକଙ୍କ ଭାଷା ସାହିତ୍ୟକୁ କିପରି ପ୍ରଭାବିତ କରିଛି ବା ପ୍ରସିଦ୍ଧ-ପ୍ରତିଷ୍ଠିତ ଲେଖକଙ୍କ ଲେଖାର ପ୍ରଭାବ କିପରି ଅପେକ୍ଷାକୃତ କମ୍ ପରିଚିତ-ପ୍ରସିଦ୍ଧ ଲେଖକଙ୍କୁ ପ୍ରଭାବିତ କରିଛି, ଏହାର ଆକଳନ ହିଁ ତୁଳନାତ୍ମକ ଆଲୋଚନାର ମୂଳସ୍ରୋତ ଥିଲା ।

**ପ୍ରତ୍ୟାଖ୍ୟାନ (Rejection) :**

ପ୍ରଭାବିତ ହୋଇ ଆହରଣ କରିବା ଭଳି ସାହିତ୍ୟ ରଚନାରେ ବିଭିନ୍ନ ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ସ୍ରଷ୍ଟା ଜାଣିଶୁଣି ଏଡ଼ାଇ ଯାଇଥାଏ । ନିଜ ଚଳଣି ସହ ଅସଂଲଗ୍ନ ତଥା ଅପ୍ରଚଳିତ କଥା ଓ ପରମ୍ପରାକୁ ସ୍ରଷ୍ଟା ଜାଣିଶୁଣି ବର୍ଜନ କରିଥାଏ । ନିଜ ରଚନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ ପୂର୍ବରଚନାର ଅନେକ କଥା ଜାଣତରେ ବାଦ୍ ଦେଇଥାନ୍ତି । ତୁଳନାତ୍ମକ ସାହିତ୍ୟର ଗବେଷକ ଏହି ସାହିତ୍ୟିକ ପ୍ରକ୍ରିୟା ଓ ପ୍ରତ୍ୟାଖ୍ୟାନ ପ୍ରତି ସତର୍କ ରହିବା ଆବଶ୍ୟକ ।

**ଅନୁକରଣ (Immitation) :**

ପ୍ରଭାବ ଓ ଋଣ ପ୍ରକ୍ରିୟାରେ ଲେଖକ ମୂଳ ଲେଖାଠାରୁ ଯଥାସମ୍ଭବ ଦୂରତ୍ୱ ନିର୍ବାହ କରିଥାଏ । ଲେଖକର ଚେତନ-ଅବଚେତନରେ ଥିବା ପ୍ରଭାବ ତା'ର କୃତିକୁ ପ୍ରଭାବିତ କରିଥାଏ । ମାତ୍ର ଅନୁକରଣ ପର୍ଯ୍ୟାୟରେ ଲେଖକ ପ୍ରତ୍ୟକ୍ଷ ଭାବରେ ମୂଳଲେଖାର କେତେକ ଅଂଶ ଦ୍ୱାରା ପ୍ରଭାବିତ ହୋଇଥାଏ । ଗବେଷଣା ସମୟରେ ସେଥିପ୍ରତି ଗୁରୁତ୍ୱ ଦେଇ ସେହି ଅଂଶ ଓ ପ୍ରଭାବର ପରିମାଣକୁ ଚିହ୍ନାଇ ଦେବାର ଆବଶ୍ୟକତା ଅଛି । ଏହା ତୁଳନାତ୍ମକ ଗବେଷକଙ୍କ ବହୁପାଠିତା ଉପରେ ନିର୍ଭରଶୀଳ ।

**ଅନୁବାଦ (Translation) :**

ଅନୁବାଦ ଦ୍ୱାରା ଗୋଟିଏ ଭାଷାର ସାହିତ୍ୟ ଅପର ଭାଷା ନିକଟରେ ପହଞ୍ଚିବା ସହଜ ହୋଇଥାଏ । ଏହି ଅନୁବାଦ ପ୍ରକ୍ରିୟା ଯେତେ ବିଶ୍ୱସ୍ତ ହେବ ଓ ଅନୁବାଦିତ ଲେଖାଟି ମୂଳ ସୃଷ୍ଟିର ଯେତେ ନିକଟତର ହୋଇପାରିବ, ସାହିତ୍ୟ ଆକଳନ ସେତେ ବେଶୀ ସୁବିଧାଜନକ ହୋଇ ପାରିବ । ତୁଳନାତ୍ମକ ଗବେଷଣା ବେଳେ ଅନୁବାଦ ପ୍ରକ୍ରିୟା ପ୍ରତି ମଧ୍ୟ ସଚେତନ ଓ ସଶ୍ରଦ୍ଧ ଦୃଷ୍ଟିପାତର ଆବଶ୍ୟକତା ଅଛି । ଅନ୍ତରଙ୍ଗଧର୍ମୀ ଅନୁବାଦ ପାଇଁ ଅନୁବାଦକମାନେ ମୁକ୍ତ ଅନୁବାଦ (Polemical Translation) ଓ ପ୍ରଚ୍ଛନ୍ନ ବା ଛାୟା ଅନୁବାଦ (Latent Translation) ର ସାହାଯ୍ୟ ନେଇଥାନ୍ତି । ଲେଖକ ନିଜ କୃତିର ମୂଳ ଭାବକୁ ଅକ୍ଷୁଣ୍ଣ ରଖି ଅନୁବାଦକ ସାଜି ନିଜେ ନିଜ କୃତିର ଅନୁବାଦକ (Author's Translation) ମଧ୍ୟ ହୋଇପାରନ୍ତି । (ଉଦାହରଣ : ରବୀନ୍ଦ୍ର ନାଥଙ୍କ ବଙ୍ଗଳା 'ଗୀତାଞ୍ଜଳି' ଓ ନିଜସ୍ୱ ଅନୁବାଦିତ ଇଂରାଜୀ 'ଗୀତାଞ୍ଜଳି' ।[୧୧]

ପ୍ରତି ଅନୁବାଦ ପ୍ରକ୍ରିୟାରେ ମୂଳଭାଷା (Source

Language) ଲକ୍ଷ୍ୟ ଭାଷା (Target Language) କୁ ଆସିଲା ବେଳେ ମୂଳ ସାହିତ୍ୟର ରୂପଗତ ଓ ଭାବଗତ ପରିବର୍ତ୍ତନ ହୋଇଥାଏ । ମୂଳଭାଷାରୁ ସିଧାସଳଖ ଅନୁବାଦ ନ ହୋଇ କୌଣସି ସଂଯୋଗକାରୀ ଭାଷାରୁ ହୋଇଥିବା ଅନୁବାଦ ବେଳେ ଅନୁବାଦ ପ୍ରକ୍ରିୟା ପ୍ରତି ସଚେତନ ରହିବାର ଆବଶ୍ୟକତା ଅଛି । ମୂଳ ଭାଷାଠାରୁ ଅନୁବାଦିତ ଅର୍ଥ ଯେତେ ଦୂରେଇଯିବ, ମୂଳ ସାହିତ୍ୟର ଆତ୍ମିକ ସ୍ୱରୂପ ସେତେ ବେଶୀ ଅଚିହ୍ନା-ଅଜଣା ହୋଇ ରହିବ । ତୁଳନାତ୍ମକ ଆଲୋଚନା ବେଳେ ଆନ୍ତଃସାହିତ୍ୟିକ ସମ୍ପର୍କର ସେତୁ ଭାବେ ପ୍ରତିପାଦିତ ହେଉଥିବା ଅନୁବାଦ ପ୍ରତି ଗଭୀର ଅନୁଶୀଳନ ତଥା ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି ।

ଏତଦ୍‌ଭିନ୍ନ ତୁଳନାତ୍ମକ ସାହିତ୍ୟର ଗବେଷଣାବେଳେ ଗବେଷକର ଭାଷା-ଶାସ୍ତ୍ର ସମ୍ପର୍କିତ ଜ୍ଞାନ (Linguistics), ବ୍ୟକ୍ତିଗତ ଅଭିଜ୍ଞତା (Intuition), ନିଜସ୍ୱ ଚିନ୍ତା (Thought), ଅନୁଭବ (Feelings), ଏକାଗ୍ରତା (Concentration), ଲକ୍ଷ୍ୟ (Goal), ଆଂକାକ୍ଷା (Aspiration), ଅଭିଳାଷ (Ambition) ର ସୋପାନ ଯେତେ ଉଚ୍ଚ ହେବ, ଗବେଷଣାର ଦୃଷ୍ଟିଭଙ୍ଗୀ ଓ ତୁଳନାତ୍ମକ ଆଭିମୁଖ୍ୟ ସେତେ ଉଚ୍ଚତର ହେବ ।

ତୁଳନାତ୍ମକ ସାହିତ୍ୟର ଆଲୋଚନା ବେଳେ ଆଲୋଚକଙ୍କ ଦକ୍ଷତା ଓ ଜ୍ଞାନର ପରିସୀମା ଆଲୋଚନାର କ୍ଷେତ୍ରକୁ ପ୍ରଭାବିତ କରେ । ଏ କ୍ଷେତ୍ରରେ ଆଲୋଚକଙ୍କ ଦୃଷ୍ଟିଭଙ୍ଗୀ ହିଁ ଆଲୋଚନାର ଗଭୀରତା ଓ ଦୃଷ୍ଟିଭଙ୍ଗୀକୁ ସ୍ପଷ୍ଟରୂପ ପ୍ରଦାନ କରିଥାଏ । ସାମ୍ୟତା ନିରୂପଣ ବେଳେ ଗବେଷକଙ୍କ ବହୁପାଠିତା ହିଁ ସାହାଯ୍ୟ କର୍ତ୍ତା ରୂପେ ସହାୟତା ପ୍ରଦାନ କରେ । ଆଲୋଚନା କାଳରେ ଆଲୋଚକ ଉଭୟ ଭାଷାର ଯେଉଁ ବିଷୟଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରଖିବା ଜରୁରୀ ସେଗୁଡ଼ିକ ହେଲା-

- ଭାଷାଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ
- ବ୍ୟାକରଣଗତ ଅବବୋଧ
- ଆଲୋଚ୍ୟ ଭାଷିକ ଅଞ୍ଚଳର ଭୌଗୋଳିକ ବିସ୍ତାରଜନିତ ଅବଧାରଣା
- ରାଜନୀତିକ ବିବର୍ତ୍ତନବୋଧ ସମ୍ପର୍କୀୟ ଜ୍ଞାନ
- ସମ୍ପୃକ୍ତ ଅଂଚଳର ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତିଗତ ସଚେତନତା
- ଧର୍ମୀୟ ଅବବୋଧ, ଲୋକବିଶ୍ୱାସ – ଲୋକଜୀବନ ସମ୍ବନ୍ଧିତ ଜ୍ଞାନ
- ସଂଯୋଗୀକୃତ ଭାଷା ଜରିଆରେ ତଥ୍ୟ ସଂଗ୍ରହଣ
- ସାହିତ୍ୟିକ ଧାରା ଓ ପରମ୍ପରା ପ୍ରତି ସତର୍କତା
- ଭାଷା ସାହିତ୍ୟର ଇତିହାସ ସମ୍ପର୍କୀୟ ଜ୍ଞାନ
- ପାଠ୍ୟ (Text) ଅଥବା ମୂଳଉତ୍ସ (Root Source) ପ୍ରତି ଆସ୍ଥା ଓ ଗୁରୁତ୍ୱ
- ମିଥ୍, ଲୋକମିଥ୍, ମୋଟିଫ୍, ଆର୍କିଟାଇପ୍ ସମ୍ବନ୍ଧୀୟ ଅବଧାରଣା
- ଶୈଳୀତତ୍ତ୍ୱ, ଗଠନତତ୍ତ୍ୱ, ନନ୍ଦନତତ୍ତ୍ୱଜନିତ ଅବବୋଧ
- ଆନ୍ତଃସାଂସ୍କୃତିକ ଏବଂ ସଂସ୍କୃତିର ଅନ୍ତରୀଣ ସ୍ତର ସମ୍ବନ୍ଧୀୟ ଜ୍ଞାନ
- ପ୍ରାସଙ୍ଗିକ ସମାଲୋଚନାଗତ ଅଧ୍ୟୟନ
- ସାହିତ୍ୟର ବିବିଧ ତତ୍ତ୍ୱ ଓ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ ଧାରଣା
- ପ୍ରଭାବ-ପ୍ରତିକ୍ରିୟା ସମ୍ପର୍କୀତ ଅବଧାରଣା
- ଉଭୟ ସାହିତ୍ୟର ତୁଳନାଗତ ଆଲୋଚନାର ଆବଶ୍ୟକତା ଓ ନୂତନତା ଅନୁସନ୍ଧାନର ସ୍ପୃହା

ଏହିଭଳି ବିବିଧ ଆବଶ୍ୟକତାର ଉପସ୍ଥିତି ସତ୍ତ୍ୱେ ତୁଳନାତ୍ମକ ଆଲୋଚନା ସମୟେ ସମୟେ ତଥ୍ୟାଶ୍ରୟୀ ହୋଇଯିବାର ଆଶଙ୍କା ମଧ୍ୟ ଥାଏ । ଏହି ପ୍ରସଙ୍ଗରେ ଗବେଷକଙ୍କ ନିଜସ୍ୱ ବିଚାରବୋଧ, ବିଶ୍ଳେଷଣଧର୍ମୀ ମନୋବୃତ୍ତି ଓ ଗବେଷଣା ପ୍ରତି ନିଷ୍ଠା ସର୍ବସ୍ୱ ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । "ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ତୁଳନାତ୍ମକ ଆଲୋଚନାର ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରୟୋଗ ନହେଲେ ଏହା କେବଳ ସାହିତ୍ୟ ଇତିହାସର ଅଧ୍ୟୟନ ମାତ୍ର ହୋଇ ରହିଯିବ । ଯଦିଓ ଇତିହାସର ତଥ୍ୟ ସଞ୍ଚୟନ ମଧ୍ୟ ଏକ ଆଲୋଚନାତ୍ମକ କାର୍ଯ୍ୟ ।" ଆଲୋଚକ ଇନ୍ଦ୍ରନାଥ ଚୌଧୁରୀ ଉପରୋକ୍ତ ମନ୍ତବ୍ୟ (ରେନେ ୱେଲେକ୍)ର ଉଦ୍ଧୃତି ପୂର୍ବକ ତୁଳନାତ୍ମକ ଗବେଷଣାର ପ୍ରୟୋଗ କ୍ଷେତ୍ରରେ ଗବେଷକର ବିଶ୍ଳେଷଣଧର୍ମୀତା ଓ ଆଲୋଚନାତ୍ମକ ପଦ୍ଧତି ଉପରେ ହିଁ ବେଶୀ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ମତରେ ତୁଳନାତ୍ମକ ସାହିତ୍ୟ ତୁଳନାତ୍ମକ ଆଭିମୁଖ୍ୟ ସହିତ 'ବ୍ୟତିରେକୀ ଅଧ୍ୟୟନ' ବା ଭିନ୍ନତାର ଅନୁସନ୍ଧାନ ପ୍ରତି ମଧ୍ୟ ସଚେତନ ଦୃଷ୍ଟି ରଖିବାର ଆବଶ୍ୟକତା ପ୍ରତି ଗୁରୁତ୍ୱ ଦିଏ ।[୧୨] ତୁଳନାତ୍ମକ ସାହିତ୍ୟର ଆଭିମୁଖ୍ୟ ଖୋଜିଲା ବେଳେ ଏହାର ହେତୁ, ପ୍ରଭାବ, ପାରସ୍ପରିକ ବିନିମୟ, ପାର୍ଥକ୍ୟ, ପରିବ୍ୟାପ୍ତି, ସାପେକ୍ଷିକ ମୂଲ୍ୟାୟନ, ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷୀ ଅନୁଶୀଳନ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ପ୍ରତି ମଧ୍ୟ ସଚେତନ ରହିବାକୁ ହୁଏ ।[୧୩] କୁହାଯାଇପାରେ ଯେ କେବଳ ମାତ୍ର ଗବେଷଣାତ୍ମକ ତଥ୍ୟ-ତତ୍ତ୍ୱ-ପ୍ରବିଧି ଧରି ତୁଳନାତ୍ମକ ଆଲୋଚନା ସମ୍ଭବପର ନୁହେଁ । ଗବେଷକଙ୍କ ରୁଚି, ଅବବୋଧ, ପଠନ ତୃଷା, ଆନ୍ତଃସାଂସ୍କୃତିକ ଜ୍ଞାନ ଓ ବିଚାରବୋଧ ଉପରେ ଏହା ବେଶୀଭାଗ ନିର୍ଭରଶୀଳ ହୋଇଥିବାରୁ ଗବେଷଣାର ପ୍ରସଙ୍ଗ ଓ ପରିସର ସଂକୀର୍ଣ୍ଣ

ଅଥବା ବ୍ୟାପକ ହେବା ଗବେଷକୀୟ ଦୃଷ୍ଟିଭଙ୍ଗୀ ଉପରେ ହିଁ ନିର୍ଭରଶୀଳ ଥାଏ ।

ପ୍ରସଙ୍ଗତଃ ଓଡ଼ିଆ ଭଳି ଆଞ୍ଚଳିକ ଭାଷା ସହ ହିନ୍ଦୀ ଭଳି ରାଷ୍ଟ୍ରୀୟ ଭାଷାର ଆଲୋଚନା ପ୍ରସଙ୍ଗରେ କେତୋଟି କଥା ବିଚାର କରାଯାଇ ପାରେ ।

ସ୍ୱାଧୀନତା ପରେ ସାମ୍ବିଧାନିକ ସ୍ୱୀକୃତି ନଥାଇ ମଧ୍ୟ ରାଷ୍ଟ୍ରଭାଷା ଭାବରେ ହିନ୍ଦୀର ମାନ୍ୟତା-ଗୁରୁତ୍ୱ-ଆଦର ପୂର୍ବାପେକ୍ଷା ବଢ଼ିଛି । ଟି.ଭି. ଚ୍ୟାନେଲ୍ ଜରିଆରେ ତଥା ହିନ୍ଦୀ ସିନେମା, ସଙ୍ଗୀତ ଇତ୍ୟାଦିର ପ୍ରଚାର-ପ୍ରସାର ଫଳରେ ଏହି ପ୍ରଭାବ ସାଧାରଣ ଜନତାଙ୍କୁ ପ୍ରଭାବିତ କରିଛି । ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଏକ ବୃହତ୍ ଜନଗୋଷ୍ଠୀ ହିନ୍ଦୀ ଓ ଏହାର ଉପଭାଷା ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ପ୍ରଭାବରେ ପ୍ରଭାବିତ । ଗଣମାଧ୍ୟମ ହିଁ ଏହି ପ୍ରଭାବର ମୁଖ୍ୟ କାରଣ । ଦେଶରେ ଇଂରାଜୀ ଓ ମାତୃଭାଷା ସହିତ ହିନ୍ଦୀ ଭାଷାକୁ ମିଶାଇ ତ୍ରିଭାଷୀ ନିୟମର ପ୍ରଣୟନ ମଧ୍ୟ କରାଯାଇଛି ।

ଭାରତ ଭଳି ଏକ ବହୁଭାଷୀ ରାଷ୍ଟ୍ରର ବିରୋଧ ସତ୍ତ୍ୱେ ହିନ୍ଦୀର ଆଦର ଓ ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ । ବିଶ୍ୱ ଯେତେବେଳେ ଗ୍ରାମରେ ପରିଣତ ହୋଇଛି ଭାରତର ଭୂମିଗତ ବିଶାଳତା ମଧ୍ୟ ତଦନୁସାରେ ସଙ୍କୁଚିତ ହେବା ସ୍ୱାଭାବିକ । ହିନ୍ଦୀ ଭାଷାର ବାଧ୍ୟତାମୂଳକ ପ୍ରଚାର-ପ୍ରସାର ମଧ୍ୟ ଦେଶର ଏକସୂତ୍ରତ୍ୱରେ ସହାୟକ ହୋଇଛି । ଆଞ୍ଚଳିକ ଭାଷାଟିଏ ବୃହତ୍ତର ଆଭିମୁଖ୍ୟ ସହିତ ରାଷ୍ଟ୍ରୀୟ ଭାଷା ସହିତ ତୁଳିତ ଓ ମୂଲ୍ୟାୟିତ ହେଲେ ଆଞ୍ଚଳିକ ଭାଷାଟିର ଗୁରୁତ୍ୱ ବଢ଼ିବା ସହିତ ରାଷ୍ଟ୍ର ଭାଷାଟି ମଧ୍ୟ ଆଞ୍ଚଳିକ ଭାଷା ସହ ମୂଲ୍ୟାୟିତ ହୋଇ ଚର୍ଚ୍ଚାର ପରିସର ତିଆରି ଥାଏ । ହିନ୍ଦୀ ଭଳି ରାଷ୍ଟ୍ରୀୟ ଭାଷାର ଆଲୋଚନା ଏହି ପ୍ରଭାବ ଓ ପାରସ୍ପରିକ ସମ୍ପର୍କକୁ ଆହୁରି ଦୃଢ଼ କରିଥାଏ । ସେଇଥିପାଇଁ ଡକ୍ଟର ନଗେନ୍ଦ୍ରଙ୍କ ଭଳି ସମୀକ୍ଷକ ଏହାକୁ 'ଆନ୍ତଃ ସାହିତ୍ୟିକ' କହିବା ବେଳକୁ ଡକ୍ଟର ଅନନ୍ତଚରଣ ଶୁକ୍ଳଙ୍କ ଭଳି ଆଲୋଚକ ଏହାକୁ 'ଆନ୍ତଃସାଂସ୍କୃତିକ' ବୋଲି କୁହନ୍ତି । "x x x ଆଜିର ପରିବର୍ତ୍ତିତ ପରିସ୍ଥିତିରେ ସମଗ୍ର ବିଶ୍ୱ ଯେତେବେଳେ ନିକଟତର ହୋଇ ଆସୁଛି, ସାମାଜିକ ଜାଗରଣ ମୁଣ୍ଡ ଟେକୁଛି ଏବଂ ସାଂସ୍କୃତିକ ସଚେତନତା ସ୍ୱଷ୍ଟ ହୋଇ ଉଠୁଛି, ସେତିକିବେଳେ ମାନବ କ୍ରମଶଃ ଆଞ୍ଚଳିକ ଅନୁଚିନ୍ତନ ପରିବର୍ତ୍ତେ ଆନ୍ତର୍ଜାତିକ ସଚେତନତା ତଥା ବିଶ୍ୱମାନବତା ଦ୍ୱାରା ଅନୁପ୍ରେରିତ ହେବାରେ ଲାଗିଛି । ଏ ଦୃଷ୍ଟିରୁ ସାମ୍ପ୍ରତିକ କାଳରେ ତୁଳନାତ୍ମକ ସାହିତ୍ୟର ଆବଶ୍ୟକତା ଏବଂ ଉତ୍ତର ଦାୟିତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ।"[୧୪] ଓଡ଼ିଆ ସହିତ ହିନ୍ଦୀ ଭାଷାର ତୁଳନାତ୍ମକ ଗବେଷଣା ସମ୍ପର୍କରେ ଆଲୋଚନା କରି ସମାଲୋଚକମାନେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷା ଉପରେ ହିନ୍ଦୀର ପ୍ରଭାବକୁ ସ୍ୱୀକାର କରନ୍ତି । ରାଷ୍ଟ୍ରଭାଷା ହିନ୍ଦୀ ସହିତ ମାତୃଭାଷା ଓଡ଼ିଆର ତୁଳନା ସାହିତ୍ୟର ପରିସରକୁ ବ୍ୟାପକ କରିବା ସହିତ ନିଜର ସାମର୍ଥ୍ୟ ଓ ଅସାମର୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବ-ଏଭଳି ଆଶା ମଧ୍ୟ ରଖନ୍ତି ।[୧୫] ମାତ୍ର ବୃହତ୍ତର ସତ୍ତା ଭିତରେ ବିଲୀନ ନ ହୋଇ, ନିଜସ୍ୱ ସତ୍ତା ନ ହରେଇ ଆଲୋଚିତ-ପର୍ଯ୍ୟାଲୋଚିତ ଓ ତୁଳିତ ହେବା ଦ୍ୱାରା ହିଁ ଆଞ୍ଚଳିକ ଭାଷାର ଗୁରୁତ୍ୱ ବୃଦ୍ଧି ପାଇଥାଏ । ଦୃଶ୍ୟମାନ ସତ୍ୟ ଅପେକ୍ଷା ଅଦୃଶ୍ୟମାନ ବାସ୍ତବତା, ରାଷ୍ଟ୍ରୀୟତାର ସ୍ୱରୂପ ଉନ୍ମୋଚନ, ପାଠର ସୀମିତତା ଅପେକ୍ଷା ଆକାଶୀ ଉଡ଼ାଣ, ସାହିତ୍ୟର ପ୍ରାଣ ଓ ଆତ୍ମାର ଆବିଷ୍କାର ତୁଳନାତ୍ମକ ସାହିତ୍ୟ ଜରିଆରେ ହିଁ ପ୍ରତିପାଦନ କରାଯାଇପାରେ ।

ନିଜର ଶ୍ରେଷ୍ଠତ୍ୱ ପ୍ରମାଣ କରିବାକୁ ଯାଇ ଅନ୍ୟର ହୀନତ୍ୱ ବା କ୍ଷୁଦ୍ରତା ପ୍ରମାଣ କରିବା ତୁଳନାତ୍ମକ ଆଲୋଚନାର ଉଦ୍ଦେଶ୍ୟ ନୁହେଁ । ନିଜର ରାଷ୍ଟ୍ରୀୟତାର ପ୍ରେମମୟ ସ୍ୱରୂପ ଉନ୍ମୋଚନ ଅପେକ୍ଷା ରାଷ୍ଟ୍ରର ଆତ୍ମା ପାଖରେ ପହଞ୍ଚିବା ଓ ଦୁଇ ଭିନ୍ନଭାଷୀ ଓ ଭିନ୍ନ ଦେଶୀୟ ସାହିତ୍ୟର ଏକସୂତ୍ରତ୍ୱ ଖୋଜିବା ହିଁ ତା'ର ଅସଲ ଉଦ୍ଦେଶ୍ୟ । ନିଜକୁ ମହତ୍ତ୍ୱ ଦେଇ ତୁଳନାତ୍ମକ ସାହିତ୍ୟ ଆଲୋଚକ ଆଲୋଚନାର ପରିସର ତିଆରି କଲେ ଏହା ବ୍ୟକ୍ତିର ଅଧିକାରର କଥା କହିବ ସିନା ଗାଣତାନ୍ତ୍ରିକ ହୋଇପାରିବ ନାହିଁ ।

ତୁଳନାତ୍ମକତା ଏକ ପ୍ରବୃତ୍ତି । ଯେକୌଣସି ଗବେଷକ ନିଜ ଗବେଷଣା କାଳରେ ଏହାର ସାହାଯ୍ୟ ନେଇ ପାରନ୍ତି । ଫଳତଃ ଗବେଷଣାର ପରିସର ବିବିଧ ଦୃଷ୍ଟିକୋଣର ସମୃଦ୍ଧ ହୋଇପାରେ । ଏଣୁ ତୁଳନାତ୍ମକ ଆଲୋଚନାର ପରମ୍ପରା ଆମ ସାହିତ୍ୟକୁ ଅନ୍ୟ ସାହିତ୍ୟ ସହିତ ସମକକ୍ଷ କରିବା ପାଇଁ, ଉଭୟ ସାହିତ୍ୟର ବାଗ-ଦିଗ-ବୈଶିଷ୍ଟ୍ୟ ଖୋଜି ଆକଳନ କରିବା ପାଇଁ, ଏକତ୍ୱ ଭିତରେ ଭିନ୍ନତା ଓ ଭିନ୍ନତା ଭିତରେ ଏକତ୍ୱର ପରୀକ୍ଷଣ ପାଇଁ, ସମାନ୍ତରାଳ ଅଧ୍ୟୟନ ପାଇଁ, ଏକାନ୍ତ ଆବଶ୍ୟକ ବୋଲି ସ୍ୱୀକାର କରାଯାଇପାରେ ।

**ସଙ୍କେତ ସୂଚୀ :**


୧. ବେହେରା, ଚିନ୍ତାମଣି, ତୁଳନାତ୍ମକ ସାହିତ୍ୟ ବନାମ ସାର୍ବଜନୀନ ସାହିତ୍ୟ, ଚିତ୍ର ଚରିତ, ଆର୍ଯ୍ୟପ୍ରକାଶନ, କଟକ, ପ୍ରଥମ ସଂସ୍କରଣ, ୧୯୯୭, ପୃ-୫୦

୨. It will study all literature from an international perspective, with a consciousness of the unity of all literary creation and experience - Rene Welleck

୩. ସାହୁ, ଆଦିକନ୍ଦ, ତୁଳନାତ୍ମକ ସାହିତ୍ୟ, କଳା ଗୌରବ, ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର, ପ୍ରଥମ ସଂସ୍କରଣ, ୧୯୮୭, ପୃ-୧୮୭

୪. ବେହେରା, ଚିନ୍ତାମଣି, ଚିତ୍ର ଚରିତ, ଆର୍ଯ୍ୟ ପ୍ରକାଶନ, କଟକ, ପ୍ରଥମ ସଂସ୍କରଣ, ୧୯୯୭, ପୃ-୫୯

୫. ବେହେରା, ଗୁରୁଚରଣ, ତୁଳନାତ୍ମକ ଧାରା ଓ ଭାରତୀୟ ସାହିତ୍ୟ, ଦ୍ର: ତୁଳନାତ୍ମକ ସାହିତ୍ୟ ତତ୍ତ୍ୱ ଓ ପ୍ରୟୋଗ, ଶ୍ରୀଧର ଦାସ ସ୍ମାରକୀ ବକ୍ତୃତାମାଳା, ପଣ୍ଡିତ ଶ୍ରୀଧର ଦାସ ମେମୋରିଆଲ୍ ଟ୍ରଷ୍ଟ, ଉତ୍କଳ ବିଶ୍ୱବିଦ୍ୟାଳୟ, ପ୍ରଥମ ସଂସ୍କରଣ-୨୦୦୪, ପୃ-୨୬

୬. ନାୟକ, ନିତ୍ୟାନନ୍ଦ, ତୁଳନାତ୍ମକ ସାହିତ୍ୟ ତତ୍ତ୍ୱ ଓ ପ୍ରୟୋଗ, ଚପଳା ପ୍ରକାଶନୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୧୯୯୩, ପୃ-୨୨

୭. ମିଶ୍ର, ନରେନ୍ଦ୍ର ନାଥ, ତୁଳନାତ୍ମକ ସାହିତ୍ୟର ଆଲୋକରେ ଓଡ଼ିଆ ସାହିତ୍ୟର ଚର୍ଚ୍ଚା, ଆଧୁନିକତା ଓ ଆଧୁନିକ ସାହିତ୍ୟ

୮. ପ୍ରଧାନ, ମନୋରଞ୍ଜନ, ପୂର୍ବ ଭାରତୀୟ ସାହିତ୍ୟର ତୁଳନାତ୍ମକ ବିଚାର, ଦ୍ର: ପ୍ରକଳ୍ପ ପ୍ରବନ୍ଧାବଳୀ (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୧୦, ପୃ-୯୪

୯. ଦାଶ, ଦେବେନ୍ଦ୍ର କୁମାର, କବିତା ଅଧ୍ୟୟନ ଓ ପ୍ରଭାବ ବିଚାର, ତତ୍ରୈବ ଦ୍ର: ପ୍ରକଳ୍ପ ପ୍ରବନ୍ଧାବଳୀ (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୧୦, ପୃ-୬୬

୧୦. A man speaking to men : a man it is true, endowed with more lively sensibility, more enthusiasm and tenderness, who has greater knowledge of human nature and a more comprahensive soul

୧୧. ପଣ୍ଡା, ବସନ୍ତ କୁମାର, ସାହିତ୍ୟ ତୁଳନାତତ୍ତ୍ୱ ଓ ଅନୁବାଦ, ସଂ-ମନୋରଂଜନ ପ୍ରଧାନ, ଅନୁବାଦ ତତ୍ତ୍ୱ ଓ ପ୍ରୟୋଗ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ, ପ୍ରଥମ ସଂସ୍କରଣ-୨୦୦୦

୧୨. ଚୌଧୁରୀ, ଇନ୍ଦ୍ରନାଥ, ତୁଳନାତ୍ମକ ସାହିତ୍ୟ କି ଭୂମିକା, ଉଚ୍ଚଶିକ୍ଷା ଔର୍ ଶୋଧ ସଂସ୍ଥାନ, ମାଡ୍ରାସ୍, ପ୍ରଥମ ସଂସ୍କରଣ-୧୯୮୩, ପୃ-୫୯

୧୩. ପ୍ରଧାନ, ମନୋରନ, ତୁଳନାତ୍ମକ ସାହିତ୍ୟ-ଏକ ଅଧ୍ୟୟନ, ବିଶ୍ୱଭାରତୀ ଦୀପିକା, ସଂଖ୍ୟା-୧୪, ୧୯୯୩, ବିଶ୍ୱଭାରତୀ, ଶାନ୍ତିନିକେତନ, ପୃ.୨୨

୧୪. ପଟ୍ଟନାୟକ, ଅଜୟ କୁମାର, ସାମ୍ପ୍ରତିକ ଭାରତୀୟ ସାହିତ୍ୟରେ ସଙ୍କଟ (ହିନ୍ଦୀ ଏବଂ ଓଡ଼ିଆ ପରିପ୍ରେକ୍ଷୀ) ପ୍ରକଳ୍ପ ପ୍ରବନ୍ଧାବଳୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୧୫. ମିଶ୍ର, ସଂଘମିତ୍ରା, ମାନବୀୟ ସମ୍ବେଦନଶୀଳତାର ଆଧାରରେ 'ତଟ ନିରଞ୍ଜନା' ଓ 'ଲହରୋଁ କେ ରାଜହଂସ' : ଏକ ତୁଳନାତ୍ମକ ବିଚାର, ଦ୍ର: ତୁଳନାତ୍ମକ ସାହିତ୍ୟ : ପରିସୀମା ଓ ପରିଭାଷା, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରକଳ୍ପ ପ୍ରବନ୍ଧାବଳୀ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ପ୍ରଥମ ସଂସ୍କରଣ-୨୦୦୫, ପୃ-୬୪

**ଓଡ଼ିଆ ବିଭାଗ**
**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 10-April-2024 | 08-May-2024 | 20-May-2024 | 01-June-2024 |

# ତତ୍ତ୍ୱାର୍ଥ-ଦର୍ଶନର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ 'ଅଷ୍ଟାବକ୍ର ଗୀତା'

ଶ୍ରୀ ପ୍ରୀତମ ରାଉତ, ଡକ୍ଟର ରୁଦ୍ରନାରାୟଣ ମହାପାତ୍ର

**୧. ଉପକ୍ରମ :**

ଭାରତୀୟ ଆଧ୍ୟାତ୍ମ ଦର୍ଶନର ସାର ନିର୍ଯ୍ୟାସ ବ୍ରହ୍ମତତ୍ତ୍ୱରେ ସନ୍ନିହିତ । ଜ୍ଞାନର ବିପୁଳ ଦିଗନ୍ତକୁ ଫେଡିକରି କତିପୟ ମନୀଷୀ, ବ୍ରହ୍ମତତ୍ତ୍ୱର (୧) ଯଥାର୍ଥ ବ୍ୟାଖ୍ୟାନ କରିବାରେ ସମର୍ଥ ହୋଇଅଛନ୍ତି । ତତ୍ତ୍ୱର ନିରସ କଠିନ ଆଭରଣକୁ ନିଜର ଗଭୀର ପ୍ରଜ୍ଞା ଦ୍ୱାରା ଚେତନାର ସୂକ୍ଷ୍ମାତିସୂକ୍ଷ୍ମ ଅନ୍ତଃସ୍ରୋତରେ ଭେଦକରି ଜଗତ ନିକଟରେ ପ୍ରସ୍ତୁତ କରିଛନ୍ତି ମହିମ୍ନ ଭାଷ୍ୟ(୨) । ଭାରତୀୟ ଉପମହାଦ୍ୱୀପରେ ଜ୍ଞାନସ୍ରୋତ ଗୁରୁ-ଶିଷ୍ୟ ପରମ୍ପରାରୁ (୩) ନିଃଶ୍ରୁତ । ତପୋନିଷ୍ଠ ଗୁରୁଙ୍କର ଯାବତ୍ ଜୀବନ ସଞ୍ଚିତ ବିଦ୍ୟାକୁ ଶିଷ୍ୟଟି ଅକପଟ ଭାବରେ ଗ୍ରହଣ କରି ନେଇ ପ୍ରଜ୍ଞାଚକ୍ଷୁ ଉନ୍ମୀଳିତ କରେ । ଅଧ୍ୟାତ୍ମ ଦର୍ଶନର ତତ୍ତ୍ୱାର୍ଥ ବିଭିନ୍ନ ଗ୍ରନ୍ଥରେ ସନ୍ନିବିଷ୍ଟ ହୋଇଅଛି । ବେଦ, ବେଦାନ୍ତ, ଉପନିଷଦ୍, ସଂହିତା, ପୁରାଣ, ମହାକାବ୍ୟ ଆଦିରେ ବ୍ରହ୍ମ-ଦର୍ଶନର (୪) ସୁପ୍ରଚୁର ଦେଖିବାକୁ ମିଳିଥାଏ । ମାତ୍ର ସେଗୁଡ଼ିକୁ ସରଳୀକୃତ କରି ତାହାର ଯଥାଯଥ ବ୍ୟାଖ୍ୟାନ କରିବା ଆୟାସସାଧ୍ୟ କର୍ମ । ଖୁବ୍ ନଗଣ୍ୟ ସଂହିତା ଏପରି କରିବାରେ କ୍ଷମ ହୋଇଛନ୍ତି । ସେହି ସଂହିତାମାନଙ୍କ ମଧ୍ୟରୁ ଗୀତା ସର୍ବୋତ୍କୃଷ୍ଟ (୫) । ଭାରତ ବର୍ଷରେ ଗୀତା ରଚନାର ଗୌରବଶାଳୀ ପରମ୍ପରା ରହିଅଛି । ଅଗଣନ ଗୀତା ଭାରତ ବର୍ଷରେ ସଂକଳିତ ହୋଇଅଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଗୀତା ରଚନା ପରଂପରାରେ 'ଭଗବଦ୍ ଗୀତା'କୁ ଆମର ଆଲୋଚକଗଣ ଯେତିକି ଅଧିକ ଆଲୋଚନା କରିଛନ୍ତି, ତାହା ତୁଳନାରେ ଅଷ୍ଟାବକ୍ର ଗୀତା ତାହାଠାରୁ ଅଧିକ ଆଲୋଚନା ହୋଇନାହିଁ । ଏଣୁ ଏହି ଦିଗରେ ବିଶେଷ ଆଲୋଚନା ଓ ଭଗବଦ୍ ଗୀତାଠାରୁ ଏହାର ଜ୍ଞାନ ଅନ୍ୱେଷାର ଭିନ୍ନ ବିଶେଷତ୍ୱକୁ ବ୍ୟାପକ ଆଲୋଚନା କରିବାର ଆବଶ୍ୟକତା ରହିଛି ।

**୨. ମହାଭାରତୀୟ ଜ୍ଞାନ-ଉପଖଣ୍ଡରେ ଗୀତା ରଚନା ଓ ଆଲୋଚନାର ପରଂପରା :**

ପ୍ରତ୍ୟେକ ଗୀତାର ମୂଳ ସ୍ୱରୂପ ହେଉଛି ଦାର୍ଶନିକ ଅଭିଦୃଷ୍ଟାର ପ୍ରଖର-ଉନ୍ମୁଖତା । 'ଗୈ' ଧାତୁରୁ ନିଷ୍ପନ୍ନ ଗୀତା ଶବ୍ଦର ଅର୍ଥ ହେଉଛି ଗୀତ । ଯାହା ଆବୃତ୍ତି ଅଥବା ଗାନ ଯୋଗ୍ୟ । 'ଗୁରୁ-ଶିଷ୍ୟ କଥୋପକଥନ ଛଳରେ ଆତ୍ମବିଦ୍ୟାର ଉପଦେଶ ହିଁ ଗୀତା' ।୬ ।

ଯେତେ ଗୀତା ରଚନା କରାଯାଇଛି ତନ୍ମଧ୍ୟରୁ 'ଭଗବଦ୍ ଗୀତାକୁ' ଉତ୍କୃଷ୍ଟ ଉଦାହୃତ ରୂପେ ଗ୍ରହଣ କରାଯାଇପାରେ । ଗୀତା ନାମ ଶୁଣି ଦେଲେ ସମସ୍ତଙ୍କ ମଧ୍ୟରେ 'ଭଗବଦ୍ ଗୀତା'ର ଭାବ ଉଦ୍ରେକ ହୋଇଥାଏ । ଏହା ସତ୍ୟ ଯେ ଗୀତାର ଆଧ୍ୟାତ୍ମିକ ତଥା ଦାର୍ଶନିକ ମୂଲ୍ୟର ପଟାନ୍ତର ନାହିଁ । ଭାରତୀୟ ଧର୍ମ ଦର୍ଶନରେ 'ଭଗବଦ୍ ଗୀତାର' ଅସପନ୍ ବିସ୍ତାର ରହିଅଛି । "ଗୀତା ପାଠକଲେ ଏହା ସ୍ପଷ୍ଟ ହୁଏ ଯେ, ଗୀତାର ରଚୟିତା ବସ୍ତୁତଃ ଏହିପରି ଜଣେ ଉଚ୍ଚ ଜୀବନ, ଉଚ୍ଚ ଚିନ୍ତା ଓ ଉଚ୍ଚକୋଟିର କବି ଥିଲେ । ସେପରି ସେ ମଧ୍ୟ ଥିଲେ ବୋଧହୁଏ ଉଚ୍ଚକୋଟିର ଧର୍ମ ସାଧକ । ସେ କେବଳ କୌଣସି ଏକ ବିଶେଷ ତତ୍ତ୍ୱର ପ୍ରଚାରକ ମାତ୍ର ନଥିଲେ । ତାଙ୍କର ସମସାମୟିକ କାଳରେ ସେ ବିବିଧ ଧର୍ମତତ୍ତ୍ୱ ତଳେ ଯେଉଁ ସାର୍ବଜନୀନତା ଦେଖିବାକୁ ପାଇଥିଲେ, ସେ ତାହାହିଁ ପ୍ରକାଶ କରିବାକୁ ଇଚ୍ଛା କରି ଗୀତା ଲେଖିବାକୁ ଯାଇଛନ୍ତି ଏବଂ ଭାରତର ସମସାମୟିକ ନାନା ଧର୍ମବାଦର ଅପସାରିତ କରି ସେ ନିଜର ସ୍ୱକୀୟ ଜୀବନ ଦର୍ଶନ ଭାବରେ ଏକ ନୂତନ ଉଦାର ତତ୍ତ୍ୱ ଉପସ୍ଥାପିତ କରି ଯାଇଛନ୍ତି । ଗୀତା ଖୁବ୍ ସମ୍ଭବତଃ ଭାରତବର୍ଷରେ ଯେତେବେଳେ ଏକ ଘୋର ରାଷ୍ଟ୍ରିକ ଓ ସାମାଜିକ ଅରାଜକତା ବା ପରିବ୍ୟାପ୍ତ ଜାତୀୟ ନୈରାଶ୍ୟର ସମ୍ମୁଖୀନ ହୋଇଥିଲା, ସେହି ସମୟରେ ଏହି ସମଗ୍ର ଉପମହାଦେଶକୁ ନୂତନ କର୍ମ ପ୍ରେରଣା, ନୂତନ ଉଦ୍ୟମ ଓ ଉତ୍ସାହ ଯୋଗାଇବା ପାଇଁ ଲେଖାଯାଇଥିଲା ।୭ ।

'ଭଗବଦ୍ ଗୀତା' ଛଡ଼ା ଅନେକ ଗୀତା ମହାଭାରତୀୟ ପୃଷ୍ଠଭୂମିରେ ନିଜର ମହିମ୍ନ ମହତ୍ତ୍ୱକୁ ବଜାୟ ରଖିପାରିଛନ୍ତି । ଭଗବଦ୍ ଗୀତାକୁ ବାଦ ଦେଇ କେବଳ ମହାଭାରତ ମହାକାବ୍ୟରେ ହିଁ ଅନେକ ଗୀତା ଦେଖିବାକୁ ମିଳିଥାଏ ଯଥା- ଅନୁଗୀତା (୧୬ଶ ଅଧ୍ୟାୟ, ଅଶ୍ୱମେଧ ପର୍ବ), ପରାଶର ଗୀତା (ମୋକ୍ଷ ଧର୍ମ ଉପପର୍ବ,ଶାନ୍ତି ପର୍ବ), ପିଙ୍ଗଳ ଗୀତା (ମୋକ୍ଷ ଧର୍ମ ଉପପର୍ବ, ଶାନ୍ତି ପର୍ବ), ବ୍ରାହ୍ମଣ ଗୀତା (ଅଶ୍ୱମେଧ ପର୍ବ), ବୋଧ ଗୀତା (ମୋକ୍ଷଧର୍ମ ଉପପର୍ବ, ଶାନ୍ତି ପର୍ବ), ମଙ୍କି ଗୀତା (ମୋକ୍ଷଧର୍ମ ଉପପର୍ବ, ଶାନ୍ତି ପର୍ବ), ବିଚିଖ୍ୟୁ ଗୀତା (ମୋକ୍ଷଧର୍ମ ଉପପର୍ବ, ଶାନ୍ତି ପର୍ବ), ଶିବ ଶଂପାକ ଗୀତା (ମୋକ୍ଷଧର୍ମ ଉପପର୍ବ, ଶାନ୍ତି ପର୍ବ), ବ୍ୟାଧ ଗୀତା (ମାର୍କଣ୍ଡେୟ ସମସ୍ୟା ଉପପର୍ବ, ବନପର୍ବ), ହାରିତ ଗୀତା (ମୋକ୍ଷ ଧର୍ମ ଉପପର୍ବ, ଶାନ୍ତି ପର୍ବ), ଉତ୍ତର ଗୀତା (ଅଶ୍ୱମେଧ ପର୍ବ),ବୃତ୍ର ଗୀତା (ମୋକ୍ଷଧର୍ମ ଉପପର୍ବ, ଶାନ୍ତି ପର୍ବ) ଏବଂ ପାଣ୍ଡବ ଗୀତା ଅନ୍ୟତମ । ଏହାଛଡା ସଂସ୍କୃତର ବିଭିନ୍ନ ପୁରାଣଗୁଡିକରେ ଅନେକ ଗୀତା ଦେଖିବାକୁ ପାଇଥାଉ ଯଥା- ଅବଧୂତ ଗୀତା (ଦତ୍ତାତ୍ରେୟ ସଂବାଦ, ପଦ୍ମପୁରାଣ), ଅଷ୍ଟାବକ୍ର ଗୀତା (ରାଜା ଜନକ ଏବଂ ଅଷ୍ଟାବକ୍ର ସମ୍ବାଦ, ସନ୍ନ୍ୟାସ ଧର୍ମ), ଈଶ୍ୱର ଗୀତା (ଏକାଦଶ ଅଧ୍ୟାୟ, ଉତ୍ତର ଭାଗ, କୂର୍ମ ପୁରାଣ), ଗଣେଶ ଗୀତା (ଅଧ୍ୟାୟ ସଂଖ୍ୟା ୧୩୮ ରୁ ୧୪୮, ଗଣେଶ ପୁରାଣ), ଦେବୀ ଗୀତା (ଅଧ୍ୟାୟ ସଂଖ୍ୟା ୩୧ ରୁ ୪୦, ସପ୍ତମ ସ୍କନ୍ଧ, ଦେବୀ ଭାଗବତ), ବ୍ରହ୍ମଗୀତା (ସ୍କନ୍ଦ ପୁରାଣ), ଯମ ଗୀତା (୭ମ ଅଧ୍ୟାୟ, ତୃତୀୟ ଅଂଶ, ବିଷ୍ଣୁ ପୁରାଣ), ରାମ ଗୀତା (ପଞ୍ଚମ ସର୍ଗ, ଉତ୍ତରା କାଣ୍ଡ, ଅଧ୍ୟାତ୍ମ ରାମାୟଣ), ଶିବଗୀତା (ପାତାଳ କାଣ୍ଡ, ପଦ୍ମ ପୁରାଣ), ସୂତ ଗୀତା (ଅଧ୍ୟାୟ ସଂଖ୍ୟା ୧୩ ରୁ ୨୦, ଯଜ୍ଞ - ବୈଭବକାଣ୍ଡ ସୂତ ସଂହିତା, ସ୍କନ୍ଦ ପୁରାଣ), ସୂର୍ଯ୍ୟ ଗୀତା (ଗୁରୁଜ୍ଞାନ ବଶିଷ୍ଟ-ତତ୍ତ୍ୱ ସାରଣ ପୁରାଣ), ଉଦ୍ଧବ ଗୀତା (ଅଧ୍ୟାୟ ସଂଖ୍ୟା ୬ରୁ ୨୯, ଏକାଦଶ ସ୍କନ୍ଧ, ଭାଗବତ ପୁରାଣ), ହଂସଗୀତା (ଉଦ୍ଧବ ଗୀତା ଅନ୍ତର୍ଗତ ୧୩ ରୁ ୧୬ ଅଧ୍ୟାୟ, ଏକାଦଶ ସ୍କନ୍ଧ, ଭାଗବତ ପୁରାଣ), ଜୟନ୍ତେୟ ଗୀତା (ଉଦ୍ଧବ ଗୀତା ଅନ୍ତର୍ଗତ ୨ ରୁ ୫ ଅଧ୍ୟାୟ, ଏକାଦଶ ସ୍କନ୍ଧ, ଭାଗବତ ପୁରାଣ), ଶ୍ରୁତି ଗୀତା (ଅଧ୍ୟାୟ ସଂଖ୍ୟା ୮୭, ଦଶମ ସ୍କନ୍ଧ, ଭାଗବତ ପୁରାଣ), ଋଷଭୁ ଗୀତା (ଶିବ ରହସ୍ୟ ପୁରାଣ), ରୁଦ୍ର ଗୀତା (ଚତୁର୍ଥ ସ୍କନ୍ଧ, ଭାଗବତ ପୁରାଣ), ଋଷଭ ଗୀତା (ଅଧ୍ୟାୟ ସଂଖ୍ୟା ୪ ରୁ ୬, ପଞ୍ଚମ ସ୍କନ୍ଧ, ଭାଗବତ ପୁରାଣ), କପିଳ ଗୀତା (ଅଧ୍ୟାୟ ସଂଖ୍ୟା ୨୩ ରୁ ୩୩, ତୃତୀୟ ସ୍କନ୍ଧ, ଭାଗବତ ପୁରାଣ) ଇତ୍ୟାଦି ପ୍ରମୁଖ ଅଟନ୍ତି ।

**୩. ଓଡ଼ିଶାରେ ଗୀତା ରଚନା ପରଂପରା :**

ପ୍ରାନ୍ତୀୟ ଭୂଖଣ୍ଡ ଓଡ଼ିଶାରେ ଅନେକ ଗୀତା ରଚନା କରାଯାଇଅଛି । ଗୀତା ରଚନାର ଏକ ସୁମହତ ପରମ୍ପରା ଓଡ଼ିଆ ଭାଷାରେ ଦେଖିବାକୁ ମିଳିଥାଏ । କେତେକ ସ୍ଥଳରେ ଭଗବଦ୍ ଗୀତାର ଅନୁବାଦ କରାଯାଇଅଛି ଏବଂ ଆଉ କେତେକ ସ୍ଥଳରେ ମୌଳିକ ଗୀତା ରଚିତ ହୋଇଅଛି । ଭଗବଦ୍ ଗୀତାର ଆଦି ଅନୁବାଦକ ରୂପେ ଭକ୍ତକବି ବଳରାମ ଦାସଙ୍କୁ ଶ୍ରେୟ ଅର୍ପଣ କରାଯାଇ ଥାଏ । ଆଉ ଏକ କଥା ଚକିତ କରେ ଯେ ସାରଳା ଦାସଙ୍କ ମହାଭାରତରେ 'ଭଗବଦ୍ ଗୀତା' ମିଳେ ନାହିଁ । ତାହାର କାରଣରେ ହୁଏତ ଏହା କୁହାଯାଇ ପାରେ ଯେ ସାରଳା ଦାସ; ସାଧାରଣ ଗ୍ରାମ୍ୟ ଜନତାଙ୍କ ସରଳ ଭାବ ବୋଧନକୁ ଦୃଷ୍ଟିରେ ରଖି ପ୍ରାକୃତ ମହାଭାରତ ଅନୁସର୍ଜନ କରିଅଛନ୍ତି । ତେଣୁ 'ଭଗବଦ୍ ଗୀତା' ଭଳି ଏକ ଗଭୀର ତତ୍ତ୍ୱାର୍ଥ ଅନ୍ତର୍ଜ୍ଞାନ ସେଠାରେ ଅପ୍ରସଂଗ ହେବ ବୋଲି ସ୍ଥାନ ଦେବାକୁ ଉଚିତ ମଣିନାହାନ୍ତି । ଧରାକୋଟ ନୃପତି କୃଷ୍ଣ ସିଂହ ସମଗ୍ର ମହାଭାରତ ଅନୁବାଦ କରିବା ବେଳେ ଭଗବଦ୍ ଗୀତାକୁ ମଧ୍ୟ ଅନୁବାଦ କରି ଅଛନ୍ତି । ବ୍ୟାସକବି ଫକୀର ମୋହନ ସେନାପତି ମଧ୍ୟ ଗୀତା ଅନୁବାଦରେ ନିଜକୁ ସମ୍ମିଳିତ କରିଅଛନ୍ତି । ପଞ୍ଚସଖା କାଳୀନ କବିମାନଙ୍କ ପ୍ରଜ୍ଞାନରୁ ମୌଳିକ ଗୀତାମାନ ଝଙ୍କୃତ ହୋଇଅଛି । ବଳରାମ ଦାସଙ୍କର ବେଦାନ୍ତ ସାରଗୁପ୍ତ ଗୀତା, ବିରାଟ ଗୀତା, ଅଚ୍ୟୁତାନନ୍ଦ ଦାସଙ୍କ ଅଷ୍ଟ ଗୁଜରୀ ଗୀତା, ଜ୍ଞାନପ୍ରଦୀପ ଗୀତା, ଅନନ୍ତଗୋଇ ଗୀତା, ଗରୁଡ଼ ଗୀତା, ଗୁରୁଭକ୍ତି ଗୀତା, ଯଶୋବନ୍ତ ଦାସଙ୍କ ପ୍ରେମଭକ୍ତି ବ୍ରହ୍ମ ଗୀତା ଇତ୍ୟାଦି ଉଦାହାର୍ଯ୍ୟ । ସନ୍ଥ ଅରକ୍ଷିତ ଦାସଙ୍କ 'ମହିମଣ୍ଡଳ ଗୀତା' ଏକ ଅନନ୍ୟ ସଂହିତା । ଜୀବ ସୃଷ୍ଟି ସମ୍ବନ୍ଧୀୟ ତତ୍ତ୍ୱାର୍ଥ ଏଥିରେ ସୁସଂହତ ରୂପେ ସନ୍ନିବିଷ୍ଟ ହୋଇଅଛି । ସେହିପରି ପରବର୍ତ୍ତୀ କାଳରେ ଦ୍ୱାରକା ଦାସଙ୍କ 'ପରଚେ ଗୀତା'ଠାରୁ ଆରମ୍ଭ କରି ବଲ୍ଲଭ ନାରାୟଣ ମହାପାତ୍ରଙ୍କ ଶିବ ଗୀତା ଏବଂ ଭୀମଭୋଇଙ୍କ ବ୍ରହ୍ମ ନିରୂପଣ ଗୀତା ଏବଂ ଶ୍ରୁତି ନିରୂପଣ ଗୀତା ପର୍ଯ୍ୟନ୍ତ ମୌଳିକ ଗୀତାର ସୁବିପୁଳତା ଦେଖିବାକୁ ମିଳିଥାଏ ।

**୪. ଅଷ୍ଟାବକ୍ର ଗୀତାର ରଚନାଧାରା :**

ଆତ୍ମଜ୍ଞାନ (୮) ଉପରେ ଯେତେ ଗନ୍ଥ ରଚନା କରାଯାଇଛି, ସେମାନଙ୍କ ମଧ୍ୟରୁ 'ଅଷ୍ଟାବକ୍ର ଗୀତା' ଏକ ଉଚ୍ଚ ଆସନ ଦାବୀ କରେ । ଅଳ୍ପାୟୁ ବିକଳାଙ୍ଗ ବାଳକ ନିଜର ଭୀଷଣ ପ୍ରଜ୍ଞା ଓ ଧୀମତା ଦ୍ୱାରା ରାଜା ଜନକ ପରି ଆତ୍ମଜ୍ଞାନୀ ରାଜର୍ଷିଙ୍କୁ ଅଭିଭୂତ କରିଦେବା ସହ ରାଜର୍ଷି, ଅଷ୍ଟାବକ୍ରଙ୍କୁ ନିଜ ଗୁରୁ ବୋଲି ମାନି ତାଙ୍କ ନିକଟରୁ ଆତ୍ମଜ୍ଞାନ ଶିକ୍ଷା କରିବା ବିଶ୍ୱ ମାନବ ଇତିହାସରେ ଏହା କମ୍ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ଅଷ୍ଟାବକ୍ର ଋଷିଙ୍କ ସମ୍ବନ୍ଧରେ

ମହାଭାରତରେ ଏକ ଉପାଖ୍ୟାନ ମିଳିଥାଏ (୯) । ମହର୍ଷି ଅଷ୍ଟାବକ୍ର ଓ ଜନକଙ୍କ ମଧ୍ୟରେ ହୋଇଥିବା ଶାସ୍ତ୍ରାର୍ଥ ସମ୍ବାଦ ଅଷ୍ଟାବକ୍ର ଗୀତା ନାମରେ ପ୍ରଖ୍ୟାତ ହୋଇଅଛି । ଅଷ୍ଟାବକ୍ର ଗୀତାକୁ ଅଷ୍ଟାବକ୍ର ସଂହିତା ରୂପରେ ମଧ୍ୟ ଅଭିହିତ କରାଯାଏ, ଯାହା ଅଦ୍ୱୈତ ବେଦାନ୍ତ ଦର୍ଶନ ଉପରେ ପର୍ଯ୍ୟବେଶିତ (୧୦) । ଆତ୍ମଜ୍ଞାନ ଉପରେ ଯେତେ ଗ୍ରନ୍ଥ ରଚନା କରାଯାଇଛି ତନ୍ମଧ୍ୟରୁ ଅଷ୍ଟାବକ୍ର ଗୀତାକୁ (୧୧) ଉଚ୍ଚ ଆସନ ପ୍ରଦାନ କରାଯାଇଛି । ବିଦ୍ୱାନମାନେ ଏହାକୁ ମହାଗୀତାର (୧୨) ସଂଜ୍ଞା ପ୍ରଦାନ କରିଛନ୍ତି । ଅଳ୍ପାୟୁ ବିକୃତ ଶରୀର ବାଳକ ଅଷ୍ଟାବକ୍ର ଜନକ ଭଳି ଜ୍ଞାନୀଙ୍କୁ ଜ୍ଞାନ ଦ୍ୱାରା ପରାଭୂତ କରିବା ଏବଂ ସ୍ୱୟମ୍ ଜନକ ଅଭିଭୂତ ହୋଇ ଅଷ୍ଟାବକ୍ରଙ୍କ ଶିଷତ୍ୱ ଗ୍ରହଣ କରିନେବା ମାନବ ଇତିହାସରେ ଏଇ ଛୋଟିଆ କଥା ନୁହେଁ ।

ଅଷ୍ଟାବକ୍ର ଗୀତାର ରଚୟିତା ଅଷ୍ଟାବକ୍ର ମହର୍ଷିଙ୍କ ସମ୍ବନ୍ଧରେ ତିନୋଟି କଥା ପ୍ରଚଳିତ । ସେହି ଉପାଖ୍ୟାନରୁ ଜଣାଯାଏ ଯେ ସେ ଜ୍ଞାନୀଙ୍କର ଶିରୋମଣି ଅଟନ୍ତି । ଅଳ୍ପାୟୁ ବୟସରୁ ସେ ଆତ୍ମଜ୍ଞାନ ପ୍ରାପ୍ତ କରିସାରିଥିଲେ । ଅଷ୍ଟାବକ୍ରଙ୍କ ସମ୍ବନ୍ଧରେ ଉପାଖ୍ୟାନ ସ୍ପଷ୍ଟ ରୂପରେ ମହାଭାରତରେ ମିଳିଥାଏ (୧୩) । ସେ ଯେତେବେଳେ ମାତୃଗର୍ଭରେ ଥିଲେ, ସେହି ସମୟରେ ତାଙ୍କ ପିତା ଋଷି କହୋଡ ବେଦପାଠ କରୁଥିଲେ ଗର୍ଭରୁ ପିତାଙ୍କୁ ଅଟକାଇ କହିଲେ ଏସବୁ ନିରର୍ଥକ କଥା ଅଟେ । ଶାସ୍ତ୍ରରେ ଜ୍ଞାନ ଥାଏ କି ? ଜ୍ଞାନ ତ ନିଜ ଭିତରେ ରହିଥାଏ । ସ୍ୱୟଂ ଶାସ୍ତ୍ରରେ ନାହିଁ ସ୍ୱୟମ୍‌ରେ ଥାଏ । ଶାସ୍ତ୍ର କେବଳ ଶବ୍ଦ ସଂଗ୍ରହ ଛଡ଼ା ଅନ୍ୟ କିଛି ନୁହେଁ । ଅଷ୍ଟାବକ୍ରଙ୍କ ଏହି କଥା ଶ୍ରବଣ କରି ପିତାଙ୍କର ଅହଙ୍କାରରେ ଆଘାତ ଲାଗିଲା । ସେ ଅଭିଶାପ ଦେଲେ ଆଠ ଅଂଗ ବିକାର ଗ୍ରସ୍ତହୋଇ ଜନ୍ମ ଲାଭ କରୁ ।

ଘଟଣା କ୍ରମରେ ଅଷ୍ଟାବକ୍ରଙ୍କ ପିତା, ରାଜର୍ଷି ଜନକଙ୍କ ରାଜସଭାରେ ଥିବା ପଣ୍ଡିତ ବନ୍ଦିନଙ୍କଠାରୁ ଶାସ୍ତ୍ରାର୍ଥରେ ପରାଜିତ ହୋଇ ସମୁଦ୍ର ଜଳରେ ଝାସ ଦେଇଦେଲେ । ବାର ବର୍ଷର ବାଳକ ମାମୁ ଶ୍ୱେତକେତୁଙ୍କଠାରୁ ନିଜ ପିତାଙ୍କର ସମସ୍ତ ବୃତ୍ତାନ୍ତ ଶୁଣି ପଣ୍ଡିତ ବନ୍ଦିନଙ୍କୁ ପରାଜିତ କରିବା ପାଇଁ ଜନକ ସଭାକୁ ପ୍ରସ୍ଥାନ କଲେ ଏବଂ ବନ୍ଦିନଙ୍କୁ ଶାସ୍ତ୍ରାର୍ଥ ପାଇଁ ଆହ୍ୱାନ ଦେଇ କହିଲେ "ମୁଁ ଏଠାକୁ ବ୍ରହ୍ମ-ଅଦ୍ୱୈତ ସିଦ୍ଧାନ୍ତକୁ ପ୍ରତିପାଦିତ କରିବାକୁ ଆସିଛି (୧୪) ଏବଂ ଶାସ୍ତ୍ରାର୍ଥରେ ବନ୍ଦିନ ପରାଜିତ ହୋଇ ସମୁଦ୍ରରେ ଜଳ ସମାଧି ନେଲେ । ଅଷ୍ଟାବକ୍ରଙ୍କ ପିତା କହୋଡ ପୁନଃ ପ୍ରକଟିତ ହେଲେ ଏବଂ ପିତାଙ୍କ ଆଶୀର୍ବାଦ ଦ୍ୱାରା ତାଙ୍କ ଅଙ୍ଗ ବିକାର ଦୂରୀଭୂତ ହୋଇ ପୂର୍ଣ୍ଣ ଅବୟବ ପ୍ରାପ୍ତ ହେଲେ ।"

ଯେତେବେଳେ ମହର୍ଷି ଅଷ୍ଟାବକ୍ର ଜନକଙ୍କ ରାଜସଭାରେ ସଭାସଦ୍‌ମାନେ ବିକୃତ ଶରୀରକୁ ଦେଖି ହସିଲେ । କିଛିକ୍ଷଣ ଉତ୍ତାରେ ଅଷ୍ଟାବକ୍ର ସେହି ସଭାସଦ୍‌ଙ୍କୁ ଦେଖି ହସିବାକୁ ଲାଗିଲେ । ଏହାଦେଖି ରାଜର୍ଷି ଜନକ ଅଷ୍ଟାବକ୍ରଙ୍କୁ ପଚାରିଲେ ସଭାସଦ୍‌ଗଣ ହସିବା କଥା ମୁଁ ବୁଝିପାରିଲି ମାତ୍ର ଆପଣ କାହିଁକି ସେମାନଙ୍କୁ ଦେଖି ହସିଲେ ବୁଝି ପାରିଲି ନାହିଁ । ଅଷ୍ଟାବକ୍ର ଉତ୍ତର ଦେଲେ ଯେ ମୁଁ ଏଥିପାଇଁ ହସିଲି ଯେ ଏହି ଚର୍ମକାରଙ୍କ ସଭାରେ ଆଜି ସତ୍ୟର ନିର୍ଣ୍ଣୟ ହେଲା । ଚର୍ମକାର ଉପନାମ ଶୁଣି ଜନକ ଏହି ନାମ ଦେବାର ରହସ୍ୟ ବିଷୟରେ ପଚାରିଲେ । ଅଷ୍ଟାବକ୍ର ଉତ୍ତର ଦେଲେ ଚର୍ମକାର କେବଳ ଚର୍ମ ପରଖ ଜାଣିଥାନ୍ତି । ଜ୍ଞାନୀ କେବଳ ଜ୍ଞାନକୁ ଦେଖନ୍ତି ଚମଡ଼ାକୁ ନୁହେଁ । ଏମାନଙ୍କୁ କେବଳ ମୋ ଚମଡ଼ା ଦେଖା ଯାଉଛି ଏବଂ ମୋ ବିକୃତ ଶରୀର ଦେଖା ଯାଉଛି, ତେଣୁ ଏମାନେ ଚର୍ମକାର ହେବାକୁ ଯୋଗ୍ୟ । କାରଣ ଆତ୍ମାର ଶରୀର ସହିତ କୌଣସି ସଂପର୍କ ନାହିଁ । କାରଣ ଆତ୍ମା ଅବିନାଶୀ ଓ ଶରୀର ବିନାଶଶୀଳ ଅଟେ । ଆତ୍ମା ନିତ୍ୟ ଅଟେ ଓ ଶରୀର ଅନିତ୍ୟ ଅଟେ । ହେ ରାଜନ ! ଜ୍ଞାନବାନ୍‌ର ଆତ୍ମଦୃଷ୍ଟି ରହିଥାଏ ଅର୍ଥାତ୍ ସେ ଆତ୍ମାକୁ ହିଁ ଦେଖିଥାଏ । ମାତ୍ର ଅଜ୍ଞାନର ଚର୍ମ ଦୃଷ୍ଟି ରହିଥାଏ । ମହର୍ଷି ଅଷ୍ଟାବକ୍ରଙ୍କର ଏହି କଥା ଶୁଣି ଜନକ ପ୍ରଣାମ ପୂର୍ବକ ଜ୍ଞାନୋପଦେଶ ଦେବାପାଇଁ ଅନୁରୋଧ କଲେ ଏବଂ ଅଷ୍ଟାବକ୍ରଙ୍କୁ ସ୍ୱସିଂହାସନରେ ବସାଇ ରାଜର୍ଷି ଜନକ ଶିଷ୍ୟ ରୂପେ ତାଙ୍କଠାରୁ ଆତ୍ମଜ୍ଞାନ ପ୍ରାପ୍ତ କଲେ । ଜନକ ଓ ଅଷ୍ଟାବକ୍ରଙ୍କ ମଧ୍ୟରେ ହୋଇଥିବା ସମ୍ବାଦ ଅଷ୍ଟାବକ୍ର ଗୀତା ନାମରେ ଖ୍ୟାତ ହେଲା ।

- ଅଷ୍ଟାବକ୍ର ଗୀତା ୩୦୦ ଶ୍ଳୋକ ଓ ୨୦ ଅଧ୍ୟାୟରେ ବ୍ୟାପ୍ତ । ପ୍ରଥମ ଅଧ୍ୟାୟରେ ଋଷି ଅଷ୍ଟାବକ୍ର ରାଜର୍ଷି ଜନକଙ୍କ ଜ୍ଞାନ, ବୈରାଗ୍ୟ ଏବଂ ମୁକ୍ତି ସମ୍ବନ୍ଧ ଜିଜ୍ଞାସା ଶାନ୍ତ କରିବା ପାଇଁ ଜ୍ଞାନୋପଦେଶ ଦେଲେ ।
- ଦ୍ୱିତୀୟ ଅଧ୍ୟାୟରେ ଜନକ ନିଜର ଆତ୍ମଜ୍ଞାନକୁ ଅଭିବ୍ୟକ୍ତ କରି କହିଛନ୍ତି ଯେ, ସମସ୍ତ ବିଶ୍ୱ ଆତ୍ମସତ୍ତାରୁ ଭିନ୍ନ ନୁହେଁ ତେଣୁ ସମଗ୍ର ବିଶ୍ୱ ଏହି ପରମସତ୍ତାର ହିଁ ରୂପାନ୍ତରଣ ଅଟେ ।
- ତୃତୀୟ ଅଧ୍ୟାୟରେ ରାଜା ଜନକଙ୍କ ଆତ୍ମଜ୍ଞାନ ସମ୍ବନ୍ଧରେ କୁହାଗଲା ଆତ୍ମଜ୍ଞାନ ଲାଭ ପରେ ବି ଯଦି ଆସକ୍ତି ବାକି ରହିଛି ତେବେ ଏହାର ଅର୍ଥ ଆହୁରି ଜ୍ଞାନ ସହ ଏକାତ୍ମୀକରଣର ଆବଶ୍ୟକ ଅଛି ।
- ଚତୁର୍ଥ ଅଧ୍ୟାୟରେ ରାଜା ଜନକ ଯୋଗୀଙ୍କର ସଂସାର ସହିତ ସମ୍ବନ୍ଧ ବିଷୟରେ କହିଛନ୍ତି ଯେ, ଯୋଗୀ ସଂସାରେ ବିଚରଣ କରୁଥିଲେ ହେଁ ସର୍ବଦା ନିରାସକ୍ତ ରହିଥାନ୍ତି ।
- ପଞ୍ଚମ ଅଧ୍ୟାୟରେ ଅଷ୍ଟାବକ୍ର ମୋକ୍ଷ ପ୍ରାପ୍ତିର ଉପାୟ ପ୍ରଦାନ କରି କହିଛନ୍ତି- ଦେହାଭିମାନକୁ ତ୍ୟାଗ କଲେ ହିଁ ମୋକ୍ଷ ପ୍ରାପ୍ତି ହୁଏ ।

- ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ରାଜା ଜନକଙ୍କର ମୁକ୍ତି ଲାଭ କରିବାର ପରିଭାଷା ବର୍ଣ୍ଣିତ ହୋଇଛି ।
- ଅଷ୍ଟମ, ନବମ ଓ ଦଶମ ଅଧ୍ୟାୟରେ ମହର୍ଷି ଅଷ୍ଟାବକ୍ର, ଆସକ୍ତି ତ୍ୟାଗ, ତୃଷ୍ଣା ତ୍ୟାଗ ଓ ବନ୍ଧନରୁ ମୁକ୍ତିର ଉପାୟ ସମ୍ବନ୍ଧରେ ବ୍ୟାଖ୍ୟା କରିଛନ୍ତି ।
- ଏକାଦଶ ଅଧ୍ୟାୟରେ ଆତ୍ମଜ୍ଞାନୀର ଦଶା ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।
- ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅଧ୍ୟାୟରେ ରାଜା ଜନକ ଆତ୍ମବୋଧର ସ୍ଥିତିର ବର୍ଣ୍ଣନ କରି କହନ୍ତି- ପରମପୁରୁଷକୁ ଜାଣିବା ଦ୍ୱାରା ତାଙ୍କର ଏବେ ମୋକ୍ଷର ଚିନ୍ତା ରହିଲା ନାହିଁ ।
- ପଞ୍ଚଦଶ ଏବଂ ଷୋଡଶ ଅଧ୍ୟାୟରେ ଜ୍ଞାନର ଅଧିକାରୀ ଓ ତାହାର ପାତ୍ରତା ସମ୍ବନ୍ଧରେ ଆଲୋକପାତ କରାଯାଇଅଛି ।
- ସପ୍ତଦଶ ଏଙ୍କ ଅଷ୍ଟାଦଶ ଅଧ୍ୟାୟରେ ଜୀବନ ମୁକ୍ତିର ଦଶା ବର୍ଣ୍ଣନ କରାଯାଇଛି ।
- ପରିଶେଷରେ ଊନବିଂଶ ଓ ବିଂଶତମ ଅଧ୍ୟାୟରେ ପରମ ପଦରେ ସ୍ଥିତ ଆତ୍ମବୋଧର ବର୍ଣ୍ଣନା କରାଯାଇଛି ।

**୫. ଅଷ୍ଟାବକ୍ର ଗୀତାର ବିଶେଷତ୍ୱ :**

ସଂପୂର୍ଣ ଗ୍ରନ୍ଥର ସାରତତ୍ତ୍ୱ ଏହି ଯେ ଆଧାତ୍ମିକ କ୍ରାନ୍ତି ପାଇଁ କ୍ରିୟାର ଆବଶ୍ୟକତା ନାହିଁ, ବୋଧ ହିଁ ପର୍ଯ୍ୟାପ୍ତ । ବୋଧକୁ ପ୍ରମାଣ ଦ୍ୱାରା ଅଥିବା କାର୍ଯ୍ୟ ଦ୍ୱାରା ସିଦ୍ଧ କରିବା ଅସମ୍ଭବ; ଏହାକୁ କେବଳ ଅନୁଭବ କରା ଯାଇପାରେ । କାର୍ଯ୍ୟର ସହିତ ଫଳ ଲାଭର ଆକାଂକ୍ଷା ରହିଥାଏ । ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ରହିଅଛି ଏବଂ ଏହାର ଫଳ ମଧ ଅବଶ୍ୟ ରହିଛି । ଏହା ହିଁ ମୁକ୍ତି ପଥର ବାଧକ । ଏହାକୁ ପ୍ରମାଣ ଓ ଏଥିରୁ ମୁକ୍ତି ଉଦ୍ଦେଶ୍ୟରେ ଅଷ୍ଟାବକ୍ର ଗୀତା ନିମ୍ନ ବିଶେଷତ୍ୱକୁ ପରିଭାଷିତ କରୁଛି :

- ଶରୀର ଓ ଜୀବନକୁ ନେଇ ସମସ୍ୟା ନାହିଁ, ଅନୁଚିତ ଦୃଷ୍ଟିକୋଣ ହିଁ ଆତ୍ମଜ୍ଞାନ ପଥର ବାଧକ ହୋଇଥାଏ । ଯେପରି ବୁଡିଆଣୀ ସ୍ୱୟଂ ଜାଲ ବୁଣାକାର ଏବଂ ଦିନେ ନିଜେ ସେ ଜାଲ ମଧ୍ୟରେ ଫଶି ଯାଏ । ଏହିପରି ସ୍ଥିତି ମଣିଷମାନଙ୍କର ଅଟେ । ସମସ୍ତ ବନ୍ଧନକୁ ଅପଣା ଅହଂକାର ଏବଂ ଅଜ୍ଞାନ ଦ୍ୱାରା ମଣିଷ ନିଜେ ହିଁ ନିର୍ମାଣ କରେ ଏବଂ ସ୍ୱୟଂ ଏ ବନ୍ଧନରେ ବାନ୍ଧି ହୋଇଯାଏ । କେବଳ ଚିତ୍‌ସତ୍ତା ନା କିଛି କରେ ନା କିଛି ଭୋଗ କରେ ନା ଏହାର ବନ୍ଧନ ଅଛି ନା ମୋକ୍ଷ ପାଇଁ ବ୍ୟାକୁଳତା ଅଛି । ଏ ସବୁର ନିରବ ଦ୍ରଷ୍ଟା , ନିର୍ବିକାର, ନିରଂଜନ, କ୍ରିୟାରହିତ ଏବଂ ସ୍ୱୟଂ ପ୍ରକାଶ ଆତ୍ମା ହିଁ ସୃଷ୍ଟିର ଆଧାର, ଏହାହିଁ ମୂଳ ତତ୍ତ୍ୱ ଅଟେ ।
- ଆତ୍ମଜ୍ଞାନ ପ୍ରାପ୍ତି ସମ୍ବନ୍ଧରେ ଅନେକ ଗ୍ରନ୍ଥ ଦେଖିବାକୁ ମିଳିଥାଏ । ଜ୍ଞାନ, କର୍ମ, ଭକ୍ତି, ଯୋଗ, ପ୍ରାର୍ଥନା, ଧ୍ୟାନ ଆଦି ଅନେକ ବିଧି, ଧର୍ମଗ୍ରନ୍ଥରେ ଆତ୍ମସ୍ୱରୂପ ବୋଧ ସକାଶେ ରହିଅଛି । ଏଠାରେ ପ୍ରଶ୍ନ ସ୍ୱତଃ ଉଦ୍ରେକ ହୁଏ ଯେ ଏସବୁ ଭିତରେ ଅଷ୍ଟାବକ୍ର ଗୀତାର ସ୍ୱତନ୍ତତା କ'ଣ ?
- ଅଷ୍ଟାବକ୍ର ଗୀତା କୌଣସି ସ୍ୱତନ୍ତ୍ର ବିଧି ବିଧାନର ପୃଷ୍ଠପଟରେ ରହି ଜ୍ଞାନୋପଦେଶ ପ୍ରଦାନ କରିବା ଅପେକ୍ଷା ସିଧା ସଳଖ ଆତ୍ମଜ୍ଞାନ ପ୍ରଦାନ କରିଅଛି । ଆତ୍ମବୋଧ ପାଇଁ ବିଧି, କ୍ରିୟା, ପୂଜା, ପ୍ରାର୍ଥନା, ଧ୍ୟାନ, କର୍ମ, ଭକ୍ତି, ଭଜନ-କୀର୍ତ୍ତନ, ହଠଯୋଗ ଆଦି କିଛି ମାଧ୍ୟମର ଆବଶ୍ୟକତା ନାହିଁ କାରଣ ଏସବୁ ମାଧ୍ୟମ ବନ୍ଧନ ବ୍ୟତୀତ ଆଉ କିଛି ନୁହେଁ । ଏସବୁ ମାଧ୍ୟମ ଧାର୍ମିକ ଆଡ଼ମ୍ବର ବ୍ୟତୀତ ଅନ୍ୟ କିଛି ନୁହେଁ । ଯେଉଁଥିରେ ମନୁଷ୍ୟ ଉପଲବ୍ଧି ପାଇପାରେ ନାହିଁ, ଉପଲବ୍ଧି ନିମିତ୍ତ ଆତ୍ମବୋଧ ହିଁ ପର୍ଯ୍ୟାପ୍ତ । ଅନ୍ଧକାରର ଅସ୍ତିତ୍ୱ ନାହିଁ, ଏହା ପ୍ରକାଶ ଅବର୍ତ୍ତମାନର ବିକୃତି ମାତ୍ର ଅଟେ । ଅନ୍ଧକାରକୁ ସିଧାସଳଖ ଦୂରୀକରଣର ପ୍ରଯତ୍ନ, ବିମୂଢ଼ତାର ପରିଚୟ ଅଟେ । ଦୀପଦୀପ୍ତ ଆଲୋକ ଦ୍ୱାରା ଅନ୍ଧକାର ସ୍ୱତଃ ଲୁପ୍ତ ହୋଇଯିବ । ମାତ୍ର ଅଜ୍ଞାନ ଦୀପ ପ୍ରଜ୍ୱଳନ ତ୍ୟାଗକରି ଅନ୍ଧକାରକୁ ଦୂରୀଭୂତ କରିବାର ଅନେକ ସଂସାଧନ ଅନ୍ୱେଷଣ କରି ବିଫଳତା ଲାଭ କରିଥାଏ ।

ଏଣୁ ମହର୍ଷି ଅଷ୍ଟାବକ୍ରଙ୍କ ମତରେ ଜ୍ଞାନପ୍ରାପ୍ତିର ମାର୍ଗ କେବଳ ଆତ୍ମବୋଧ ଦ୍ୱାରା ସମ୍ଭବ । ମନୁଷ୍ୟ ନିଜ ଚେତନାରେ ବିଶ୍ରାମ କରି ପ୍ରଶାନ୍ତତା ଲାଭ କରିବାରେ କ୍ଷମ ହୁଏ । ଆତ୍ମାର ଉପସ୍ଥିତି ସର୍ବଦା ରହିଛି କେବଳ ଅଜ୍ଞାନ କାରଣରୁ ଏହାକୁ ଅନୁଭବିବା ସମ୍ଭବ ହୋଇପାରେ ନାହିଁ । ଏହାକୁ ପୁନର୍ବାର ସ୍ମୃତି ପରିସରକୁ ଆଣିବା ଆବଶ୍ୟକ । ଯଦି ଆତ୍ମସ୍ମୃତିରେ ଆତ୍ମାର ଅନୁଭବ କରିହେବ ତେବେ ସଂସାରର ସମସ୍ତ ମାୟାଜାଲରୂପୀ ଅନ୍ଧକାର କ୍ଷଣିକରେ ବିଲୁପ୍ତ ହେବ ଏବଂ ମଣିଷ ନିଜର ବାସ୍ତବିକ ସ୍ଥିତି ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ପାଇପାରିବ । ମହର୍ଷି ଅଷ୍ଟାବକ୍ର କେବଳ ଯେ ନିରୁତା ଉପଦେଶ ଦେଇଛନ୍ତି ତାହା ନୁହେଁ ସେ ରାଜା ଜନକଙ୍କ ଉପରେ ଏସବୁର ପ୍ରୟୋଗ କରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ସତ୍ୟତାକୁ ସିଦ୍ଧ କରି ଦର୍ଶାଇଲେ ଯେ କୌଣସି ସିଦ୍ଧାନ୍ତ କେବଳ ବକ୍ତବ୍ୟ ମାତ୍ର ନୁହେଁ ଅପିତୁ ଏହା ପ୍ରୟୋଗ ସିଦ୍ଧ ବୈଜ୍ଞାନିକ ସତ୍ୟ । ଅଧ୍ୟାତ୍ମ ଜଗତରେ ତିନୋଟି କ୍ରିୟା ମହତ୍ତ୍ୱପୂର୍ଣ୍ଣ ଅଟେ ଜ୍ଞାନ, କର୍ମ, ଏବଂ ଭକ୍ତି । ମନୁଷ୍ୟ ମଧ୍ୟରେ ପ୍ରବୃତ୍ତି ବିଶେଷ କରି ଦୁଇ ପ୍ରକାର : ଅନ୍ତର୍ମୁଖୀ ଓ ବହିର୍ମୁଖୀ । ବହିର୍ମୁଖୀ ପ୍ରବୃତ୍ତି ନିମିତ୍ତ କର୍ମ ଏବଂ

ଭକ୍ତି ମାର୍ଗ ଅନୁକୂଳ ଏବଂ ଅନ୍ତର୍ମୁଖୀ ପ୍ରବୃତ୍ତି ନିମିତ୍ତଧ୍ୟାନମାର୍ଗ ଉପଯୋଗୀ । ତେଣୁ ଧ୍ୟାନ ମାର୍ଗ ଅକ୍ରିୟା ବିଧି ଅଟେ ଯାହା ବୋଧ ଓ ସ୍ମରଣ ଉପରେ ନିର୍ଭର କରେ । ଶ୍ରୀକୃଷ୍ଣଙ୍କ ଗୀତା; ଜ୍ଞାନ, ଭକ୍ତି ଏବଂ କର୍ମର ସମନ୍ୱୟ ହେବା ସତ୍ତ୍ୱେ ସର୍ବାଧିକ ଧ୍ୟାନଯୋଗ ଉପରେ କେନ୍ଦ୍ରୀଭୂତ (୧୫)।

ଭାରତୀୟ ଅଧ୍ୟାତ୍ମ ଜ୍ଞାନରେ ଅଦ୍ୱୈତ ଦର୍ଶନକୁ ପ୍ରମୁଖ ସ୍ଥାନ ପ୍ରଦାନ କରାଯାଇଛି (୧୬)। ଅଦ୍ୱୈତ ଦର୍ଶନ ସମ୍ପୂର୍ଣ୍ଣ ସୃଷ୍ଟିକୁ ଈଶ୍ୱରଙ୍କ କୃତି ହିସାବରେ ନ ଗଣି ଏହାଙ୍କ ଅଭିବ୍ୟକ୍ତି ବୋଲି ମାନେ । ସୃଷ୍ଟି ମଧ୍ୟରେ ଈଶ୍ୱର ନୁହଁନ୍ତି ଅପିତୁ ଏଇ ସୃଷ୍ଟି ହିଁ ଈଶ୍ୱର। ଆତ୍ମା, ପରମାତ୍ମା ଏବଂ ବ୍ରହ୍ମ ଭିନ୍ନ ଭିନ୍ନ ନୁହନ୍ତି, ଜୀବ ଏବଂ ଜଗତ୍ ମଧ୍ୟରେ ମଧ୍ୟ କୌଣସି ଭିନ୍ନତା ନାହିଁ । ପ୍ରକୃତି ଏବଂ ପୁରୁଷ ଗୋଟିଏ ତତ୍ତ୍ୱ; ଜଡ ଏବଂ ଚେତନ ସେହି ଗୋଟିଏ ଶକ୍ତିର ବିଭିନ୍ନ ଅବସ୍ଥା ଅଟନ୍ତି । ବିଶ୍ୱର କୌଣସି ଦର୍ଶନ ଏବଂ ସାହିତ୍ୟରେ ଆତ୍ମାର ସତ୍ତାକୁ ଏପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇ ନାହିଁ ଯେପରି ଅଷ୍ଟାବକ୍ର ଗୀତାରେ କରାଯାଇଛି ।(୧୭) ଅଷ୍ଟାବକ୍ର ଗୀତା; ଶୁଦ୍ଧ, ପୂର୍ଣ୍ଣ, ସ୍ୱତନ୍ତ୍ର,ଏକତା ଏବଂ ଅନେକତାରେ ଆତ୍ମତତ୍ତ୍ୱର ବୋଧ ପାଇଁ କୌଣସି ପ୍ରକାରର ପ୍ରକ୍ରିୟା ତଥା ଅନ୍ୟ ଜ୍ଞାନକୁ ସ୍ୱୀକାର କରେ ନାହିଁ । ଏହାର ମତରେ ନିତ୍ୟ, ଶାଶ୍ୱତ, ଅନନ୍ତ, ଅସୀମିତ ଆତ୍ମା; ଶାନ୍ତ ଏବଂ ଗମ୍ଭୀର ମହାସମୁଦ୍ରର ସମାନ ଏବଂ ଏହି ଜଗତ୍ ଏହି ମହା ସମୁଦ୍ରର ଚଞ୍ଚଳ ତରଙ୍ଗ । ସତ୍ୟ କେବଳ ଏହା ଯେ ଅଜନ୍ମା ଅତ୍ମା ହିଁ ସର୍ବତ୍ର ଏବଂ ସର୍ବଦା ସ୍ଥିତ ଏବଂ ଜଗତର ଯାହାକିଛି ବିଦ୍ୟମାନ ସବୁକିଛି ଆତ୍ମା (୧୮)।

ଅଷ୍ଟାବକ୍ର ଗୀତା ମତରେ ଆତ୍ମା ଜନ୍ମ-ମୃତ୍ୟୁ, ବନ୍ଧନ-ମୁକ୍ତି ରହିତ । ଏହା କେଉଁଥିରୁ ଉତ୍ପନ୍ନ ହୋଇ ନଥାଏ (୧୯) ଏବଂ ଆତ୍ମା ନା କେଉଁଆଡେ ଯାଏ ନା କେଉଁ ଆଡେ ଆସେ (୨୦) ଆତ୍ମାରୁ କିଛି ଉତ୍ପନ୍ନ ମଧ୍ୟ ହୋଇ ନଥାଏ (୨୧) ଯେତେବେଳେ ଜୀବକୁ ଆତ୍ମଜ୍ଞାନ ପ୍ରାପ୍ତ ହୁଏ ଯେ ଶରୀର, ମନ, ଇନ୍ଦ୍ରିୟ ଆଦିର କୌଣସି ସତ୍ତା ନାହିଁ କେବଳ ଶୁଦ୍ଧ ଚୈତନ୍ୟ ହିଁ ଆତ୍ମା ଅଟେ ଏହାପରେ ସମସ୍ତ ବିଭ୍ରାନ୍ତି ଦୂରୀଭୂତ ହୋଇଯାଏ, ଏହାହିଁ ମୋକ୍ଷ କାରକ ଅଟେ (୨୨) । ମୋକ୍ଷ ଆଉକିଛି ନୁହେଁ ଏହା ଚିତ୍ତର ଏକ ଅବସ୍ଥା ଅଟେ । ଯେଉଁଥିରେ ସ୍ଥିର ରହି ଜୀବ ପରମାନନ୍ଦର ଅନୁଭବ କରେ । ଜ୍ଞାନକୁ ପାଇ ବନ୍ଧନ, ମୋକ୍ଷ, ସଂସାର, ଦ୍ୱୈତ ଆଦିର କୌଣସି ବିବାଦ ରହେ ନାହିଁ । ସମସ୍ତ ଜୀବସତ୍ତା, ଜୀବନ ଏବଂ ଏହି ଭୌତିକ ସଂସାର ସବୁ ପୂର୍ବପରି ରହେ, କେବଳ ଜ୍ଞାନ ଦ୍ୱାରା ଦୃଷ୍ଟି ପରିବର୍ତ୍ତନ ହୋଇଥାଏ । ଅଷ୍ଟାବକ୍ରଙ୍କ ମତରେ ମୁକ୍ତି ପାଇଁ ଯୌଗିକ କ୍ରିୟା, ପ୍ରାର୍ଥନା ଏବଂ ସମାଧିର ଅନୁଷ୍ଠାନ ହିଁ ବନ୍ଧନ ଅଟେ (୨୩) । ଅର୍ଥାତ୍ ସଂସାରର ବିଷୟ ଭୋଗରେ କିମ୍ବା ସାଂସାରିକ କର୍ମରେ ଲିପ୍ତ ହେବାରେ ଅଥବା ସମାଧିର ଅନୁଷ୍ଠାନରେ ମନ ବିଶେଷ ଯୁକ୍ତ କିମ୍ବା ସଂକଳ୍ପ ବିକଳ୍ପ ଦ୍ୱାରା କ୍ଷୁବ୍ଧ ଯଦି ମନ ରହେ ତେବେ ତାହା ବନ୍ଧନ (୨୪) ଯଦି ଏହିସବୁ କ୍ରିୟା କରିକି ବି ମନ କେବଳ ସ୍ଥିର, ସୁନ୍ଦର, ସୁଖପୂର୍ଣ୍ଣ ଏବଂ ଅଭୂତ ଆତ୍ମ ମହିମା ଦ୍ୱାରା ସ୍ଥିତ ହେବା ତଥା ସଂସାରର ଦ୍ୱନ୍ଦ୍ୱ ଏବଂ ସମ୍ବନ୍ଧରୁ ରହିତ ଅଟେ, ତେବେ ଏହା ସ୍ୱାତନ୍ତ୍ର୍ୟ । ଜୀବନ, ମୃତ୍ୟୁ, ସଂସାର ଏବଂ ସାଂସାରିକ ସମ୍ବନ୍ଧ, ସମାଧି, ଚିନ୍ତନ ଆଦି ସମସ୍ତେ ଆତ୍ମାରେ ବିଲୀନ ହୋଇ ଯାଆନ୍ତି (୨୫) । ଉପନିଷଦୀୟ ଭାବଧାରାରୁ ଊର୍ଦ୍ଧ୍ୱକୁ ଉଠି ମହର୍ଷି ଅଷ୍ଟାବକ୍ର ସଂସାରର ଅନୁଭବ ଦ୍ୱାରା ହିଁ ଆତ୍ମାର ଏକତ୍ୱ ଏବଂ ସର୍ବବ୍ୟାପ୍ତିର ଜ୍ଞାନ ପ୍ରଦାନ କରିଅଛନ୍ତି । ଯେଣୁ ଭିନ୍ନତାର ଭେଦ ନାହିଁ । ତେଣୁ କିଏ କିପରି ଜୀବନ୍ମୁକ୍ତିର ବ୍ୟାଖ୍ୟା କରିବ ? ଯେବେ ଆତ୍ମା ହିଁ ସର୍ବତ୍ର ବ୍ୟାପ୍ତ ହୋଇଅଛି ତେଣୁ କିଏ କାହାକୁ ବାନ୍ଧୁଛି ଏବଂ କିଏ କାହାକୁ ମୁକ୍ତ କରୁଛି ?(୨୬)

**୬. ଭଗବଦ୍ ଗୀତାରୁ ଅଷ୍ଟାବକ୍ର ଗୀତାର ଭିନ୍ନତା :**

ନୀତି ଆଚାର ଏବଂ ଦାର୍ଶନିକ ନିୟମର ଆଧାରରେ ଅଷ୍ଟାବକ୍ର ଗୀତା ଏବଂ ଭଗବଦ୍ ଗୀତାର ବିଚାର ଭିନ୍ନ ଅଟେ । ଅଷ୍ଟାବକ୍ର ଗୀତାର ମତରେ ତତ୍ତ୍ୱଜ୍ଞାନର ସ୍ୱରୂପକୁ ଜାଣିବା ଦ୍ୱାରା ଜୀବ ସିଦ୍ଧ ହୁଏ । ଅଷ୍ଟାବକ୍ର ଗୀତାରେ ତତ୍ତ୍ୱଜ୍ଞାନ, ଧର୍ମ ଏବଂ ନୀତିର ସମନ୍ୱିତ ଉପଦେଶ ପ୍ରଦାନ କରାଯାଇଛି । ଅନାସକ୍ତର ଉପଦେଶ ଉଭୟ ଗ୍ରନ୍ଥରେ ସାମାନ୍ୟ ରୂପରେ ଦିଆଯାଇଥିଲେ ହେଁ, ଭଗବଦ୍ ଗୀତାର ପ୍ରତିସ୍ରୋତରେ ଗତିକରି ଅଷ୍ଟାବକ୍ର ଗୀତା କର୍ମର ଅସ୍ତିତ୍ୱକୁ ଅମାନ୍ୟ ତଥା ଖଣ୍ଡନ କରେ । କାରଣ ଆତ୍ମା ନା ଅଟେ କର୍ତ୍ତା ନା ଅଟେ ଭୋକ୍ତା । ଆତ୍ମା ସର୍ବଦା ମୁକ୍ତ ଏବଂ ନିର୍ଲିପ୍ତ (ନ କର୍ତ୍ତୋଽସି ନ ଭୋକ୍ତାଽସି ମୁକ୍ତ ଏବସି ସର୍ବଦା) (୨୭) । ପୂର୍ବଜନ୍ମର କର୍ମଉପରେ ବିଶ୍ୱାସ ରଖୁଥିବା ଅଷ୍ଟାବକ୍ର ଗୀତା କହେ ପୂର୍ବଜନ୍ମାର୍ଜିତ କର୍ମର ପରିଣାମରୁ ଅନୁଭବ ସଂଜାତ ଜ୍ଞାନପ୍ରାପ୍ତି ଘଟିଥାଏ (୨୮) । କର୍ତ୍ତବ୍ୟ-ତୃଷ୍ଣାର ମହାସାଗର ଏହି ସଂସାର । କର୍ମ ବି ବିଚାରର ପରିଣାମ, ଯାହା ଗୁଣାଶ୍ରିତ । ପୁନଃ ଅବିଭାଜ୍ୟ ଓ ବିଶୁଦ୍ଧ ଆତ୍ମାଠାରେ ବିଲୀନ ହୋଇଯାଏ (୨୯) । ଆତ୍ମାର ସ୍ୱଭାବ ଶାନ୍ତ, ଶୁଦ୍ଧ, ଏବଂ ସନାତନ ତଥା ସମସ୍ତ ସାଂସାରିକ ସମ୍ବନ୍ଧ ଏବଂ ଅନୁଭବ ଏହା ମଧ୍ୟରେ ସମାହିତ ହୋଇଯାଏ । ପୁନଃ ଯେତେବେଳେ ଅଜ୍ଞାନର ଆବରଣ ହଟିଯାଏ ସେତେବେଳେ କର୍ମଠାରେ ଆସକ୍ତ ଭାବ ରହି ନଥାଏ; ଏବଂ କର୍ତ୍ତାପଣ ଓ ଭୋକ୍ତାପଣର ଭାବନା ରହିତ ମନୁଷ୍ୟ ସୁଖ-ଦୁଃଖ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଶୁଭ-ଅଶୁଭରୁ ଊର୍ଦ୍ଧ୍ୱକୁ ଯାଇ ପୂର୍ଣ୍ଣତ୍ୱକୁ ପ୍ରାପ୍ତ ହେଇଥାଏ ।

ପୁନଃ ଏହି ସଂସ୍ଥିତିରେ କର୍ମଫଳ; ଜନ୍ମ-ମୃତ୍ୟୁ କାରଣ ହୋଇ ନଥାଏ ।

ଭଗବଦ୍ ଗୀତାର ଜ୍ଞାନଯୋଗ ଏବଂ କର୍ମଯୋଗର ସମ୍ବନ୍ଧ, (୩୦) ଯାହା ଜୀବନର ସମସ୍ତ କ୍ରିୟା ଭଗବାନଙ୍କୁ ସମର୍ପିତ ହୁଏ; ଏହାକୁ ଅଷ୍ଟାବକ୍ର ଗୀତା ସ୍ୱୀକାର ନକରି କେବଳ ନିର୍ଗୁଣ ଅଦ୍ୱୈତ ଆତ୍ମାସତ୍ତାକୁ ସ୍ୱୀକାର କରେ । ଅଷ୍ଟାବକ୍ରଙ୍କ 'ଆତ୍ମାଦ୍ୱୈତ' ଜ୍ଞାନ ମନୁଷ୍ୟଙ୍କୁ ନିଷ୍କ୍ରିୟତ୍ୱ ଆଡ଼କୁ ନେଇଯାଏ ନାହିଁ, ଅଧିକନ୍ତୁ ସଂପୂର୍ଣ ବ୍ରହ୍ମାଣ୍ଡର ଏକାତ୍ମଦର୍ଶନ କରାଯାଇଥାଏ । ଅଷ୍ଟାବକ୍ରଙ୍କ ସାଂଖ୍ୟ ଦର୍ଶନର ପ୍ରକୃତି-ପୁରୁଷର ଦ୍ୱୈତ ସମ୍ବନ୍ଧକୁ ବି ଅସ୍ୱୀକାର କରେ । ଅଷ୍ଟାବକ୍ରଙ୍କ ମତରେ ଏଇ ରୂପ-ଗୁଣ-କ୍ରିୟା ଆଦି ଦ୍ୱାରା ଯୁକ୍ତ ସଂସାରର ମୂଳ କାରଣ ପ୍ରକୃତି ନୁହେଁ ଆତ୍ମା ଅଟେ । ପରମ ଆତ୍ମା ପ୍ରକୃତିଠାରୁ ବହୁ ଉର୍ଦ୍ଧ୍ୱରେ (ପ୍ରକୃତେଃ ପରଃ) (୩୧) । ଭଗବଦ୍ ଗୀତା କହେ ପୁରୁଷ ଏବଂ ପ୍ରକୃତି ଉଭୟ ଆତ୍ମାଠାରୁ ହିଁ ସମସ୍ତ ପରିବର୍ତ୍ତନଶୀଳ ପଦାର୍ଥର ହୋଇଥାଏ । ଅଜନ୍ମା ଏବଂ ଅବିନାଶୀ ଆତ୍ମା; ନିର୍ମାଣ-ଧ୍ୱଂସ, ବ୍ୟାପ୍ତ-ଅବ୍ୟାପ୍ତ, ଆଦି-ଅନ୍ତ, ଜୀବ, ବ୍ରହ୍ମାଣ୍ଡ ଆଦି ଭେଦର ବହୁ ଉର୍ଦ୍ଧ୍ୱରେ ।

କିନ୍ତୁ ବଡ଼ ପରିତାପର ବିଷୟ ଭାରତବର୍ଷରେ ଶ୍ରୀମଭଗବଦ୍ ଗୀତା କର୍ମତତ୍ତ୍ୱର (୩୨) ଶ୍ରେଷ୍ଠତମ ସୋପାନକୁ ସ୍ପର୍ଶକରି ସାରିଥିଲେ ହେଁ ଜ୍ଞାନର ଅସୀମ ଦିଗନ୍ତ ସେହିଠାରେ ଯେ ଶେଷ ହୋଇଗଲା ତାହା ନୁହେଁ । ଅଷ୍ଟାବକ୍ର ଗୀତା ପରି ଆତ୍ମଜ୍ଞାନ ଗ୍ରନ୍ଥ ରଚିତ ହୋଇ ଏହା ସୂଚୀତ କରେ ଯେ ମହାଭାରତୀୟ ଜ୍ଞାନ-ଉପଖଣ୍ଡରେ ତତ୍ତ୍ୱାର୍ଥ-ଦର୍ଶନର ଅନ୍ୱେଷା ଶେଷ ହୋଇନାହିଁ ଏହାର ନିରବଚ୍ଛିନ୍ନତା ଅଦ୍ୟାବଧି ମଧ୍ୟ ରହିଅଛି । ଏହା ସତ୍ତ୍ୱେ ବି ଶ୍ରୀମଭଗବଦ୍ ଗୀତା ସହ ତୁଳନାତ୍ମକ ଭାବେ ଅଷ୍ଟାବକ୍ରର ସେତେ ସୁପ୍ରତୁଳ ଆଲୋଚନା ହୋଇନାହିଁ । ଆତ୍ମଦର୍ଶନର ଅଭିଳାଷ ନୁହେଁ ବରଂ ଆତ୍ମ ଅନ୍ୱେଷଣର ଭାବବୋଧରେ ରଚିତ ହୋଇଥିବା ଏହି ଅଷ୍ଟାବକ୍ର ଗୀତା ସର୍ବଦା ଦ୍ୱୈତବାଦକୁ ବିରୋଧ କରିଛି । ଏଣୁ କିଏ ଜାଣେ ଆଜି ବି ଭାରତର କେଉଁ କୋଣାନୁକୋଣରେ ଆତ୍ମଦର୍ଶନର ଯେଉଁସବୁ ଗ୍ରନ୍ଥ ରଚନା କରାଯାଉଛି, ତାହା ଏହି ଅସମ୍ପୂର୍ଣ୍ଣ ଭାବବୋଧକୁ ପରିପୂର୍ଣ୍ଣତା ଦିଗରେ ପରିଚାଳିତ ନ କରିବ ।

**୭. ଉପସଂହାର:**

ପରିଶେଷରେ, 'କୀର୍ତ୍ତୀରକ୍ଷ ମାଂବନ୍ଧ ସ୍ଥାୟୀ ଭବତୀ ଭୂତଳେ', ଅର୍ଥାତ୍ ଗୁଣର ସମ୍ପର୍କ ଏକ ସ୍ଥାୟୀ ଭବିଷ୍ୟତକୁ ଭିତ୍ତି କରେ । ଏଣୁ ପ୍ରାଚୀନ ଭାରତରେ ରଚନା କରାଯାଇଥିବା ଅନ୍ୟ ଗୀତା ଅପେକ୍ଷା ଅଷ୍ଟାବକ୍ର ଗୀତା ପୁରାତନ କି ନୁହେଁ ତାହା ଏକ ଭିନ୍ନ ବିଷୟ, କିନ୍ତୁ ଏହାର ଆତ୍ମ-ଜ୍ଞାନ ପ୍ରାପ୍ତିର ଅନନ୍ୟ ବ୍ୟାଖ୍ୟା ହେତୁ ଏହା ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଉପନିଷଦିକ ଚିନ୍ତାଧାରାରୁ ଉପରକୁ ଉଠି ମହର୍ଷୀ ଅଷ୍ଟବକ୍ର ଜଗତର ଅଭିଜ୍ଞତା ମାଧ୍ୟମରେ ଆତ୍ମାର ଏକତା ଏବଂ ସର୍ବଶକ୍ତି ବିଷୟରେ ଜ୍ଞାନ ଦେଇଛନ୍ତି । ଅଷ୍ଟାବକ୍ର ଗୀତାରେ ଏଣୁ ଉଲ୍ଲେଖ ଅଛି ଯେ, "ଅଜ୍ଞମାନେ କୁହନ୍ତି ଯେ ଜଗତ ବିଦ୍ୟମାନ ଅଛି, ବ୍ରହ୍ମା ଅଛନ୍ତି ଏବଂ ଜୀବନ ଅଛି ।" କିନ୍ତୁ ଯିଏ କୁହନ୍ତି ଯେ ଦୁନିଆରେ କିଛି ନାହିଁ ଏବଂ ବ୍ରହ୍ମ ହେଉଛି ଚରମ ସତ୍ୟ, ସେମାନେ ମଧ୍ୟ ଅଜ୍ଞ । ଯେଉଁମାନେ ଆତ୍ମଜ୍ଞାନ ହାସଲ କରିଛନ୍ତି ସେମାନେ ଅସ୍ତିତ୍ୱ ଏବଂ ଅସ୍ତିତ୍ୱର ଭ୍ରମରେ ପଡ଼ନ୍ତି ନାହିଁ । ସେହି ଜ୍ଞାନୀ ବ୍ୟକ୍ତି ନିଜର ବିଚାରରେ କୌଣସି ଭ୍ରମାତ୍ମକ ତରଙ୍ଗ ନାହିଁ । ସବୁକିଛି ପ୍ରଶାନ୍ତି ଏବଂ ଏକ ସର୍ବୋଚ୍ଚ ନୀତିର ଆଶ୍ରୟ କରିଛି । ଏହା ହେଉଛି ଜ୍ଞାନର ଚରମ ଅବସ୍ଥା (୨୦/୧୪ ଅଷ୍ଟାବକ୍ର ଗୀତା) । ଏହା ବ୍ୟତୀତ ଅଷ୍ଟାବକ୍ର ଗୀତା ଆଜି ମାନବ ସମାଜ ପାଇଁ ଆତ୍ମଜ୍ଞାନ ହାସଲ କରିବାର ସର୍ବୋତ୍ତମ ମାଧ୍ୟମ, ଏହାକୁ ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ।

**ପାଠ୍ୟଟୀକା :**


୧. ବ୍ରହ୍ମସୂତ୍ର ବୃତ୍ତି, ସଦାଶିବେନ୍ଦ୍ର ସରସ୍ୱତୀ, ଦ୍ୱିତୀୟ ସଂସ୍କରଣ, ଶ୍ରୀରଙ୍ଗମ୍-୧୯୧୭

୨. Brahmasutra Bhasya of Sankaracharya, Tr by Swami Gambhirananda, 1965.

୩. The Guru-Shishya parampara: A broaderview, Ranade, Ashok D. 1998

୪. Brahma Darshan, Tankinath Madan, 1925

୫. (କ) Pandit, Bansi, Explore Hinduism, P-27

(ଖ) Hume, Robert Ernest (1959), The world's living religions, P-29

(ଗ) The Bhagavad Gita and the West: The Esoteric Significance of the Bhagavad Gita and its relation to the Epistles of Paul; Steiner books P-317

(ଘ) Preface, The Bhagavad Gita: The Lords Song. Adyar; The Theosophical publishing house

(ଙ) Mishra Vijay, The Gothic Subline, Sunny Press, 1994, P-249

୬. ପ୍ରହରାଜ, ଗୋପାଳଚନ୍ଦ୍ର: ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃଷ୍ଠା ସଂଖ୍ୟା-୨୨୨୫

୭. ମାନସିଂହ ମାୟାଧର: ଗୀତା ମାହାତ୍ମ୍ୟ, ପୃଷ୍ଠା ସଂଖ୍ୟା-୪

୮. Swami, a Bhedananda: Self Knowledge (atma-jnana), 3rd edition, the vedanta society, west cornwali, ୧୯୧୮
୯. ୧୩୨ ରୁ ୧୩୪ ଅ୍ଧ୍ୟାୟ, ବନପର୍ବ, ମହାଭାରତ
୧୦. ଚିନ୍ମୟାନନ୍ଦ, ଅଷ୍ଟାବକ୍ର ଗୀତା, ମୁଖବନ୍ଧ, ପୃଷ୍ଠା ସଂଖ୍ୟା-୦
୧୧. Mukerjee, Radhakaml, Astavakragita (the song of the self-supreme): The Classical Text of Atmadvaita by Astavakra, Motilal Banarasidass, ୧୯୭୧
୧୨. Byrom, Thomas, The Heart of Awareness: A Translation of the Astavakra Gita, Shambhala Publications, 1990, P-xxiii
୧୩. ମହାଭାରତ, ବନପର୍ବ, ଅଧ୍ୟାୟ ୧୩୨-୧୩୪
୧୪. ମହାଭାରତ, ବନପର୍ବ, ଅଧ୍ୟାୟ ୧୩୩, ଶ୍ଳୋକ-୧୮
୧୫. Chapter 6: Dhan Yo, Bhagvad Gita
୧୬. Chakravarthi, Ramprasad, Advaita Epistemology and metaphysics: An outline of Indian non- realism, Taylorand Francis, 2013, P; 190-194
୧୭. ଅଷ୍ଟାବକ୍ର ଗୀତାର ଷଷ୍ଠ, ପଞ୍ଚଦଶ ଏବଂ ବିଂଶ ଅଧ୍ୟାୟ
୧୮. ଅଷ୍ଟାବକ୍ର ଗୀତା ଅଧ୍ୟାୟ- ୩.୫, ୧୨.୭, ୧୫.୬
୧୯. ଅଷ୍ଟାବକ୍ର ଗୀତା ଅଧ୍ୟାୟ-୩.୧
୨୦. ଅଷ୍ଟାବକ୍ର ଗୀତା ଅଧ୍ୟାୟ-୨.୧୨, ୧୫.୯
୨୧. ଅଷ୍ଟାବକ୍ର ଗୀତା ଅଧ୍ୟାୟ-୨୦.୧୪
୨୨. ଅଷ୍ଟାବକ୍ର ଗୀତା ଅଧ୍ୟାୟ-୨୦.୧
୨୩. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୧.୧୫,୧୨.୧
୨୪. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୧୬.୨
୨୫. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୧୯.୭
୨୬. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୧୮.୯୨
୨୭. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୧.୬
୨୮. ଅଷ୍ଟାବକ୍ର ଗୀତା ଅଧ୍ୟାୟ - ୨୦.୪
୨୯. ଅଷ୍ଟାବକ୍ର ଗୀତା ଅଧ୍ୟାୟ -୨୦.୪, ୧୮.୫୭, ୨.୨୩ ରୁ ୨୫
୩୦. ଭଗବଦ୍ ଗୀତା, ଅଧ୍ୟାୟ ୫ମ ଓ ୭ମ
୩୧. ଅଷ୍ଟାବକ୍ର ଗୀତ ଅଧ୍ୟାୟ-୧୫.୮
୩୨. 3rd Chapter, Karma Yoga, Bhagbad Geeta

**ଅନ୍ୟ ସହାୟକ ଗ୍ରନ୍ଥସୂଚୀ :**

୧. ପ୍ରହରାଜ, ଗୋପାଳଚନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଉତ୍କଳ ସାହିତ୍ୟ ପ୍ରେସ, କଟକ, ୧୯୪୦ ଓ
୨. ମାନସିଂହ, ମାୟାଧର,ଗୀତାମାହାତ୍ମ୍ୟ, ଜେ ମହାପାତ୍ର ଏଣ୍ଡ କୋଃ, କଟକ, ପ୍ରଥମ ପ୍ରକାଶ,୧୯୬୯ ।
୩. ବେଦବ୍ୟାସ, ମହାଭାରତ,ଗୀତା ପ୍ରେସ୍, ଗୋରଖପୁର ।
୪. ଚିନ୍ମୟାନନ୍ଦ, ସ୍ୱାମୀ, ଅଷ୍ଟାବକ୍ର ଗୀତା,ଚିନ୍ମୟ ପ୍ରକାଶନ, ମୁମ୍ବାଇ,୨୦୧୬ ।
୫. Basu,B.D, The sacred books of the hindus,VOL-XI, The panini office,Bhubaneswari Ashram,Bahadurganj, Allahabad, ୧୯୧୫
୬. ବେଦବ୍ୟାସ, ଶ୍ରୀମଭଗବଦ୍ ଗୀତା, ଗୀତା ପ୍ରେସ୍, ଗୋରଖପୁର ।

**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,**
**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର**
**ଦୂରଭାଷ : ୭୩୭୭୬୪୨୦୩୭**

ISSN -2583-147X (P), Vol.- 10, Issue No.III, June 2024
**Bastabatara Pariprakash Prachee**
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 04-April-2024 | 07-May-2024 | 20-May-2024 | 01-June-2024 |


# ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀ

## ଡକ୍ଟର ସୋନାଲି ସାହୁ

ନାରୀକୁ ନେଇ ସାମ୍ପ୍ରତିକ ସମାଜରେ ଘଟି ଯାଉଥିବା ବ୍ୟଭିଚାର, ଦୁର୍ନୀତି, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଆହତ ମୂର୍ଚ୍ଛନାକୁ ସୁନ୍ଦର ଭାବରେ ଗଳ୍ପରେ ରୂପ ଦେଇଛନ୍ତି ଅଶୀ ପରବର୍ତ୍ତୀ ସମୟର ଗାଳ୍ପିକାମାନେ । ନାରୀ ପ୍ରତି ଦୃଷ୍ଟିକୋଣ ପରିବର୍ତ୍ତିତ ନହେଲେ ସମାଜ ଜୀବନର ବିକାଶ ଅସମ୍ଭବ ବୋଲି ତାଙ୍କର ଦୃଢ଼ ଧାରଣା । ଅଶୀ ପୂର୍ବବର୍ତ୍ତୀ ଗାଳ୍ପିକାମାନେ ସଂସ୍କୃତି, ପରମ୍ପରା ଓ ଆଦର୍ଶକୁ ଗଳ୍ପରେ ପ୍ରାଧାନ୍ୟ ଦେଇଥିବା ବେଳେ ଏ ସମୟର ଗାଳ୍ପିକାମାନେ ନାରୀର ଅନ୍ତରଙ୍ଗ ଅନୁଭବକୁ ଆବେଗମୟୀ ଭାଷା ଓ ଦୃଶ୍ୟରେ ପ୍ରକାଶ କରିବାକୁ ଯତ୍ନଶୀଳ ହୋଇଛନ୍ତି । ସେହି ଧାରାରେ ଗାଳ୍ପିକା ସରୋଜିନୀ ସାହୁ ନାରୀ ଓ ପୁରୁଷର ବିଭିନ୍ନ ମାନସିକ ଭାବାବେଗକୁ ତଥା ସେମାନଙ୍କ ମନଗହନର ବହୁ ଅଲୌକିକ ରହସ୍ୟ ଉନ୍ମୋଚନ କରିବାରେ ଜଣେ ସଫଳ ଲେଖିକା । ତାଙ୍କ ଗଳ୍ପ ଗୁଡ଼ିକରେ ନାରୀ ଚରିତ୍ରର ବିଭିନ୍ନ ମାନସିକ ଭାବାବେଗ ତଥା ସେମାନଙ୍କ ମନଗହନର ବହୁ ଅଲୌକିକ ରହସ୍ୟ ଦେଖିବାକୁ ମିଳେ ।

ଗାଳ୍ପିକା ସାହୁଙ୍କ ଗଳ୍ପର ନାରୀ ଚରିତ୍ରମାନେ ସବୁବେଳେ ବାସ୍ତବତାକୁ ସାମ୍ନା କରୁଥିଲେ ମଧ୍ୟ ଆଦର୍ଶକୁ ପରିହାର କରି ନାହାନ୍ତି । ଆବଶ୍ୟକ ସ୍ଥଳେ ଗଳ୍ପରେ ନାରୀର ଦୟା-କ୍ଷମା-ସ୍ନେହ-ତ୍ୟାଗର ସମନ୍ୱିତ ରୂପ ଦେଖାଇବାରେ ସଫଳ ହୋଇଛନ୍ତି । 'ପତଙ୍ଗ'ଗଳ୍ପର ନାୟିକା ମିତା ଜଣେ ଶାନ୍ତ ସ୍ୱଭାବର ନାରୀ । ସ୍ୱାମୀ ଜନାର୍ଦ୍ଦନର ଦାବି ମୁତାବକ ଯୌତୁକ ଦେଇ ଘର ଲୋକ ତାକୁ ବିବାହ କରାଇଥିଲେ । ବାହାଘର ପରେ ଜନାର୍ଦ୍ଦନ ମିତାକୁ ସ୍ତ୍ରୀର ଅଧିକାର ନ ଦେଇ ସବୁବେଳେ ତା'ର କିଛି ନା କିଛି ଖୁଣ ବାହାର କରିଛନ୍ତି । ତଥାପି ମିତା ସଞ୍ଜ ସକାଳେ ଦୀପ ଜାଳି ସ୍ୱାମୀର ଶୁଭ ମନାସିଛି । ନିଜ ଅଧିକାରରୁ ବଞ୍ଚିତ ହେବାପରେ ବି ମୁହଁ ନ ଖୋଲି ସବୁକିଛି ସହି ଯାଇଛି । ଏଠାରେ ଗାଳ୍ପିକା ମିତାର ଉଦାରପଣକୁ ଦେଖେଇବାରେ ସଫଳ ହୋଇଛନ୍ତି । ସାଂପ୍ରତିକ ସମାଜରେ ବି ମିତା ପରି ଅନେକ ନାରୀ ସ୍ୱାମୀର ସମସ୍ତ ନିର୍ଯ୍ୟାତନାକୁ ସହି ସ୍ୱାମୀଙ୍କୁ ଇହକାଳ ପରକାଳର ଦେବତା ମଣି ପୂଜା କରନ୍ତି ।

ହିନ୍ଦୁଧର୍ମର ବୋହୂମାନେ କେତେ ଆଦର୍ଶବାଦୀ ହୋଇଥାନ୍ତି ତାହା 'ରାହୁ' ଗଳ୍ପରେ ପ୍ରତିଫଳିତ । ପ୍ରତାପବାବୁଙ୍କ ବୋହୂ ଘରର ସମସ୍ତ କାମ କରିବା ସହ ସମସ୍ତଙ୍କ ମନ ନେଇ ଚଳିଛି । ନିଜର ସମସ୍ତ ଇଚ୍ଛା ଅନିଚ୍ଛାକୁ ବଳି ପକାଇ ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେଇଛି । ତଥାପି ତାକୁ କେହି କେବେ ଆହା ପଦେ କହି ନଥାନ୍ତି । ଶାଶୁଙ୍କର ଆକଟ ଓ ଉଦ୍ଧତ ସ୍ୱାମୀର ପୁରୁଷ ପଣିଆରେ ସେ ଥକି ପଡିଛି । ମଣିଷଟିଏ ଭଳି ରହିବା ପାଇଁ ତାକୁ ନଅବର୍ଷ ଅପେକ୍ଷା କରିବାକୁ ପଡ଼ିଛି । "ପାଖାପାଖି ଦଶବର୍ଷ ହେଲାଣି, ସେ ଏ ଘରକୁ ବୋହୂ ହୋଇ ଆସିବାର । ଏବେ ବି ନୂଆବୋହୂଟେ ପରି ମୁଣ୍ଡରେ ଓଢ଼ଣା ଦେଇ ରହେ । ଦେଖିଲେ, କିଏ କହିବ ଭଲା ଏମ୍.ଏ.ପାସ୍ କରିଚି ବୋଲି ? ନିର୍ବିକାରରେ ସବୁ କାମ କରିଯାଏ ଘରର । ରୋଗୀଣା ରିଟାୟାର୍ଡ଼ ଶଶୁର, ଚିଡ଼ିଚିଡ଼ା ଶାଶୁର ଗାଳିମନ୍ଦ ଓ ସନ୍ଦେହକୁ ହଜମ କରି ଆପାତତଃ ବେକାର ଓ ମଦ୍ୟପ ସ୍ୱାମୀର ସବୁ ଦୌରାତ୍ମ୍ୟ ସହି ସେ ଗୋଟେ ପ୍ରକାରର ଚାବିଦିଆ କଣ୍ଢେଇ ହୋଇଯାଇଚି । ତା ଇଚ୍ଛା ଅନିଚ୍ଛାକୁ ଗୁରୁତ୍ୱ ଦେଇନି କେହି କେବେ । ଭାରତୀୟ ଆଦର୍ଶ ନାରୀ ଭଳି ଏକ ସଂଜ୍ଞାର ଅଧିକାରିଣୀ ବୋହୂ ତାଙ୍କର । (ପୃଷ୍ଠା-୧୩୮, ଦେଶାନ୍ତରୀ) ଏଠାରେ ଜଣେ ନାରୀର ଆଦର୍ଶବାଦୀ ଗୁଣ ସହିତ ତା' ମନ ଭିତରେ ଥିବା ଅସନ୍ତୋଷ ବି ଗୁଞ୍ଜାରି ଉଠିଛି ।

ବାସ୍ତବତାକୁ ସମ୍ମୁଖୀନ ହେବା ପାଇଁ ନାରୀଟିଏ କେବେ ପଛଘୁଞ୍ଚା ଦିଏ ନାହିଁ । 'ଦାମ୍ପତ୍ୟ' ଗଳ୍ପ ଏହାର ଏକ ଉଦାହରଣ । ଗଳ୍ପନାୟିକା ମିସେସ୍ ଚୌଧୁରୀ ଭାଙ୍ଗି ଯାଉଥିବା ସଂସାରକୁ ଯୋଡ଼ିବା ପାଇଁ ପଦକ୍ଷେପ ନେଇଛନ୍ତି । ତେଇଶି ବର୍ଷର ବୈବାହିକ ଜୀବନ ଭିତରେ ସ୍ୱାମୀ ଓ ସ୍ୱାମୀଙ୍କ ସହକର୍ମିଣୀ ମିସେସ୍ ଗାମେଜଙ୍କ ସହ

ସଂପର୍କ ଥିବା କଥା ଜାଣି ବି ସେ ଭାଙ୍ଗିପଡି ନାହାନ୍ତି, ବରଂ ନିଜ ସଂସାରକୁ ଯଥାସମ୍ଭବ ସମ୍ଭାଳି ନେବା ପାଇଁ ଚେଷ୍ଟା କରିଛନ୍ତି । ସ୍ୱାମୀଙ୍କ ଉପରିସ୍ଥ ଜେନେରାଲ ମ୍ୟାନେଜର, ସାମ୍ବାଦିକ ଆଦି ସମସ୍ତଙ୍କୁ ଫୋନ୍ କରିଛନ୍ତି ଅଥଚ କାହାଠାରୁ ସେ ଭରସାପୂର୍ଣ୍ଣ ପ୍ରତିଶ୍ରୁତିଟିଏ ପାଇପାରି ନାହାନ୍ତି । ସାଧାରଣ ମଧ୍ୟବିତ୍ତ ପରିବାରର ନାରୀଟିଏ ହୋଇ ନିଜ ଲଢ଼େଇ ନିଜେ ହିଁ ଲଢ଼ିଛନ୍ତି । ମିସେସ୍ ଗାମେଜଙ୍କଠାରୁ ସ୍ୱାମୀଙ୍କୁ ଫେରେଇ ଆଣିବା ପାଇଁ ଆଖିରେ କଜ୍ଜ୍ୱଳ, ଲମ୍ବା ଲାଞ୍ଜି ଟାଣି, ବଡ଼ବଡ଼ କାନ ଫୁଲ ଝୁଲେଇ, ଓଠରେ ଲିପ୍‌ଷ୍ଟିକ୍, ହାତକଟା ବ୍ଲାଉଜ୍, ନଖରେ ଗାଢ଼ ନେଲ୍‌ପଲିସ୍ ଲଗେଇ ସନ୍ଧ୍ୟାରୁ ରାତି ଏଗାରଟା ଯାଏ ବୁଲିଛନ୍ତି । ଗୋଟେ ନାରୀ ନିଜ ସଂସାର ପାଇଁ କେତେ ସାଲିସ୍ କରିପାରେ ତାହା ଗାଳ୍ପିକା ଏଠାରେ ଉଲ୍ଲେଖ କରିଛନ୍ତି ।

ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତି ଏକ ସ୍ୱପ୍ନପ୍ରବଣ ଭାବବାଦୀ ଆଧ୍ୟାତ୍ମିକ ସଂସ୍କୃତି । ଜଡ଼ବାଦୀ-ବସ୍ତୁ ତାନ୍ତ୍ରିକ ମୂଲ୍ୟବୋଧ ଅପେକ୍ଷା ନୈତିକତା, ଆଦର୍ଶବୋଧ, ମାନବିକତା, ଐତିହ୍ୟ, କଳା ପ୍ରବଣତା ମଧ୍ୟରେ ଧର୍ମ, ଦେବତା, ସମୟ, ଭାଗ୍ୟ ଓ କର୍ମବାଦ ଉପରେ ପର୍ଯ୍ୟବସିତ । ଗାଳ୍ପିକା ସରୋଜିନୀ ସାହୁଙ୍କ ଅନେକ ଗଳ୍ପରେ ଏହି ସାଂସ୍କୃତିକ ମୂଲ୍ୟବୋଧକୁ ବି ଲକ୍ଷ୍ୟ କରାଯାଇପାରେ । 'ବିକଳ୍ପ' ଗଳ୍ପର ସୁପର୍ଣ୍ଣା ଜଣେ ସାଂସ୍କୃତିକ ମୂଲ୍ୟବୋଧ ସଂପନ୍ନା ନାରୀ । ଗଳ୍ପ ନାୟିକା ସୁପର୍ଣ୍ଣା ସହରରେ ରହି ବି ନିଜ ସଂସ୍କୃତିକୁ ଭୁଲିପାରି ନାହିଁ । ଦାଣ୍ଡିଆ ନାଚ କରି ରାତିଅଧକୁ ଘରକୁ ଫେରିଥିଲେ ମଧ୍ୟ ଦଶହରା ଥିବାରୁ ସକାଳୁ ବିଛଣା ଛାଡ଼ିଥିଲା । ଅତୀତରେ ସେ କିପରି ଦଶହରା ପାଳନ କରୁଥିଲା ସେସବୁ ମନେ ପକାଉ ଥିଲା । ସେ ସହରରେ ରହି ବି ପରମ୍ପରାକୁ ଭୁଲି ନାହିଁ । ସ୍ୱାମୀ ଜୟଦେବଙ୍କ ଅନୁରୋଧ ସତ୍ତ୍ୱେ ସେ ପୂଜା ନ କରି ଖାଇ ନାହିଁ । ପ୍ରଥମେ ପୂଜା କରିଛି, ତା'ପରେ ଖାଇଛି । କେବଳ ଏତିକି ନୁହେଁ ସ୍ୱାମୀ ଜୟଦେବ ପରକୀୟା ପ୍ରୀତି କରୁଥିବା ଜାଣିବା ସତ୍ତ୍ୱେ ବି ଜୟଦେବଙ୍କୁ ପ୍ରେମ କରିବାରେ କେବେହେଲେ ଅବହେଳା କରିନି । ପତିପରାୟଣା ନାରୀଟିଏ ହୋଇ ସାରା ଜୀବନ ରହିବାକୁ ମନସ୍ଥ କରିଛି ।

'ତରଳି ଯାଉଥିବା ଦୁର୍ଗ' ସଂକଳନରେ 'ଆର ଜଣକର ପାହୁଣ୍ଡ' ଗଳ୍ପର ସୁମିତା ସହରରେ ବାସ କରୁଥିଲେ ମଧ୍ୟ ପାରମ୍ପରିକ ରୀତି ନୀତିକୁ ଛାଡ଼ି ପାରିନି । ସୁମିତା ଓ ବିଭୁ ନୂଆ ନୂଆ ବିବାହ କରି ସହରରେ ରହିଛନ୍ତି । ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ସୁମିତାକୁ ଫୁରସତ୍ ମିଳେନି ଘରକାମରୁ । ଘର କାମରେ ତାକୁ ସାହାଯ୍ୟ କରିବା ପାଇଁ ଗାଁର ଗୋଟେ ଝିଅକୁ ସେମାନେ ଆଣିଛନ୍ତି । ଅଥଚ ଆଗଭଳି ସ୍ୱାମୀ ବିଭୁଙ୍କ ସହ ଯେତେବେଳେ ସେତେବେଳେ ମିଶିପାରୁନି । କାଳେ ଝିଅଟି ଦେଖି ଦେବ ସେଥିପାଇଁ ସେ ଅଧିକ ସଚେତନ । ଏପରିକି ଝିଅଟି ନିଦରେ ନ ଶୋଇବା ପର୍ଯ୍ୟନ୍ତ ସେ ସ୍ୱାମୀର ଅନ୍ତରଙ୍ଗ ହେଇପାରୁନି । ସୁମିତା ଆଧୁନିକ ଜୀବନଶୈଳୀକୁ ଆପଣେଇ ପାରିଥିଲେ ଝିଅଟି ପାଇଁ ଏତେମାତ୍ରାରେ ସଚେତନ ହୋଇ ନଥାନ୍ତା । ଘରର ଅନ୍ୟାନ୍ୟ କାମ ପରି ସେ ନିର୍ଦ୍ୱନ୍ଦ୍ୱରେ ସହବାସ ବି କରିପାରିଥାନ୍ତା । ସୁମିତା ସହରରେ ରହିଲେ ମଧ୍ୟ ଆମ ରୀତି-ନୀତିକୁ ଭୁଲିପାରିନି । ସାଂସ୍କୃତିକ ମୂଲ୍ୟବୋଧ ସଂପନ୍ନା ନାରୀର ଏହା ଅନ୍ୟ ଏକ ଦିଗ ।

ସରୋଜିନୀ ସାହୁ ତାଙ୍କ ଗଳ୍ପରେ ନାରୀ ଚରିତ୍ରମାନଙ୍କୁ ଯଥେଷ୍ଟ ସାହସିନୀ ତଥା ଆତ୍ମଶକ୍ତି ସଂପନ୍ନା ଭାବେ ଚିତ୍ରିତ କରିଛନ୍ତି । କେତେବେଳେ ସେମାନେ ନିଜ ଅଧିକାର ପାଇଁ ଲଢ଼େଇ କରିଛନ୍ତି ତ ଆଉ କେତେବେଳେ ଗୋଟେ ଆତ୍ମନିର୍ଭରଶୀଳ ଜୀବନ ଜିଇଁଛନ୍ତି । 'ଜହ୍ଲାଦ' ଗଳ୍ପର ଗଳ୍ପର ରୁରି ଜଣେ ସଫଳ ଆତ୍ମଶକ୍ତିସମ୍ପନ୍ନା ନାରୀ । ବିବାହର ଆଠ ବର୍ଷ ପରେ ସ୍ୱାମୀ ଅରିନ୍ଦମ ଓ ଶାଶୁ ଘର ଲୋକଙ୍କ  କଥା ନ ଶୁଣି ନିଜର ଆତ୍ମସନ୍ତୋଷ ପାଇଁ ସେ ଚାକିରି କରିବାକୁ ଚାହିଁଛି । ଛୋଟ ଛୋଟ ପୁଅ ଝିଅ ଦି'ଜଣଙ୍କୁ ଚାକର ପିଲା ପାଖରେ କଲେଜକୁ ଯାଇଛି । କଲେଜର ସହକର୍ମୀମାନେ କେହି ତା ସହିତ ବନ୍ଧୁତ୍ୱର ହାତ ବଢ଼ାଇ ନାହାନ୍ତି । ଅଧ୍ୟାପନା ଚାକିରୀ ଯେତେ ସହଜ ଭାବିଥିଲା ସେତେ ସହଜ ନଥିଲା । ବିଭାଗୀୟ ମୁଖ୍ୟଙ୍କ ଅସହିଷ୍ଣୁ ଭାବ ତାକୁ ଅତିଷ୍ଠ କରିଦେଉଥିଲା । ଅନ୍ୟ ଦିଗରେ ତା ଅନୁପସ୍ଥିତିରେ ଘରର ଚାକର ତାର ଛୋଟ ଝିଅକୁ ଯୌନ ନିର୍ଯ୍ୟାତନା ଦେବା କଥା ଜାଣିବା ପରେ ସଂପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲା । ବାରମ୍ବାର ରେଜିଗ୍‌ନେସନ୍ ଦେବା କଥା ଭାବି ମଧ୍ୟ ହାର ମାନି ନାହିଁ ।  ଲଢ଼େଇ କରିଛି ପୁରୁଷ ତାନ୍ତ୍ରିକ ସମାଜ ସହ, ସ୍ୱାର୍ଥାନ୍ୱେଷୀ ଲୋକଙ୍କ ସହ  । ନାରୀଟି ଆତ୍ମଶକ୍ତିସଂପନ୍ନା ହେବା ସହ ସାମାଜିକ ଓ ପାରିବାରିକ ସଂପର୍କ ମଧ୍ୟରେ କେତେ ସୁନ୍ଦର ଭାବେ ସନ୍ତୁଳନ ରକ୍ଷା କରିପାରେ ତାହା 'ରୁରି' ଚରିତ୍ର ମାଧ୍ୟମରେ ଗାଳ୍ପିକା ଦର୍ଶାଇଛନ୍ତି ।

ଗାଳ୍ପିକା ସରୋଜିନୀ ବିବିଧ ଘଟଣା ମାଧ୍ୟମରେ ନାରୀର ଅସ୍ତିତ୍ୱବାଦୀ ଚେତନାକୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରକାଶ କରିଛନ୍ତି । ନାରୀ ଘଟଣା କ୍ରମର ଉର୍ଦ୍ଧ୍ୱକୁ ଯାଇ ଜୀବନ ବଞ୍ଚିବାର ରାସ୍ତା ଚୟନ କରିଛି । ନିଜସ୍ୱ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ସଂଗ୍ରାମ କରିବାକୁ ମଧ୍ୟ ପଛଘୁଞ୍ଚା ଦେଇନାହିଁ । 'ଆପଣା ଆପଣା ମଣିଷଙ୍କ ପାଇଁ' ଗଳ୍ପରେ ଶୁଭଦା ଜୀବନ ରାସ୍ତାରେ ଚାଲୁଚାଲୁ କ୍ଳାନ୍ତ ହୋଇପଡ଼ିଛି । ବାପାଙ୍କ ଅସୁସ୍ଥତା, ସାଧାରଣ ଚାକରାଣୀକୁ ନେଇ ବାପା-ମାଙ୍କ ମନ ଭିତରେ ମନମାଳିନ୍ୟ ଏସବୁ ଯେମିତି ତାକୁ ରୁନ୍ଧି ପକାଉଛି । କେବଳ ସେତିକି ନୁହେଁ ଭାଇ-ଭଉଣୀ

ସଂପର୍କୀୟମାନେ ତା'ପାଇଁ ବାପାଙ୍କର ଏ ଅବସ୍ଥା କହି ଦୋଷ ବି ଦେଇଛନ୍ତି । ଦଶବର୍ଷ ଧରି ଭଲପାଇ ଆସୁଥିବା ଶୁଭଙ୍କର ସହ ତା' ସଂପର୍କକୁ ସମସ୍ତେ ବିରୋଧ କରିଛନ୍ତି । ଶୁଭଙ୍କର ସହ ତା ବାହାଘର ରୋକିବା ପାଇଁ ବାପା ପ୍ରଥମେ ତାକୁ ଚାକିରି କରି ଦଶ-କୋଟିଏ ହଜାର ଟଙ୍କା ସଞ୍ଚୟ କର, ପରେ ତୋର ସବୁ କଥା ଶୁଣାଯିବ ବୋଲି କହିଛନ୍ତି । ଅଥଚ ସେ ପର୍ଯ୍ୟନ୍ତ ଚାକିରି କରିନାହିଁ, କେତେ ବର୍ଷ ଲାଗିବ ତାକୁ ଏତିକି ସଞ୍ଚୟ କରିବା ପାଇଁ । ଅତି ଚତୁରତା ସହ ତାକୁ ବନ୍ଦୀ କରି ଦିଆଯାଇଛି । ଏପରିକି ପରୀକ୍ଷା ଦେବାକୁ କଟକ ଗଲାବେଳେ ମାଆ ସାଙ୍ଗରେ ଯାଇଛନ୍ତି । ବହୁ କଷ୍ଟରେ ଶୁଭଙ୍କର ସହ ଥରେ ଦେଖା କରିଥିଲା । କିନ୍ତୁ ତା' ପ୍ରସ୍ତାବରେ ରାଜି ହୋଇପାରିନଥିଲା । ଶୁଭଙ୍କର ଓ ବାପା ଦୁଇଜଣଙ୍କ ମଧ୍ୟରୁ ଜଣକୁ କାହାକୁ ବାଛି ପାରିନାହିଁ । ଗୋଟିଏ ଗୋଟିଏ ଦିନ ବିତେଇବାକୁ ତାଙ୍କୁ ଯୁଗଟିଏ ପରି ମନେ ହୋଇଛି । ଏଇ ବନ୍ଦୀ ଜୀବନରୁ ମୁକ୍ତି ପାଇଁ ସେ ସ୍ୱାଭାବିକ ମୃତ୍ୟୁ ଚାହିଁଛି । "ଶୁଭଦା ଆଇନା ପାଖକୁ ଫେରି ଆସିଲା, କହିଲା : ଜନ୍ମଠାରୁ ମୃତ୍ୟୁଯାଏ ପରାଧୀନତାକୁ ମାନି ନେଲି ବନ୍ଦୀ, ମାନି ନେଲି । ତେବେ ମରିବାର ସହଜୋତ୍ତମ ଉପାୟ କ'ଣ ବନ୍ଦୀ ? ସ୍ୱାଭାବିକ ମୃତ୍ୟୁ ଉପରେ ମୋର ଭରସା ନାହିଁ, କେବେ ଯେ ସେ ଆସିବ, ଅପେକ୍ଷା କରି କରି ମୁଁ କ୍ଲାନ୍ତ ହୋଇପଡ଼ିବି ।" (ପୃଷ୍ଠା-୩୬, ସୁଖର ମୁହାଁମୁହିଁ) ଏଠାରେ ଶୁଭଦାର ମୃତ୍ୟୁ ଉପରେ ଭରସା ନାହିଁ ଅର୍ଥାତ୍ ଈଶ୍ୱରଙ୍କ ଉପରେ ତାର ଆସ୍ଥା ନାହିଁ । ଜନ୍ମ ଓ ମୃତ୍ୟୁ ତାହା ଈଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ । ସ୍ୱାଭାବିକ ମୃତ୍ୟୁକୁ ଅପେକ୍ଷା ନକରି ସେ ମରିବାର ଉପକ୍ରମ ଆରମ୍ଭ କରି ଦେଇଛି । ଲେଖିକାଙ୍କ ଲେଖନୀରେ ଶୁଭଦା ସ୍ଥିତିବାଦୀ ନାରୀର ସଫଳ ରୂପାୟନ ।

ସରୋଜିନୀ ସାହୁଙ୍କ ନାରୀ ଚରିତ୍ରମାନେ ପ୍ରାୟ ଜୀବନରେ ଯନ୍ତ୍ରଣା ଓ ନିଃସଙ୍ଗତାକୁ ଭେଟିଛନ୍ତି । 'ସୁଖର ମୁହାଁମୁହିଁ' ସଂକଳନର 'ହୃଦୟକୁ ଖେଳନା କରି' ଗଳ୍ପର ନାୟିକା ଶୁଭଦାର ଜୀବନ ସଂଘର୍ଷମୟ । ବାରମ୍ବାର ଇଣ୍ଟରଭ୍ୟୁ ଦେବା ପରେ ଯେମିତି ଅସଫଳ ହୋଇଛି, ପ୍ରେମିକ ଶୁଭଙ୍କରଠୁ ଚିଠି ନ ପାଇ ସେମିତି ସେମିତି ଯନ୍ତ୍ରଣାରେ ଛଟପଟ ହୋଇଛି । ସତେ ଯେମିତି ଜୀବନ ତାର ସ୍ଥିର ହୋଇଯାଇଛି । ଶେଷରେ ଘରୁ ଲୁଚି ଆସି ଶୁଭଙ୍କରକୁ ବିବାହ କରିଛି । ଲେଖିକାଙ୍କ ଲେଖନୀରେ, "ଶୁଭଦା ଚଳନ୍ତା ବସ୍‌ର ପଛେ ପଛେ କିଛି ବାଟ ଆଗେଇ ଯାଉ ଯାଉ ଅନ୍ଧାରରେ ଛିଡ଼ା ହୋଇଗଲା । ଅଦ୍ଭୁତ ଶୂନ୍ୟତାରେ ଛାତି ଭିତରଟା ଖାଁ ଖାଁ ହୋଇଗଲା । ଜୋର୍ ଜୋର୍‌ରେ କୋହ ଉଠିଲା ତା'ର : କେତେ ଫର୍ଲଙ୍ଗ ଦୂରରେ ତମେ ଶୁଭଙ୍କର ନିଅ । ମୋତେ ନିଅ । ଏକଲା ଛାଡ଼ି ଯାଅନା" ଲେଖିକା ସାହୁ ଶୁଭଦାର ଅସହାୟତାକୁ ଦେଖେଇବାରେ ବେଶ୍ ସଫଳ ହୋଇ ପାରିଛନ୍ତି ।

'ନିଜ ଗହୀରରେ ନିଜେ' ସଂକଳନର 'ଦୂର ପାହାଡ଼ର ଛବି' ଗଳ୍ପର ନାୟିକା ମଞ୍ଜୁର ବିବାହକୁ ନେଇ ଯେଉଁ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ସ୍ୱପ୍ନରେ ହିଁ ରହିଯାଇଛି । ସ୍ୱାମୀ ଆଦିତ୍ୟ କେବେ ତା' ମନକଥା ବୁଝିନାହିଁ ଲେଖିକାଙ୍କ ଭାଷାରେ, "ମୋର ଏଇ ଶ୍ରୀହୀନ ଚେହେରା, ଆଖି ତଳେ କଳାଦାଗ ବ୍ଲାଉଜ ଗ୍ରେସିୟର ଓ ଛାତି ତଳେ ଜମା ହୋଇ ରହିଛି ଛାତିଏ ଅନ୍ଧାର । ସେଇ ଅନ୍ଧାର ଭିତରେ ଅନ୍ୟ ଜଣେ ସ୍ୱପ୍ନ ଦେଖା ଝିଅଟେ ଲୁଚି ବସିଚି । କେହି ଜାଣନ୍ତି ନାହିଁ । କ'ଣ ହୋଇଛି ମୋର ଆଦିତ୍ୟ ?" (ନିଜ ଗହିରୀରେ ନିଜେ, ପୃଷ୍ଠା-୧୦୦) ଏହା ବ୍ୟତୀତ 'ଲଜ୍ଜା' ଗଳ୍ପର 'ଚଇତି', 'ସିଂହାସନ' ଗଳ୍ପର ଶୋଭନା, 'ଖେଳ ଖେଳରେ' ଗଳ୍ପର 'ଶୋଭନା' ଜଣେ ଜଣେ ନିଃସହାୟବୋଧସଂପନ୍ନା ନାରୀ କେବଳ ଗଭୀର ଅର୍ନ୍ତଦହନରେ ଜର୍ଜରିତା ହୋଇ ପଡ଼ିଛନ୍ତି ।

ନାରୀ ମନର ସଂଗୁପ୍ତ ଭାବାବେଗର ଜଟିଳ ମାନସିକତାକୁ ସରୋଜିନୀ ସାହୁ ତାଙ୍କର ଅଧିକାଂଶ ଗଳ୍ପରେ ରୂପାନ୍ତରିତ କରିଛନ୍ତି । ସେ ନିଜକୁ ନାରୀବାଦୀ ଲେଖିକା କହି ଜାହିର କରିଥାନ୍ତି । ନାରୀବାଦ ସମ୍ପର୍କରେ ସରୋଜିନୀ ସାହୁ କୁହନ୍ତି : "ନାରୀବାଦ ମୋ ପାଇଁ ଗୋଟେ ସ୍ଲୋଗାନ ନୁହେଁ, ଗୋଟେ ଆର୍ତ୍ତି ହିଁ । କୌଣସି ବାଦ ସୃଷ୍ଟି କରିବା ବା ପକ୍ଷଭୁକ୍ତ ହେବା ଉଦ୍ଦେଶ୍ୟ ନେଇ ମୁଁ କେବେ କଲମ ଚଳେଇ ନାହିଁ । ମୋ ଅଲକ୍ଷ୍ୟରେ ଏସବୁ ଅବଲୀଳା କ୍ରମରେ ମୋ ଗଳ୍ପ ଉପନ୍ୟାସରେ ଉତୁରି ଆସିଛି ।"(ସାମ୍ନା, ପୂଜା ସଂଖ୍ୟା, ପୃଷ୍ଠା-୨୭୩, ୨୦୧୧) ତେବେ ଲକ୍ଷ୍ୟକଲେ ଜଣାଯାଏ, ତାଙ୍କର ଅଧିକାଂଶ ଗଳ୍ପ ଉଗ୍ରବାଦୀ ନାରୀବାଦକୁ ଆଧାର କରି ରଚିତ । ସ୍ୱପ୍ନରେ ହେଉ ନାରୀ ପରପୁରୁଷ ଦ୍ୱାରା ରେପ୍ ହେବାର ଅବଦମିତ ଇଚ୍ଛାକୁ ହିଁ ପ୍ରକଟିତ କରିଥାଏ । 'ରେପ୍' ଗଳ୍ପରେ ସୁପର୍ଣ୍ଣା ଡ଼କ୍ଟର ତ୍ରିପାଠୀଙ୍କ ସହ ତା'ର ସମ୍ଭୋଗ ଜନିତ ସ୍ୱପ୍ନକୁ ନିଃସଙ୍କୋଚରେ ସ୍ୱାମୀ ଜୟନ୍ତ ନିକଟରେ ପ୍ରକାଶ କରିଛି । ଲେଖିକାଙ୍କ ଲେଖନୀରେ, "ଦେଖିଲି ଡ଼ାକ୍ତର ତ୍ରିପାଠୀଙ୍କ ସଙ୍ଗେ ହେଇଗଲା । ପ୍ରଥମେ ନିରୋଳା ଜାଗାଟେ ଖୋଜିଖୋଜି ମିଳିଲାନି । ଯୋଉଠି ନିକାଞ୍ଚନ ମିଳୁଥିଲା କେହି ନା କେହି, ଶେଷରେ ହେଇଗଲା ।" 'ରେପ୍' ଗଳ୍ପରେ ସୁପର୍ଣ୍ଣା କେବଳ ସ୍ୱପ୍ନ ଦେଖିଛି କିନ୍ତୁ ସେହି ସ୍ୱପ୍ନ ଚରିତାର୍ଥ ହୋଇଛି 'ପାଶବିକ' ଗଳ୍ପର ସୁସି ପାଖରେ । ସୁସି ବ୍ରହ୍ମଚାରୀଙ୍କୁ ନେଇ ସ୍ୱପ୍ନ ଦେଖିଛି ଓ ତାହା ବାସ୍ତବରେ ପରିଣତ ବି ହୋଇଛି । ସୁପର୍ଣ୍ଣା ନିଜ ସ୍ୱପ୍ନ ସମ୍ପର୍କରେ ସ୍ୱାମୀଙ୍କୁ କହି ଅପମାନିତ ହୋଇଥିବା ବେଳେ ସୁସି ସ୍ୱପ୍ନ ଦେଖିଥିବା କଥା ସ୍ୱାମୀଙ୍କୁ ଜଣିବାକୁ ଦେଇ ନାହିଁ । ନିଜ ପରିବାର ଓ ବ୍ରହ୍ମଚାରୀଙ୍କ ସହ ପୁରୀ ବୁଲିବାକୁ ଯାଇଛି ଏବଂ ସେଠାରେ ବ୍ରହ୍ମଚାରୀଙ୍କ ସହ ତା'ର ଦୈହିକ ସମ୍ପର୍କ ସ୍ଥାପନ ହୋଇଛି ।

ପ୍ରଥମେ ସେ ମାନସିକ ଯନ୍ତ୍ରଣା ପାଇଛି ସତ, କିନ୍ତୁ ପରେ ସାମୟିକ ସୁଖକୁ ବଳିଦେଇ ପାରିନି । ସ୍ୱାମୀ ଓ ସଂସାରକୁ ଖାତିର ନକରି ବ୍ରହ୍ମଚାରୀଙ୍କ ହାତରେ ହାତ ଛନ୍ଦି ଖୁବ୍ ଆନନ୍ଦରେ ସମୁଦ୍ରକୂଳରେ ସମୟ ବିତାଇଛି । ଯେମିତି ତା'ର ମନେ ହେଉଛି ବହୁଦିନର ଆବଦ୍ଧ ମନୋଟନସ୍ ଜୀବନରୁ ସେ ଆଜି ମୁକ୍ତ ।

'ବିପନ୍ନ ସମୟର ଚିହ୍ନ ବଡ଼ ବ୍ୟକ୍ତିଗତ' ଗଳ୍ପର 'ଡ଼ିପ୍ରେସଡ୍ ଲିବିଡ଼ୋ ପାଇଁ ଭିଗୋରେକ୍ସ ଖାଅ' ଉପକାହାଣୀରେ ତନୁଜା ସହ ହିମାଂଶୁର ଦୈହିକ ସମ୍ପର୍କ ସ୍ଥାପନ ହୋଇପାରୁ ନଥିବାରୁ ବାନ୍ଧବୀ ଡ଼ଲି ଫୋନଗ୍ରାଫିର ଚିତ୍ର ବହି ଦେବା ଭିଗୋରେକ୍ସ ଖାଇବା କଥା କହିବା ଆଦିରୁ ନାରୀ ଯୌନ ତୃଷ୍ଣାଜନିତ ବ୍ୟଗ୍ରତା ବାରି ହୋଇପଡୁଛି । 'ସିଂହାସନ' ଗଳ୍ପରେ ଶାଳିନୀ ଜଣେ ସ୍ମାର୍ଟ, ଏକ୍ସଟୋଭର୍ଟ, ଆଡ଼ଭେଥେରସ୍ ଝିଅ । ପ୍ରଫେସର ଅବିନାଶ ସହିତ ଘନିଷ୍ଠତା ହେବା ବେଳେ ପ୍ରଣମିତା ଭଳି ଏକ ବିବାହିତା ଝିଅର ଉପସ୍ଥିତିକୁ ସହ୍ୟ କରିପାରି ନାହିଁ । ସେ ଜାଣେ କେବେ ବି ଅବିନାଶକୁ ତା'ର ବାହା ହେବାର ନାହିଁ; ସେ ଆଲୋକକୁ ଏ ବର୍ଷ ବାହା ହୋଇଯିବ । ତଥାପି ଅବିନାଶଙ୍କ ଘରେ ବହୁପତ୍ନୀ ପ୍ରଣମିତାକୁ ଦେଖି ତା ଭିତରେ ଗୋଟେ ପ୍ରତିଯୋଗିତା ମନୋବୃତ୍ତି ବୃଦ୍ଧି ପାଇଛି । ଲେଖିକାଙ୍କ ଭାଷାରେ, "ପ୍ରତି ମୁହୂର୍ତ୍ତରେ ପ୍ରତି କଥାରେ ହିଁ ସେ ପ୍ରାଣମିତାଠୁଁ ବେଶୀ ଇମ୍ପ୍ରେସିଭ୍, ସ୍ମାର୍ଟ, ସୁନ୍ଦରୀ ବୋଲି ଜାହିର କରିବାକୁ ଚାହୁଁଥିଲା । କିନ୍ତୁ କାହିଁକି ? ତେବେ କ'ଣ କୌଣସି ଅବସ୍ଥାରେ ବି ସେ ଅବିନାଶକୁ ହାତଛଡ଼ା କରିବାକୁ ଚାହେଁନା ? ସେଇ ଅକଥିତ, ଅଲିଖିତ ଅନୁଭବଟି ଏବେ କ'ଣ ଦାନା ବାନ୍ଧିବା ଆରମ୍ଭ କରିଛି ତା ଭିତରେ ?" (ପୃଷ୍ଠା,୧୬, ଚୌକାଠ) ଏଭଳି ମାନସିକତାକୁ ନେଇ 'ବେଡ଼ି', 'ସକଳ', 'ହୃଦୟକୁ ଖେଳନା କରି' ପ୍ରଭୃତି ଗଳ୍ପ ରଚିତ ।

ସରୋଜିନୀଙ୍କ ନାରୀମାନେ ସ୍ୱାଧୀନତା ପାଇଁ ସେମାନଙ୍କ ସ୍ୱର କେତେବେଳେ ତୀବ୍ର ସ୍ୱର ଉତ୍ତୋଳନ କରନ୍ତି ତ ଆଉ କେତେବେଳେ ନିରବରେ ପ୍ରତିବାଦ କରନ୍ତି । 'ନିଜ ଗହୀରରେ ନିଜେ ଗଳ୍ପରେ ମିତା ପୁରୁଷ ପରି ବଞ୍ଚିବାକୁ ଚାହିଁଛି । ଏକା ଏକା ଘୁରି ବୁଲିବାକୁ ଲଜରେ ଉଠିବାକୁ, ଏକା ଏକା ଷ୍ଟେସନର ସିମେଣ୍ଟ ବେଞ୍ଚରେ ବସିବାକୁ ଏମିତି କେତେ କ'ଣ ତାର ଇଚ୍ଛା ହୁଏ । ଏ ସମସ୍ତ କଥା ସ୍ୱାମୀ ପାର୍ଥକୁ ସାମ୍ନାସାମ୍ନି କହିପାରେନା, ଚିଠିରେ ଲେଖେ । ତା'ର ମନେ ହୋଇଛି ଯେ ଝିଅଟି ବାହା ହେବା ପରେ ତା' ନିଜସ୍ୱ ଅସ୍ତିତ୍ୱ ଟିକକ ନଷ୍ଟ ହୋଇଯାଏ । ସେହିପରି 'ନିଦୁଆ କବାଟରେ ଖଡ଼୍‌ଖଡ଼୍ ଶବ୍ଦ' ଗଳ୍ପର ନାୟିକା ଶୁଭଦା ନିଜକୁ କୁକୁଡ଼ା ସହ ତୁଳନା କରିଛି । କୁକୁଡ଼ା ଗୋଡ଼କୁ ସୁତାଟିଏ ବନ୍ଧାହୋଇଛି । ସେ ଚାହିଁଲେ ବି ତା ପରିଧି ବାହାରକୁ ଉଡ଼ି ଯାଇପାରୁ ନାହିଁ ଠିକ୍ ଶୁଭଦା ପରି । ଶୁଭଙ୍କରକୁ ଭଲ ପାଉଥିଲେ ବି ଶୁଭଙ୍କର ସହ ଭଲରେ ମିଶି ପାରିନି ସବୁ ଛୁଟିରେ ହଷ୍ଟେଲକୁ ତାକୁ ଘରକୁ ଯିବାକୁ ପଡ଼େ । ନିଜ ମୁକ୍ତି ପାଇବା ପାଇଁ ଚେଷ୍ଟାରୁ ସେ ଭାବିଛି, କେବଳ ମୁଁ ନୁହେଁ, ତମେ ସମସ୍ତେ ଗୋଟେ ଖୁଣ୍ଟରେ ବନ୍ଧା ହୋଇଛ । ତମ ସମସ୍ତଙ୍କ ଗୋଡ଼ରେ ଗୋଟେ ଗୋଟେ ଟାଣୁଆ ସୂତା ବନ୍ଧା ହୋଇଚି । ମୁଁ ଜାଣେ ତମେ ମନଇଚ୍ଛା ଦଉଡ଼ିଯାଇ ପାରିବନି ।''(ପୃଷ୍ଠା-୨, ସୁଖର ମୁହାଁମୁହିଁ)

ସେହିପରି 'ଆଗ୍ନେୟଗିରି' ଗଳ୍ପରେ ଋତୁମତୀ ହେବା ପରେ ଆମ ସମାଜରେ ଯେଉଁ ନୀତିନିୟମ ଅଛି ତା'ର ପ୍ରତିବାଦ କରିଛି ସାନଝିଅଟି । ଆମ ସମାଜର ପରମ୍ପରା ଅନୁଯାୟୀ ନାରୀ ନିଜକୁ ସତୀ, ସୁଗୃହିଣୀ, ପତିବ୍ରତା ରୂପେ ମାନି ନେଇଛି । ସ୍ୱାମୀ ଯେତେ ଅତ୍ୟାଚାର କଲେ ବି ପ୍ରତିବାଦ ନକରି ସହି ନେବା ହେଉଛି ନାରୀର ଧର୍ମ । ଏହି ପ୍ରଚଳିତ ପ୍ରଥାକୁ ଏ ପର୍ଯ୍ୟନ୍ତ ଗଢ଼ିଆସିଛି । ନାରୀର ଏ ପ୍ରକାରର ମନୋଭାବକୁ ପରିବର୍ତ୍ତନ କରିବାକୁ ଆଗେଇ ଆସିଛନ୍ତି ଲେଖିକା । ଜୀବନର ଏତେ ଦୀର୍ଘ ଆଲିଙ୍ଗନ, ବାଧ୍ୟବାଧକତାର ଲୁହାର ବନ୍ଧନ କାହାର କାମ୍ୟ ଥାଏ କୁହ, ଯିଏ ଚାହେଁ ?' ଗଳ୍ପରେ କହିଛନ୍ତି, ଏମିତି ମନେ ହୁଏନିକି ସବୁ ସ୍ତ୍ରୀ ଲୋକଗୁଡ଼ାକ ଧର୍ଷିତା ହେବା ଉଚିତ । ନହେଲେ ମୁଣ୍ଡରେ ସଞ୍ଚିତ ଥିବା ହଜାର ବର୍ଷର ଫ୍ୟାଟ୍ ତରଳିବନି । କ୍ରମାଗତ ଧର୍ଷିତା ହେଲେ ସ୍ତ୍ରୀ ଲୋକଗୁଡ଼ା ଧର୍ଷିତାକୁ ତୁଚ୍ଛ ମନେକରି ଓଲଟା ତିନି ଚାରିଜଣ ମିଶି ପୁରୁଷ ଆଡ଼କୁ ଆଗେଇ ଯିବେ ।'' (ପୃଷ୍ଠା-୧୩୧, ନିଜ ଗହୀରରେ ନିଜେ)

ମଣିଷର ମନ ଭିତରେ ଅନେକ ଚିନ୍ତା-ଚେତନା ସେହି ଚିନ୍ତା ଓ ଚେତନାର ପରିପ୍ରକାଶ ନିମନ୍ତେ ଆଧୁନିକ ଗାଳ୍ପିକମାନେ ଉଦ୍ୟମ କରିଛନ୍ତି । ନାରୀ ଓ ପୁରୁଷର ବିଭିନ୍ନ ମାନସିକ ଭାବାବେଗକୁ ତଥା ସେମାନଙ୍କ ମନଗହନର ବହୁ ଅଲୌକିକ ରହସ୍ୟ ଉନ୍ମୋଚନ କରିବାରେ ଗାଳ୍ପିକା ସରୋଗିନୀ ସାହୁ ବେଶ୍ ସଫଳ ହୋଇଛନ୍ତି । ତାଙ୍କ ଗଳ୍ପରେ ନାରୀ ଚରିତ୍ରର ବିଭିନ୍ନ ମାନସିକ ଭାବାବେଗ ତଥା ସେମାନଙ୍କ କମନ ଗହନର ବହୁ ଅଲୌକିକ ରହସ୍ୟ ଦେଖିବାକୁ ମିଳେ । 'ଦୂର ପାହାଡ଼ର ଛବି' ଗଳ୍ପରେ ମଞ୍ଜୁ ଆଦିତ୍ୟକୁ ନେଇ ଦେଖିଥିବା ସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି । ତା ମନରେ ଆଦିତ୍ୟକୁ ନେଇ ବହୁ ଦ୍ୱନ୍ଦ୍ୱ ଉଠିଛି । କାରଣ ପ୍ରଥମ ଦେହ ମିଳନର ଅନୁଭୂତି ତିକ୍ତତାରେ ଭରି ଉଠିଥିଲା । ଗୋଟେ ଦୁଃଖ-ଯନ୍ତ୍ରଣା ଭିତରେ ତା ଜୀବନ କଟିଛି । ସ୍ୱାମୀ ଆଦିତ୍ୟକୁ ନେଇ ତା ମନରେ ଅହରହ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନାରୀ ସନ୍ତାନର ଅପେକ୍ଷା ରଖେ । ତା ନାରୀତ୍ୱ ସେତେବେଳେ ପରିପୂର୍ଣ୍ଣତା ଲାଭ କରେ ଯେତେବେଳେ ସେ

ମା'ଟିଏ ହୁଏ । ମାତୃତ୍ୱ ଲାଭ ପରେ ପାରମିତା ଅନୁଭବ କରିଛି ଯେମିତି ଏକ ଅର୍ଥହୀନ ମୁହୂର୍ତ୍ତକୁ 'ଅମୃତ ପ୍ରତୀକ୍ଷାରେ ଗର୍ଭବତୀ ନାରୀ' ଗଳ୍ପରେ ଚାରିବର୍ଷର ସେ ଅପେକ୍ଷା କରିଛି । ବନ୍ଧ୍ୟାତ୍ୱ ପରେ ପାରମିତା ପ୍ରଥମ ଥର ଗର୍ଭବତୀ ହୋଇଛି । ତେଣୁ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଦେଢ଼ମାସ ପୂର୍ବରୁ ତାକୁ ଆଡ଼ମିସନ କରି ତା'ର ଡ଼େଲିଭରି ହୋଇଛି ନର୍ସିଂହୋମରେ । ହସ୍‌ପିଟାଲର ଗୋଟେ ବଖରା, ଧଳା ଚାଦର-ତକିଆ, ତିନିଟା ଲୋକ ତାକୁ ଘେରି ରହିବା ଭିତରେ ଅର୍ଣନିଶ୍ୱାସୀ ହୋଇପଡୁଥିବା ପାରମିତାର ମାନସିକ ସ୍ଥିତିକୁ ସୁନ୍ଦର ଭାବେ ପ୍ରକାଶ କରିଛନ୍ତି ଲେଖିକା । ଗାଳ୍ପିକାଙ୍କ ଭାଷାରେ, "ଏଇ ଆଠଦିନ ଭିତରେ ପାରମିତା ଗୋଟେ ଅଲଗା ଉପଲବ୍ଧିର ଜଗତ ଦେଖିଥିଲା । ତା'ର ମନେ ହୋଇଥିଲା ପ୍ରାପ୍ତିଟି କେତେ ତୁଚ୍ଛାତିତୁଚ୍ଛ । ଏ ସାମାନ୍ୟ ପ୍ରାପ୍ତି ପାଇଁ ତା'ର ଏଇ ସଂଗ୍ରାମ ? ଅନ୍ତତଃ ଚାରିବର୍ଷ ଧରି ହେବା ନ ହେବାର ଆଶା ଓ ଆଶଙ୍କା ଭିତରେ, ପ୍ରତି ମେନ୍ସର ଚବିଶ ଘଣ୍ଟା ସୁଦ୍ଧା କଟକକୁ ଡ଼ାକରା ଭିତରେ । ଏଣ୍ଡୋମେଟୋରିୟମ୍ ବାୟୋପ୍‌ସିର ନାଇଁ ନାଇଁର ରିପୋର୍ଟ ଭିତରେ, ହର୍‌ମୋନ ଆସେର ପର୍ସେଣ୍ଟେଜ୍ ଭିତରେ ଜୀଇଁ ଆସିଥିଲା ପାରମିତା । ଅଥଚ କି ତୁଚ୍ଛ ଏଇ ପ୍ରାପ୍ତି ? ମା'ହେଇ ସାରିଲା ପରେ ମନେ ହେଇଚି ପାରମିତାର ସେମିତି କିଛି ନୁହେଁ ମା'ହେବାଟା ।" ନାରୀର ମନସ୍ତତ୍ତ୍ୱରେ କେମିତି ପରିବର୍ତ୍ତନ ଆସୁଛି ତାହା ଏଠାରେ ସୁନ୍ଦର ଭାବରେ ବର୍ଣ୍ଣିତ । 'ଅମୃତ ପ୍ରତୀକ୍ଷାରେ' ଗର୍ଭବତୀ ଥିବା ପାରମିତା ପାଇଁ ମାଆ ହେବା ସେତେ ବଡ଼ କଥା ନୁହେଁ ବୋଲି ଅନୁଭବ କରୁଥିବାବେଳେ 'ତରଳି ଯାଉଥିବା ଦୁର୍ଗ' ଗଳ୍ପର ପାରମିତା ସାଇକୋଲଜିକାଲି ମଦର ହୋଇ ଯାଇଛି । ଡ଼ାକ୍ତରଙ୍କଠାରୁ ପ୍ରେଗ୍‌ନାନ୍‌ସି ଖବର ଶୁଣି ସେ ଖୁବ୍ ଖୁସି ହୋଇଛି । ସ୍ୱାମୀ ସୌମେନ୍ ଆଗ ଅପେକ୍ଷା ଅଧିକ ଯତ୍ନଶୀଳ ହୋଇଛନ୍ତି । ରିପୋର୍ଟ ନ ଆସିବା ପୂର୍ବରୁ ପାରମିତା ଖୁସି ହୋଇ ମା, ଶାଶୁ ଓ ସାଇପଡ଼ିଶା ସମସ୍ତଙ୍କୁ ଜଣେଇ ଥିବାରୁ ସମସ୍ତେ ତା' ପ୍ରତି ଆବଶ୍ୟକଠାରୁ ଅଧିକ ଯତ୍ନଶୀଳ ହୋଇଛନ୍ତି । ତେବେ ୟୁରିନ୍ ଟେଷ୍ଟରେ ଆସିଥିବା ନେଗେଟିଭ ରିପୋର୍ଟକୁ ସେ ବିଶ୍ୱାସ କରିପାରୁ ନଥିଲା । ଜଣେ ଗର୍ଭବତୀ ନାରୀ ଯାହା ଯାହା ଅନୁଭବ କରେ ପାରମିତା ଦୀର୍ଘ ଚାରିମାସ ଧରି ତାହା ଅନୁଭବ କରୁଥିଲା । ସବୁ ଟେଷ୍ଟ ସରିବା ପରେ ଡ଼ାକ୍ତର କହିଥିଲେ ତାଙ୍କର ଚାରିମାସ ଧରି ପିରିୟଡ଼ ବନ୍ଦ ହୋଇଯାଇଛି, ଆଉ କିଛି ନୁହେଁ । ଇଞ୍ଜେକ୍‌ସନ ନେବା ପରେ ବି ତା'ର ପିରିୟଡ଼ ହେଉ ନାହିଁ । ସାଇକୋଲଜିକାଲି ସେ ଏତେ ମାତ୍ରାରେ ଦୃଢ଼ ହୋଇଯାଇଥିଲା ଯେ ମେଡ଼ିକାଲ ସାଇନ୍‌ସ ହାର ମାନୁଥିଲା । ଏ ଖବର ଡାକ୍ତର ଓ ସୌମେନଙ୍କ ପାଇଁ ଖୁସିର ହୋଇ ଥାଇପାରେ, କିନ୍ତୁ ପାରମିତା ଛୁଆଟିର ଅସ୍ତିତ୍ୱକୁ ନିଜ ଭିତରେ ଅନୁଭବ କରିପାରିଥିଲା । ସାଇକୋଲଜିକାଲି ହେଉ ପଛେ ସେ ଗୋଟେ ମାଆ ହୋଇ ସାରିଥିଲା । ଗାଳ୍ପିକା ତା'ର ମାନସିକ ସ୍ଥିତିକୁ ସୁନ୍ଦର ଭାବେ ଦେଖାଇଛନ୍ତି । ସେହିପରି 'ନିଦୁଆ କବାଟରେ ଖଡ୍ ଖଡ୍ ଶବ୍ଦ' ଗଳ୍ପରେ ନାୟିକା ଶୁଭଦାର ମନର ଅକୁହା ବେଦନାକୁ ଲକ୍ଷ୍ୟ କରାଯାଏ । ଗୋଟେପଟେ ଶୁଭଙ୍କର ସହ ତା'ର ନଅବର୍ଷର ଭଲପାଇବା ଅନ୍ୟପଟେ ପୂର୍ଣ୍ଣେନ୍ଦୁ ଭାଇ ସହ ବର୍ଷେ ହେବ ଆରମ୍ଭ ହୋଇଥିବା ତା ସଂପର୍କ ଭିତରେ ତା'ମନର ଅସ୍ଥିରତାକୁ ଗାଳ୍ପିକା ଦେଖେଇବାରେ ସଫଳ ହୋଇ ପାରିଛନ୍ତି ।

ସରୋଜିନୀ ସାହୁ ଜଣେ ନାରୀ ହୋଇଥିବା ହେତୁ ନାରୀ ମନସ୍ତତ୍ତ୍ୱର ପ୍ରତ୍ୟେକଟି ଅନାଲୋଚିତ, ଅନାଲୋଚିତ ଦିଗପ୍ରତି ତାଙ୍କର ଦୃଷ୍ଟିପଥାରୂଢ଼ ହୋଇଛି । ନାରୀର ଶାରୀରିକ ପରିବର୍ତ୍ତନବେଳେ ତା'ର ଅନୁଭୂତି, ମାନସିକ ଅବସ୍ଥା, ମନରେ ଉଙ୍କି ମାରୁଥିବା ଦ୍ୱନ୍ଦ୍ୱକୁ ଗାଳ୍ପିକା ସୁନ୍ଦର ଭାବେ ପ୍ରକାଶ କରିଛନ୍ତି । ଋତୁମତୀ ହେବାଠାରୁ ଆରମ୍ଭ କରି ରଜୋନିବୃତ୍ତି ପର୍ଯ୍ୟନ୍ତ ନାରୀର ବିଭିନ୍ନ ଅବସ୍ଥା ଓ ଅନୁଭୂତିକୁ ରୂପ ଦେଇଛନ୍ତି । 'ଆଗ୍ନେୟଗିରି', 'ଅପରାହ୍ନ', 'ଦାମ୍ପତ୍ୟ', 'ଦୂର ପାହାଡ଼ର ଛବି' ଆଦି ଗଳ୍ପରେ । ଋତୁମତୀ ହେବା ପରେ ଝିଅଟିର ଶାରୀରିକ ଓ ମାନସିକତାରେ କିଭଳି ପରିବର୍ତ୍ତନ ଆସିଛି ତାହା 'ଦୂର ପାହାଡ଼ର ଛବି' ଓ 'ଆଗ୍ନେୟଗିରି' ଗଳ୍ପରେ ଦେଖିବାକୁ ମିଳେ ।

ଅତଏବ ସରୋଜିନୀ ସାହୁଙ୍କ ଗଳ୍ପରେ ନାରୀ ମନର ସୁଖ, ଦୁଃଖ, ଅବସୋସ, ଅତୃପ୍ତି, କାମନା ଓ ବାସନା ଆଦି ଚମତ୍କାର ଭାବେ ରୂପଲାଭ କରିଛି । ନାରୀ ପାରମ୍ପରିକ ରକ୍ଷଣଶୀଳତାରୁ ସଂପୂର୍ଣ୍ଣ ମୁକ୍ତ ହୋଇ ବାସ୍ତବତାର ସାମ୍ନା କରଛି ଓ ନିଜର ସ୍ଥିତି ସଂପର୍କରେ ସଚେତନ ହୋଇଛି । ସାମାଜିକ ଔଚିତ୍ୟ ଓ ବିଚାରଧାରାକୁ ଗୁରୁତ୍ୱ ନ ଦେଇ ତା'ର ଅନ୍ତର୍ମନରେ ସଂଘଟିତ ବିଭିନ୍ନ କ୍ରିୟା-ପ୍ରତିକ୍ରିୟାକୁ ପ୍ରାଧାନ୍ୟ ଦେଇଛି ।

**କହ୍ନେଇପୁଟ, କୋରାପୁଟ**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 06-April-2024 | 05-May-2024 | 20-May-2024 | 01-June-2024 |


# ଓଡିଆ କ୍ଷୁଦ୍ରଗଳ୍ପକୁ ଟେଲିଫିଲ୍ମର ଅବଦାନ "ଦୂରଦର୍ଶନ ପରିପ୍ରେକ୍ଷୀରେ ଅଧ୍ୟୟନ"

**ସୀମା ସ୍ୱାଇଁ**

ଟେଲିଭିଜନ୍‌ର ଆବିଷ୍କାର ପରେ ପରେ ନୂତନ ନୂତନ ପ୍ରସଙ୍ଗକୁ କିପରି ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଯାଇ ପାରିବ, ସେଥିପାଇଁ ପ୍ରସ୍ତୁତ କର୍ତ୍ତାମାନେ ହୋଇ ପଡିଥିଲେ ତତ୍ପର । ସମାଚାର, ସିନେମା, ଧାରାବାହିକ ଅଦି ବିଭିନ୍ନ ବିଷୟକୁ ଟେଲିଭିଜନ ମାଧ୍ୟମରେ କାରାଯାଉଥିଲା ପ୍ରସାରିତ । କ୍ଷୁଦ୍ରଗଳ୍ପ କ୍ଷେତ୍ରରେ ଦୂରଦର୍ଶନ ନେଇଥିଲା ଯେଉଁ ବୈପ୍ଲବିକ ପଦକ୍ଷପ ତାହା ଅନ୍ୟତ୍ର ଲକ୍ଷ୍ୟ କରିବା ବେଳେ ଅନ୍ୟ ବିଭାଗକୁ ମଧ୍ୟ ବିଚାର କରାଯାଇପାରେ । ଭାରତୀୟ ଟେଲିଫିଲ୍ମ କ୍ଷେତ୍ରରେ ଆମେ ପ୍ରଥମେ ଆମେ ହିନ୍ଦୀ ସାହିତ୍ୟର ଯୁଗସ୍ରଷ୍ଟା ଗାଳ୍ପିକ ମୁନିସୀ ପ୍ରେମଚନ୍ଦଙ୍କ 'ସଦଗତି' ଗଳ୍ପଟିକୁ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରିବ । ଯାହାର ନିର୍ଦ୍ଦେଶକ ଥିଲେ ସତ୍ୟଜିତ୍ ରାୟ । ଏହା ୧୯୮୧ ମସିହାରେ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା । ୧୯୫୯ ମସିହା ସେପ୍ଟେମ୍ବର ୧୫ ରେ ପ୍ରଥମେ ଦୂରଦର୍ଶନରେ ଆସିଥିଲେ ମଧ୍ୟ ଦୀର୍ଘ ୨୧ ରୁ ୨୨ ବର୍ଷ ଲାଗିଯାଇଥିଲା, ଟେଲିଫିଲ୍ମ ପରଦା ଉପରକୁ ଆସିବା ପାଇଁ । ପ୍ରଥମ ଓଡିଆ ଫିଲ୍ମ ହେଉଛି "ସୀତା ବିବାହ" ଏହା ୧୯୩୬ ମସିହାରେ ଦୂରଦର୍ଶନ ପରଦା ଉପରକୁ ଆସିଥିଲା । ଏହା ରାମାୟଣର କାହାଣୀକୁ ଆଧାର କରି ଲେଖାହୋଇଛି । ଏହାକୁ ରଚନା କରିଥିଲେ କାମପାଳ ମିଶ୍ର । ଯାହା ସୀତା ଓ ରାମଙ୍କର ବିବାହକୁ ଆଧାର କରି ରଚିତ ହୋଇଛି । ସେଥିପାଇଁ ମୋହନ ସୁନ୍ଦର ଦେବଙ୍କୁ ସିନେମାର ପିତା ବୋଲି କୁହାଯାଏ । କାରଣ ସୀତା ବିବାହର ନିର୍ଦ୍ଦେଶନା ଦେଇଥିଲେ ମୋହନ ସୁନ୍ଦର ଦେବ୍ । ପ୍ରଥମ ହିନ୍ଦୀ କଲର ଫିଲ୍ମ ହେଉଛି କିଶନ କହ୍ନେୟା (Kisan Kanya) ଏହା ୧୯୩୭ ମସିହାରେ ଅଭିନିତ ହୋଇଥିଲା । ଏହାର ନିର୍ଦ୍ଦେଶକ ଥିଲେ Moti Gidwani ପ୍ରଥମ ଓଡିଆ ମରାଠି ଫିଲ୍ମ (Ayodhyecha Raja) ଏହା ୧୯୩୨ ମସିହାରେ ରଚିତ । ପ୍ରଥମ ଓଡିଆ ବେଙ୍ଗଲି ଫିଲ୍ମ (Jamai Shashthi) ଏହା ୧୯୩୧ ମସିହାରେ ଅଭିନିତ ହୋଇଥିଲା । ପ୍ରଥମ ଓଡିଆ ତେଲୁଗ ଫିଲ୍ମ (Viswa Mohini) ଏହା ୧୯୪୦ ମସିହାରେ ଅଭିନିତ ହୋଇଥିଲା । ଯଦି ଆମେ ଦେଖିବା ପ୍ରଥମ ଓଡିଆ କଲର ଫିଲ୍ମ ହେଉଛି ଗପ ହେଲେ ବି ସତ (ଏକ ସତ୍ୟ ଘଟଣା) ଉପରେ ଅଧାରିତ । ଏହା ୧୬ ଜୁଲାଇ ୧୯୭୬ ମସିହାରେ ଅଭିନିତ ହୋଇଥିଲା । ଦୂରଦର୍ଶନ ଆସିବାର ପ୍ରାୟତଃ ୪୦ ବର୍ଷ ପରେ ରଙ୍ଗୀନ ଚଳଚିତ୍ର ଟି.ଭି. (ଦୂରଦର୍ଶନ) ପରଦା ସମ୍ମୁଖକୁ ଆସିଥିଲା ।

ମାନବ ସଭ୍ୟତା ବିଜ୍ଞାନକୁ ଆଧାର କରି ଗତିଶୀଳ ହେଲାବେଳେ ଯେତିକ ସମୟକୁ ସେ ନିଜେ ବଞ୍ଚାଉଛି । ସମପରିମାଣରେ ସମୟର ଅଭାବ ମଧ୍ୟ ଅନୁଭବ କରୁଛି । ମନୋରଞ୍ଜନର ମାଧ୍ୟମ ଟିକିଏ ଖୋଜିବା ବେଳେ ସେ ନିଜ ଦ୍ୱାରା ପ୍ରସ୍ତୁତ ହୋଇଥିବା ଆଧୁନିକ ଗଣମାଧ୍ୟମକୁ ସର୍ବପ୍ରଥମେ ଗ୍ରହଣ କରି ନେଉଛି । ଅର୍ଥାତ କୌଣସି ପୁସ୍ତକ ପଢିବା କିମ୍ବା ନିଜେ କୌଣସି ମନୋରଞ୍ଜନାତ୍ମକ ନାଚଗୀତରେ ନିଜକୁ ସଂଶ୍ଳିଷ୍ଟ କରିବା ମଧ୍ୟରେ ସେ ଏକ ପ୍ରକାର ସଂକୁଚିତ ମନୋଭାବ ପୋଷଣ କରୁଛି । ସେ ଚାହୁଁଛି ଗୋଟିଏ ସ୍ଥାନରେ ନିଜେ ବସି ରହି ଏସବୁ ବିଳାସମୟ ବିଭାଗକୁ ସ୍ପର୍ଶ କରିପାରିବ ।

ଯେବେଠାରୁ ବୈଦ୍ୟୁତିକ ଗଣମାଧ୍ୟମ ଆମ ମଣିଷ ସମାଜକୁ ଅକ୍ତିଆର କରି ନେଇଛି, ସେବେଠାରୁ ସେ ନିଜର ଶାରୀକ ଚଞ୍ଚଳତାକୁ ଗୋଟିଏ ସ୍ଥାନରେ ହିଁ ଆବଦ୍ଧ କରି ରଖିଛି, ଆମେ ଯଦି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ଗୁଡିକୁ ଦେଖିବା, ତାହାକୁ କିପରି କଳାତ୍ମକ ଭାବେ, ଭାବ ଅକ୍ଷୁର୍ଣ୍ଣ ରଖି ପରିବେଷଣ କରାଯାଇପାରିବ, ସେଥିପ୍ରତି ଆଧୁନିକ ଚିନ୍ତାଶୀଳ ସୃଜନ ମଣିଷ

ତତ୍ପର ହୋଇ ଉଠିଛି । ଏହା ମଧ୍ୟରେ ଦୂରଦର୍ଶନ ନେଇଛି ସ୍ୱତନ୍ତ୍ର ଭୂମିକା । ସାହିତ୍ୟର ଗଳ୍ପ, ଉପନ୍ୟାସ, ନାଟକ ଆଦିକୁ କିପରି କର୍ମଚଞ୍ଚଳ ବ୍ୟକ୍ତିବିଶେଷମାନେ ବିନା ପରିଶ୍ରମରେ ଅନୁଭବ କରି ପାରିବେ ଏବଂ ଅବଶ୍ୟକତା ଠାରୁ ଅଧିକ ଭାବରେ ସେହି କଳାତ୍ମକ ଉପସ୍ଥାପନାକୁ ଗ୍ରହଣ କରିନିଏ । ଏ କ୍ଷେତ୍ରରେ ଦୂରଦର୍ଶନର ପ୍ରତ୍ୟେକ ବ୍ୟକ୍ତିବିଶେଷ ତଥା କର୍ମଚାରୀଙ୍କ ନିଜ ଜାତୀୟତା ପ୍ରୀତି ତଥା ନିଜ ଭାଷା ପ୍ରତି ଯେଉଁ ଦାୟିତ୍ୱବୋଧ ରହିଛି ତାହା ଲକ୍ଷ୍ୟ କରିପାରିବ ।

ଓଡ଼ିଆ ସାହିତ୍ୟର କେତେ ଗୁଡ଼ିଏ କାଳଜୟୀ ଗଳ୍ପକୁ ଆଧାର କରି ଦୂରଦର୍ଶନ ପ୍ରସାର କରିଛି କ୍ଷୁଦ୍ର ଚଳଚିତ୍ର (ଟେଲିଫିଲ୍ମ), ସେଥିମଧ୍ୟରୁ କେତୋଟି କ୍ଷୁଦ୍ର ଚଳଚିତ୍ରକୁ ଏହି ପ୍ରସଙ୍ଗରେ ଆଲୋଚନା କରିବା ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପର ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତିଙ୍କ ରେବତୀ ଗଳ୍ପଟି ପ୍ରାୟ ଦଶରୁ ବାର ବର୍ଷ ତଳେ ତରଙ୍ଗ ଚ୍ୟାନେଲ୍‌ରେ ପ୍ରସାରିତ ହୋଇ ଲୋକପ୍ରିୟତା ଲାଭ କରିଥିଲା । ଏଇ ମାଟିର କଥା ଧାରା ବାହିକ ମାଧ୍ୟମରେ ନିଜ ଜାତିର ବଳିଷ୍ଠ ପରମ୍ପରାକୁ କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ ପ୍ରସାରିତ କରିବା କ୍ଷେତ୍ରରେ ଏହି ଚ୍ୟାନେଲ୍‌ଟି ପାଇଥିଲା ବିପୁଳ ସମର୍ଥନ । ଏହି କ୍ଷୁଦ୍ର ଚଳଚିତ୍ର (ଟେଲିଫିଲ୍ମ)ରେ ବ୍ୟାସକବିଙ୍କ ରଚିତ ପ୍ରଥମ ଗଳ୍ପ, ଏହାର ନିର୍ଦ୍ଦେଶନା ଭାର ନେଇଥିଲେ ଗୌରୀଶଙ୍କର ଦାସ, ପ୍ରଯୋଜନା- କେଶବ ରାଉତ, ସଂପାଦନା- ସୌଭାଗ୍ୟ ଦାଶ, କଣ୍ଠଶିଳ୍ପୀ- ରତିକାନ୍ତ ଶତପଥୀ, ଚିତ୍ରୋତ୍ତୋଳନ - ଦୀପଙ୍କର (ନାଲୁ), ଶୀର୍ଷକ ସଙ୍ଗୀତ- ବିକାଶ ଦାସ, ଚିତ୍ରନାଟ୍ୟ ଓ ସଂଳାପ - ବିଜୟ ମିଶ୍ର, ସଂପାଦନା- ସୌଭାଗ୍ୟ ଦାଶ । ଟେଲିଫିଲ୍ମରେ ଅଭିନିତ ହେଲା ବେଳେ ଗଳ୍ପ ପଠନ ଠାରୁ ଯେଉଁ ନୂତନତା ପାଇଥାଉ, ତାହା ହେଲା ଘରପୋଡ଼ିର ଦୃଶ୍ୟ ଯାହାକି ଟେଲିଫିଲ୍ମରେ ନିର୍ଦ୍ଦେଶକ ନୂତନ ସଂଯୋଜନା କରିଛନ୍ତି । ଆଈ ନାତୁଣୀ କଥାରେ ପ୍ରଥମରୁ ଆମେ ସଂପର୍କର ଗଭୀରତା ଇଙ୍ଗିତ ମାଧ୍ୟମରେ ଯାଇ ଥାଉ, ଯାହାକି ଗଳ୍ପଟି ପାଠ କରିବା ବେଳେ ସାମାନ୍ୟ ଖାପଛଡ଼ା ଲାଗେ । ଗଳ୍ପଟି ମୂଳ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ଅକ୍ଷତ ରଖି ଟେଲିଫିଲ୍ମରେ ହୋଇଛି ରୂପାନ୍ତରିତ, ଠିକ୍ ସେହିପରି ବ୍ୟାସକବିଙ୍କ ରାଣ୍ଡିପୁଅ ଅନନ୍ତା ଗଳ୍ପ ଆମେ ଟେଲିଫିଲ୍ମରେ ଦେଖିଥାଉ ସେତେବେଳେ ପିଣ୍ଟୁ ନନ୍ଦର ଯେଉଁ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବ ତା' ମଧ୍ୟରେ । ସେପଟରେ ବର୍ଷା ହୋଇ ଘାଇ ଭାଙ୍ଗି ଯାଉଥିବା ସମୟରେ ଏପଟରେ କାହା ବାଡିରୁ କାକୁଡି ମକା ଚୋରୀ କରି ଖାଇବାରେ ଅନନ୍ତା ବେସ୍ତ । କିନ୍ତୁ ସେହି ହୁଣ୍ଡା ଅନନ୍ତା ପାଇଁ ପୁରା ଗାଁ ବଞ୍ଚିଯାଇଛି । କିନ୍ତୁ ଅନନ୍ତା ସବୁଦିନ ପାଇଁ ସେଠାରେ ସମାଧି ନେଇ ଯାଇଛି । ଏହାର ନିର୍ଦ୍ଦେଶନା ଭାର ସବ୍ୟସାଚୀ ମହାପାତ୍ର ନେଇଛନ୍ତି । ଏହା ସହିତ ଏଠାରେ ଚିତ୍ରନାଟ୍ୟ ଭାର ମଧ୍ୟ ସେ ବହନ କରିଛନ୍ତି । ସଂଳାପ ଚିତ୍ର - ଡ଼ ରଜନୀ ରଂଜନ, ଚିତ୍ର ଗ୍ରହଣ- ଶୁଭ୍ରାଂଶୁ ଦାସ, ସଂପାଦନା- ରାଜେନ୍ଦ୍ର ମହାପାତ୍ର, ସଙ୍ଗୀତ- ଶ୍ରେଳଗଙ୍ଗ ଦେବ । ବ୍ୟାସକବିଙ୍କ ଅନ୍ୟ ଏକ ପାରିବାରିକ ଗଳ୍ପ 'ଡାକମୁନସୀ' କୁ ଆମେ ଯେତେବେଳେ ଦେଖିବା, ଏହାର ଚିତ୍ରନଟ୍ୟ ଓ ସଂଳାପ - ଡକ୍ଟର ସୁବୋଧ ପଟ୍ଟନାୟକ , ଶୀର୍ଷକ ସଂଗୀତ- ବିକାଶ ଦାସ, ରତିକାନ୍ତ ଶତପଥୀ, କଣ୍ଠଶିଳ୍ପୀ- ରତିକାନ୍ତ ଶତପଥୀ, ସଂପାଦନା- ସୌଭାଗ୍ୟ ଦାଶ (ପପୁ) ସହ-ପ୍ରଯୋଜନା- ରଶ୍ମିରଞ୍ଜନ ରାଉତ, ପ୍ରଯୋଜନା - କେଶକ ରାଉତ, ନିର୍ଦ୍ଦେଶନା- ଗୌରୀଶଙ୍କର ଦାସ, ଏହି ଗଳ୍ପଟିକୁ ଆମେ କ୍ଷୁଦ୍ର ଚଳଚିତ୍ର (ଟେଲିଫିଲ୍ମ) ରେ ପ୍ରସାରିତ ହେବାରେ ଦେଖୁଛୁ । ସତରେ ବାପାଟିଏ କେତେ ତ୍ୟାଗ କରିଥାଏ ତା'ର ପିଲାକୁ ଭଲ ମଣିଷଟିଏ କରିବା ପାଇଁ । ହରି ସିଂ କେତେ ତ୍ୟାଗ କରିଛି ତା'ର ପିଲା ପାଇଁ ତା'ର ଜୀବନ୍ତ ଚିତ୍ର ଆମ ଆଖି ସାମ୍ନାରେ ଆସୁଛି । ଦିନସାରା କାମ କରିଥାଏ । କିନ୍ତୁ ରାତିରେ ପାଣି ଗିଲାସେ ପିଇକି ଶୋଇପଡେ ଏ ଦୃଶ୍ୟ ଦେଖିଲେ ଆଖିରେ ଲୁହ ଆସିଯାଏ । ସମାଜରେ ଯାହା ଘଟୁଛି ତା'ର ବାସ୍ତବ ଚିତ୍ରକୁ ଆମେ ଦେଖିଥାଉ ଟେଲିଫିଲ୍ମ ମାଧ୍ୟମରେ । ଯେତେବେଳେ ଗୋପାଳ ଚରିତ୍ରଟିଏ ଆଗରେ ଯାଉଛି ତା'ର ବାପା ହରି ସିଂ ଜିନିଷ ବୋହି ନେଉଛି, ସେ ଦୃଶ୍ୟ ଦେଖିଲେ ଦର୍ଶକ ଆଖିରେ ଲୁହକୁ ଅଟକାଇ ପାରିବ ନାହିଁ ।

ଗାଳ୍ପିକ ଗୋଦାବରୀଶ ମିଶ୍ରଙ୍କ ଗଳ୍ପ "ପାଣୁ ମିଶ୍ରେ", ଯାହା ଦୂରଦର୍ଶନରେ ପ୍ରସାରିତ କ୍ଷୁଦ୍ର ଚଳଚ୍ଚିତ୍ର ଅଟେ । ଆମେ ଦେଖୁଛେ ମା' ଯଦି ପିଲାଟିର ନଥାଏ, ତାହାଲେ ବିନା ଦୋଷରେ ବାପା ମଧ୍ୟ କଷ୍ଟ ଦେଇଥାଏ । ଦାମକୁ ଯେତେବେଳେ ତା'ର ବାପା ଛାଟରେ ପିଟୁଛି ତାହାକୁ ଦେଖିଲେ ଦର୍ଶକ ଆଖିରେ ଲୁହ ରହିବ ନାହିଁ । କିନ୍ତୁ ଅଜଣା ପିଲାଟି ଉପରେ ଆଖି ବୁଜିକି ବିଶ୍ୱାସ କରିବା, ଏହି କଥା ମଧ୍ୟ ଆମେ ଦେଖିବା ପାଇଁ ପାଇବା । ଏଥିସହିତ କଳାକାର ମାନଙ୍କର ଜୀବନ୍ତ ଅଭିନୟ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବ ।

ଗାଳ୍ପିକ ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପ 'ନୀଳ ମାଷ୍ଟରାଣୀ'କୁ କ୍ଷୁଦ୍ର ଚଳଚ୍ଚିତ୍ର ଭାବରେ ସଜେଇ ଏହାର ଚିତ୍ର ଉତ୍ତୋଳନ - ରଞ୍ଜନ ମିଶ୍ର, ଚିତ୍ରନାଟ୍ୟ, ସଂଳାପ, ସଂପାଦନା ଓ ନିର୍ଦ୍ଦେଶନା - ସାଧୁ ମେହେର । ଏଥିରେ ଅଭିନୟ କରିଛନ୍ତି -

ଭାସ୍ୱତୀ ବସୁ, ରାମଦୁରାଇ, ଭୂପତି, ପ୍ରୀତିରାଜ ଆଦି । ଯେତେବେଳେ ଟେଲିଫିଲ୍ମ ମାଧ୍ୟମରେ ଆମେ ଦେଖୁଛେ, ଗାଁର ପାରମ୍ପରିକ ଦୃଶ୍ୟ ଆମ ସମ୍ମୁଖରେ ଆସି ଯାଉଛି । ଗାଁର ପ୍ରାକୃତିକ ଦୃଶ୍ୟ, କଳାକାର ମାନଙ୍କର ଜୀବନ୍ତ ଅଭିନୟ ଏଥି ସହିତ ପାର୍ଶ୍ୱ ସଙ୍ଗୀତରେ ଯେଉଁ ଗୀତ ପ୍ରଦର୍ଶିତ ହେଉଛି  ତାହାକୁ ଦେଖିଲେ ହୃଦୟ କୋହରେ ଭାଙ୍ଗି ପଡୁଛି  । ନୀଳଘର ଛାଡି ସିନା ଚାଲିଯାଉଛି । କିନ୍ତୁ ତାର ଜୀବନରେ ଶେଷ ପର୍ଯ୍ୟନ୍ତ ଦୁଃଖକଷ୍ଟ ସରୁନି ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗଳ୍ପ 'ବୁଢାଶଙ୍ଖାରୀ'କୁ ଯେତେବେଳେ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଦେଖୁ ସେତେବେଳେ ଶଙ୍ଖାରୀ ବୁଢାର ଜୀବନ୍ତ ଅଭିନୟ ଆମର ମନ କିଛି ନେଉଛି । ସତେ ଯେମିତି ସେହି କାହାଣୀ ଭିତରେ ସବୁ ଚରିତ୍ର ଜୀବନ୍ତ ହୋଇଯାଉଛି । ଏହାର ନିର୍ଦ୍ଦେଶନା ଭାର ଗ୍ରହଣ କରିଛନ୍ତି – ରାଜ କିଶୋର ସାହୁ, ଚିତ୍ରନାଟ୍ୟ ଓ ସଂଳାପ – ବିଜୟ ମିଶ୍ର, ଶବ୍ଦ – ଉଦୟ ଶଙ୍କର ଦାଶ, ନିର୍ଦ୍ଦେଶନା ଓ ସଂପାଦନା – ତାପସ ବୋଷ, କଣ୍ଠ–ସ୍ୱରୂପ ନାୟକ, ଟି.ସୌରୀ , ଚିତ୍ର – ଏ.ଟି ଭେଲୁମଣି । ଏଥିରେ ଶଙ୍ଖାରୀ ବୁଢାର ଝିଅ, ତାର ମୃତ୍ୟୁ ହୋଇଥିଲା ଏହି ଅସମାନ ତାରା ଶଙ୍ଖା ପାଇଁ । ଯେତେବେଳେ ଶଙ୍ଖାରୀ ବୁଢା ଶଙ୍ଖା ପିନ୍ଧାଉଛି ସେ ସମୟର ଦୃଶ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବ । ଏଥି ସହିତ ଶଙ୍ଖାରୀ ବୁଢାର ଦେହ ଖରାପ ହେବା ସତ୍ତ୍ୱେ ରଜ ପୂର୍ବରୁ ଆସମାନ ତାରା ଶଙ୍ଖା ଗଢିଛି ଅତି କଷ୍ଟରେ ତାହାକୁ ନେଇକି ଯାଇଛି, କିନ୍ତୁ ସେତେବେଳେ ଯେଉଁ ଦୃଶ୍ୟ ଦେଖିଛି ତାହାକୁ ଆଉ ଶବ୍ଦରେ ବର୍ଣ୍ଣନା କରି ହେବ ନାହିଁ । ସେଠାରେ ଶଙ୍ଖାକୁ ଫୋପାଡି ଦେଇ, ବୁଢା ଭୋ ଭୋ ହୋଇ କାନ୍ଦି ଉଠିଛି । ଏଠାରେ କ୍ଷୁଦ୍ର ଚଳଚ୍ଚିତ୍ର (ଟେଲିଫିଲ୍ମ)ଟି ସରିଯାଉଛି ।

ଗାଳ୍ପିକ ରାଜକିଶୋର ପଟ୍ଟନାୟକଙ୍କ 'ଘାସ ଗଳ୍ପ' । ଯାହା ଭୁବନେଶ୍ୱର ଦୂରଦର୍ଶନ ପ୍ରସ୍ତୁତି ମାଧ୍ୟମରେ କ୍ଷୁଦ୍ର ଚଳଚ୍ଚିତ୍ର (ଟେଲିଫିଲ୍ମ) । ଏହାର ନିର୍ଦ୍ଦେଶନାର ଦାୟିତ୍ୱ ନେଇଥିଲେ ବିଜୟ କୁମାର କର, ସଙ୍ଗୀତ – ମନ୍ମଥ ମିଶ୍ର, ଚିତ୍ରନାଟ୍ୟ ଓ ସଂଳାପ– ଡକ୍ଟର ସୁବୋଧ କୁମାର ପଟ୍ଟନାୟକ, ଗ୍ରାଫିକ୍ସ – ଦୀପିକା ମିଶ୍ର, ସହ ନିର୍ଦ୍ଦେଶନା– ଶକ୍ତି ଶଙ୍କର ବରାଳ, ପ୍ରଯୋଜନା ସହକାରୀ – ସୁଧାଂଶୁ ଶେଖର ପାଢ଼ୀ । ଗାଁର ପ୍ରାକୃତିକ ଦୃଶ୍ୟକୁ ଟେଲିଫିଲ୍ମ ମାଧ୍ୟମରେ ସୁନ୍ଦର ଭାବରେ ଦେଖାଇଛନ୍ତି । ଏଥି ସହିତ ଶିଶୁ କଳାକାର (ପ୍ରିତମ୍ ପଣ୍ଡା) ଯିଏ ଲିଙ୍ଗା ଭୂମିକାରେ ଅଭିନୟ କରିଥିଲା । ତା'ର ଜୀବନ୍ତ ଅଭିନୟ ଦର୍ଶକ ମାନଙ୍କ ମନକୁ ଛୁଇଁ ଯାଉଥିଲା ।

ଗାଳ୍ପିକ ମନୋଜ ଦାସଙ୍କ ଲକ୍ଷ୍ମୀ ଅଭିସାର ଗଳ୍ପଟି ଯେଉଁ ଆଭିମୁଖ୍ୟରେ ହୋଇଥିଲା ରଚିତ । ତାହା ନାଟକର ଉପସ୍ଥାପନା ବେଳେ ଅଧିକ ମାଟି ମନସ୍କ ତଥା ସମାଜ କେନ୍ଦ୍ରିକ ହୋଇ ଉଠିଛି । ଏଥିରେ ଲକ୍ଷ୍ମୀ ଚରିତ୍ରଟି ଉପସ୍ଥାପନା କରିବା ସମୟରେ ତାର ବାଲ୍ୟ ଅବସ୍ଥାର ପରିବେଶ ମଧ୍ୟରେ ଯେଉଁ ସଂଳାପ ଉଚ୍ଚାରଣ କରାଯାଇଛି ତାହା ଗଳ୍ପ ଠାରୁ ଅଧିକ ଜୀବନ୍ତ ଲାଗିଛି । ଏଥିରେ ଗ୍ରାମ୍ୟ ପରିବେଶ, ପିତାମାତାଙ୍କର ଅସହାୟତା, ଗ୍ରାମ୍ୟରେ ଜୀବନ ଜୀଉଁଥିବା ମଣିଷଙ୍କ ଦାରିଦ୍ରତା ଅଧିକ ବାସ୍ତବ ରୂପରେ ଚିତ୍ରିତ ହୋଇଛି । ପୁନଶ୍ଚ ନୂତନତା ଏହି ଗଳ୍ପରେ ନାଟ୍ୟ ରୂପରେ ନିର୍ଦ୍ଦେଶକ ଯୋଡ଼ିଛନ୍ତି । ଯେମିତି ମୂଳ ଗଳ୍ପରେ କେବଳ ଠାକୁରଙ୍କ ନାମ ଉଲ୍ଲେଖ ରହିଥିବା ବେଳେ ଏଠାରେ ଜଗନ୍ନାଥଙ୍କ ପ୍ରତିମା ନିକଟରେ ଲକ୍ଷ୍ମୀ ଜଣାଉଛି ନିଜର ମନକଥା । ଏହିପରି ନୂତନ ଦୃଶ୍ୟ ସଂଯୋଜନା ମାଧ୍ୟମରେ ନିର୍ଦ୍ଦେଶକ ମୂଳ ଗଳ୍ପଟିକୁ ଅଧିକ ଜୀବନ୍ତ କରି ପରିବେଷଣ କରି ଦେଇଛନ୍ତି ଦର୍ଶକଙ୍କ ସାମ୍ନାରେ ସେହିପରି ଭାବରେ ତାଙ୍କର ଅନ୍ୟ ଗଳ୍ପ 'ଶେଷ ବସନ୍ତର ଚିଠି'ରେ ବି ଆମେ ଗୋଟିଏ ବାସ୍ତବ ଦୃଶ୍ୟକୁ ଦେଖୁ । ଏହି ମନସ୍ତାତ୍ତ୍ୱିକ ଗଳ୍ପଟିକୁ ନିର୍ଦ୍ଦେଶକ ଅଭିନୟରେ ଯୋଡୁଛନ୍ତି ନୂତନ ଫର୍ଦ୍ଦ । ଗଳ୍ପଟିରେ ଗାଳ୍ପିକ ଯେଉଁ ମନସ୍ତତ୍ତ୍ୱର ଉପସ୍ଥାପନା କରିଛନ୍ତି ନିର୍ଦ୍ଦେଶକ ତାହାକୁ ଏଠାରେ ଚରିତ୍ରର ଇଙ୍ଗିତ ତଥା ମୌନତା ଭିତରେ ଦେଖାଇ ଦେଇଛନ୍ତି । ପୁନଶ୍ଚ ଚରିତ୍ରଟି ଯେଉଁ କଥା ଭାବୁଛି ତାହା ବିନା ଉଚ୍ଚାରଣରେ ପ୍ରତିଧ୍ୱନିତ ହେଉଛି ଦୃଶ୍ୟଟି ଅଭିନିତ ହେଲାବେଳେ  ।

ଗାଳ୍ପିକା ପ୍ରତିଭା ରାୟଙ୍କ ଗଳ୍ପ 'ମୟୁଖ' ଯାହା ଦୂରଦର୍ଶନରେ ଅଭିନୟ ହୋଇ ଅନେକ ଲୋକପ୍ରିୟତା ଲାଭ କରିଛି । ଏହାର ପ୍ରଯୋଜନା ଓ ନିର୍ଦ୍ଦେଶନାର ଦାୟିତ୍ୱ ନେଇଥିଲେ ଗୌରୀଶଙ୍କର ଦାସ, ସଙ୍ଗୀତ – ସୁମନ୍ତ ମହାନ୍ତି, ଚିତ୍ର ଉତ୍ତୋଳନ – ପି. ସତ୍ୟ, ଚିତ୍ରନାଟ୍ୟ ଓ ସଂଳାପ – ଭରଦ୍ୱାଜ ପଣ୍ଡା । ପ୍ରଥମରୁ ଗୋଟିଏ ପୂର୍ଣ୍ଣ ପରିବାରର ଦୃଶ୍ୟ କିନ୍ତୁ ଶେଷ ମୁହୂର୍ତ୍ତରେ ଯେଉଁ ମାନସିକ ପରିବର୍ତ୍ତନ ଦେଖାଯାଇଛି ଯାହା ଫଳରେ ପରିବାରଟି ସଂପୂର୍ଣ୍ଣ ରୂପରେ ବିଚ୍ଛିନ୍ନ ହୋଇଯାଇଛି । ସେହି ଦୃଶ୍ୟକୁ ଦେଖିଲେ ଦର୍ଶକ ଆତ୍ମହରା ହୋଇଯିବ । ଦର୍ଶକଙ୍କ ଆଖି ସମ୍ପୂର୍ଣ୍ଣ ଓଦା ହୋଇଯିବ ।

ଦୂରଦର୍ଶନରେ ପ୍ରସାରିତ ଯେଉଁସବୁ କ୍ଷୁଦ୍ର ଚଳଚ୍ଚିତ୍ର ଆମେ ଆଲୋଚନା କରିଲୁ, ସେଥିରେ ପ୍ରଥମତଃ ଆମେ ଦେଖିପାରୁ ସାମାଜିକ ବାସ୍ତବତା ଅର୍ଥାତ୍ ଟେଲିଫିଲ୍ମଟି କଦାପି ଅଲୌକିକ ଜଗତରେ ସମ୍ଭବ ହୁଏ ନାହିଁ  । ଯେମିତିକି ଅସମ୍ଭବ ଭାବେ ଲୋକ

କାହାଣୀରେ ଆମେ ରୂପକଥା । ରୂପକ କଥା ଆଦିକୁ ଦେଖୁ ତାହାକୁ କ୍ଷୁଦ୍ର ଚଳଚ୍ଚିତ୍ର କୁହାଯାଇ ପାରିବ ନାହିଁ । ସମାଜରେ ଯାହା ଘଟିଯାଏ ତାହା ଲେଖକର ଅନ୍ତଃଆତ୍ମାକୁ ଆନ୍ଦୋଳିତ କରିଦିଏ । ଏ ଦୃଷ୍ଟିରୁ ଆଲୋଚ୍ୟ କ୍ଷୁଦ୍ରଗଳ୍ପ ସବୁ କିପରି ସମାଜକୁ କେନ୍ଦ୍ରକରି ହୋଇଛି ଗତିଶୀଳ । ତାହା ସମ୍ପୂର୍ଣ୍ଣ ସ୍ପଷ୍ଟ ।

ଏହି ପ୍ରବନ୍ଧରେ ଯେତିକି ଶୀର୍ଷ ସ୍ଥାନୀୟ ଗଳ୍ପକୁ କ୍ଷୁଦ୍ର ଚଳଚିତ୍ରରେ ରୂପାୟିତ କରାଯାଇଛି । ତାହା ବ୍ୟତୀତ ଆହୁରି ଅନେକ ଦୃଷ୍ଟାନ୍ତ ନଜରକୁ ଆସେ । ନିର୍ଦ୍ଦେଶକ ତଥା ଦୂରଦର୍ଶନର ପ୍ରସ୍ତୁତିକର୍ତ୍ତା ଯେତେବେଳେ ଏହି କ୍ଷୁଦ୍ର ଚଳଚ୍ଚିତ୍ର (ଟେଲିଫିଲ୍ମ) ପ୍ରସ୍ତୁତ କରିବାକୁ ନିଷ୍ପତି ନିଅନ୍ତି, ପ୍ରଥମେ ଧ୍ୟାନ ଦିଅନ୍ତି ଗଳ୍ପଟିର ଆବେଦନକୁ । ଯେଉଁ ଗଳ୍ପ କାଳକୁ ଉତ୍ତୀର୍ଣ୍ଣ କରି ପ୍ରତିଟି ସମୟରେ ପାଠକ ଅବା ଦର୍ଶକଙ୍କୁ ଆକ୍ରାନ୍ତ କରି ରଖେ । ତାହାକୁ ହିଁ ପ୍ରଥମେ ଧ୍ୟାନ ଦିଆଯାଏ । ଆମର ଆଲୋଚ୍ୟ କ୍ଷୁଦ୍ର ଚଳଚ୍ଚିତ୍ର ବ୍ୟତୀତ ଆମେ ଦେଖିପାରିବା ଫକୀର ମୋହନଙ୍କ 'ଗାରୁଡ଼ି ମନ୍ତ୍ର', 'ସଭ୍ୟ ଜମିଦାର' ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', ସୁରେନ୍ଦ୍ର ମହାନ୍ତିଙ୍କ 'ନିସଙ୍ଗ ଆକାଶ', ଅଖିଳ ମୋହନ ପଟ୍ଟନାୟକଙ୍କ 'ଡିମିରିଫୁଲ' ପ୍ରାଣବନ୍ଧୁ କରଙ୍କର 'ସୁଅ ମୁହଁରେ ପତର', ପ୍ରତିଭା ରାୟଙ୍କର 'ପାଦୁକା ପୂଜା', ରାମଚନ୍ଦ୍ର ବେହେରାଙ୍କ 'ଗୋପପୁର' ଆଦି ନୂତନ ଭାବରେ ପରିବେଷଣ ହୋଇଥିବା ଲକ୍ଷ୍ୟ କରିଥାଉ । କ୍ଷୁଦ୍ର ଚଳଚ୍ଚିତ୍ର (ଟେଲିଫିଲ୍ମ) ସମାଜକୁ ବହୁମାତ୍ରାରେ ପ୍ରଭାବିତ କରିବାର ଦକ୍ଷତା ରଖେ । ଯଦି କେବଳ କ୍ଷୁଦ୍ରଗଳ୍ପକୁ ଆମେ ପାଠକରି ଯେଉଁ ଆବେଗକୁ ଛୁଇଁପାରୁ ତାହା ସମ୍ଭବ ହୋଇପାରେ କ୍ଷୁଦ୍ର ଚଳଚିତ୍ର ମାଧ୍ୟମରେ । ଅତୀତରେ ପରିବେଷଣ ହୋଇଥିବା କ୍ଷୁଦ୍ରଗଳ୍ପ ବ୍ୟତୀତ ନୂତନ ସମାଜକୁ ପ୍ରଭାବିତ କରିବା ପରି ରଚନା ମଧ୍ୟ କ୍ଷୁଦ୍ର ଚଳଚ୍ଚିତ୍ର (ଟେଲିଫିଲ୍ମ) ଭାବରେ ପ୍ରସ୍ତୁତ ହେଉଛି । ଦୂରଦର୍ଶନର ଏହି ପ୍ରୟାସ ଓଡ଼ିଆ ସାହିତ୍ୟ ପାଇଁ ତଥା ଓଡିଆ କ୍ଷୁଦ୍ର ଗଳ୍ପ ପାଇଁ ଏକ ଶେଷ୍ଠ ଭୂମିକା ନିର୍ବାହ କରୁଛି । ଏହା ନିଃସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧. ସାମଲ ପ୍ରଫେସର ବୈଷ୍ଣବ ଚରଣ, ଓଡିଆ କ୍ଷୁଦ୍ରଗଳ୍ପ ଇତିବୃତ୍ତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

୨. ସେନାପତି ଫକୀର ମୋହନ, ରେବତୀ, (ୟୁଟ୍ୟୁବ୍-୧ ସେପ୍ଟେମ୍ବର ୨୦୧୭) ।

୩. ସେନାପତି ଫକୀର ମୋହନ, ଡାକ ମୁନିସ୍, ଶ୍ରୀ ପିକ୍‌ଚର୍ସ, ତରଙ୍ଗ ଟିଭି (ୟୁଟ୍ୟୁବ୍-୫ ଅଗଷ୍ଟ ୨୦୧୭) ।

୪. ମିଶ୍ର ଗୋଦାବରୀଶ, ପାଣୁ ମିଶ୍ରେ, କଥା ସରିତା, ଡିଡି ଓଡିଆ (ୟୁଟ୍ୟୁବ୍-୧ ଫେବୃୟାରୀ, ୨୦୨୧) ।

୫. ପଟ୍ଟନାୟକ ରାଜକିଶୋର, ଘାସ, କଥା ସରିତା, ଡିଡି ଓଡିଆ, (ୟୁଟ୍ୟୁବ୍-୨୬ ମଇ ୨୦୨୧) ।

୬. ମହାପାତ୍ର ଲକ୍ଷ୍ମୀକାନ୍ତ, ବୁଢା ଶଙ୍ଖାରି, ଡିଡି ଓଡିଆ, (ୟୁଟ୍ୟୁବ୍-୧୫ ମାର୍ଚ୍ଚ ୨୦୨୧) ।

୭. ଦାସ ମନୋଜ, ଶେଷ ବସନ୍ତର ଚିଠି, କଥା କାହାଣୀ, (ୟୁଟ୍ୟୁବ୍-୧୫ ଅକ୍ଟୋବର ୨୦୨୧) ।

୮. ମହାପାତ୍ର ଗୋଦାବରୀଶ, ନୀଳ ମାଷ୍ଟରାଣୀ, ଡିଡି ଓଡିଆ, (ୟୁଟ୍ୟୁବ୍-୨୩ ଏପ୍ରିଲ୍ ୨୦୨୨) ।

୯. ରାୟ ପ୍ରତିଭା, ମୟୁଖ, (ୟୁଟ୍ୟୁବ୍-୨୪ ମାର୍ଚ୍ଚ ୨୦୨୩) ।

୧୦. ସେନାପତି ଫକୀର ମୋହନ, ରାଣ୍ଡିପୁଅ ଅନନ୍ତା, ଡିଡି ଓଡିଆ (ୟୁଟ୍ୟୁବ୍-୧୪ ମାର୍ଚ୍ଚ ୨୦୨୩) ।

୧୧. History and Evolution of Indian Film Industry.



**କଳାବିଭୂଷଣ ଗବେଷିକା,**
**ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,**
**ଭୁବନେଶ୍ୱର-୭୫୧୦୦୪**
**ଦୂରଭାଷ - ୯୧୧୪୧୩୬୦୨୯**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 08-April-2024 | 03-May-2024 | 20-May-2024 | 01-June-2024 |


# ଓଡ଼ିଆ ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ନାରୀ ଜାଗରଣର ସ୍ୱର

**ରୁଦ୍ରନାରାୟଣ ସାହୁ**

ଗଦ୍ୟ ସାହିତ୍ୟର ଏକ ପ୍ରମୁଖ ବିଭାଗ ହେଉଛି ଆତ୍ମଜୀବନୀ । ସାଂପ୍ରତିକ ସମୟରେ ଯାହାର ଜନପ୍ରିୟତା ବେଶ୍ ଅଧିକ । ଏହାକୁ ସଂପୃକ୍ତ ଲେଖକର ମୁଖଦର୍ପଣ କହିଲେ ମଧ ଅତ୍ୟୁକ୍ତି ହେବନାହିଁ । ଲେଖକର ସାମଗ୍ରିକ ଜୀବନଚର୍ଯ୍ୟାର ସଫଳ ରୂପାୟନ ହୋଇଥାଏ ଏଥିରେ । ଅତୀତ ଓ ବର୍ତ୍ତମାନକୁ ତୁଳାଦଣ୍ଡରେ ରଖି ନିଜ ଜୀବନାବଳୀକୁ ତଉଲିବାର ଏହା ହେଉଛି ଏକ ପ୍ରକୃଷ୍ଟ ମାଧ୍ୟମ । ଜୀବନର ଅନେକ ଭୁଲ୍ ଠିକ୍ ମଧ୍ୟରୁ ଭୁଲ୍‌କୁ ସ୍ୱୀକାର କରିନେଇ ନିଜକୁ ସୁଧାରିବାରେ ଆତ୍ମଜୀବନୀ ହେଉଛି ସଂପୃକ୍ତ ଲେଖକର ସଂକଳ୍ପ ପୁସ୍ତକ । ଆତ୍ମଜୀବନୀରେ କପଟାଚାର ଓ ମିଥ୍ୟାର ଆଶ୍ରୟ ସର୍ବଦା ବର୍ଜନୀୟ । ଏଥିପାଇଁ ନିରପେକ୍ଷତା ଓ ସତ୍ୟ ବଜାୟ ରଖିବା ଜଣେ ଆତ୍ମଜୀବନୀ ଲେଖକ ପାଇଁ ସର୍ବପ୍ରଥମ ଦାୟିତ୍ୱ । ଯେଉଁମାନେ ସାହାସୀ ଓ ସତ୍ୟର ପୂଜାରୀ ସେମାନଙ୍କ ଆତ୍ମଜୀବନୀ ପାଠ କଲା ବେଳେ ପାଠକ ସତ୍ୟକୁ ଅତି ନିକଟରେ ଦେଖି ବେଶ୍ ପ୍ରଭାବିତ ହୁଏ । ସତ୍ୟାନୁସରଣ କରି ଜୀବନ ଜିଇଁବା ପାଇଁ ପାଏ ଅହରହ ପ୍ରେରଣା । ମିଥ୍ୟାରେ ବଞ୍ଚିବା ଅପେକ୍ଷା ସତ୍ୟରେ ବଞ୍ଚିବା ହୋଇଯାଏ ଜଣେ ପାଠକର ଚରମ ଲକ୍ଷ୍ୟ, ଆଉ ଏହି ଚରମ ଲକ୍ଷ୍ୟପ୍ରାପ୍ତ ହେବାରେ ସେହି ସତ୍ୟନିଷ୍ଠ ଲେଖକର ଥାଏ ବଳିଷ୍ଠ ଅବଦାନ ।

**ଆତ୍ମଜୀବନୀ ରଚନାରେ ନାରୀ ଲେଖିକାଙ୍କ ପ୍ରବେଶ :**

ବିଶ୍ୱ ସାହିତ୍ୟ ବା ଭାରତୀୟ ସାହିତ୍ୟରେ ଆତ୍ମଜୀବନୀ ରଚନା କ୍ଷେତ୍ରରେ ପୁରୁଷ ଲେଖକ ତୁଳନାରେ ନାରୀ ଲେଖିକାମାନଙ୍କର ପ୍ରବେଶ ବହୁ ପଛରେ । ଏପରିକି ଆତ୍ମଜୀବନୀ ରଚନା ସଂଖାରେ ପରିମାଣ ଦୃଷ୍ଟିରୁ ପୁରୁଷମାନଙ୍କ ଠାରୁ ନାରୀ ଲେଖିକାମାନଙ୍କର ଅବଦାନ ବହୁତ କମ୍ । ଏହାର କାରଣ ବି ପ୍ରାୟ ସମସ୍ତଙ୍କୁ ଜଣା । କିନ୍ତୁ ଆଜି ସେ ସମୟ ଆଉ ନାହିଁ । ନାରୀ ଆଜି ଆଉ ସେ ଚାରିକାନ୍ଥର କୋଠରୀ ଭିତରେ ଆବଦ୍ଧ ହୋଇନାହିଁ । ପୁରୁଷ ସମକକ୍ଷ ସେ ମଧ ପ୍ରତିଟି କ୍ଷେତ୍ରରେ ସବା ଆଗରେ । ସମାଜରେ ସେହି ଆତୁଆଳ ଭିତରେ ରହି ନିଜର ପ୍ରତିଭାର ବିକାଶ ନ କରି ପାରିବାକୁ ଆଜିର ନାରୀ ପାପ ବୋଲି ବିଚାର କରେ । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଆତ୍ମଜୀବନୀ ରଚନାରେ ନାରୀମାନଙ୍କ ଅବଦାନ କଥା ଯଦି ଦେଖାଯାଏ, ତା'ହେଲେ ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼େ ଯେ ଅତୀତର ତୁଳନାରେ ଆଜିର ସମୟରେ ଲେଖିକାମାନଙ୍କ ସଂଖ୍ୟା ବହୁଗୁଣିତ ହୋଇପାରିଛି । ପ୍ରଥମ ଓଡ଼ିଆ ଆତ୍ମଜୀବନୀ ପ୍ରକାଶ ପାଏ ୧୯୨୭ ମସିହାରେ । ଯାହାର ରଚୟିତା ହେଉଛନ୍ତି ଓଡ଼ିଆ ଜାତିର ସେନାପତି ଫକୀରମୋହନ ସେନାପତି । ଏହା ପୁସ୍ତକାକାରରେ ପ୍ରକାଶିତ ହେବା ବହୁ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ଏହାର ଅଂଶ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ୧୯୨୭ ମସିହାରୁ ୧୯୮୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୬ ବର୍ଷ ଧରି ଓଡ଼ିଆ ସାହିତ୍ୟରେ କେବଳ ପୁରୁଷ ଲେଖକମାନଙ୍କର ଆତ୍ମଜୀବନୀ ପ୍ରକାଶିତ ହୋଇଆସିଥିଲା । ପ୍ରଥମେ ରମାଦେବୀ ଚୌଧୁରୀ 'ଜୀବନ ପଥେ' ଆତ୍ମଜୀବନୀ ରଚନା କରି ଏ ଦିଗରେ ଆଣିଲେ ବୈପ୍ଳବିକ ପରିବର୍ତ୍ତନ । ତେଣୁ ପ୍ରଥମ ଓଡ଼ିଆ ଆତ୍ମଜୀବନୀ ନାରୀ ଲେଖିକା ଭାବରେ ରମାଦେବୀଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ ହୋଇ ରହିବ ଏଥିରେ ଦ୍ୱିମତ ନାହିଁ । ରମାଦେବୀଙ୍କର ଏହି ପ୍ରୟାସ ପରବର୍ତ୍ତୀ ନାରୀ ଲେଖିକାମାନଙ୍କୁ ଯେ ଅପୂର୍ବ ପ୍ରେରଣା ପ୍ରଦାନ କରିଛି, ଏହା ପ୍ରତିଟି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ । ପ୍ରତିଭା ରାୟ, ପ୍ରତିଭା ଶତପଥି, ସଂଘମିତ୍ରା ମିଶ୍ର, କବିତା ବାରିକ୍‌ଙ୍କ ପରି ଅନେକ ପ୍ରତିଷ୍ଠିତ ନାରୀ ଆତ୍ମଜୀବନୀ ରଚନା କରି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟକୁ କରିଛନ୍ତି ସମୃଦ୍ଧ ।

**ନାରୀ ଲେଖିକାଙ୍କ ଆତ୍ମଜୀବନୀ ରଚନାର ବୈଶିଷ୍ଟ୍ୟ :**

ସାହିତ୍ୟର ଅନ୍ୟ ବିଭାଗ ତୁଳନାରେ ଆତ୍ମଜୀବନୀ ଲେଖିବା ଜଣେ ଲେଖକ ପାଇଁ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅଟେ । କାରଣ ଆତ୍ମଜୀବନୀରେ ନିଜ ଜୀବନ ସହିତ ଜଡ଼ିତ ବହୁ ଘଟଣାବଳୀକୁ ଲେଖକକୁ ଉନ୍ମୁକ୍ତ କରିବାକୁ ପଡ଼ିଥାଏ । ସାହିତ୍ୟ ରୂପକ ଦର୍ପଣରେ ଯେମିତି ସମାଜର ପ୍ରତିବିମ୍ବ ପ୍ରତିଫଳିତ ହୁଏ ଠିକ୍ ସେହପରି

ଆତ୍ମକଥା ଦର୍ପଣରେ ସଂପୃକ୍ତ ଲେଖକର ବ୍ୟକ୍ତିଗତ ଜୀବନ ପ୍ରତିଫଳିତ ହୋଇଥାଏ । ସମସ୍ତେ ଆତ୍ମଜୀବନୀ ଲେଖିପାରିବେ ନାହିଁ । ଆତ୍ମଜୀବନୀ ଲେଖିବାକୁ ହେଲେ ସାହସ ସହିତ ପ୍ରତିଭା ରହିବା ଦରକାର ।

ଗୋଟିଏ ପୁରୁଷ ଲେଖକ ତୁଳନାରେ ଜଣେ ନାରୀ ଲେଖିକା ଯେତେବେଳେ ଆତ୍ମଜୀବନୀ ରଚନାରେ ହସ୍ତଚାଳନା କରେ, ସେତେବେଳେ ସେ ଧରଣର ପ୍ରୟାସ ସେହି ନାରୀ ଲେଖିକାଙ୍କ ପାଇଁ ଅଧିକ କଠିନ ଓ ଆହ୍ୱାନପୂର୍ଣ୍ଣ ହୋଇଉଠେ । କାରଣ ପୁରୁଷତାନ୍ତ୍ରିକ ସମାଜରେ ନାରୀଟିଏ ଲେଖନୀ ଚାଳନା କଲେ ତାକୁ ଅନ୍ୟମାନେ ଘୃଣ୍ୟ ଦୃଷ୍ଟିରେ ଦେଖନ୍ତି । ଯଦିଓ ବର୍ତ୍ତମାନ ଏ ପ୍ରକାର ମାନସିକତା ବା ଅସମାନତା ନାହିଁ ତଥାପି ପ୍ରାକ୍ ସ୍ୱାଧୀନତା କାଳ ତଥା ତାର ବହୁପୂର୍ବରୁ ଭାରତବର୍ଷରେ ଏଭଳି ଚିତ୍ର ପ୍ରଚ୍ଛନ୍ନ ଭାବରେ ରହିଥିଲା । ଲେଖକ ତାଙ୍କ ଆତ୍ମଜୀବନୀରେ ନିଜ ଜୀବନର ଅନ୍ଧକାର ମୂଳକର କଥା ବଖାଣିଲେ ସମାଜ ଯେତିକି ଗୁରୁତ୍ୱ ଦିଏନି, କିନ୍ତୁ ସେ କ୍ଷେତ୍ରରେ ନାରୀ ଲେଖିକାଟିଏ ସ୍ୱଜୀବନର ବହୁ ଅକୁହା କଥାକୁ ବ୍ୟକ୍ତ କରେ ସେତେବେଳେ ସମାଜ ତାକୁ ଭର୍ତ୍ସନା କରେ, ନିନ୍ଦାକରେ । ଏସବୁ ଆଖି ଆଗରେ ରଖି ହୁଏତ କେତେକ ନାରୀ ଲେଖିକା ନିଜ ଜୀବନର ଅନ୍ଧକାର ଦିଗକୁ ଲୁକ୍କାୟିତ ରଖି କେବଳ ଭଲ ଦିଗକୁ ପରିବେଷଣ କରିଥାନ୍ତି । ଆଉ କିଛି ସେସବୁର ଊର୍ଦ୍ଧ୍ୱକୁ ଉଠି ସମାଜର ନିନ୍ଦା ପ୍ରଶଂସା ପ୍ରତି କର୍ଣ୍ଣପାତ ନକରି ନିଜ ବ୍ୟକ୍ତିତ୍ୱର ଉଭୟ ଭଲ ଓ ମନ୍ଦ ଦିଗକୁ ପାଠକ ସମ୍ମୁଖରେ ଉପସ୍ଥାପନ କରି ଦେଇଥାନ୍ତି ।

ଗୋଟିଏ ଲେଖକ ଲେଖନୀ ଚାଳନା କରିବା ପାଇଁ ଯେଉଁ ପ୍ରକାର ସ୍ୱାଧୀନତା ଓ ସୁଯୋଗ ପାଏ, ସେ ପ୍ରକାର ସୁବିଧା ସୁଯୋଗ ଜଣେ ନାରୀ ଲେଖିକା କଦାପି ପାଇପାରେ ନାହିଁ, ଏହାହିଁ ବିଡ଼ମ୍ବନାର ବିଷୟ । କାରଣ ନାରୀଟିଏ ପ୍ରଥମେ ଗୃହିଣୀ ଓ ତାପରେ ଯାଇ ଲେଖିକା । ଏ ପ୍ରକାର ସଂଘର୍ଷ ଭିତରେ ଲେଖକୀୟ ସତ୍ତାଟି ତା ଭିତରେ ବଞ୍ଚି ରହିଥାଏ । ପ୍ରତିକୂଳ ସମାଜରେ ତାକୁ ଲେଖିବା ପାଇଁ ଯେତିକି ସଂଘର୍ଷ କରିବାକୁ ପଡ଼ିଥାଏ, ତଦନୁଯାଇ ବଞ୍ଚିବା ପାଇଁ ମଧ୍ୟ ସେତିକି ସଂଘର୍ଷ କରିବାକୁ ପଡ଼ିଥାଏ । ପ୍ରତିଭା ରାୟଙ୍କ ଠାରୁ ଆରମ୍ଭ କରି ଅନେକ ନାରୀ ଲେଖିକାଙ୍କ ଜୀବନରେ ଏତାଦୃଶ ସଂଘର୍ଷର ଚିତ୍ର ପାଠକ ଲକ୍ଷ୍ୟ କରିପାରିବେ । ପ୍ରତିଭା ରାୟ ସ୍ୱରଚିତ ଆତ୍ମଜୀବନୀରେ ଏ ସଂପର୍କରେ ଲେଖିଛନ୍ତି– "ମୋର ଜୀବନ ଏକ ଗତାନୁଗତିକ ସାଧାରଣ ଜୀବନ । ସମାଜର ଛାଞ୍ଚରେ ହଜାର ହଜାର ବର୍ଷର ସଂସ୍କାରର ତଳେଇରେ ଗଢ଼ା ହୋଇ ମଧ୍ୟ ଅଧାଗଢ଼ା । କାରଣ ପୂର୍ବରୁ ଗଢ଼ା ହୋଇଥିବା ଛାଞ୍ଚରୁ ବାରମ୍ବାର ବାହାରି ଆସି ନିଜକୁ ଆପଣା ଛାଞ୍ଚରେ ଗଢ଼ିବାର ପ୍ରୟାସ ଜାରି ରଖିଛି । କୌଣସି ଲେଖକ ଛାଞ୍ଚରେ ଗଢ଼ା ମଣିଷ ହେବାକୁ ଚାହେଁ ନାହିଁ । ଲେଖକକୁ ସ୍ରୋତର ପ୍ରତିକୂଳରେ ସନ୍ତରଣ କରିବାକୁ କେଜାଣି କିଏ ପ୍ରବର୍ତ୍ତାଏ । କାରଣ ଯେତେ ସମୃଦ୍ଧ, ପ୍ରଗତିଶୀଳ ଏବଂ ଆଧୁନିକ ସମାଜରେ ଜନ୍ମ ହେଲେ ମଧ୍ୟ କୌଣସି ସମାଜ ସଂପୂର୍ଣ୍ଣ ମାନବୀୟ ନୁହେଁ । ବ୍ୟକ୍ତିଗତ ଜୀବନର ପ୍ରତିବନ୍ଧକ ଓ ସାମାଜିକ ଜୀବନର ବାଧାବନ୍ଧନ ପ୍ରତ୍ୟେକ ସମାଜରେ ଥାଏ । କିନ୍ତୁ ଲେଖକ ବା ଲେଖିକାଟିଏ ସ୍ରୋତର ପ୍ରତିକୂଳରେ ପହଁରିବାକୁ– ଦୁଃସାହସ କରିଥାଏ । ଯାହା ଅବଶେଷରେ ତାର ବ୍ୟକ୍ତିତ୍ୱକୁ ପ୍ରତିକୂଳ ସ୍ରୋତରେ ଦକ୍ଷ ସନ୍ତରଣକାରୀ ଭାବରେ ଗଢ଼ିଦିଏ । ମୁଁ ସେଥିରୁ ବାଦ୍ ଯାଇନାହିଁ । ମୋ ଗ୍ରାମ୍ୟ ସମାଜର ହାତରେ ମଧ୍ୟ ମୋ ପାଇଁ ଏସବୁ ଶୃଙ୍ଖଳା ଥିଲା, ତା ସତ୍ତ୍ୱେ ମୋ ଭିତରେ ଗୋଟିଏ ପ୍ରତିବାଦୀ ସତ୍ତା ଜାତିଭେଦରୁ, ଲିଙ୍ଗ ଭେଦରୁ, ଧର୍ମ ଭେଦରୁ, ମଣିଷ ଭେଦରୁ ଊର୍ଦ୍ଧ୍ୱକୁ ଯାଇ ଭିନ୍ନ ପ୍ରକାର ଭାବରେ ଗଢ଼ି ହେବାର ପ୍ରୟାସ ଜାରି ରଖିଥିଲା । (ରାୟ, ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ–୪୪୦)

ସେହିପରି ଆତ୍ମଜୀବନୀରେ ଅନ୍ୟତ୍ର ସେ ଲେଖକ ଓ ଲେଖିକାଙ୍କ ସୃଜନ ପ୍ରତିଭା ଓ ସମସ୍ୟାକୁ ତୁଳନା କରିବାକୁ ଯାଇ ଲେଖିଛନ୍ତି– 'ସୃଜନ ପ୍ରତିଭାରେ ଲେଖକ – ଲେଖିକା ଭିନ୍ନ ନୁହଁନ୍ତି । ସାହିତ୍ୟ ହେଉଛି ଲିଙ୍ଗଭେଦ ଓ ଭୂଗୋଳର ଊର୍ଦ୍ଧ୍ୱରେ । କିନ୍ତୁ ଲେଖକ ଓ ଲେଖିକାଙ୍କ ସମସ୍ୟାକୁ ତୁଳନା କଲେ ଜଣେ ଲେଖିକା ହିଁ କେବଳ ବୁଝିପାରିବ ଯେ ଲେଖିକାର ଜୀବନ ହେଉଛି ଝାମୁଯାତ୍ରା । ନିଆଁରେ ଚାଲିବାକୁ ହୁଏ ପ୍ରତିଦିନ, ପୁଣି ପରିବାରର ଦାୟିତ୍ୱ ବହନ କରିଥିବା ଲେଖିକାଟିଏ ଯଦି କର୍ମଜୀବୀ, ତେବେ ଦୁଃଖ ଅପ୍ରମିତ । ବୃତ୍ତି, ସଂସାର, ରୋଷେଇଶାଳ, ପିଲାଛୁଆ ଏବଂ ଶିକ୍ଷିତା ହୋଇଥିବାରୁ ଏବଂ ଦେଶ ବିଦେଶ ବୁଲିପାରୁଥିବାରୁ ତାକୁ ଘରେ ବାହାରେ ସବୁ କରିବାକୁ ହୁଏ । ତା'ପରେ ଯଦି ଲେଖି ପାରୁଛ ଲେଖ । ପୁରୁଷ ଲେଖକ ଆମ ସମାଜରେ ସ୍ତ୍ରୀମାନଙ୍କ ଉପରେ କି ପ୍ରକାର ପ୍ରେମମୟ ଅତ୍ୟାଚାର କରନ୍ତି, ସେ କଥା ମୁଁ ବହୁ ଲେଖକଙ୍କ ଘରେ ପ୍ରତ୍ୟକ୍ଷ କରିଛି । କିନ୍ତୁ ଜଣେ ଲେଖିକାର ଜୀବନରେ ପାରିବାରିକ ଦାୟିତ୍ୱକୁ ଏଡ଼େଇପାରି ଲେଖିକା ହେବାର ପାଗଳପଣ ଦେଖେଇବାଟା ଚଳେ ନାହିଁ ବୋଲି ମୁଁ ବୁଝିଛି । (ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ–୪୪୧)

ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସେଥିରେ ସେମାନଙ୍କ ଜୀବନର ବହୁବିଧ ଚିତ୍ର ରୂପାୟିତ ହୋଇଥାଏ । ଗୋଟିଏ ପଟରେ ସାଧାରଣ ସ୍ତ୍ରୀଙ୍କ ଭଳି ସେମାନଙ୍କ ଭିତରେ ସ୍ନେହ, ପ୍ରେମ, ସମ୍ବେଦନଶୀଳତା ଓ ସହନଶୀଳତା ଏବଂ ଅନ୍ୟପଟରେ ବିଦ୍ରୋହୀ, ବିପ୍ଲବାତ୍ମକ ନାରୀ ହୃଦୟର ଅଗ୍ନିଶିଖାରୁ ଔଜଲ୍ୟତାକୁ ସଚେତନ ପାଠକ ନିବିଡ଼ ଭାବରେ ହୃଦୟଙ୍ଗମ କରିପାରିବେ ।

ପ୍ରତିଟି ନାରୀ ଲେଖିକା ସମାଜର ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବା, ଦୁନିଆରେ ଭରି ରହିଥିବା ଅସମାନତାର ଦୂରୀକରଣ କରିବାରେ ଯେଉଁ ପ୍ରୟାସ କରିଛନ୍ତି, ତାହା ପରବର୍ତ୍ତୀ ସମୟରେ ପ୍ରତିଟି ନାରୀଙ୍କୁ ଅପୂର୍ବ ପ୍ରେରଣା ଯୋଗାଇବ ଏହା ନିଃସନ୍ଦେହରେ କୁହାଯାଇପାରେ । ବିଂଶ ଶତାବ୍ଦୀ ଓ ଏକବିଂଶ

ଶତାବ୍ଦୀର ପ୍ରତିଟି ଭାରତୀୟ ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ନାରୀମୁକ୍ତି ଓ ନାରୀ ଚେତନାର କଥା ଯେଉଁଭଳି ଭାବରେ ପରିବେଷିତ ହୋଇଛି ତାହା ଅଧ୍ୟୟନ କଲେ ଏତିକି ଉପଲବ୍ଧି କରିହୁଏ ଯେ ଆଜିର ନାରୀ ଆଉ ସାମନ୍ତଯୁଗୀୟ ନାରୀ ହୋଇ ରହି ନାହିଁ । ସେ ହୋଇପାରିଛି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ।

**ନାରୀ ଜାଗରଣର ସ୍ୱର :**

ସାଧାରଣତଃ ନାରୀ ଲେଖିକାଙ୍କ ଆତ୍ମଜୀବନୀରେ ସ୍ୱକୀୟ ଅନ୍ତଃସ୍ୱର ପ୍ରତିଧ୍ୱନିତ ହୋଇଥାଏ । ତଥାପି ନିଜକୁ ବର୍ଣ୍ଣନା କଲାବେଳେ ସମାଜର ଅନ୍ୟ ଚରିତ୍ରମାନେ ସ୍ୱାଭାବିକ ଭାବରେ ଆସୁଥିବାରୁ ସେମାନଙ୍କ ଜୀବନର ଅନ୍ତଃସ୍ୱର ମଧ୍ୟ ଆତ୍ମଜୀବନୀରେ ପ୍ରତିଧ୍ୱନିତ ଏହା ଯେ କେହି ଉପଲବ୍ଧି କରିପାରିବ । ସାଧାରଣତଃ ଓଡ଼ିଆ ଆତ୍ମଜୀବନୀରେ ଦୁଇ ପ୍ରକାର ନାରୀର ଜୀବନ ଚିତ୍ର ପାଠକ ଲକ୍ଷ୍ୟ କରିପାରିବେ । ଗୋଟିଏ ହେଉଛି ଗତାନୁଗତିକ ଜୀବନ ଓ ପରମ୍ପରାକୁ ମାନି ନେଉଥିବା ନାରୀ ଓ ଅନ୍ୟଟି ହେଉଛି ସମାଜର ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ନାରୀ । ଓଡ଼ିଆ ନାରୀ ଲେଖିକାମାନଙ୍କର ଆତ୍ମଜୀବନୀକୁ ଆମୂଳାନ୍ତ ପାଠ କଲେ ଏହା ଯେ କେହି ଅନୁଭବ କରିପାରିବ । ପ୍ରଥମ ଶ୍ରେଣୀର ନାରୀ ଲେଖିକାମାନେ ଶିକ୍ଷିତା ହେଲେ ମଧ୍ୟ ସମାଜର ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିପାରି ନାହାନ୍ତି । ଯାହା ପୁରୁଷାନୁକ୍ରମେ ଧର୍ମ ନାମରେ, ସଂସ୍କୃତି ନାମରେ, ଚାଲିଚଳଣୀ ରୀତିନୀତି ନାମରେ ଚାଲିଆସିଛି ତାହାକୁ ମୁଣ୍ଡପାତି ସହି ନେଉଛନ୍ତି । ତଥାପି ଯେ ସେମାନଙ୍କ ଭିତରେ ପ୍ରତିବାଦର ସ୍ୱର ନିନାଦିତ ହୋଇ ନାହିଁ ଏହା ଭାବିବା ଭୁଲ୍ । ତାଙ୍କରି ଭିତରେ ମଧ୍ୟ ନିରବ ପ୍ରତିବାଦର ସ୍ୱର ଗୁଞ୍ଜରିତ ହୋଇଉଠିଛି ଏହା ଅନୁଭବୀ ପାଠକ ଅନୁଭବ କରିପାରିବେ । ଆଉ ଦ୍ୱିତୀୟ ଶ୍ରେଣୀର ନାରୀ ଲେଖିକାମାନେ ହେଲେ ଜନ୍ମରୁ ବିପ୍ଳବିନୀ । ସମାଜର ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଆଗେଇ ଆସିଛନ୍ତି । ସମାଜରେ ଧର୍ମ ନାମରେ ଚାଲୁଥିବା ଭାଣ୍ଡାମିକୁ ସର୍ବସମ୍ମୁଖକୁ ଆଣିବାରେ ସେମାନେ ପଶ୍ଚାତପଦ ହୋଇ ନାହାନ୍ତି, ହୁଏତ ଏଥିପାଇଁ ତାଙ୍କୁ ଅପମାନିତ ହେବାକୁ ପଡ଼ିଛି କିନ୍ତୁ ତାଙ୍କ ବିପ୍ଳବର ସ୍ୱର ଥମି ନାହିଁ । ପୁରୁଷତାନ୍ତ୍ରିକ ସମାଜରେ ପୁରୁଷ ଭଳି ସମାନ ଅଧିକାର ପାଇବା ପାଇଁ ସେମାନେ ଅହରହ ସଂଗ୍ରାମ କରି ସମଗ୍ର ନାରୀ ସମାଜ ପାଇଁ ଯେଉଁ ପ୍ରଶସ୍ତ ଭୂମି ପ୍ରଦାନ କରିଛନ୍ତି ତାହା ସେମାନଙ୍କୁ ଚିର ସ୍ମରଣୀୟ କରି ରଖିବ ଏଥିରେ ଦ୍ୱିମତ ନାହିଁ । ସମାଜ ଗଠନରେ ତଥା ତା'ର ବିକାଶରେ ପୁରୁଷ ଭଳି ନାରୀର ମଧ୍ୟ ସମାନ ଭୂମିକା ରହିଛି । ତଥାପି ପୁରୁଷର ମାନସିକତା ଏ ଯାବତ ପରିବର୍ତ୍ତିତ ନ ହେବା ସାଂପ୍ରତିକ ସମୟ ପାଇଁ ଶୁଭପ୍ରଦ ନୁହେଁ ।

ରମାଦେବୀ ଚୌଧୁରୀ ଭାରତୀୟ ମୁକ୍ତି ସଂଗ୍ରାମର ଜଣେ ଅଗ୍ରଗାମୀ ନାରୀନେତ୍ରୀ । ତାଙ୍କର ଆତ୍ମଜୀବନୀ ପୁସ୍ତକର ନାମ ହେଉଛି – ଜୀବନ ପଥେ । ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସଂଭ୍ରାନ୍ତ ଆଭିଜାତ୍ୟର ଖୋଳପା ଭିତରୁ ବାହାରି ଆସି ଦୁଃସ୍ଥ ଜନଗଣଙ୍କ ସେବା କରିବା ଠାରୁ ଦେଶକୁ ସ୍ୱାଧୀନ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେ ଯେଉଁ ଭୂମିକା ଲିଭାଇଛନ୍ତି, ତାହା ବୋଧହୁଏ କେହି ପାରି ନାହାନ୍ତି ଏଯାବତ୍ । ନିଃସ୍ୱାର୍ଥପର ଭାବରେ କାର୍ଯ୍ୟକରିବା, ବିଭିନ୍ନ କ୍ଷେତ୍ରରେ ନାରୀମାନଙ୍କୁ ଜାଗ୍ରତ କରିବା, ଦେଶ ସ୍ୱାଧୀନ ପାଇଁ ନାରୀମାନଙ୍କୁ ଏକତ୍ର କରିବାରେ ସେ କେବେବି ପଶ୍ଚାତପଦ ହୋଇନାହାନ୍ତି । ତାଙ୍କର ସେହି ମହନୀୟ କାର୍ଯ୍ୟ ଆଜି ବି ପ୍ରତିଟି ଓଡ଼ିଆଙ୍କ ନିକଟରେ ସ୍ମରଣୀୟ ହୋଇ ରହିଛି ।

ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସମାଜରୁ ଅସ୍ପୃଶ୍ୟତା ଦୂରୀକରଣ କରିବା ପାଇଁ ସେ ଯେଉଁ ପ୍ରୟାସ କରିଥିଲେ ତାହା ସେତେବେଳର ନାରୀମାନଙ୍କୁ ମଧ୍ୟ ଆକୃଷ୍ଟ କରିଥିଲା ଏବଂ ତାଙ୍କ ସହିତ ଅନେକ ନାରୀ ମଧ୍ୟ ଯୋଡ଼ି ହୋଇଥିଲେ । ରମାଦେବୀ ବୁଝିଥିଲେ ଅସ୍ପୃଶ୍ୟତାର ଦୂରୀକରଣ ପ୍ରଥମେ ଗୃହରୁ ଆରମ୍ଭ ହେବା ଉଚିତ୍ । ତେଣୁ ଘରେ ଆରମ୍ଭ ହୋଇଥିବା ଏହି ଅସ୍ପୃଶ୍ୟ ଦୂରୀକରଣ ପର୍ବରେ ରମାଦେବୀ ଆଶାନୁରୂପ ସଫଳତା ମଧ୍ୟ ପାଇଥିଲେ । ଏ ସଂପର୍କରେ ଆତ୍ମଜୀବନୀରେ ସେ ଲେଖିଛନ୍ତି– "ମୁଁ ଯେତେବେଳେ ହରିଜନ ସେବକ ସଂଘର ପ୍ରାଦେଶିକ ସେକ୍ରଟାରୀ ହେଲି, ବିଚାରିଲି ବାହାରେ କହିବା ପୂର୍ବରୁ ଘରେ କରାଇବା ଉଚିତ୍ । ମା'କୁ କହିଲାରୁ ମା' କହିଲା, ତୁ ହରିଜନ ସେବକ ସଂଘର ସେକ୍ରେଟାରୀ ହେଲାଦିନୁ ମୁଁ ହରିଜନଙ୍କୁ ବାରଣ କରିବା ଛାଡିଲି ଏବଂ ମୋ ଠାକୁର ଘରେ ହରିଜନଙ୍କୁ ପ୍ରବେଶ କରାଇ ମୋ କାମ ସାରିଛି ।

x x x

ଭାଉଜମାନେ ହରିଜନ ଛୁଆଁ କଥାକୁ ଡରିଲେ, ତେବେ ସେମାନେ ବ୍ୟକ୍ତିଗତ ଭାବରେ ଛୁଆଁଛୁଇଁ ବାରଣ ଛାଡ଼ିଲେ । ସେମାନଙ୍କ ପିଲାଙ୍କର କାମ ଆଦି ହରିଜନଙ୍କ ହାତରେ କରାଇଲେ ।

(ଚୌଧୁରୀ ରମାଦେବୀ, ଜୀବନ ପଥେ, ପୃ-୧୨)

ଏହିଭଳି ଭାବରେ ହରିଜନମାନଙ୍କ ସେବାରେ ଯୋଗଦେବା ପାଇଁ ଅନେକ ନାରୀ ତାଙ୍କ ଡାକରାରେ ସ୍ୱତଃସ୍ଫୁର୍ତ ଭାବରେ ଧାଇଁ ଆସିଥିଲେ । ମନୁଷ୍ୟ ଭିତରେ ଯେମିତି କୌଣସି ପ୍ରକାର ଭେଦଭାବ ନରହୁ ତାହାହିଁ ଥିଲା ତାଙ୍କ ହୃଦୟର ମୁଖ୍ୟ ସ୍ୱର । ଆଉ ଏହି ସ୍ୱର ହିଁ ଅନେକଙ୍କୁ ଆକର୍ଷିତ କରୁଥିଲା ରମାଦେବୀଙ୍କ ସହିତ ଯୋଡ଼ି ହେବାପାଇଁ ।

ଲବଣ ସଂଗ୍ରହ ବା ଆଇନ୍ ଅମାନ୍ୟ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ, ବିଦେଶୀ ବସ୍ତ୍ର ବର୍ଜନ ଓ ସ୍ୱଦେଶୀ ବସ୍ତ୍ର ଗ୍ରହଣ, ଭୂଦାନ ଆନ୍ଦୋଳନ, ବିଭିନ୍ନ ସଭାସମିତିରେ ତାଙ୍କ ଡାକରାରେ ବହୁସଂଖ୍ୟକ ନାରୀ ଯୋଗଦାନ କରୁଥିଲେ । ଦେଶ ଗଠନର ସ୍ୱପ୍ନକୁ ସାକାର କରିବାକୁ ହେଲେ ପୁରୁଷ ସହିତ ନାରୀ ମଧ୍ୟ ସହଭାଗୀ ହେବା ଆବଶ୍ୟକ । ଏହା ଥିଲା ରମାଦେବୀ ମୁଖ୍ୟ ଉଦ୍ଦେଶ୍ୟ । କାରଣ ନାରୀ ଓ ପୁରୁଷ ସମାଜର ଦୁଇ ପ୍ରମୁଖ ଅଙ୍ଗ । ଉଭୟଙ୍କର ସାହଚର୍ଯ୍ୟରେ ହିଁ ସମାଜର ବିକାଶ ସଂଭବ ।

ଗତାନୁଗତିକ ଜୀବନଧାରା ଓ ପରଂପରାକୁ ମାନି ନେଇ ଜୀବନ ବଞ୍ଚିବାକୁ ପସନ୍ଦ କରନ୍ତି ନାହିଁ ବିଶିଷ୍ଟ ଲେଖିକା ପ୍ରତିଭା ରାୟ । ତାଙ୍କର ଆତ୍ମଜୀବନୀ ପୁସ୍ତକ 'ପଦ୍ମପତ୍ରରେ ଜୀବନ' ପାଠକଲେ ଏହା ଯେକେହି ଅନୁଭବ କରିପାରିବ । ବାଲ୍ୟକାଳରୁ ତାଙ୍କ ଭିତରେ ବୈପ୍ଳବିକ ସ୍ୱର ଗୁଞ୍ଜରିତ ହେଉଥିଲା । ଯେପରିକି ମୁସଲମାନ ପିଲା କାହିଁକି ଶିବ ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ, କାହିଁକି ଝିଅଟିଏ ଉପନ୍ୟାସ ପଢ଼ିପାରିବ ନାହିଁ, କାହିଁକି ପ୍ରେମ ପତ୍ର ପଢ଼ିଲେ ଝିଅଟି ନଷ୍ଟ ଚରିତ୍ର ହୋଇଯିବ, ପୁଅମାନଙ୍କ ପରି ଝିଅଟିଏ କାହିଁକି ସଭା ସମିତିରେ ଭାଷଣ ଦେଇପାରିବ ନାହିଁ, ଏଭଳି ପ୍ରଶ୍ନ ତଥାକଥିତ ସମାଜପତିମାନଙ୍କ ଉଦ୍ଦେଶ୍ୟରେ ସେ କରିଛନ୍ତି ସ୍ୱୀୟ ଆତ୍ମଜୀବନୀରେ । ଏସବୁ କ୍ଷେତ୍ରରେ ସେ ଅନ୍ୟମାନଙ୍କ ପରି ଘର କୋଣରେ ବସି ରହି ନାହାନ୍ତି ବରଂ ନିଜେ ଆଗକୁ ଆସି ନାରୀ ଜାଗରଣର ସ୍ୱରକୁ ଆହୁରି ତୀବ୍ରତର କରିଛନ୍ତି । ଉପନ୍ୟାସ ପାଠକଲେ ଯେ ଚରିତ୍ର ନଷ୍ଟ ହୋଇଯିବ ଏକଥାକୁ ସେ ବିଶ୍ୱାସ କରିନାହାନ୍ତି ଏବଂ ଲୁଚି ଲୁଚି ଉପନ୍ୟାସ ପାଠ କରିଛନ୍ତି । ସେହିପରି ନାରୀଟିଏ ପାଠ ପଢ଼ିବା ଏବଂ ସାହିତ୍ୟ ରଚନାରେ ମନୋନିବେଶ କରିବାକୁ ଯେମିତି ପ୍ରତିଭାଙ୍କ ପୂର୍ବବର୍ତ୍ତୀ ସମାଜ ଗୁରୁତ୍ୱ ହେଇନଥିଲା । ନାରୀ ଶିକ୍ଷା ଯେତିକି ବିକଶିତ ହେବାକଥା ସେତିକି ହୋଇପାରୁ ନଥିଲା ଉପଯୁକ୍ତ କାରଣ ପାଇଁ । ନାରୀ ହିଁ ନାରୀ ପାଇଁ ପ୍ରତିବନ୍ଧକ ସାଜେ ଏହା ସବୁବେଳେ ପ୍ରମାଣିତ । ଆମ ସାହିତ୍ୟରେ ରେବତୀ ଗଳ୍ପ ତାର ପ୍ରକୃଷ୍ଟ ଦୃଷ୍ଟାନ୍ତ । ଏମିତି ଅନେକ ରେବତୀ ଅକାଳରେ ଝଡ଼ିପଡ଼ନ୍ତି କିଛି ନାରୀଙ୍କର ସେହି ମାନସିକତା ପାଇଁ । ନାରୀଟିଏ ବା କ'ଣ ପାଠ ପଢ଼ିବ ବା କ'ଣ ଲେଖିବ ? ବରଂ ଭଲ ଘର ଭଲ ବର ପାଇ ଭଲରେ ରହୁ – ଏହା ଥିଲା ସମକାଳୀନ ପ୍ରତ୍ୟେକ ବୟସ୍କା ନାରୀମାନଙ୍କର ମାନସିକତା । ଏ ସଂପର୍କରେ ନିଜ ଆଈଙ୍କର ମାନସିକତା ସଂପର୍କରେ ପ୍ରତିଭା ରାୟ ସ୍ୱୀୟ ଆତ୍ମଜୀବନୀରେ ଲେଖିଛନ୍ତି – "ବୁଢ଼ୀ ମୁହଁ ମୋଡ଼ିଦେଇ କହିଲା" ଫୁଲକୋବି ନା ବନ୍ଧାକୋବି ବା । ଝିଅ ପିଲାଟା, ଛୁଆ ହୋଇଛି, ସ୍କୁଲରେ ଏଠିସେଠି ଭଜନ ଜଣାଣ ଗାଇ ଦେଉଛି ଭଲ ଲାଗୁଛି । ସବୁ ଦିନକୁ କ'ଣ ଏକଥା ରହିବ ? ସେ କବି ଫବିରୁ ଆମକୁ ମିଳିବ କ'ଣ । ଜିଇଁ ବଞ୍ଚିରହୁ । ଭଲ ଘର ଭଲ ବର ପାଉ... (ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ-୨୫)

ଧର୍ମ ନାମରେ ସମାଜରେ ଚାଲିଥିବା ଅନାଚାର, ଅତ୍ୟାଚାର, ବିଦ୍ୱେଷ ମନୋଭାବକୁ ତୀବ୍ର ବିରୋଧ କରିଛନ୍ତି ଲେଖିକା ପ୍ରତିଭା ରାୟ । ଏଥିରୁ ଯେ କେବଳ ତାଙ୍କର ବିପ୍ଳବିନୀ ମନୋଭାବର ପରିଚୟ ମିଳେ ତା ନୁହେଁ, ତା ସହିତ ସମାଜ ସଂସ୍କାର ମନୋଭାବର ମଧ୍ୟ ବଳିଷ୍ଠ ପରିଚୟ ମିଳେ । ଆତ୍ମଜୀବନୀରେ ଏ ସଂପର୍କରେ ଲେଖିଛନ୍ତି– "ଯେ ପର୍ଯ୍ୟନ୍ତ ହିନ୍ଦୁ ମନ୍ଦିର ଗୁଡ଼ିକରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗଭେଦ ଜନିତ ବିଦ୍ୱେଷ ରହିଥିବ ଓ ଯାତ୍ରୀମାନଙ୍କ ପ୍ରତି ସେବାୟତ ଓ ପୂଜକମାନଙ୍କର ସଦାଚାର ଅଭାବ ଅନୁଭୂତ ହେଉଥିବ ସେ ପର୍ଯ୍ୟନ୍ତ ଏ ରକ୍ତକ୍ଷରଣର ଅନ୍ତ ହେବ ନାହିଁ । ଆମ ଗାଁରେ ମୋର ସାଥୀ ମୁସଲମାନ ପିଲାମାନେ ତଥା ଅନ୍ୟାନ୍ୟ ତଥାକଥିତ ଅସବର୍ଣ୍ଣ ଜାତିର ପିଲାମାନେ ଶିବ ମନ୍ଦିର ବା ଜଗନ୍ନାଥ ମନ୍ଦିରରେ ପ୍ରବେଶ କରୁନଥିଲେ । ଏହା ମୋ ଶିଶୁ ମନରେ କେବଳ ପ୍ରଶ୍ନ ନୁହେଁ, ବିଦ୍ରୋହ ବି ସୃଷ୍ଟି କରୁଥିଲା, ଯାହା ସାରା ଜୀବନ ମୋ ଅନ୍ତରାତ୍ମାରେ ଏକ ଅଲିଭା ଅଗ୍ନିଶିଖା ହୋଇ ଜଳି ଉଠିଲା ।" (ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ. ୩୩୬)

ସମାଜରେ ନାରୀକୁ କେନ୍ଦ୍ରକରି ଯାହାବି ଅମାନବିକ ଘଟଣା ଘଟିଛି ସେଠି ଲେଖିକାଙ୍କ ସ୍ୱର ନିରବି ନଯାଇ ତାହାର ତୀବ୍ର ପ୍ରତିବାଦ କରିଛି । ୧୯୮୭ ମସିହାରେ ରାଜସ୍ଥାନରେ ଅଠର ବର୍ଷ ବୟସ୍କା ତରୁଣୀ ରୂପ କନଓ୍ୱରକୁ ତା'ର ମୃତ ସ୍ୱାମୀ ସହ ଜୀବନ୍ତ ଦଗ୍ଧକରି ଯେଉଁ ସତୀ ଆଖ୍ୟା ପ୍ରଦାନ କରାଗଲା ଏବଂ ସମ୍ବାଦପତ୍ରମାନଙ୍କରେ ଅତିରଂଜିତ କରି ବର୍ଣ୍ଣନା କରିବା ସହ ଯେଉଁ ତଥାକଥିତ ଧର୍ମ ପୁରୋଧାମାନେ ଏଭଳି ଘଟଣାକୁ ଧର୍ମୋଚିତ ବୋଲି ସମର୍ଥନ କରୁଥିଲେ, ସେମାନଙ୍କ ବିରୋଧରେ ଲେଖିକାଙ୍କ ସ୍ୱର ଥିଲା ବିପ୍ଳବାତ୍ମକ । ଏ ସଂକ୍ରାନ୍ତୀୟ ଘଟଣାକୁ ସେ 'ସତୀର ସଂଜ୍ଞା' ଶୀର୍ଷକ ଏକ ପ୍ରବନ୍ଧ ଲେଖି 'ସମ୍ବାଦ' ସମ୍ବାଦପତ୍ରରେ ପ୍ରକାଶ କରିଥିଲେ । ଏ ସଂପର୍କରେ ସେ ଲେଖିଛନ୍ତି – "ରୂପ କନଓ୍ୱରଙ୍କ ସତୀଦାୟ ପ୍ରଥା ଯେତିକି ବ୍ୟଥାଦାୟକ ଥିଲା ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉପରୋକ୍ତ ମତାମତ ତାହାଠାରୁ ଅଧିକ ବ୍ୟଥା ଦାୟକ ଥିଲା । ମୋ ଭିତରେ ଯେଉଁ ପ୍ରତିବାଦର ସ୍ୱର ଉଠିଥିଲା ତାକୁ ମୁଁ 'ସତୀର ସଂଜ୍ଞା' ଶୀର୍ଷକ ଏକ ପ୍ରବନ୍ଧ ଲେଖି 'ସମ୍ବାଦ' ସମ୍ବାଦପତ୍ରରେ ପ୍ରକାଶ କରିଥିଲି । ଏଥିରେ ଶଙ୍କରାଚାର୍ଯ୍ୟଙ୍କ ମତକୁ ମୁଁ ଦୃଢ଼ ଭାବରେ ଖଣ୍ଡନ କରିଥିଲି ଏବଂ ତାଙ୍କର ଶୁକପକ୍ଷୀ ସୁଲଭ କଣ୍ଠସ୍ଥ ଶାସ୍ତ୍ରଜ୍ଞାନର ତୀବ୍ର ସମାଲୋଚନା କରିଥିଲି ।

(ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ-୩୩୬)

ନିଜ ସ୍ୱାମୀଙ୍କର ରକ୍ଷଣଶୀଳତା ବିରୋଧରେ ପ୍ରତିଭା ରାୟ ସ୍ୱର ଉତ୍ତୋଳନ କରି ନଥିଲେ ବି ନିରବରେ ପ୍ରତିବାଦ କରିଛନ୍ତି ତାହା ତାଙ୍କ ଆତ୍ମଜୀବନୀ ପାଠ କଲେ ସହଜରେ ଉପଲବ୍ଧି କରି ହୁଏ । ଭାରତୀୟ ସମାଜ କନ୍ୟା ସନ୍ତାନ ଅପେକ୍ଷା ପୁତ୍ରସନ୍ତାନକୁ ଅଧିକ ଗୁରୁତ୍ୱ ଦିଏ ଏ କଥାକୁ ସହଜରେ ଲେଖିକା ଗ୍ରହଣ କରି ନାହାନ୍ତି । ପୁତ୍ରସନ୍ତାନମାନଙ୍କ ପ୍ରତି ଅହେତୁକ ସ୍ନେହ, ପ୍ରେମ କନ୍ୟାସନ୍ତାନମାନଙ୍କର ପ୍ରଗତିରେ ଯେ ବାଧକ ଏହା ସଚେତନ ପାଠକମାନେ ନିବିଡ଼ ଭାବରେ ଅନୁଭବ କରିପାରିବେ । ଉଭୟ ପୁତ୍ର ଓ କନ୍ୟାମାନଙ୍କୁ ସମାଜରେ ସମଦୃଷ୍ଟିରେ ଦେଖାଯାଉ ଏହାଥିଲା ଲେଖିକା ପ୍ରତିଭା ରାୟଙ୍କର ଅନ୍ତର୍ନିହିତ ଭାବନା । ପୁଅପିଲା ଓ ଝିଅପିଲାଙ୍କ ପ୍ରତି ସମାଜରେ ଯେଉଁ ଧାରଣା ରହିଛି ସେ ସଂପର୍କରେ ସେ ଲେଖିଛନ୍ତି – "ପୁଅ ପୋଷିବ, ଝିଅ ପୋଷିବ ନାହିଁ ଏହା କେବଳ ମନର ଧାରଣା ନୁହେଁ, ଏହା ଆମ ସାମାଜିକ ବ୍ୟବସ୍ଥାର ବାସ୍ତବତା । ଆଜି ମଧ୍ୟ ଉଚ୍ଚଶିକ୍ଷିତା ଝିଅ 'ପର ପରିବା', 'ଦେଲା

ନାରୀ- ହେଲା ପାରି', 'ଗଳଗ୍ରହ', 'ବାଡୁଅ ଝିଅ ମୁଣ୍ଡ ଉପରେ ବୋଝ', ଭଳି ସାମାଜିକ ଧାରଣା ଓ ଚଳଣୀ ଭିତରେ ଅବଳା ଦୁର୍ବଳା କଥାଟିକୁ ମାନି ନେବାକୁ ଶିକ୍ଷିତା ଝିଅଟିଏ ବାଧ୍ୟ ହେଉଛି । ଉଚ୍ଚଶିକ୍ଷିତା ଓ ଉପାର୍ଜନ କ୍ଷମ ଝିଅ ମଧ୍ୟ ଯୌତୁକର ନର୍କକୁଣ୍ଡରେ ଜୀବନ୍ତ ଦଗ୍ଧ ହେଉଛି, କେହି କେହି ବିବାହରୂପକ ମୁକ୍ତି ମଣ୍ଡପର ପାହାଚ ତଳେ ଠିଆହୋଇ ସମାଜର ବଡ଼ପଣ୍ଡାମାନଙ୍କର ନିର୍ଯ୍ୟାତନାର ଶିକାର ହୋଇଛନ୍ତି ।"

(ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ-୧୦୨)

ଝିଅମାନଙ୍କ ପ୍ରତି କିପରି ଅବିଚାର କରାଯାଉଥିଲା ସେ ସଂପର୍କରେ ଲେଖିକା ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି "ମୋ ଜନ୍ମଦିନ ମଧ୍ୟ ଅନେକ ଦିନଯାଏ ପାଳନ କରାଯାଉ ନଥିଲା । ତା'ର କାରଣ ବାପା ବୋଉଙ୍କର ଅସ୍ନେହ ନଥିଲା ତାହା ଥିଲା ସାମାଜିକ ଚଳଣୀ । ଝିଅମାନଙ୍କ ମନରେ ମୁକାମ ବସି ସତ୍ୟନାରାୟଣ ପୂଜା ହେବାର ପରଂପରା ନଥିଲା । ତା'ର କାରଣ ହେଲା ଝିଅମାନେ ଅଲୋଡ଼ା ଜୀବ । ତେଣୁ ସତ୍ୟନାରାୟଣଙ୍କ ଆଶୀର୍ବାଦ ଲୋଡ଼ା ନଥିଲା ।

x x x

ବାପା ସବୁ ଦୃଷ୍ଟିରୁ ପୁଅଝିଅଙ୍କୁ ସମାନ ଦୃଷ୍ଟିରେ ଦେଖି ଆସୁଥିଲେ ମଧ୍ୟ ଏହି ଜନ୍ମଦିନ ପାଳନର ବୈଷମ୍ୟକୁ ଏତେଟା ଧ୍ୟାନ ଦେଉ ନଥିଲେ । ଏଣୁ ଆମ ପାଞ୍ଚ ଭଉଣୀଙ୍କ ଜନ୍ମଦିନକୁ ଆଡ଼େଇ ଦେଇ ଭାଇମାନଙ୍କର ଜନ୍ମଦିନ ପ୍ରତିବର୍ଷ ପାଳନ କରାଯାଉଥିଲା ।

(ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପୃ-୧୦୮)

ପ୍ରତିଭା ଶତପଥି ମଧ୍ୟ ନାରୀର ଅସ୍ତିତ୍ୱ ଓ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଯେଉଁ ଲେଖନୀ ଚାଳନା କରିଛନ୍ତି ବାସ୍ତବରେ ତାହା ପ୍ରଶଂସନୀୟ । କେବଳ ଆତ୍ମଜୀବନୀ ନୁହେଁ ତାଙ୍କ କବିତା ରଚନାରେ ମଧ୍ୟ ନାରୀ ମୁକ୍ତିର ସ୍ୱର ବେଶ୍ ଉଚ୍ଚାଟିତ ଏହା ପ୍ରତିଟି ପାଠକ ନିବିଡ଼ ଭାବରେ ଉପଲବ୍ଧି କରିପାରିବେ । ନାରୀ ଯୁଗ ଯୁଗ ଧରି ସର୍ବଦା ନିଜ ଅଧିକାରରୁ ବଞ୍ଚିତ । ତା ପାଖରେ ସବୁ ପ୍ରକାର ଯୋଗ୍ୟତା ଥିଲେ ମଧ୍ୟ ପୁରୁଷ ପ୍ରାଧାନ୍ୟ ସମାଜ ତାକୁ ଉପେକ୍ଷା କରିଆସିଛି । ଆଜି ଏକବିଂଶ ଶତାବ୍ଦୀରେ ଏ ପ୍ରକାର ତାରତମ୍ୟ ବିଶେଷ ନଥିଲେ ମଧ୍ୟ ପୁରୁଷର ମାନସିକତାରେ ଏହା ଏଯାବତ୍ ବଳବତ୍ତର ରହିଛି । ନାରୀକୁ ତା'ର ଅଧିକାର ସଂପର୍କରେ ଅବିହିତ କରିବାକୁ ଲେଖିକା ପ୍ରତିଭା ଶତପଥି ଯେଉଁ ପ୍ରୟାସ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଆଲୋକ ବର୍ତ୍ତିକା ସାଜି ପାରେ ଏଥିରେ ସନ୍ଦେହ ନାହିଁ । ଭାରତୀୟ ସମାଜ ଓ ସଂସ୍କୃତି, ପରଂପରା ଯୁଗ ଯୁଗ ଧରି କିପରି ପୁରୁଷକୁ ପ୍ରାଧାନ୍ୟ ଦେଇଆସିଛି, ନାରୀ କିପରି ଅବହେଳିତ ହୋଇ ଆସୁଅଛି ତା'ର ଯେଉଁ ଦୃଷ୍ଟାନ୍ତ ଲେଖିକା ପ୍ରଦାନ କରିଛନ୍ତି, ସେ ଦୃଷ୍ଟାନ୍ତ ଭିତରେ ପାଠକ ଲେଖିକାଙ୍କ ଭିତରେ ଥିବା ନାରୀ ଜାଗରଣର ସ୍ୱରକୁ ସ୍ପଷ୍ଟ ଲକ୍ଷ୍ୟ କରିପାରିବେ । ଲେଖିକା ଲେଖିଛନ୍ତି – ଆଜି, ଏକବିଂଶ ଶତାବ୍ଦୀରେ ମୁଁ ଯଦି ନିର୍ଯ୍ୟାତନା ନାରୀର କଥା କହିବି, ତା ହେଲେ ନୂଆଁ କ'ଣ କହିବି ? ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶହ ଶହ ବର୍ଷ ଧରି ପୁରୁଷର ପ୍ରାଧାନ୍ୟ ଜାହିର ରହିଛି । ସେ ବଳିଷ୍ଠ, ବରିଷ୍ଠ, ସ୍ୱାମୀ, ବିବେକୀ, ପରିବାରର ନିର୍ଣ୍ଣାୟକ – ଏସବୁ ଭୂମିକାରେ ତାକୁ ଅଧିଷ୍ଠିତ କରାଯାଇଛି – ତା'ର ଯୋଗ୍ୟତା ଓ ବ୍ୟକ୍ତିତ୍ୱକୁ ବିଚାରକୁ ନିଆଯାଇ ନାହିଁ । ଶିକ୍ଷିତ, ସଚେତନ ନାରୀ ଯଦି ଉପରୋକ୍ତ ଚିନ୍ତାଧାରାକୁ ଅସିଦ୍ଧ ଘୋଷଣା କରେ, ତେବେ ଏହା ବେଶ୍ କିଛି ପ୍ରତିକ୍ରିୟା ସମାଜ ଓ ପରିବାରରେ ସୃଷ୍ଟି କରିଥାଏ । ତେଣୁ ମୁଁ ଅନେକ ଅବିଚାରକୁ ମାନି ନେଇଛି ।" (ଶତପଥି ପ୍ରତିଭା, ଶୈବରୁ ସଂସାର, ପୃ-୧୫୬)

ଆମର ସଂସ୍କୃତି ଓ ପରମ୍ପରାରେ ଏପରି ଅନେକ ବିଧି ନାରୀମାନଙ୍କ କ୍ଷେତ୍ରରେ ଲାଗୁ ହୋଇଥାଏ, ଯାହାକି ଇଚ୍ଛା ନଥିଲେ ମଧ୍ୟ ତାକୁ ମାନି ନେବାକୁ ହୁଏ । ଯେଉଁ ସଂସ୍କୃତି ଅପରର ମଙ୍ଗଳ ସାଧନ କରେ ନାହିଁ ସେ ସଂସ୍କୃତି ଜୀବିତ ରହି ଲାଭ କ'ଣ ? ତେଣୁ ସଂସ୍କୃତି, ପରଂପରାର ଅମାନବିକତା କାର୍ଯ୍ୟକଳାପ ସଂପର୍କରେ କେବଳ ନାରୀଟିଏ ନୁହେଁ ତାହା ସହିତ ପୁରୁଷର ସମସ୍ୱର ମଧ୍ୟ ପ୍ରତିଧ୍ୱନିତ ହେଉଛି । ବିଧବାମାନଙ୍କ ପାଇଁ ଆମ ସମାଜରେ ଅନେକ ବାରଣ ରହିଛି, ଯାହାର ପରିବର୍ତ୍ତନ ନିହାତି ଆବଶ୍ୟକ । ଏ କ୍ଷେତ୍ରରେ ଅନେକ ନାରୀ ଲେଖିକା ପ୍ରତ୍ୟକ୍ଷ ଭାବରେ ସ୍ୱର ଉତ୍ତୋଳନ କରିଛନ୍ତି ଓ ଆଉ କେହି କେହି ନିରବରେ ପ୍ରତିବାଦ ମଧ୍ୟ କରିଛନ୍ତି । ପ୍ରତିଭା ଶତପଥି ନିଜ ବୈଦେହୀ ନାନୀଙ୍କ କରୁଣ କାହାଣୀ ସଂପର୍କରେ ଯେଉଁ କଥା କହିଛନ୍ତି, ସେ ଭିତରେ ପାଠକ ନାରୀ ପ୍ରତି ସମାଜ ଓ ପରମ୍ପରାର ଅବିଚାରକୁ ସହଜରେ ଲକ୍ଷ୍ୟ କରିପାରିବେ । ସେ ଲେଖିଛନ୍ତି "ବୈଦେହୀ ନାନୀଙ୍କ ଠାରୁ ତାଙ୍କ ବାଳୁତ ବିଧବା ଜୀବନର କରୁଣ କାହାଣୀ ଶୁଣିଲେ, ପଥର ପାଣି ହୋଇଯିବାର କଥା । ତାଙ୍କୁ ୧୧ ବର୍ଷ ହୋଇଥାଏ । ଭୋକ ଉପାସ, ଅବହେଳାରେ ଅସ୍ଥି କଙ୍କାଳସାର ସେ । ଛେଦା ଲୁଣା ଖଣ୍ଡେ ବେଢ଼େଇ ହୋଇ ଅଧିକାଂଶ ସମୟ କବାଟ କଣରେ ଭୟ ଜଡ଼ସଡ଼ ସେ, ମୂକ ହୋଇ ରହିଥାନ୍ତି । ସମସ୍ତଙ୍କୁ ଡ଼ର । ତାଙ୍କର ଭାଗ୍ୟ ଯେ ପୋଡ଼ି ଯାଉଛି, ସେ ବିଧବା ।

x x x

ଭୟ ଓ ଲୋଭ ମିଶାମିଶିରେ ସେ ପାଟିକୁ ନେଇଛନ୍ତି – ବୁଢ଼ୀମା ତାଗିଦ୍ କଲେ, ଆରେ, ୟେ କ'ଣ କଲୁ – ତାକୁ କିଛି ଦବାକୁ ମନା ପରା ! ସେ ଖାଇବ ନାହିଁ । ବିଲାତ ଫେରନ୍ତା ଭାଇନା ପାଟିକରି ଉଠିଲେ 'ଏଗାର ବର୍ଷ ଝିଅ, ମଲା ପରି ହେଉଛି, ତମକୁ ଦୟା ଲାଗୁନି, ସେ ଖାଇବ, ଅଲବତ ଖାଇବ, (ଶତପଥି ପ୍ରତିଭା, ଶୈଶବରୁ ସଂସାର, ପୃ-୧୬୪)

ବାଳିକାଟିଏ ବୟଃପ୍ରାପ୍ତି ହେବାପରେ ତାକୁ ଯେଉଁ ନିୟମ ପାଳନ କରିବା ପାଇଁ ସମାଜ ତଥା ବୟସ୍କା ସ୍ଥାନୀୟ ନାରୀମାନେ ବାଧ୍ୟ କରିଥାନ୍ତି ତାହାକୁ ଭଲ ମନରେ ଗ୍ରହଣ କରିପାରିନାହାନ୍ତି

ଲେଖିକା ପ୍ରତିଭା ଶତପଥି । ଏ କ୍ଷେତ୍ରରେ ତାଙ୍କର ସ୍ୱର ବିଦ୍ରୋହାତ୍ମକ ହୋଇଉଠିଛି । ଏ ସଂପର୍କରେ ସେ ଲେଖିଛନ୍ତି, "ବାର ବର୍ଷର ଝିଅ ! ବୟଃପ୍ରାପ୍ତି ତା ପାଇଁ ଦୋଷାବହ ସତେକି ! ଭଲ ଖାଦ୍ୟ, ଯତ୍ନଠାରୁ ଦୂରେଇ ରଖାଯିବ ତାକୁ । ରକ୍ତକ୍ଷରଣ ଜନିତ ଦୁର୍ବଳତା ନିମିତ୍ତ ତାକୁ ସିନା ଅଧିକ ଧ୍ୟାନ ଦିଆଯିବା କଥା । କିଏ ଯେ ସବୁ ନିୟମ ତିଆରି କରିଛି ?

x x x

ଏ ବିଷୟରେ ଆଦୌ ସଚେତନତା ନଥିବାରୁ ବୟୋଜ୍ୟେଷ୍ଠମାନେ ଉପରୋକ୍ତ ବିଧାନ କରିଥାନ୍ତି । ନିଜେ ତ ଦହଗଞ୍ଜ ହେଉଥାନ୍ତି ପ୍ରଚୁର, ଅନ୍ୟମାନେ ତାହାହିଁ ହେବା ସ୍ୱାଭାବିକ ବୋଲି ଭାବନ୍ତି । ଅଜ୍ଞତାବଶତଃ ଅନ୍ଧବିଶ୍ୱାସକୁ ମୁଣ୍ଡରେ ମାରି, ମଙ୍ଗଳ ମନାସି ସବୁ ନିଷେଧକୁ କାର୍ଯ୍ୟକାରୀ କରନ୍ତି ।

କେବଳ ସେତିକି ନୁହେଁ ତାଙ୍କର ସଂଘର୍ଷ ଓ ସଫଳତା ଅନ୍ୟ ନାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରେ । ପ୍ରତିକୂଳ ପରିସ୍ଥିତିରେ ପଡ଼ି ବି କିଭଳି ବିଫଳତାକୁ ପ୍ରତିହତ କରାଯାଇପାରେ ଏବଂ ସ୍ୱପ୍ନକୁ ସାକାର କରାଯାଇପାରେ ତାହାର ବଳିଷ୍ଠ ପ୍ରେରଣା ହେଉଛନ୍ତି ଲେଖିକା ପ୍ରତିଭା ଶତପଥି । ସୁପ୍ତ, ନାରୀକୁ ଜାଗ୍ରତ କରିବାର ବଳିଷ୍ଠ ଭୂମିକା ରହିଛି ଆଲୋଚ୍ୟ ଆତ୍ମଜୀବନୀରେ, ଯାହା ପାଠ କରିଥିବା ପ୍ରତିଟି ସଚେତନ ପାଠକ ନିବିଡ଼ ଭାବରେ ଅନୁଭବ କରିପାରିବେ । ନିମ୍ନୋକ୍ତ ଦୃଷ୍ଟାନ୍ତ ଭିତରେ ତାଙ୍କର ସଂଘର୍ଷମୟ ଜୀବନର ଚିତ୍ରକୁ ପାଠକ ଲକ୍ଷ୍ୟ କରିପାରିବେ । ଆତ୍ମଜୀବନୀରେ ସେ ଲେଖିଛନ୍ତି - "ବି.ଏ. ପରୀକ୍ଷା ବେଳକୁ ମୋର ବଡ଼ଝିଅର ଜନ୍ମ । ଘରୋଇ ଭାବେ ପାଠପଢ଼ା, କଟକ ସହରରେ ଛୋଟ ଭଡ଼ାଘର । ଆର୍ଥିକ ଅନାଟନ ବହୁକୁଟୁମ୍ବୀ ପରିବାର ତଥା ବନ୍ଧୁବାନ୍ଧବଙ୍କୁ ନିୟମିତ ଅତିଥିବର୍ଗ - ତା ଭିତରେ ସତରେ କେହି ପାଠ ପଢ଼ିପାରେ ?"

x x x

ବଞ୍ଚି ରହିବାକୁ, ଟିକେ ନିଃଶ୍ୱାସ ମାରିବାକୁ ମତେ କେତେ ସଂଘର୍ଷ କରିବାକୁ ପଡ଼ିଛି । ବୋଧହୁଏ ସେଥିପାଇଁ ପାରିବାରିକ ଜଂଜାଳ ଭିତରେ ମଧ୍ୟ ମୁଁ ଥକି ନଯାଇ କଲମ ଧରିବାକୁ ସକ୍ଷମ ହୋଇଛି । ଚେତନା ଜଗତରେ, ବର୍ହିଜଗତରେ ତୀବ୍ର ଆଘାତମାନ ସହିବାକୁ ସମର୍ଥ ହୋଇଛି ।"

(ଶତପଥି ପ୍ରତିଭା, ଶୈଶବରୁ ସଂସାର, ପୃ-୪୪)

ନାରୀକୁ ତା'ର ନ୍ୟାର୍ଯ୍ୟ ଅଧିକାର ଓ ସେ ସଂପର୍କରେ ସଚେତନ କରିବାରେ ଓଡ଼ିଆ ଆତ୍ମଜୀବନୀ ନାରୀ ରଚୟିତାଙ୍କ ଅବଦାନ ଅନେକ । ଅବହେଳିତ ଓ ନିର୍ଯ୍ୟାତିତ ନାରୀକୁ ମୁକ୍ତି ପ୍ରଦାନ କରିବାରେ ଏମାନେ ଯେଉଁ ସ୍ୱର ଉତ୍ତୋଳନ କରିଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ । ନାରୀ ଅବଳା ନୁହେଁ କି ଦୁର୍ବଳା ନୁହେଁ, ସେ ଶକ୍ତି ସଂପନ୍ନା । ସଂସ୍କୃତି ଓ ପରମ୍ପରା ନାମରେ ଜୀବନ ଜୀଇଁବା ବା ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ନିଜ ସଂସ୍କୃତିର ଆଦର୍ଶଗତ ମୂଲ୍ୟବୋଧକୁ ଭୁଲି ନ ଯିବା ପାଇଁ ଓଡ଼ିଆ ନାରୀ ଲେଖିକାମାନେ ଯେଉଁ ପ୍ରେରଣା ଦେଇଛନ୍ତି, ତାହା ଆଜିର ପ୍ରତିଟି ନାରୀ ପାଇଁ ଏକାନ୍ତ ଉପାଦେୟ ଏହା ନିଃସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**

୧) ଚୌଧୁରୀ ରମାଦେବୀ, ଜୀବନ ପଥେ, ପ୍ରଥମ ସଂସ୍କରଣ, ୧୯୮୪, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ -୦୨ ।
୨) ଶତପଥି ପ୍ରତିଭା, ଶୈଶବରୁ ସଂସାର, ୨୦୧୬, ବିଦ୍ୟାପୁରୀ, ବାଲୁ ବଜାର, କଟକ- ୦୨ ।
୩) ରାୟ ପ୍ରତିଭା, ପଦ୍ମପତ୍ରରେ ଜୀବନ, ପ୍ରଥମ ପ୍ରକାଶ, ୨୦୧୪, ଆଦ୍ୟା ପ୍ରକାଶନୀ, କଟକ-୦୨ ।

**ଗବେଷକ**
**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଫକୀରମୋହନ ବିଶ୍ୱବିଦ୍ୟାଳୟ,**
**ବ୍ୟାସବିହାର, ବାଲେଶ୍ୱର**
**ଦୂରଭାଷ - ୯୪୩୭୧୭୭୯୩୭**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 05-April-2024 | 01-May-2024 | 20-May-2024 | 01-June-2024 |


# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସର ଅନୁଚିନ୍ତା

**ଚିନ୍ମୟ ସାମଲ**

ଭାଷା ବିଜ୍ଞାନର ଆଧାରରେ ଭାରତ ସରକାର ଶାସ୍ତ୍ରୀୟ ଭାଷାର ଚାରିଗୋଟି ଲକ୍ଷଣ ନିର୍ଣ୍ଣୟ କରିଥିଲେ । ସେହି ଚାରିଗୋଟି ଲକ୍ଷଣ ହେଉଛି- (୧) ଶାସ୍ତ୍ରୀୟ ମାନ୍ୟତା ଦାବି କରୁଥିବା ଭାଷାଭାଷୀ ଜାତିର ୧୫୦୦ ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତି ରହିଥିବ; (୨) ଶାସ୍ତ୍ରୀୟ ମାନ୍ୟତା ଦାବି କରୁଥିବା ଭାଷାର ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ ପରମ୍ପରା ଥିବ; (୩) ସେହି ଭାଷା ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନହୋଇ ମୌଳିକ ରଚନା ସୃଷ୍ଟି କରିଥିବ; ଓ (୪) ସେହି ଭାଷାର ପ୍ରାଚୀନ ଓ ଆଧୁନିକ ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ ନ ଥାଇପାରେ । ଓଡ଼ିଆ ଭାଷା ଏହି ୪ ଗୋଟି ଲକ୍ଷଣଯୁକ୍ତ ହୋଇଥିବାରୁ ଭାରତ ସରକାର ୨୦୧୪ ମାର୍ଚ୍ଚ ୧୧ ତାରିଖରେ ଓଡ଼ିଆ ଭାଷାକୁ ପ୍ରାଚୀନ ବା ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଲେ । ଦୁଃଖର ବିଷୟ ଯେ, ଇତିମଧ୍ୟରେ ୧୦ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆମେ ଆମ ଭାଷାର ମହତ୍ତ୍ୱ ବଜାୟ ରଖିବା ନିମିତ୍ତ କୌଣସି ପଦକ୍ଷେପ ନେଇପାରିନେ ।

ପୃଥିବୀର ସାତଗୋଟି ଭାଷା ପରିବାର ମଧ୍ୟରୁ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଆର୍ଯ୍ୟଶାଖା ଅନ୍ତର୍ଗତ ପ୍ରାଚୀନ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ । ଭାରତୀୟ ସମ୍ବିଧାନ ସ୍ୱୀକୃତ ୨୨ ଗୋଟି ଭାଷା ମଧ୍ୟରେ ଓଡ଼ିଆ ଗୋଟିଏ ସମୃଦ୍ଧ ଭାଷା । ଏହା ମଧ୍ୟ ଏକ ଖ୍ରୀଷ୍ଟପୂର୍ବକାଳୀନ ଭାଷା । ଖ୍ରୀଷ୍ଟପୂର୍ବ କାଳରୁ ଏହି ଭାଷା ପ୍ରାକୃତ, ଆର୍ଷାପ୍ରାକୃତ, ଅର୍ଦ୍ଧମାଗଧୀ, ଉଡ୍ରମାଗଧୀ, ଉଡ୍ରପ୍ରାକୃତ, ଉଡ୍ରଜା, ଉଡ୍ରବିଭାଷା, ଔଡ୍ରୀ, କାଳିଙ୍ଗୀ, କାଳିଙ୍ଗୀ ପ୍ରାକୃତ ପ୍ରଭୃତି ନାମରେ ପରିଚିତ ହୋଇ ସମ୍ପ୍ରତି ଆଧୁନିକ ଓଡ଼ିଆ ଭାଷା ନାମରେ ଖ୍ୟାତ । ଏହି ଭାଷା ସ୍ୱକୀୟ ଉଚ୍ଚାଙ୍ଗ ଆହରଣ ଦକ୍ଷତା, ଉତ୍ପାଦନ କ୍ଷମତା ଓ ସୁଦୀର୍ଘ ପ୍ରବହମାନ ଧାରାରେ ସଂସ୍କୃତ, ଶୌରସେନୀ, ମାଗଧୀ ଓ ପୈଶାଚୀ ପ୍ରଭୃତି ଆର୍ଯ୍ୟଭାଷା, କେତେକ ଦ୍ରାବିଡ଼ ଭାଷା, କେତେକ ଆଦିବାସୀ ଭାଷା ତଥା କେତେକ ବୈଦେଶିକ ଭାଷାକୁ ଆପଣାର କରି ସୁଦୃଢ ହୋଇପାରିଛି । ସ୍ୱକୀୟ ମୌଳିକତା, ରକ୍ଷଣଶୀଳତା, ପ୍ରସାରଣଶୀଳତା ଯୋଗୁଁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ହେଁ ସମ୍ପ୍ରତି ଏହିସବୁ ଉତ୍କର୍ଷ ହରାଇ ବସିଛି ଓଡ଼ିଆ ଭାଷା । ଫଳରେ ଓଡ଼ିଆ ଭାଷା ସୁରକ୍ଷା ଓ ସମୃଦ୍ଧି ନିମିତ୍ତ ଅନ୍ତରାୟ ସୃଷ୍ଟି ହୋଇଛି । ଶାସ୍ତ୍ରୀୟ ଭାଷା ହୋଇଥିଲେ ହେଁ ଓଡ଼ିଆ ଭାଷା ସ୍ଥାଣୁ ଓ ନିଷ୍କର୍ମା ହୋଇପଡ଼ିଛି ।

ଭାଷା ନିମିତ୍ତ ସାମାଜିକ ଦିଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ପ୍ରବହମାନ ଧାରା ଭାଷାକୁ ବାନ୍ଧି ରଖେ । ଦୁଃଖର ବିଷୟ, ସମ୍ପ୍ରତି ଓଡ଼ିଆ ଭାଷା ଧୀରେ ଧୀରେ ସାମାଜିକ ପରିସରରୁ ଅପସରି ଯିବାକୁ ବସିଲାଣି ଏବଂ ଏହାର ଜୀବନୀଶକ୍ତି କ୍ଷୀଣ ହେବାକୁ ବସିଲାଣି । ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଓଡ଼ିଆ ଭାଷା ପ୍ରତି ଆଉ ମମତା ନାହିଁ । ଉଚ୍ଚପଦସ୍ଥ ଓ ଉଚ୍ଚଶିକ୍ଷିତ ଓଡ଼ିଆମାନଙ୍କ ମଧ୍ୟରୁ ଅନେକ ନିଜ ଭାଷାକୁ ଗୋଟିଏ ଅଯୋଗ୍ୟ ଭାଷା ବୋଲି ଭାବିଲେଣି । ସେମାନେ ବ୍ୟକ୍ତିଗତ, ପାରିବାରିକ ତଥା ସାମାଜିକ ଜୀବନରେ ଓଡ଼ିଆ ଭାଷା ବ୍ୟବହାରକୁ ପସନ୍ଦ କରୁନାହାନ୍ତି । ସାମାଜିକ ମୂଲ୍ୟବୋଧରେ ପରିବର୍ତ୍ତନ ଯୋଗୁଁ ସେମାନେ ଚାହିଁଲେ ମଧ୍ୟ ଓଡ଼ିଆ ଭାଷାକୁ ବ୍ୟବହାର କରିପାରୁ ନାହାନ୍ତି । ଅସଲ କଥାଟି ହେଉଛି, ଓଡ଼ିଆ ସାମାଜିକ ବିବିଧତାର ବୈଚିତ୍ର୍ୟ ଭିତରେ ଓଡ଼ିଆ ଭାଷା ଅଣନିଃଶ୍ୱାସୀ ହୋଇପଡ଼ିଛି । ଜ୍ଞାନ-ବିଜ୍ଞାନର କଥା ଦୂରେ ଥାଉ, ସାଧାରଣ ଜୀବନଯାପନ ନିମିତ୍ତ ଓଡ଼ିଆ ଭାଷା ବିଭବର ଏକାନ୍ତ ଆବଶ୍ୟକ ରହିଥିବା ସ୍ଥଳେ ସେହି ବିଭବ ଅର୍ଜନ କରିବା ନିମିତ୍ତ ଆମ ସମାଜର ପ୍ରଚେଷ୍ଟା ନାହିଁ । ଆମ କବି,

ଲେଖକ, ପ୍ରାବନ୍ଧିକ, ଗବେଷକ ଏପରିକି ସାଧାରଣ ବ୍ୟକ୍ତି ବହୁ ଭାଷା ଉପାଦାନ, ନୂତନ ଶବ୍ଦ ଓ ଶୈଳୀ ବ୍ୟବହାର କରୁଛନ୍ତି । ଏହିସବୁ ଭାଷା ବିଭବ ଯେତେବେଳେ ସମାଜର ହୋଇଯିବ, ଅର୍ଥାତ ଲୋକେ ଯେତେବେଳେ ଏହିସବୁ ଭାଷା ବିଭବକୁ ସାଦରେ ଗ୍ରହଣ କରିନେବେ, ସେତେବେଳେ ସେଗୁଡ଼ିକ ଓଡ଼ିଆ ଭାଷା ବିଭବ ସ୍ୱରୂପରେ ବିବେଚିତ ହେବ । ନୂତନ ଭାବରେ ସୃଷ୍ଟି ଏହିସବୁ ଭାଷା ବିଭବ ସମୂହକୁ ସଂଗ୍ରହ, ସଂରକ୍ଷଣ ଓ ସାମାଜିକ ସ୍ୱୀକୃତି ମିଳିବା ସକାଶେ ଏକ ପ୍ରୟୋଗାତ୍ମକ ପ୍ରଚେଷ୍ଟାର ଆବଶ୍ୟକତା ରହିଅଛି ।

ଭାଷାର ସୁରକ୍ଷା ଓ ସମୃଦ୍ଧି ନିମନ୍ତେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ପ୍ରାଥମିକ ଶିକ୍ଷାସ୍ତର ଠାରୁ ସ୍ନାତକୋତ୍ତର ଶିକ୍ଷା ସ୍ତର ପର୍ଯ୍ୟନ୍ତ ଭାଷା ଶିକ୍ଷା ବିପର୍ଯ୍ୟସ୍ତ । ପ୍ରାଥମିକ ଶିକ୍ଷାକାଳରେ ଶିଶୁକୁ ନିଜେ କହିଥିବା ଭାଷାରେ ଶିକ୍ଷା ଦିଆଯାଇ ଅନ୍ୟ ଭାଷାରେ ଶିକ୍ଷା ଦିଆଯିବା ଦ୍ୱାରା ତା'ର ମାନସିକ ଭାରସାମ୍ୟ ବିପନ୍ନ ହୋଇଥାଏ ଏବଂ ସେ ଭାବିଥାଏ, "ମୋ ମାତୃଭାଷା ବୋଧହୁଏ ଶିକ୍ଷା ଗ୍ରହଣ ନିମିତ୍ତ ଅଯୋଗ୍ୟ ଭାଷା ।" ଓଡ଼ିଶାରେ ବର୍ତ୍ତମାନ ବହୁ ପିଲାଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ଦିଆ ନଯାଇ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଦିଆଯାଉଛି । ଅନେକ ଭାବି ପାରନ୍ତି, ପ୍ରାଥମିକ ଶିକ୍ଷାସ୍ତରରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ହେଲେ ଇଂରାଜୀ ବିଦ୍ୟାଳୟ ସବୁ ଉଠାଇ ଦେବାକୁ ପଡ଼ିବ ମାତ୍ର ତାହା ଆଜିର ସମୟରେ ସମ୍ଭବ ନୁହେଁ । ଦିନକୁ ଦିନ ଯେଉଁ ଭାବରେ ଇଂରାଜୀ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ତାହାକୁ ଉଠାଇ ଦେବା ସହଜ ନୁହେଁ । ତେଣୁ ଆମ ପିଲାମାନଙ୍କୁ ମାତୃଭାଷା ପ୍ରବୀଣ କରିବା ନିମିତ୍ତ ଆମକୁ ହିଁ ଉପାୟ ଖୋଜି ବାହାର କରିବାକୁ ପଡ଼ିବ ।

ଦ୍ୱିତୀୟରେ ମାଧ୍ୟମିକ ଶିକ୍ଷାସ୍ତରରେ ମଧ୍ୟ ଭାଷା ଶିକ୍ଷା ବିପର୍ଯ୍ୟସ୍ତ । ମାଧ୍ୟମିକ ବିଦ୍ୟାଳୟରେ ଅଦ୍ୟାବଧି ଓଡ଼ିଆ ଭାଷା ଶିକ୍ଷା ପ୍ରଦାନ କରିବାକୁ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି । ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ଅଧ୍ୟାପକ ନିଯୁକ୍ତି ହୋଇଥିଲେ ହେଁ ସରକାର ନୀତି ନିର୍ଦ୍ଧାରଣ କରିଛନ୍ତି ଯେ, ଜଣେ ଛାତ୍ର ବା ଛାତ୍ରୀ ଇଚ୍ଛା କଲେ ଓଡ଼ିଆ ପରିବର୍ତ୍ତେ ସଂସ୍କୃତ ପଢି ପାରିବେ । ସ୍ନାତକୋତ୍ତର ଶିକ୍ଷାସ୍ତରରେ ଭାଷା ଶିକ୍ଷା ପ୍ରସଙ୍ଗ ନ ଲେଖିବା ଭଲ । ଆମ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଯେଉଁ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ରହିଛି, ତାହା ମୁଖ୍ୟତଃ ହେଉଛି ଓଡ଼ିଆ ସାହିତ୍ୟ ବିଭାଗ; ଭାଷା ବିଭାଗ ନୁହେଁ । କାରଣ ଶିକ୍ଷାଦାନ ଅବସରରେ ଯାହା ବି ଶିକ୍ଷା ଦିଆଯାଉଅଛି ତାହା କେବଳ ଓଡ଼ିଆ ସାହିତ୍ୟକୁ ନେଇ । ଏକ ବୈଜ୍ଞାନିକ ଯୁକ୍ତିସମ୍ମତ ଭାବେ ଭାଷାର ତର୍ଜମା ସେଠାରେ ଆଦୌ ନାହିଁ । ପୁଣି ବେଶୀ ଦୁଃଖ ଅନୁଭୂତ ହୁଏ, ଯେତେବେଳେ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା ଶିକ୍ଷାଦାନକୁ ନେଇ କିଛି ଶୁଣିବାକୁ ମିଳେ । ସମସ୍ତ ବିଦ୍ୟାଳୟ ନହେଲେ ମଧ୍ୟ ଅଧିକରୁ ଅଧିକାଂଶ ବିଦ୍ୟାଳୟରେ ଓଡ଼ିଆ ଭାଷାର ଶିକ୍ଷାଦାନ ପାଇଁ ଶିକ୍ଷକର ଅଭାବ । ଆଉ ଏହି ଅଭାବକୁ ପରିପୂରଣ କରନ୍ତି ବିଦ୍ୟାଳୟର ଖେଳ ଶିକ୍ଷକ । ସେ ନିଜକୁ ଉଭୟ କ୍ରୀଡ଼ା ଏବଂ ଓଡ଼ିଆ ଭାଷା ସାହିତ୍ୟ ଭଳି ଏକ ଜଟିଳ ବିଭାଗ ପାଇଁ ଉପଯୁକ୍ତ ମନେ କରନ୍ତି । ଉଭୟ ବିଷୟରେ ନିଜକୁ ବିଜ୍ଞ ତଥା ପ୍ରବୀଣ ବୋଲି ଗାମ୍ଭୀର୍ଯ୍ୟ ପ୍ରକାଶ କରିପାରନ୍ତି । ତେବେ ଏହା କ'ଣ ନ୍ୟାୟୋଚିତ ? ଏହା କ'ଣ ଓଡ଼ିଆ ଭାଷାର ସ୍ଥିତି ? ଓଡ଼ିଆ ଭାଷାର ସମୃଦ୍ଧି ଓ ବିକାଶରେ ଏହା ପ୍ରଧାନ ଅନ୍ତରାୟ ନୁହେଁ କି ? ଏଥିନିମିତ୍ତ ସୁଚିନ୍ତିତ ଯୋଜନା ପ୍ରଣୟନ ହେବା ଜରୁରୀ ମନେହୁଏ ।

ଭାଷା ବିକାଶରେ ସମ୍ବାଦପତ୍ରର ମଧ୍ୟ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମ୍ବାଦପତ୍ର ଯେ କେବଳ ଦେଶ ବିଦେଶର ଖବର, ଜ୍ଞାନ-ବିଜ୍ଞାନ, ଉଦ୍ଭାବନ, ଆବିଷ୍କାର, ପ୍ରଗତି ଓ ବିଚାରଧାରାକୁ ସମଗ୍ର ବିଶ୍ୱର ଜନସାଧାରଣଙ୍କ ପାଖରେ ପହଞ୍ଚାଇଥାଏ ତାହା ନୁହେଁ; ନୂଆ ନୂଆ ଶବ୍ଦର ପ୍ରୟୋଗ କରି ଓଡ଼ିଆ ଭାଷାକୁ କରିଥାଏ ସମୃଦ୍ଧ । ଭାଷାର ଉନ୍ନତି ମଧ୍ୟ ସାହିତ୍ୟ ଅପେକ୍ଷା ସମ୍ବାଦପତ୍ର ଦ୍ୱାରା ସାଧିତ ହୋଇଥାଏ । କାରଣ ସାହିତ୍ୟରେ ବାସ୍ତବର ପ୍ରତିଛବି ଥିଲେ ମଧ୍ୟ କଳ୍ପନାର ଅବାଧ ପ୍ରବେଶ ହୋଇଥାଏ କିନ୍ତୁ ସମ୍ବାଦପତ୍ରରେ କଳ୍ପନାର ଲେସମାତ୍ର ସ୍ଥାନ ନାହିଁ । ଯାହା ଥାଏ ତାହା ବାସ୍ତବତାର ତଥ୍ୟପୂର୍ଣ୍ଣ ଗବେଷଣାଲବ୍ଧ ଅନୁଶୀଳନ ଏତଦ୍‌ଭିନ୍ନ ସମ୍ବାଦପତ୍ର ମାଧ୍ୟମରେ ନୂଆ ନୂଆ ଶବ୍ଦ ଓ ଶୈଳୀ ଭାଷା ମଧ୍ୟରୁ ପ୍ରବେଶ କରି ଯୁଗ ପରିବର୍ତ୍ତନ ଧାରାରେ ଭାଷା ଆଧୁନିକତାର ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୁଏ । କେବଳ ସେତିକି ନୁହେଁ, ଆହୃତ ନୂତନ ଶବ୍ଦ ଓ ଶୈଳୀ ସମୂହକୁ ସମ୍ବାଦପତ୍ର ସ୍ଥାୟିତ୍ୱ ପ୍ରଦାନ କରିବା ସହିତ ଲୋକମାନଙ୍କୁ ସେଗୁଡିକ ଶିଖାଇବାକୁ ଯତ୍ନ କରିଥାଏ । ଉଦାହରଣସ୍ୱରୂପ, ପ୍ରାୟ ପଚାଶବର୍ଷ ପୂର୍ବେ ଗଭର୍ଣ୍ଣର୍‌ଙ୍କୁ ଲାଟ୍ ସାହେବ ଓ କଲେକ୍ଟରଙ୍କୁ କିଲିଟର୍ ସାହେବ କୁହାଯାଉଥିଲା । ଦୈନିକ ସମାଜ ଦ୍ୱାରା ରାଜ୍ୟପାଳ, ଲୋକପାଳ ଓ ଜିଲ୍ଲାପାଳ

ପ୍ରଭୃତି ଶବ୍ଦ ସୃଷ୍ଟି ହେଲା ତଥା ପୁନଃପୁନଃ ପ୍ରସାରିତ ହୋଇ ଲୋକମାନଙ୍କ ଦ୍ୱାରା ଆଦୃତ ହେବାପରେ ଆମ ଭାଷାର ସ୍ଥାୟୀ ବିଭବରେ ପରିଣତ ହେଲା ।

ଭାଷାକୁ ସୁରକ୍ଷା ଦେବା, ବାଇ ରଖିବା ଓ ବିକଶିତ କରାଇବା ଦିଗରେ ସମ୍ବାଦପତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଆମ ଓଡ଼ିଆ ଭାଷାରେ ବହୁ ସମ୍ବାଦପତ୍ର ପ୍ରକାଶ ପାଉଅଛି ଏବଂ ଆଗାମୀ ଦିନରେ ମଧ୍ୟ ବହୁ ସଂଖ୍ୟାରେ ପ୍ରକାଶ ପାଇବାର ସମ୍ଭାବନା ରହିଛି । ଦୁଃଖର ବିଷୟ ଏହି ଯେ, ଅନେକ ସମ୍ବାଦପତ୍ରର ଭାଷା ତୀକ୍ଷ୍ଣ ଓ ଏକନିଷ୍ଠ ହୋଇପାରୁ ନାହିଁ । ଓଡ଼ିଆ ସମ୍ବାଦପତ୍ରମାନଙ୍କରେ ଶିଥିଳ ଓ ଖାମଖିଆଲ ଭାଷା ବ୍ୟବହାର କରାଯାଉଅଛି । ଭାଷାର ପ୍ରୟୋଗାତ୍ମକ ଧାରା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ପାରୁନାହିଁ । ସମୁଚିତ ଭାଷା, ହୃଦୟସ୍ପର୍ଶୀ ଶୈଳୀ ଓ ସଠିକ୍ ଢଙ୍ଗରେ ସମ୍ବାଦ ପରିବେଷଣ ପ୍ରତି ଧ୍ୟାନ ଦିଆଯାଇ ପାରୁନାହିଁ । ଅବଶ୍ୟ ଶିକ୍ଷା, ପ୍ରଶାସକ, ବାଣିଜ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ନିମିତ୍ତ ବହୁ ଓଡ଼ିଆ ସମ୍ବାଦପତ୍ରରେ ସମ୍ବାଦ, ସ୍ତମ୍ଭ, ଆଲୋଚନା ଓ ସମ୍ପାଦକୀୟ ପ୍ରକାଶ ପାଉଛି । ଏହା ଅତ୍ୟନ୍ତ ପ୍ରଶଂସନୀୟ, ତଥାପି ସଠିକ୍ ଶୈଳୀରେ ଓ ଢଙ୍ଗରେ ସମ୍ବାଦ ପରିବେଷଣ ମାଧ୍ୟମରେ ଭାଷାର ବିକାଶ ସମ୍ବାଦପତ୍ର ସମୂହର ଲକ୍ଷ୍ୟ ହୋଇପାରିଲେ ଓଡ଼ିଆ ଭାଷାର ସମୃଦ୍ଧି ନିଶ୍ଚିତ । ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ନିମିତ୍ତ ଓଡ଼ିଆ ସମ୍ବାଦପତ୍ର ସମୂହ ଅଧିକରୁ ଅଧିକ କ୍ରିୟାଶୀଳ ହୋଇ ଭାଷାର ଦିଗ୍‌ଦର୍ଶକ ଭୂମିକା ଗ୍ରହଣ କଲେ ଏହା ଉଭୟ ଭାଷା ଓ ଜାତି ପାଇଁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହେବ ।

ସେହିପରି ପାଠ୍ୟପୁସ୍ତକ ଭାଷା ବିକାଶର ଦିଗ୍‌ଦର୍ଶକ ଭୂମିକା ନିର୍ବାହ କରିଥାଏ । ବିଶେଷତଃ ପାଠ୍ୟପୁସ୍ତକ ସମୂହରେ ତଥ୍ୟମୂଳକ ଲେଖା ବହୁଳ ଭାବରେ ପ୍ରକାଶିତ ହୋଇଥାଏ । ପାଠ୍ୟପୁସ୍ତକ ଗୁଡ଼ିକ ଅଭିଜ୍ଞ ଓ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ପ୍ରଣିତ ହୋଇଥାଏ । ପ୍ରଣୟନ କରୁଥିବା ପ୍ରବୀଣ ଶିକ୍ଷାବିତ୍‌ଗଣ ମଧ୍ୟ ନିର୍ଭୁଲ ଓ ସଠିକ୍ ତଥ୍ୟ ପାଠ୍ୟପୁସ୍ତକରେ ଦେଇଥାନ୍ତି । ଏହି ଦୃଷ୍ଟିକୋଣରୁ ପାଠ୍ୟପୁସ୍ତକ ତଥ୍ୟ ପ୍ରସାରର ଏକ ବଳିଷ୍ଠ ମାର୍ଗ । ପାଠ୍ୟପୁସ୍ତକ ଜରିଆରେ ଛାତ୍ରଛାତ୍ରୀ ଓ ସାଧାରଣ ବ୍ୟକ୍ତି ଭାଷାର ବୌଦ୍ଧିକ ଦିଗ ସହ ପରିଚିତ ହୋଇଥାନ୍ତି । ପାଠ୍ୟପୁସ୍ତକ ଦ୍ୱାରା ହଜାର ହଜାର ନୂତନ ଶବ୍ଦ ଭାଷାରେ ପ୍ରବେଶ କରିଥାଏ । ତଥାପି ଦେଖିବାକୁ ଗଲେ, ଶିକ୍ଷାର ଯେତିକି ଯେତିକି ଉପର ଆଡ଼କୁ ଆମେ ଯିବା, ଓଡ଼ିଆ ଭାଷାର ପ୍ରୟୋଗ ସେତିକି କମି କମି ଯାଉଛି । ଶିକ୍ଷାର ଉଚ୍ଚସ୍ତର ପାଇଁ ଓଡ଼ିଆରେ କୌଣସି ବହି ନାହିଁ । ବହୁ ଆଧୁନିକ ବିଦ୍ୟାକୁ ଆଧାର କରି ଓଡ଼ିଆ ଭାଷାରେ କୌଣସି ବହି ଚର୍ଚ୍ଚିତ ହୋଇନାହିଁ କହିଲେ ଚଳେ । ଫଳରେ ଆମ ଛାତ୍ରଛାତ୍ରୀ ବହୁ ବୈଷୟିକ ଶବ୍ଦ, ସେଗୁଡ଼ିକର ଅର୍ଥ ସମ୍ପର୍କରେ ଜାଣିବାକୁ ବ୍ରତ ହେଉଛନ୍ତି । ଏହାଦ୍ୱାରା ସେମାନଙ୍କର ଜ୍ଞାନ-ବିଜ୍ଞାନର ଯଥୋଚିତ ବିକାଶ ଘଟି ପାରିବ ନାହିଁ । ପାଠ୍ୟପୁସ୍ତକ ପ୍ରଣେତା ବୃନ୍ଦ ଏ ଦିଗରେ ବିଶେଷ ଧ୍ୟାନ ରଖିଲେ ଭାଷାର ବିକାଶ ଘଟିପାରିବ । ଭାଷାର ଆଧୁନିକୀକରଣ ପ୍ରତି ସଚେତନ ରହି ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ପଡ଼ିବ ଏବଂ ଏହା ସହ ମଧ୍ୟ ଶିକ୍ଷକ ଓ ଅଧ୍ୟାପକମାନେ ଓଡ଼ିଆ ଭାଷାରେ ସେହି ସବୁକୁ ଛାତ୍ରଛାତ୍ରୀଙ୍କୁ ନ ପଢାଇଲେ ସେମାନେ ଜାଣିପାରିବେ ନାହିଁ । ବହୁ ପୂର୍ବରୁ ଭାଷା କମିଶନ ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ପ୍ରଣୟନ ଉପରେ ଜୋର୍ ଦେଇଥିଲେ ହେଁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ । ଏହା ମଧ୍ୟ ସହଜ କଥା ନୁହେଁ । ବର୍ତ୍ତମାନ ଯୋଜନାୟିତ ଭାଷାର ଯୁଗ । ଭାଷାର ଆଧୁନିକୀକରଣକୁ ଆଖି ଆଗରେ ରଖି ପାଠ୍ୟପୁସ୍ତକ ପ୍ରଣୟନ କରିବାକୁ ପଡ଼ିବ । ଶିକ୍ଷାର ତଳସ୍ତରଠାରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ପ୍ରସ୍ତୁତ କରିବାକୁ ପଡ଼ିବ । ତେଣୁ ଏଥିସହିତ ସମ୍ପୃକ୍ତ ଭାଷାବିତ୍ ତଥା ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନର ଆବଶ୍ୟକତା ରହିଛି ।

ଭାଷା ବିକାଶର ସାହିତ୍ୟର ଭୂମିକାକୁ ଭୁଲିଗଲେ ଚଳିବ ନାହିଁ । ଭାଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତଥାପି ମନେରଖିବାକୁ ପଡ଼ିବ ଯେ, ସାହିତ୍ୟ ଭାଷାକୁ ଗୌରବମଣ୍ଡିତ କରେ, କିନ୍ତୁ ବାଇପାରେ ନାହିଁ । ସଂସ୍କୃତ ଓ ମୈଥିଳୀ ଭାଷାରେ ଉଚ୍ଚକୋଟୀର ସାହିତ୍ୟ ଥିଲେ ହେଁ ବର୍ତ୍ତମାନ ସେହିସବୁ ଭାଷା ଲୁପ୍ତ ପ୍ରାୟ । ମୈଥିଳୀ ଓ ଭୋଜପୁରୀ ଭଳି ଭାଷା ବିହାର ରାଜ୍ୟର ଉପଭାଷାରେ ପରିଣତ ହୋଇଯାଇ ଅଛି । ସେହିପରି ସଂସ୍କୃତ ଭାଷା ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ନ ହୋଇଥିଲେ ମଧ୍ୟ ହାତଗଣତି କେତେକ ବୌଦ୍ଧିକ ଗୋଷ୍ଠୀଙ୍କ ମଧ୍ୟରେ ସୀମିତ । କର୍ଣ୍ଣାଟକ ରାଜ୍ୟର ମାଟୁର ଜିଲ୍ଲାର ସମସ୍ତ ଅଧିବାସୀ ସଂସ୍କୃତରେ କଥାବାର୍ତ୍ତା କରନ୍ତି । ଏହି ଜିଲ୍ଲାକୁ ମଧ୍ୟ ଭାରତର ସଂସ୍କୃତ ଗ୍ରାମ ବୋଲି କୁହାଯାଏ । ପ୍ରାଚୀନ ଆର୍ଯ୍ୟ ଭାଷା ଭାବରେ ସଂସ୍କୃତ ଭାଷା ଏହିଭଳି କେତେଜଣ ଇଚ୍ଛୁକ ଗୋଷ୍ଠୀଙ୍କ ପାଖେ ତିଷ୍ଠି ରହିଅଛି । ତେବେ ସେ ଯାହାବି ହେଉ, ସର୍ବଦା ମନେ ରଖିବାକୁ ପଡ଼ିବ ଯେ, ଭାଷାକୁ

ନେଇ ସାହିତ୍ୟ । ସାହିତ୍ୟକୁ ନେଇ ଭାଷା ନୁହେଁ । ତେଣୁ ପ୍ରତ୍ୟକ୍ଷ ଭାବେ ନ ହେଲେ ମଧ୍ୟ ସାହିତ୍ୟ ପରୋକ୍ଷ ଭାବରେ ଭାଷାର ବିକାଶ କରିଅଛି ।

ଓଡ଼ିଆ ସାହିତ୍ୟର କ୍ରମବିକାଶ ପ୍ରତି ଦୃଷ୍ଟିନିକ୍ଷେପ କଲେ ଜଣାଯାଏ ଯେ, ଭାଷା ବିକଶିତ ହେବା ଫଳରେ ସାହିତ୍ୟ ସମୃଦ୍ଧ ହୋଇଛି । ଅର୍ଥାତ୍ ଚର୍ଯ୍ୟାଯୁଗର ସାହିତ୍ୟ ଅପେକ୍ଷା ପ୍ରାକ୍ ସାରଳା ଯୁଗର ସାହିତ୍ୟର ଭାଷା ଉନ୍ନତ । ପଞ୍ଚସଖା ଯୁଗ ସାହିତ୍ୟର ଭାଷା ତା'ଠାରୁ ଉନ୍ନତ ଏବଂ କାବ୍ୟଯୁଗ ସାହିତ୍ୟର ଭାଷା ସର୍ବାପେକ୍ଷା ଉନ୍ନତ । ଓଡ଼ିଆ ଭାଷାର ଏହି ଉନ୍ନତି ହିଁ ଦିନେ ସଂସ୍କୃତ ଭାଷା ସହ ସମତୁଲ ହୋଇପାରିଥିଲା । ବର୍ତ୍ତମାନ ମଧ୍ୟ ଅଗଣିତ ସ୍ରଷ୍ଟା ନିଜ ଲେଖନୀ ମାଧ୍ୟମରେ ସାହିତ୍ୟର ବାଣୀ ଭଣ୍ଡାରକୁ ସମୃଦ୍ଧ କରିବାରେ ସକ୍ଷମ ହୋଇ ପାରିଛନ୍ତି, କିନ୍ତୁ ଓଡ଼ିଆ ଭାଷା ପ୍ରତି ସଚେତନ ହୋଇପାରୁ ନାହାନ୍ତି । ବର୍ତ୍ତମାନ ଓଡ଼ିଆ ଭାଷାର ଶବ୍ଦ ସମ୍ଭାର ଧୀରେ ଧୀରେ କମିବାରେ ଲାଗିଛି । ଓଡ଼ିଆ ଭାଷା ଏକ କବିତା ଲେଖା ଭାଷାରେ ପରିଣତ ହୋଇଛି । ଓଡ଼ିଶାର ସକଳ ସାହିତ୍ୟ ସଭାରେ କେବଳ ଆଉ କେବଳ କବିତା ଆସର । ଆମ୍ଭେ କବିତା ରଚନା ଏବଂ କବିତା ପାଠକୁ ବିଦ୍ରୂପ କରୁନାହୁଁ; କବିତାରେ କିପରି ସାମାଜିକ ଚେତନାର ଉତ୍ତରଣ ଘଟାଯାଇ ପାରିବ ଏବଂ କବିତା କୌଣସି ଗଣର ଭାଷା ନ ହୋଇ ଜଣର ଭାଷାରେ ପରିଣତ ହୋଇପାରିବ ସେଥିପ୍ରତି ସଚେତନ ରଖିବା ଆବଶ୍ୟକ । ଗୋଟିଏ ଜାତିର ସକଳ ସୃଜନାତ୍ମକ ଶକ୍ତି କେବଳ କଳ୍ପନା ବିଳାସରେ ହିଁ ଖର୍ଚ୍ଚ ହେଉଛି । ଭାଷା ନିମିତ୍ତ ସାହିତ୍ୟର ଯଥେଷ୍ଟ ଆବଶ୍ୟକତା ରହିଛି । ସେକଥା କେହି ଅସ୍ୱୀକାର କରିବେ ନାହିଁ । କିନ୍ତୁ କି ପ୍ରକାର ସାହିତ୍ୟ ଭାଷା ଆବଶ୍ୟକ କରେ ତାହା ବିବେଚନା କରିବା ଉଚିତ୍ ।

ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଆଜିକୁ ୧୦ ବର୍ଷ ହେଲାଣି । ଏହି ୧୦ ବର୍ଷ ଭିତରେ ଓଡ଼ିଆ ଭାଷାର ସ୍ଥିତି ଯେ କେଉଁ ଅବସ୍ଥାରେ ଅଛି ତାହା ଆମ୍ଭେ ଏହି ପ୍ରବନ୍ଧ ମାଧ୍ୟମରେ ହୃଦବୋଧ କରିପାରିବା । ଭାଷାବିଜ୍ଞାନୀ ତଥା ଭାଷାବିତ୍ ପ୍ରଫେସର ବିଜୟ ପ୍ରସାଦ ମହାପାତ୍ର ଓଡ଼ିଆ ଭାଷା ପ୍ରତି ଏହି ସଂକଟକୁ ଅନୁଭବ କରି ମନ୍ତବ୍ୟ ଦେଇଥିଲେ, "ଭାଷାର ଉନ୍ନତି ହେବା ଅପେକ୍ଷା ନାନା ବିଶୃଙ୍ଖଳା ଦେଖାଯାଇଛି । ମାତୃଭାଷା ଗୋଟିଏ ଜାତି ପାଇଁ ଖେଳ କଣ୍ଢେଇ ନୁହେଁ, ଯାହାକୁ ନେଇ ମନଇଚ୍ଛା ଯାହା କରାଯାଇପାରେ । ଏହି ସବ୍‌ଜାନତାଙ୍କ ଦୌରାତ୍ମ୍ୟରୁ ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ହେବ ।" ଆମ ଭାଷାର ଶାସ୍ତ୍ରୀୟ ମହତ୍ତ୍ୱ ରକ୍ଷା କରିବା ନିମିତ୍ତ ଆମକୁ ସାମାଜିକ, ଶିକ୍ଷା, ପ୍ରଶାସକ, ବାଣିଜ୍ୟ ପ୍ରତ୍ୟେକ କ୍ଷେତ୍ରରେ ଭାଷାର ବ୍ୟାପକ ବ୍ୟବହାର ନିମିତ୍ତ ପଦକ୍ଷେପ ନେବାକୁ ହେବ । ସମ୍ପ୍ରତି ଯୋଜନାୟିତ ଭାଷାର ଯୁଗ । ତେଣୁ ଏହି ଦୃଷ୍ଟିକୋଣରୁ ସକଳ ଓଡ଼ିଆ ଭାଷାବିତ୍‌ଙ୍କୁ ଏକତ୍ରିତ କରି ଓଡ଼ିଶା ସରକାର ଓଡ଼ିଆ ଭାଷାର ବିକାଶ ନିମିତ୍ତ ବିହିତ ପଦକ୍ଷେପ ନେଲେ ତାହା ହେବ ଓଡ଼ିଆ ଭାଷା ପାଇଁ କଲ୍ୟାଣକର ।

**ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
|---|---|---|---|
| 07-April-2024 | 09-May-2024 | 20-May-2024 | 01-June-2024 |


# ଉତ୍ତରଅଶୀ ଓଡ଼ିଆ ଉପନ୍ୟାସରେ ବୌଦ୍ଧ ଧର୍ମର ପ୍ରଭାବ : ଏକ ବିଶ୍ଳେଷଣ

ରୁବିନା ପାତ୍ର

ଓଡ଼ିଆ ସାହିତ୍ୟ ହେଉଛି ଏକ ବିଶାଳକାୟ ମହାସାଗର । ଯେଉଁଥିରେ କି ରହିଛି ଅସଂଖ୍ୟଭରା ଶବ୍ଦର ମୁକ୍ତା, ମୋତି ଓ ଶାମୁକା । ଓଡ଼ିଆ ସାହିତ୍ୟର ମଧ୍ୟ ଅନେକ ଦିଗ ରହିଛି ସେଗୁଡ଼ିକ ମଧ୍ୟରେ ଗଳ୍ପ, ଉପନ୍ୟାସ, କବିତା, ନାଟକ, ପ୍ରବନ୍ଧ ଇତ୍ୟାଦି । ଏସବୁ ମଧ୍ୟରେ ଉପନ୍ୟାସ ବଳିଷ୍ଠତମ ଦିଗ । ମାନବ ଜୀବନର ଗଦ୍ୟ ମହାକାବ୍ୟ ହେଉଛି ଉପନ୍ୟାସ ।

ଉପନ୍ୟାସ ଆଧୁନିକ ଯୁଗର ଏକ ସାରସ୍ୱତ କଳା, ଆଧୁନିକ ମାନବ ଜୀବନ ସହିତ ଏହାର ନିବିଡ଼ ସମ୍ପର୍କ ରହିଛି । ଏହା ମଣିଷ ଜୀବନ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଯାହାକୁ ଆଧୁନିକ ଏପିକ୍ ବା ଆଧୁନିକ ମାନବ ଜୀବନର ଗଦ୍ୟ ମହାକାବ୍ୟ ଭାବରେ ଅଭିହିତ କରାଯାଇପାରେ । ଉପନ୍ୟାସ ଏପରି ଏକ କଳା ଯେଉଁଥିରେ ମଣିଷ ପ୍ରବନ୍ଧର ଟିକିନିଖି ବର୍ଣ୍ଣନା, ସୁଖ ସମୃଦ୍ଧିର ବିଭିନ୍ନ ଦିଗ, ଜ୍ଞାନ ଓ ହସ- ପରିହାସର ଜୀବନ୍ତ ଚିତ୍ର, ସହଜ ସ୍ୱଚ୍ଛନ୍ଦ ଭାଷାରେ ସମଗ୍ର ପୃଥିବୀକୁ ଜଣାଇ ଦିଆଯାଏ । ମନୁଷ୍ୟର ଅନ୍ତରର ସତ୍ୟତା ପ୍ରକାଶ କରିବାରେ ଏହା ବହୁତ ସହାୟକ ହୋଇଥାଏ ।

ଓଡ଼ିଆ ଉପନ୍ୟାସରେ ବିଭିନ୍ନ ଧର୍ମ ଓ ଦର୍ଶନର ପ୍ରତିଫଳନ ଦେଖିବାକୁ ମିଳେ, ବିଶେଷତଃ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓ ଉତ୍ତରଅଶୀ ପରେ ପରେ କେତେକ ଔପନ୍ୟାସିକ ସେମାନଙ୍କ ଉପନ୍ୟାସରେ ବୌଦ୍ଧ ଧର୍ମକୁ ଉପନ୍ୟାସରେ ସ୍ଥାନ ଦେଇଛନ୍ତି । ଓଡ଼ିଆ ଉପନ୍ୟାସରେ ବୌଦ୍ଧ ଦର୍ଶନ ଯେପରି ଦେଖିବାକୁ ମିଳିଛି, ବାସ୍ତବିକ୍ ତାହା ଉଲ୍ଲେଖଯୋଗ୍ୟ । ସେହି ସବୁ ଉପନ୍ୟାସରେ ଫୁଟି ଉଠିଥିବା ନାନ୍ଦନିକ ଐଶ୍ୱର୍ଯ୍ୟ, ଗଭୀର ଜୀବନ ଜିଜ୍ଞାସା ଆମକୁ ଅଭିଭୂତ କରେ ବାରବାର । ତହିଁରେ ବୌଦ୍ଧ ଯୁଗର ବିଭିନ୍ନ ଚରିତ୍ରଙ୍କ ସମାବେଶ ଫଳରେ ବୌଦ୍ଧଧର୍ମର ଚିତ୍ର ଉତ୍କୀର୍ଣ୍ଣ ହୋଇଛି ମାର୍ମିକ ଭାବରେ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବୌଦ୍ଧଧର୍ମର ଦର୍ଶନକୁ ଆଧାର କରି ଉପନ୍ୟାସ ଲେଖିଥିବା ଔପନ୍ୟାସିକ ଗଣ ହେଲେ; ବାମାଚରଣ ମିତ୍ରଙ୍କ 'ଚନ୍ଦ୍ର ଓ ଚମ୍ପା' (୧୯୬୯), ବସନ୍ତ କୁମାର ସାମଲଙ୍କ 'ଶାଳବତୀ' (୧୯୭୭), ଗୋପୀନାଥ ପଣ୍ଡାଙ୍କ 'ପାଟଳୀପୁତ୍ରର ନଗରବଧୂ' (୧୯୭୮) ଏବଂ ଉତ୍ତରଅଶୀ ପରବର୍ତ୍ତୀ ସମୟରେ ରଚିତ ହୋଇଥିବା ଉପନ୍ୟାସ ଗୁଡ଼ିକ ହେଲା : ଶାନ୍ତି ମହାପାତ୍ର (ବଳ)ଙ୍କ ବୁଦ୍ଧଂ ଶରଣଂ ଗଚ୍ଛାମି (୧୯୮୩), ଆଜୀବକର ଅଟ୍ଟହାସ- ସୁରେନ୍ଦ୍ର ମହାନ୍ତି (୧୯୮୫), ବିକ୍ରମ ଦାସଙ୍କ ବୁଦ୍ଧଖୋଲର ମାୟା (୧୯୮୬), ବ୍ରଜମୋହନ ମହାନ୍ତିଙ୍କ କାରୁବାକୀ (୧୯୯୧), କାର୍ତ୍ତିକେଶ୍ୱର ପାତ୍ରଙ୍କ ସ୍ନିଗ୍ଧାବତାର ବୁଦ୍ଧ, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଅନୋମାର କନ୍ୟା (୨୦୦୩), ମନୋଜ କୁମାର ମହାପାତ୍ରଙ୍କ ଯଶୋଧାରା (୨୦୦୮) ଇତ୍ୟାଦି ।

**ଉତ୍ତରଅଶୀ ଓଡ଼ିଆ ଉପନ୍ୟାସରେ ବୌଦ୍ଧଧର୍ମର ପ୍ରଭାବ :**

**ବୁଦ୍ଧଂ ଶରଣଂ ଗଚ୍ଛାମି : ଶାନ୍ତି ମହାପାତ୍ର (ବଳ) (୧୯୮୩):**

ବୌଦ୍ଧଯୁଗର ଏକ କିମ୍ବଦନ୍ତୀକୁ ଆଧାର କରି ଶାନ୍ତି ମହାପାତ୍ରଙ୍କ 'ବୁଦ୍ଧଂ ଶରଣଂ ଗଚ୍ଛାମି' (୧୯୮୩) ଉପନ୍ୟାସ ପ୍ରକାଶିତ ହୋଇଛି । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ରୂପଜୀବୀ ଆମ୍ରପାଲୀ ଓ ତଥାଗତ ବୁଦ୍ଧଙ୍କର ଶିଷ୍ୟା ଆମ୍ରପାଲୀର ଜୀବନ କାହାଣୀ ଏବେବି ଜନମାନସରେ ଅବିସ୍ମରଣୀୟ ହୋଇ ରହିଛି । ଅନନ୍ତ ଯୌବନା ଅପରୂପ ଆମ୍ରପଲୀ ଥିଲେ ନୃତ୍ୟ ପ୍ରବୀଣା । ବୈଶାଳୀର କେତେକ ଧନିକପୁତ୍ର ନିଜର ସମସ୍ତ ନୀତି ନୈତିକତା, ବଂଶଗୌରବ, ମାନସମ୍ମାନକୁ ଜଳାଞ୍ଜଳି ଦେଇ ଆମ୍ରପାଳିର ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୋଇପଡୁଥିଲେ । ଅକାତରରେ ଅଜସ୍ର ଧନଦୌଲତ ତାର ପାଦତଳେ ଅଜାଡ଼ି ଦେଉଥିଲେ । ଏପରିକି ତା'ରି ପାଇଁ ବୈଶାଳୀର ସ୍ୱାଧିନତା ବିପନ୍ନ ଅବସ୍ଥାକୁ ମଧ୍ୟ ଆସି ଯାଇଥିଲା । ତେଣୁ ଆଜି ସନ୍ଥାଗାରରେ ମହାନାମ ଘୋଷଣା କରୁଛନ୍ତି ତାଙ୍କର କନ୍ୟାନିମିତ୍ତ ଉପଯୁକ୍ତ ପାତ୍ରଟିଏ ପାଇଁ । ବିଜଦାସ, ମହାବୀର, ବୀରାନନ୍ଦ ପ୍ରମୁଖଙ୍କ ନାମ ପ୍ରସ୍ତାବ କରାଗଲା, ମାତ୍ର କିଛି ସିଦ୍ଧାନ୍ତ ହୋଇପାରିଲା ନାହିଁ । ଶେଷରେ ଗୁପ୍ତଭୋଟ ନିଆ ଯିବାର ପ୍ରସ୍ତାବ ଗ୍ରହଣ କରାଗଲା । ତତ୍ ପୂର୍ବରୁ ଥରେ ତାକୁ ସଭ୍ୟମାନେ ଅବଲୋକନ

କରିବାର ଜିଜ୍ଞାସା କରି ବସିଲେ । ସେଥିରେ ମହାନାମ ସମ୍ମତ ହେଲେ । ପୁନର୍ବାର ଦିନେ ସନ୍ଥାଗାରରେ ସଭା ଆହୃତ ହେଲା । ବୟୋଜ୍ୟେଷ୍ଠ ସଭ୍ୟ ବେଦପାଳ ଆମ୍ରପଲୀକୁ ପୂର୍ବରୁ କେବେ ସ୍ୱଚକ୍ଷୁରେ ଦେଖି ନଥିଲେ । ଆଜି ସ୍ୱଚକ୍ଷୁରେ ଅବଲୋକନ କରି ବିସ୍ମୟରେ ଅଭିଭୂତ ହୋଇପଡ଼ିଲେ । ତାଙ୍କର ମନକୁ ଆସିଯାଇଥିଲା– ଏକ ସାଧାରଣ ମାନବୀ ନୁହେଁ । ସାକ୍ଷାତ ଦେବୀ ରୂପା । ଯେଉଁ ପୁରୁଷ ଏହି ସୁନ୍ଦରୀକୁ ଲାଭ କରିବ ତା'ର ଜୀବନ ହେବ ଧନ୍ୟ । ତେଣୁ ଆମ୍ରପଲୀ ଜଣେ ପୁରୁଷର ନ ହୋଇ, ହେଉ ଗଣଭୋଗ୍ୟା । ରାଜ୍ୟର ସମସ୍ତ ନାଗରିକ ତାଙ୍କର ସାନ୍ନିଧ୍ୟ ପାଇବା ଉଚିତ୍ ହେବ । (୬୪) ଘରେ ମହାନାମଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଆମ୍ରପଲୀ ସେଦିନ ଗଣଭୋଗ୍ୟା ବୋଲି ଘୋଷିତ ହୋଇଥିଲେ । ସେ ହେଲେ ବୈଶାଳୀର ଗଣଭୋଗ୍ୟା ନାୟିକା । କିନ୍ତୁ ଆମ୍ରପାଲୀଉସର୍ଗ ସ୍ୱରୂପ ରଖିଥିଲେ ପାଂଚଗୋଟି କାରଣ ଯଥା– ତାକୁ ସବୁଠାରୁ ଉତ୍କୃଷ୍ଟ ସ୍ଥାନରେ ପ୍ରାସାଦଟିଏ ଦିଆଯିବ, ଏକ ସମୟରେ ଜଣେ ମାତ୍ର ନାଗରିକ ତାଙ୍କ ଅନ୍ତଃପୁରକୁ ଯାଇପାରିବେ, ପ୍ରାପ୍ୟ ସ୍ୱରୂପ ପାଂଚଶତ ସ୍ୱର୍ଣ୍ଣମୁଦ୍ରା ସେ ଦେବେ, ଯଦି ରାଜ୍ୟରେ କୌଣସି ଚୋରି ଘଟଣାରେ ଘର ଖାନ୍‌ତଲାସ୍ ହୁଏ ତେବେ ସପ୍ତମ ଦିବସରେ ତା'ର ଗୃହ ଖାନ୍‌ତଲାସ୍ କରାଯିବ ଏବଂ ଶେଷରେ ତା' ନିକଟକୁ ଆସୁଥିବା ବ୍ୟକ୍ତି ଉପରେ କୌଣସି ଦୃଷ୍ଟି ରଖାଯିବ ନାହିଁ । କୋମଳ ହୃଦୟ ତା'ର କ୍ରମଶଃ କଠୋର ହୋଇ ଉଠିଥିଲା ।

ବୈଶାଳୀର କୁମାରଗଣ ତା' ନିକଟକୁ ଆସନ୍ତି କିଛି ଉଷ୍ମ ସାନ୍ନିଧ୍ୟ ପାଇବା ପାଇଁ ଏବଂ ପ୍ରତିବଦଳରେ ପ୍ରଦାନ କରି ଯାଆନ୍ତି ଅଜସ୍ର ମଣିମାଣିକ୍ୟ । ଏଣେ ବୈଶାଳୀର ନଗର ବଧୂମାନଙ୍କର ଅଭିସମ୍ପାତର ଅଭିରାମ ଧାରା ବହିଚାଲିଥାଏ ଅମ୍ବାପାଲୀ ଉଦ୍ଦେଶ୍ୟରେ । ପ୍ରଥମେ ବୟୋଜ୍ୟେଷ୍ଠ ନାଗରିକ ସତୁରୀ ବର୍ଷ ବୟସ୍କ ବେଦପାଳ ଯାଇଥିଲେ, ଆମ୍ରପାଲୀ ନିକଟକୁ କାମାତୁର ହୋଇ । ଆମ୍ରପାଲୀ ତାଙ୍କୁ ଘୃଣାକରି ଅକାତରରେ ତାଙ୍କୁ ଦେହଦାନ କରିଥିଲା । କିନ୍ତୁ ଦୁଇଟି ବିପରୀତମୁଖୀ ଜୀବନଧାରାର ସଙ୍ଗମ ଅସମ୍ଭବ । ପରେ ବିନତା ନନ୍ଦ, ଉପାଧ୍ୟାୟ, ଅହିକାନ୍ତ, ରୋହିତାକ୍ଷ ପ୍ରମୁଖ ତାଙ୍କର କାମନା ଶାନ୍ତ କରିଯାଇଥିଲେ । ମାତ୍ର ଆଜି ଆମ୍ରପାଲିକୁ ଏଇ ଗଣବାଳାର ଭୂମିକା ତିକ୍ତ ଲାଗୁଛି । ଶାରୀରିକ ଅସୁସ୍ଥତା ଦେଖାଇ ସେ କିଛି ସମୟ ବିରତି ମାଗିଥିଲା ।

ଦିନେ ସେ ସ୍ୱପ୍ନରେ ତା'ର ଭଲପାଉଥିବା ଶ୍ରେଣୀକୁ ଦେଖିଲା, ସେ ହେଉଛନ୍ତି ମଗଧ ସମ୍ରାଟ ବିମ୍ବିସାର । ସେ ଥିଲେ ପ୍ରେମର ପୂଜାରୀ, ଦେହର ନୁହେଁ । ବିମ୍ବିସାର ତାଙ୍କୁ ନିଜ ଦେଶକୁ ନେଇ ରାଜରାଣୀ କରିବାର ପ୍ରସ୍ତାବ ଦିଅନ୍ତେ ଆମ୍ରପାଲି ସେ ପ୍ରସ୍ତାବରେ ସମ୍ମତି ଦେଇ ନାହିଁ । ସେ ଚାହିଁଛି ଦୁଇ ରାଷ୍ଟ୍ରର ମଙ୍ଗଳ । ମଙ୍ଗଳମୟୀ ଭାବରେ ସେ ଚାହିଁଛି ତାର ପିତୃଭୂମି ଓ ପତିଭୂମି ସୁରକ୍ଷିତ ରହୁ । ରକ୍ତପାତକୁ ସେ ଘୃଣା କରେ । ଶେଷରେ ସେ ଦିନେ, ଜଣେ ସୁଦର୍ଶନ, ମୁଣ୍ଡିତ ମସ୍ତକ, ଗୈରିକ ବସ୍ତ୍ର ପରିହିତ ଯୁବକଙ୍କୁ ଦେଖିଛି । ସେ ଥିଲେ ବୁଦ୍ଧ । ସେ ତାକୁ ତା'ର ଘୃଣିତ ଜୀବନ ପରିବର୍ତ୍ତେ ଦେଇଛନ୍ତି ଆଲୋକ ଏବଂ ଅମୃତର ଜୀବନ ।

**ଆଜୀବକର ଅଟ୍ଟହାସ : ସୁରେନ୍ଦ୍ର ମହାନ୍ତି :**

ବୌଦ୍ଧଧର୍ମ କିପରି ବିଭିନ୍ନ ଭାଗରେ ବିଭକ୍ତ ହୋଇଯାଇଛି, ବିଲୁପ୍ତ ଏବଂ ବିଧ୍ୱଂସ ଆଡ଼କୁ ଗତି କରିଛି, ତାହା ଆଜୀବକର ଅଟ୍ଟହାସ ଉପନ୍ୟାସରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ରାଜତ୍ୱ କାଳରେ ପାଟାଳୀପୁତ୍ରଠାରେ ଅନୁଷ୍ଠିତ ହୋଇଥିଲା ଦ୍ୱିତୀୟ ବୌଦ୍ଧଧର୍ମାଧିବେଶନ ଏବଂ ଏଠାରେ ହିଁ ବୌଦ୍ଧଧର୍ମ ହୀନଯାନ ଓ ମହାଯାନ ନାମରେ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା ମହାନ୍ ବୌଦ୍ଧସଂଘ ।

ଉପନ୍ୟାସର ନାମକରଣରେ ଆଜୀବକ ସମ୍ପ୍ରଦାୟ ଆସେ, ଯାହା ବୌଦ୍ଧ ଧର୍ମ ଗଢ଼ିଉଠିଥିବା ସମୟରେ ଆସିଥିଲା । ଆଜୀବକମାନେ ଥିଲେ ନିୟତିବାଦୀ । ସେମାନଙ୍କର ଧର୍ମ, ଅଧର୍ମ, କର୍ମ, ଅପକର୍ମ ଏସବୁ ଉପରେ ବିଶ୍ୱାସ ନଥିଲା । ଏମାନେ ସାଧାରଣତଃ ବୌଦ୍ଧଧର୍ମର ବିରୋଧ କରୁଥିଲେ । ଏମାନେ ନିବୃତ୍ତି ମାର୍ଗକୁ ନୁହେଁ ପ୍ରବୃତ୍ତିକୁ ଓ ଭାଗ୍ୟକୁ ବିଶ୍ୱାସ କରୁଥିଲେ । ସେଥିପାଇଁ ଭଗବାନ୍ ବୁଦ୍ଧଙ୍କ ନିବୃତ୍ତି ମାର୍ଗକୁ ଆଜୀବକ ସମ୍ପ୍ରଦାୟ ଗୁରୁତ୍ୱ ଦେଉ ନଥିଲେ ।

ଉପନ୍ୟାସର ଆଉ ଦୁଇ ଚରିତ୍ର ଭିକ୍ଷୁ ଉପନନ୍ଦ ଓ ଭିକ୍ଷୁଣୀକ୍ଷେମାଙ୍କ ମଧ୍ୟରେ ଦେଖା ଦେଇଛି କାମନା ଓ କ୍ଷୁଧା । ଭିକ୍ଷୁ ଉପନନ୍ଦ ଓ ଭିକ୍ଷୁଣୀ କ୍ଷେମା ବିହାରରୁ ବିତାଡ଼ିତ ହେବାପରେ ଅନିର୍ଦ୍ଦିଷ୍ଟ ଭାବେ ଚାଲିଥିଲେ ଅରଣ୍ୟ ପଥରେ । ଆଚାର୍ଯ୍ୟ କାଶ୍ୟପ ତାଙ୍କୁ ବୁଝାଇ ଦେଇଥିଲେ ବାହ୍ୟ ସ୍ପର୍ଶରୁ ଜନ୍ମ ନେଲା ତୃଷ୍ଣା, ତୃଷ୍ଣାର ବେଦନା, ବେଦନାରୁ ଦୁଃଖ । ସେଥିପାଇଁ ତଥାଗତ ବାରମ୍ବାର କହିଥିଲେ ସବୁ ଦୁଃଖ ମୂଳରେ ରହିଛି ରୂପ, ତୃଷ୍ଣା ଓ ବେଦନା ।

ଉପନନ୍ଦ ଓ କ୍ଷେମା ଅରଣ୍ୟରେ ହଠାତ୍ ଏକ ପ୍ରଚଣ୍ଡ ଅଟ୍ଟହାସ ଶୁଣିଲେ ଯାହା ଏକ ଆଜୀବକ ସନ୍ନ୍ୟାସୀଙ୍କର । ସେମାନେ ବୁଝିପାରି ନଥିଲେ ଆଜୀବକ ଅଟ୍ଟହାସର ରହସ୍ୟ । କାହା ପ୍ରତି ଉଦ୍ଦିଷ୍ଟ ଥିଲା ସେହି ଅଟ୍ଟହାସ, ଆଜୀବକ ଜଣାଇ ଦିଅନ୍ତି ଯଦିଓ ବା ସେ ଦୁହିଁଙ୍କୁ ଦେଖି ଅଟ୍ଟହାସ କରିଥିଲେ କିନ୍ତୁ ତାହା ସେମାନଙ୍କ ପ୍ରତି ଉଦ୍ଦିଷ୍ଟ ନଥିଲା । ତାହା ଥିଲା ଗୌତମ ବୁଦ୍ଧଙ୍କ ଉଦ୍ଦେଶ୍ୟରେ । ଗୌତମ ବୁଦ୍ଧ ଏହି ସରଳ ସତ୍ୟଟିକୁ ବୁଝିପାରିଲେ ନାହିଁ, ସଂଯମ, ସାଧନା, ତପସ୍ୟା ଯେପରି ଏକ ମାୟା ଓ ମିଥ୍ୟାର ପ୍ରହେଳିକା । ମନୁଷ୍ୟର ସହଜାତ ପ୍ରବୃତ୍ତି ସବୁ କ'ଣ ତା'ର ସଂଯମ, ସାଧନା ଓ ସିଦ୍ଧିଠାରୁ ଆହୁରି ଶକ୍ତିଶାଳୀ, ପ୍ରକୃତିଜାତ ପ୍ରବୃତ୍ତିରେ ସବୁ ସଂଯମ, ଶୃଙ୍ଖଳା ଦିନେ ଭୁଶୁଡ଼ି ପଡେ ନଈସୁଅ ମୁହଁରେ ବାଲିବନ୍ଧ ପରି ।

ମଣିଷ ନିର୍ବାଣ ଋହେଁ ନାହିଁ । ସଂସାର ଦୁଃଖ ଶୋକରୁ ମୁକ୍ତି ଋହେଁ ନାହିଁ । ସେ ପାର୍ଥିବତା ଋହେଁ ନିର୍ବାଣ ତା' ପାଇଁ ନିଷ୍ପ୍ରୟୋଜନ । ଏହି କଠୋର ବାଣୀ ଅସହ୍ୟ ହୋଇଯାଏ । ବୌଦ୍ଧଧର୍ମର ଆଲୋକ କିପରି ନିର୍ବାପିତ ହେଉଥିଲା, ତାହା ସେ ମର୍ମେ ମର୍ମେ ଅନୁଭବ କରୁଥିଲେ । ମାତ୍ର ଆଜୀବକ ସନ୍ୟାସୀଙ୍କ ମୁହଁରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି କହିଛନ୍ତି- ନିର୍ବାଣ ତା ପାଇଁ ନିଷ୍ପ୍ରୟୋଜନ । ଏହି କଠୋର ବାଣୀ ଅସହ୍ୟ ହୋଇଯାଏ । ବୌଦ୍ଧଧର୍ମର ଆଲୋକ କିପରି ନିର୍ବାପିତ ହେଉଥିଲା, ତାହା ସେ ମର୍ମେ ମର୍ମେ ଅନୁଭବ କରୁଥିଲେ । ମାତ୍ର ଆଜୀବକ ସନ୍ୟାସୀଙ୍କ ମୁହଁରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି କହିଛନ୍ତି- ମନୁଷ୍ୟର ଇତିହାସରେ ସବୁ ମହାତ୍ମା, ସବୁ ତୀର୍ଥଙ୍କର ଏହିପରି କାଳେ କାଳେ ବ୍ୟର୍ଥ ହୋଇଛନ୍ତି, କିନ୍ତୁ ସେମାନଙ୍କ ଜୀବନ ଓ ସାଧନା ବ୍ୟର୍ଥ ଯାଇନାହିଁ ।

**ବୁଦ୍ଧଖୋଲର ମାୟା : ବିକ୍ରମ ଦାସ**

ଡ଼କ୍ଟର ବିକ୍ରମ ଦାସଙ୍କ 'ବୁଦ୍ଧଖୋଲର ମାୟା ପ୍ରଥମେ ପ୍ରକାଶ ପାଏ ୧୯୮୬ ମସିହାରେ ବୁଦ୍ଧଖୋଲ ସମ୍ପର୍କିତ କିମ୍ବଦନ୍ତୀ ଓ ଇତିହାସକୁ ଔପନ୍ୟାସିକ ସ୍ୱକୀୟ ଶୈଳୀରେ ବର୍ଣ୍ଣନା କରିଛନ୍ତି ।

ଡ଼କ୍ଟର ବିକ୍ରମ ଦାସଙ୍କ 'ବୁଦ୍ଧଖୋଲର ମାୟା' ପ୍ରଥମେ ପ୍ରକାଶ ପାଏ ୧୯୮୬ ମସିହାରେ । ବୁଦ୍ଧଖୋଲ ସମ୍ପର୍କିତ କିମ୍ବଦନ୍ତୀ ଓ ଇତିହାସକୁ ଔପନ୍ୟାସିକ ସ୍ୱକୀୟ ଶୈଳୀରେ ବର୍ଣ୍ଣନା କରିଛନ୍ତି । 'ଆଗକାଳରେ ବୁଦ୍ଧଖୋଲ ନିକଟରେ ବୁଦ୍ଧଗଡ଼ ଋରିପଟେ ବହୁଧନୀ ସୌଦାଗର ବାସ କରୁଥିଲେ । ଏବେର ବୁଗୁଡ଼ା ସହର ଯାହା ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ, ତାହା କାଳକ୍ରମେ ବୁଦ୍ଧଗଡ଼ ନାମରୁ ଅପଭ୍ରଂଶ ହୋଇ ଏପରି ନାମଧାରଣ କରିଛି । ସେହି ସହରରେ ଯେଉଁସବୁ ସାଧବମାନେ ରହୁଥିଲେ ସେମାନଙ୍କ ପୃଷ୍ଠପୋଷକତାରେ ଏହି ପାହାଡ଼ ଖୋଲରେ ବିରାଟ ବିରାଟ ବୌଦ୍ଧମୂର୍ତ୍ତି ସବୁ ଗଢ଼ା ଯାଇଥିଲା ଓ ପାହାଡ଼ ନିକଟରେ ବୌଦ୍ଧ ବିହାର ଓ ଆଶ୍ରମ ଗଢ଼ିଉଠିଥିଲା । କିମ୍ବଦନ୍ତୀ ଅନୁସାରେ ଗୌତମବୁଦ୍ଧ ସେହି ମନୋରମ ନିରୋଳା ସ୍ଥାନରେ କିଛିକାଳ ତପସ୍ୟା କରିଥିଲେ । ପ୍ରକୃତରେ ଗୌତମ ବୁଦ୍ଧ କି ପରବର୍ତ୍ତୀ କାଳରେ ଅନ୍ୟ କୌଣସି ବୁଦ୍ଧ ଆସି ସେଠାରେ ତପସ୍ୟା କରି ନିର୍ବାଣ ପାଇଥିଲେ ତାହା ନିରୂପଣ କରିବା କଷ୍ଟକର ।

ଉପନ୍ୟାସର ଅନ୍ୟ ଏକ ଚରିତ୍ର ସୀମାଂଚଳ ବାବୁଙ୍କ ଜୀବନର ଦୁଃଖକୁ ଆଙ୍କିବା ଭିତରେ ସେ ଅନ୍ୟମନସ୍କ ହୋଇ ପହଂଚି ଯାଆନ୍ତି ବୁଦ୍ଧଖୋଲର ସେହି ଛୋଟ ଦେଉଳ ପାଖରେ । ସେହି ସ୍ଥାନଟି ସେ ଆଗରୁ ଦେଖିଛନ୍ତି କିନ୍ତୁ ସେଥିରେ କାହିଁକି ତାଙ୍କୁ ଲାଗେ ଅପୂର୍ବ । ସେଠାରେ ସେ ଲକ୍ଷ୍ୟ କରନ୍ତି ମନୁଷ୍ୟ ଓ ଜୀବଜନ୍ତୁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅନ୍ତରଙ୍ଗ ବନ୍ଧୁତା ବୁଦ୍ଧଦେବ ସେଠାରେ ପ୍ରଚଣ୍ଡ ଖରାରେ ବସି ତପସ୍ୟା କରୁଥିବା ଅବସ୍ଥାରେ ଗେଣ୍ଡାମାନେ ତାଙ୍କ ଦେହରେ ଚଢ଼ି ତାଙ୍କ ମୁଣ୍ଡ ଉପରକୁ ଯାଇ କିପରି ତାଙ୍କ ମୁଣ୍ଡକୁ ଥଣ୍ଡା ରଖୁଥିଲେ ।

ବୁଦ୍ଧଖୋଲ ପାହାଡ଼ ଦିନେ ଗୋଟିଏ ପ୍ରଧାନ ବୌଦ୍ଧପୀଠ ଥିଲା । ଓଡ଼ିଆ ରାଜା ଶୈଳେନ୍ଦ୍ର ବଂଶ ସେଠାରେ ବଡ଼ ବଡ଼ ସ୍ତୂପ ନିର୍ମାଣ କରାଇ ଥିଲେ । କିନ୍ତୁ ପରେ ବୌଦ୍ଧଧର୍ମର ଲୋପ କଥା କହିବାକୁ ଗଲେ ଦେଖାଯାଏ, ମହାଯାନୀ, ହୀନଯାନୀ ପ୍ରଭୃତିଙ୍କ ଭିତରେ ମନୋମାଳିନ୍ୟ ବୌଦ୍ଧବିହାରରେ ସ୍ତ୍ରୀ ଭିକ୍ଷୁଣୀ ଓ ତନ୍ତ୍ରର ପ୍ରବେଶ, ହିନ୍ଦୁ ଧର୍ମରେ ଜଗନ୍ନାଥ ହିଁ ବୁଦ୍ଧ ଓ ବୁଦ୍ଧ ବିଷ୍ଣୁଙ୍କର ନବମ ଅବତାର କୁହାଯିବାର ପ୍ରୟାସ ।

ଉପନ୍ୟାସର ମୁଖ୍ୟ ଚରିତ୍ର ରାମଶଙ୍କର ବିଦ୍ୟା ଅଧ୍ୟୟନ ଓ ଅଧ୍ୟାପନା ପାଇଁ ଯାଆନ୍ତି ଆମେରିକା । ୟୁରୋପୀୟ ଦେଶ ଭ୍ରମଣ କରନ୍ତି, ବୁଦ୍ଧଖୋଲ ନିକଟ ଆଶ୍ରମରେ ବିତାଇ ଥିବା ତାଙ୍କ ପିଲାଦିନର କଠୋର ସାଧନାକୁ ସେ ବିସ୍ମରି ପାରନ୍ତି ନାହିଁ ।

ଜୀବନର ସତ୍ୟ ଉଦ୍‌ଘାଟନ ପାଇଁ ତପସ୍ୟା କରିଥିଲେ । ଦୁଃଖର କାରଣ ଓ ଦୁଃଖଠାରୁ ମୁକ୍ତିର ମାର୍ଗକୁ ଖୋଜି ବାହାର କରିଥିଲେ ଗୌତମ ବୁଦ୍ଧ । ବୁଦ୍ଧଙ୍କ ବାଣୀ ଭିତରେ ଔପନ୍ୟାସିକ ସୁଖ କ'ଣ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ମୁହଁରୁ କହିଛନ୍ତି- ସୁଖ ହେଉଛି ଦୁଇ ପ୍ରକାରର ନିତ୍ୟ ଓ ଅନିତ୍ୟ । ଅନିତ୍ୟ ସୁଖ ଯାହା ସାମୟିକ ସୁଖ ପରେ ଯନ୍ତ୍ରଣା ମିଳେ । ମାତ୍ର ନିତ୍ୟ ସୁଖ ଯାହା ପରମ ସୁଖ ଏବଂ ତାହାହିଁ ନିର୍ବାଣର ଅନ୍ୟନାମ । ମାନବ ଜୀବନର ସବୁ ମାୟା ପ୍ରତିବିମ୍ବିତ ହେଉଥାଏ, ନିତ୍ୟ ସତ୍ୟର ପ୍ରଜ୍ଞା ଲୋକରେ ।

**କାରୁବାକୀ : ବ୍ରଜମୋହନ ମହାନ୍ତି**

ଡ଼ଃ ବ୍ରଜମୋହନ ମହାନ୍ତିଙ୍କ 'କାରୁବାକୀ' (୧୯୯୧) କିମ୍ବଦନ୍ତୀ ଉପରେ ଆଧାରିତ ବୌଦ୍ଧ ଧର୍ମର ଏକ ଦାର୍ଶନିକ ଉପନ୍ୟାସ । ଉପନ୍ୟାସର ନାୟିକା ହେଉଛନ୍ତି କାରୁବାକୀ । କଳିଙ୍ଗ ଯୁଦ୍ଧ ଓ ଓଡ଼ିଶାରେ ବୌଦ୍ଧଧର୍ମର ପରିବ୍ୟାପ୍ତି ସହ କାରୁବାକୀ ଚରିତ୍ରର ଯେ ଏକ ସଂଯୋଗ ରହିଛି । ତାହା ଅସ୍ୱୀକାର କରିହେବ ନାହିଁ ।

ଉପନ୍ୟାସରେ କଳିଙ୍ଗର ରାଜଜେମା ଅର୍ଥାତ୍ ରାଜକୁମାର ତୀବରଙ୍କ ଚରିତ୍ରରେ ଆମେ ଉତ୍କଳୀୟ ସ୍ୱାଭିମାନ ଦେଖିବାକୁ ପାଉ । କାରୁବାକୀ ବୌଦ୍ଧଧର୍ମକୁ ଗୁରୁତ୍ୱ ଦେଉଥିଲେ । ସେ ମଧ୍ୟ ବୌଦ୍ଧ ଭିକ୍ଷୁଣୀ ହେବାକୁ ଋହିଁଥିଲେ । କାରୁବାକୀଙ୍କ ସୁନ୍ଦର ଚିତ୍ରପଟ ଦେଖି ମଗଧ ସମ୍ରାଟ ଅଶୋକ କାରବାକୀଙ୍କୁ ପାଇବା ନିମନ୍ତେ ବ୍ୟାକୁଳ ହୁଅନ୍ତି । କଳିଙ୍ଗ ଆକ୍ରମଣ କରି କଳିଙ୍ଗ ଯୁଦ୍ଧ କରନ୍ତି । ଲକ୍ଷ ଲକ୍ଷ ଯୋଦ୍ଧା ଏହି ଯୁଦ୍ଧରେ ଗଡ଼ି ପଡ଼ନ୍ତି । ଦୟାନଦୀ ରକ୍ତ ନଦୀରେ ପାଲଟି ଯାଏ ରକ୍ତାକ୍ତ ନଦୀ ପରି । ଉତ୍କଳର ମାଟି ବା କଳିଙ୍ଗ ମାଟିର ସେଦିନ ଆର୍ତ୍ତନାଦ ଥିଲା ବିଧବାର, ଅନାଥ ଶିଶୁର ।

ରାଣୀ କାରୁବାକୀ ସମ୍ରାଟ୍ ଅଶୋକଙ୍କୁ ବିବାହ ନିମନ୍ତେ ସର୍ତ୍ତ ରଖନ୍ତି । ହେ ସମ୍ରାଟ ଅଶୋକ ତୁମେ ଯାତ୍ରା କରିବ କଳିଙ୍ଗର ତୋଷାଳୀ ନଗର ନିକଟ ଧଉଳି ପାହାଡ଼ ନିକଟକୁ । ସେ କଳିଙ୍ଗ ମାଟି ଛୁଇଁବ କ୍ଷମା ମାଗିବ । ସେହି ପାହାଡ଼ କଡ଼ ଦୟାନଦୀରେ

ସ୍ନାନ କରି ସବୁ ପାପ ଧୋଇବ ଓ ବୌଦ୍ଧ ଧର୍ମରେ ଦୀକ୍ଷିତ ହେବ ମୋର ଗୁରୁ ଉପଗୁପ୍ତ ଓ ସମୁଦ୍ରଙ୍କ ଠାରୁ ।

ରାଣୀ କାରୁବାକୀ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିବାରେ ନେଇଥିଲେ ମୁଖ୍ୟ ଭୂମିକା । ବୌଦ୍ଧଧର୍ମର ମହାନ୍ ବାଣୀକୁ ନିଜ ଜୀବନରେ ପାଳନ ପୂର୍ବକ ସେ ରାଜ୍ୟ ଶାସନରେ ଆଣିଥିଲେ ଅଭୂତପୂର୍ବ ସଂସ୍କାର । ଧଉଳିଗିରି, ଜଉଗଡ଼ ପ୍ରଭୃତି ସ୍ଥାନରେ ଲିପିବଦ୍ଧ କରିଥିଲେ ବୌଦ୍ଧ ଧର୍ମର ମହାନ୍ ବାଣୀ ସମୂହ । ବୌଦ୍ଧଧର୍ମ କିପରି ମାନବ ପ୍ରାଣକୁ ରୂପାନ୍ତରିତ କରିପାରେ, ତାହା ସମ୍ରାଟ ଅଶୋକଙ୍କ ପରି ଚରିତ୍ରରୁ ସୁସ୍ପଷ୍ଟ ହୋଇଛି ।

**ସ୍ନିଗ୍ଧାବତାର ବୁଦ୍ଧ : କାର୍ତ୍ତିକେଶ୍ୱର ପାତ୍ର**

ସ୍ନିଗ୍ଧାବତାର ବୁଦ୍ଧ ଉପନ୍ୟାସରେ ଔପନ୍ୟାସିକ କାର୍ତ୍ତିକେଶ୍ୱର ପାତ୍ର ରାଜକୁମାର ସିଦ୍ଧାର୍ଥଙ୍କ ଜନ୍ମ, କୈଶୋରାବସ୍ଥା, ବିବାହ, ସଂସାର ତ୍ୟାଗ କରି ଜୀବନକୁ ଆବିଷ୍କାର କରିବାପାଇଁ ପଳାୟନ ଓ ଗଭୀର ଏକନିଷ୍ଠ ତପସ୍ୟା ଫଳରେ ବୁଦ୍ଧତ୍ୱ ପ୍ରାପ୍ତି ପ୍ରଭୃତି ଭଗବାନ୍ ବୁଦ୍ଧଙ୍କ ଜୀବନରେ ଆଲୋକିତ ଅଧ୍ୟାୟ ସବୁ ଏହି ଉପନ୍ୟାସରେ ସୁସଂଯୋଜିତ ।

ବାଳକ ସିଦ୍ଧାର୍ଥ ଜିଜ୍ଞାସୁ ହୋଇପଡ଼ନ୍ତି ମୃତ୍ୟୁ ବିଷୟରେ । ଜୀବନର ଶେଷ ପରିଣତି କ'ଣ ମୃତ୍ୟୁ ? ପ୍ରତିଟି ମଣିଷ, ଜୀବଜନ୍ତୁ, କୀଟ ପତଙ୍ଗ ସମସ୍ତଙ୍କ ଭାଗ୍ୟରେ କ'ଣ ଏହାହିଁ ଲିପିବଦ୍ଧ । କ'ଣ ପାଇଁ ମଣିଷ ଦୁଃଖ ପାଏ । ଦୁଃଖର କାରଣ କ'ଣ ? ସେ ଯେଉଁଦିନ ଏକ ଜରାଜୀର୍ଣ୍ଣ ବୃଦ୍ଧଙ୍କୁ ଦେଖିଲେ ସାରଥୀ ଛନ୍ଦକକୁ ପ୍ରଶ୍ନ କଲେ, ଏହି କଙ୍କାଳସାର ଜୀବଟି କିଏ ? ଛନ୍ଦକ ଉତ୍ତର ଦେଲେ– ସେ ହେଉଛି ଜଣେ ମଣିଷ ଏବଂ ସେ ବର୍ତ୍ତମାନ ତାର ବାର୍ଦ୍ଧକ୍ୟାବସ୍ଥାରେ ।

ସେହିପରି ଆଉ ଏକ ଦିନ ସିଦ୍ଧାର୍ଥ ଦେଖନ୍ତି ଏକ ରୋଗାଗ୍ରସ୍ତ ମାନବକୁ । ସୁନ୍ଦର ଶରୀରକୁ ରୋଗଗ୍ରସ୍ତ ହେଲେ ଶରୀର ଯେ ଏପରି କଦାକାର ହୋଇଯାଏ, ତାହା ଅନୁଭବ କରନ୍ତି ସିଦ୍ଧାର୍ଥ ସେଦିନ । ଶୈଶବ, କୈଶୋର, ତାରୁଣ୍ୟ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଯେକୌଣସି ସମୟରେ ଶରୀରକୁ ରୋଗ ଆକ୍ରମଣ କରିପାରେ ।

ବ୍ୟଥିତ ସିଦ୍ଧାର୍ଥ ଅନ୍ୟ ଏକଦିନେ ରାଜରାସ୍ତାରେ ଦେଖନ୍ତି ଆଉ ଏକ ଦୁଃଖଦ ଦୃଶ୍ୟ, ସେଇ ଦୃଶ୍ୟଟି ହେଲା– କୋକେଇରେ ଗୋଟିଏ ମଣିଷର ଶବକୁ ଚାରିଜଣ ବ୍ୟକ୍ତି ବୋହି ଚାଲିଛନ୍ତି ।

ସଂସାର ଦୁଃଖମୟ, ଜୀବନ ଦୁଃଖମୟ ଏପରି କୌଣସି ପ୍ରାଣୀ ନାହିଁ । ଯାହାକୁ ଦୁଃଖ, ରୋଗ, ଶୋକ, ମୃତ୍ୟୁ କବଳିତ କରିପାରେ ନାହିଁ । ସୁତରାଂ ଏସବୁ ଅନ୍ଧକାର ଭିତରେ ଦୁଃଖ ଓ ଯନ୍ତ୍ରଣାର ଜୀବନ ମଧ୍ୟରେ ଚିରନ୍ତନ ସୁଖର ମାର୍ଗ ଦେଖାଇଥିଲେ ଭଗବାନ ବୁଦ୍ଧ ।

**ଅନୋମାର କନ୍ୟା: ଶାନ୍ତନୁ କୁମାର ଆଚାର୍ଯ୍ୟ**

ବିଶିଷ୍ଟ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଅନୋମାର କନ୍ୟା (୨୦୦୩) ଏକ ମାର୍ମିକ ଉପଲବ୍ଧିର ଉପନ୍ୟାସ । ଓଡ଼ିଶାର ବୌଦ୍ଧଧର୍ମର ଉତ୍ସ ଅନ୍ୱେଷଣରୁ ଏହି ନିଜସ୍ୱମାନତା ଉତ୍ସାନ୍ତରିକ ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ ଓଡ଼ିଶା– ଏହା ପ୍ରମାଣିତ କରିବା ଲକ୍ଷ୍ୟରେ ଔପନ୍ୟାସିକ ଏହି ଉପନ୍ୟାସ ରଚନା କରିଛନ୍ତି ।

ଉପନ୍ୟାସର ଚରିତ୍ର ରଘୁନାଥ କଲାମ ସେହିପରି ଏକ ଅନୁସନ୍ଧିତ୍ସୁ ବ୍ୟକ୍ତି, ଜାପାନୀ ଭିକ୍ଷୁର କାଜ୍ୟୁୟୋଦା ଔପନ୍ୟାସିକଙ୍କ ଏକ ଅନ୍ୟତମ ସଂଯୋଜନ । ରଘୁନାଥଙ୍କ ସାମୟିକ ବିଷର୍ଣ୍ଣତା ଜନିତ ସ୍ଥିତିକୁ ବୁଝନ୍ତି ଭିକ୍ଷୁର କାଜ୍ୟୁୟୋଦା । ଏତିକି ବେଳେ ସେ ଅନୁଭବ କରନ୍ତି ଯେ bole ଶ୍ରମଣମାନେ କାହିଁକି ଗୋଟିଏ ଜାଗାରେ ଦୀର୍ଘଦିନ ରହି ନଥାନ୍ତି । ଏଠାରେ ବୌଦ୍ଧଧର୍ମର ଅନ୍ତରୀଣ ଉପଲବ୍ଧିର କଥା କହିଛନ୍ତି, "ଏ ଜଗତ ନିତ୍ୟ ପରିବର୍ତ୍ତନଶୀଳ ମଣିଷର ମାନସିକ ସ୍ଥିତି ମଧ୍ୟ ପରିବର୍ତ୍ତନଶୀଳ । ପରିବର୍ତ୍ତନଶୀଳତା ସହିତ ତାଳ ଦେଇ ଭିକ୍ଷୁମାନେ ଯଦି ସ୍ଥାନାନ୍ତରିତ ନ କରନ୍ତି ନିଜକୁ ତେବେ 'ମାର' ତା'ର ମାୟାଜାଲ ପୁନର୍ବାର ବିସ୍ତାର କରି ରୁଦ୍ଧ କରିଦିଏ ନିର୍ବାଣକାମୀ ଜୀବର ଗତିପଥକୁ ।"

ଭିକ୍ଷୁ କାଜ୍ୟୁୟୋଦା ଓ ରଘୁନାଥ କଲାମ ପରିବ୍ରାଜକର ଭୂମିକା ନେଇ ଆରମ୍ଭ କରିଥିଲେ ଏକ ଦୀର୍ଘ ପଦଯାତ୍ରା । ସେ ଯାତ୍ରା ଆରମ୍ଭ ହୋଇଥିଲା ଆଧୁନିକ ଭୁବନେଶ୍ୱରର କପିଳେଶ୍ୱର ଶିବମନ୍ଦିରରୁ । ଏହି ସମୟ କାଳ ମଧ୍ୟରେ ସେମାନେ ଖୋଜି ବୁଲୁଥିଲେ ବୁଦ୍ଧଙ୍କର ଆଦ୍ୟ ସନ୍ନ୍ୟାସର ଗତିପଥକୁ ଏବଂ ସେମାନେ ଓଡ଼ିଶା ସୀମା ପାରି ହୋଇ ବିହାର ରାଜ୍ୟରେ ପହଂଚିଥିଲେ । ବହୁ ବୌଦ୍ଧତୀର୍ଥ ପରିଭ୍ରମଣ ପରେ ସେମାନେ ପହଂଚିଥିଲେ ଉତ୍ତରପ୍ରଦେଶରେ । ବାରଣାସୀ ଠାରେ ଗଙ୍ଗାନଦୀ ପାର ହୋଇ ସେମାନେ ପହଂଚିଥିଲେ ଆଧୁନିକ କୁଶୀନାରା ବା ପ୍ରାଚୀନ କୁଶୀନଗର ଠାରେ । ଯେଉଁଠାରେ ଭଗବାନ ବୁଦ୍ଧଙ୍କ ମହାପରିନିର୍ବାଣ ହୋଇଥିଲା । ସେମାନେ ଓଡ଼ିଶାର ସୀମା ଅନ୍ତର୍ଗତ ଲୁମ୍ବିନୀ (ଆଧୁନିକ ଲେମ୍ବାଇ), ପ୍ରଗନ୍ନା, ଦେବଦହ (ଆଧୁନିକ ଗୋବିନ୍ଦପୁର, ଦେଓଗାଁ), ପ୍ରଗନ୍ନା, କୋଦଣ୍ଡ (ଆଧୁନିକ କଟକ ଜିଲ୍ଲାର ପୂର୍ବସୀମା) ପ୍ରଗନ୍ନାକେଶପୁର, ଅନୋମାନଦୀ (ଆଧୁନିକ ଚିତ୍ରୋପଳା ବା ମହାନଦୀ) ପାରି ହୋଇ ପହଂଚିଥିଲେ ଧର୍ମଶାଳା (ଆଧୁନିକ ଧର୍ମଶାଳା)ରେ । ସେଠାରୁ ଆନନ୍ଦପୁର, କେନ୍ଦୁଝର ଚମ୍ପୁଆ ଦେଇ ଓଡ଼ିଶା ସୀମା ଅତିକ୍ରମ କରି ଚାଲିଲେ ବିହାର ଅନ୍ତର୍ଗତ ରାଜଗୃହ ଓ ବୋଧଗୟାକୁ ।

ବୁଦ୍ଧଙ୍କ ବୁଦ୍ଧତ୍ୱ ପ୍ରାପ୍ତିସ୍ଥଳ ପବିତ୍ର ଉରୁବେଳାର ନିରଞ୍ଜନା ନଦୀତଟ ଏବଂ ନାଳନ୍ଦା, ସାରନାଥ, ବାରଣାସୀ, ଚମ୍ପା, ଶ୍ରୀବସ୍ତୀ, ସାକେତ ଏବଂ କୋଶାମ୍ବୀ ପ୍ରଭୃତି ପ୍ରସିଦ୍ଧ ବୌଦ୍ଧପୀଠ ପରିଭ୍ରମଣ କରିଛନ୍ତି ରଘୁନାଥ ଓ ଭିକ୍ଷୁ କାଜ୍ୟୁୟୋଦା ।

ଇତିହାସର ପଟ୍ଟଭୂମିରେ ବିଗତ କେତେ ଶତାବ୍ଦୀ ମଧ୍ୟକୁ ଆମକୁ ନେଇଯାଉଛି ଏହି ଉପନ୍ୟାସ । ଏକ ସୁନ୍ଦର କାହାଣୀର ବିନ୍ୟାସ ଭିତରେ ଓଡ଼ିଶାରେ ବୁଦ୍ଧଙ୍କ ଜନ୍ମସ୍ଥାନ ନିରୂପଣ କରିବାର ଏକ ପ୍ରଶ୍ନ ଉତ୍ଥାପନ କରିଛନ୍ତି ଶ୍ରୀଯୁକ୍ତ 'ଶାନ୍ତନୁ କୁମାର ଆଚାର୍ଯ୍ୟ' ।

### ନିର୍ବାଣ : ମନୋଜ କୁମାର ମହାପାତ୍ର

ତଥାଗତ ବୁଦ୍ଧଙ୍କ ଜୀବନ ସାଧନା ଓ ତପସ୍ୟାର ସିଦ୍ଧିଲାଭର ଏକ ଅନୁପମ ସୃଷ୍ଟି ସମ୍ଭବ ହୋଇଛି ମନୋଜ କୁମାର ମହାପାତ୍ରଙ୍କ ନିର୍ବାଣ ଉପନ୍ୟାସରେ । ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱକାଳ ଅତିକ୍ରମ ହୋଇଥିଲେ ମଧ୍ୟ ତଥାଗତ ବୁଦ୍ଧ ଭାରତୀୟମାନଙ୍କ ବୁଦ୍ଧି, ବିବେକ ଓ ଚେତନାରେ ଅଦ୍ୟାବଧି ଉଦ୍ଦୀପିତ । ଭାରତୀୟ ଜନମାସରେ ବୁଦ୍ଧ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ ।

'ନିର୍ବାଣ' ଉପନ୍ୟାସରେ ବୁଦ୍ଧଙ୍କ ଜୀବନର ବହୁ ଚିତାକର୍ଷକ ଘଟଣା ଓ ଅନୁଭୂତି ରହିଛି । ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧିର ସତତ ଆକ୍ରମଣରେ ମଣିଷ ବେଦନା ଜର୍ଜରିତ । ଅପ୍ରତିରୋଧ୍ୟ, ଅନିବାର୍ଯ୍ୟ ଅନ୍ଧ ନିୟତିର ବେତ୍ରାଘାତରେ ମନୁଷ୍ୟ ଭିତରେ ରହିଥିବା ଦିବ୍ୟଜ୍ଞାନ କେବଳ ଅଚେତାବସ୍ଥାରେ ପଡିରହି ଘୁଙ୍ଗୁଡି ମାରୁଛି, ଯନ୍ତ୍ରଣାମୟ ଜୀବନ ଓ ତା'ର ଅନିବାର୍ଯ୍ୟ କରୁଣ ପରିଣତି ବିଚଳିତ କରିଦିଏ ସିଦ୍ଧାର୍ଥଙ୍କୁ । ମଣିଷ କାହିଁକି ଦୁଃଖ ପାଏ ? ଦୁଃଖର କାରଣ କ'ଣ ? ଏହି ଅନୁସନ୍ଧିତ୍ସାବୋଧ ରାଜକୁମାର ସିଦ୍ଧାର୍ଥଙ୍କୁ କରିଦିଏ ସଂସାରତ୍ୟାଗୀ ସନ୍ୟାସୀ । ନିରଞ୍ଜନା ନଦୀକୂଳରେ ବୋଧିଦ୍ରୁମ ତଳେ ଗଭୀର ତପସ୍ୟାରେ ନିମଗ୍ନ ରହି ସେ ଆବିଷ୍କାର କରିଛନ୍ତି ଚାରି ଆର୍ଯ୍ୟ ସତ୍ୟ, ଆପଣା ଭିତରେ ଉପଲବ୍ଧି କରିଛନ୍ତି ଅଗଣିତ ଜୀବମାନଙ୍କୁ ନିଜ ପୂର୍ବଜନ୍ମ ସହ ନିଜର ଅସଂଖ୍ୟ ଜନ୍ମ ଓ ମୃତ୍ୟୁର ସ୍ମୃତି ଉଦ୍‌ଭାସିତ ହୋଇଉଠିଲା ତାଙ୍କ ଦିବ୍ୟ ଦୃଷ୍ଟିର ବଳୟ ଭିତରେ ।

ଔପନ୍ୟାସିକଙ୍କ କଲମରେ ଗଭୀର ଦାର୍ଶନିକ ଅବବୋଧ ଅନ୍ତଃଗୁମ୍ଫିତ ହୋଇଛି । ଏଠାରେ ମହାସମୁଦ୍ରରେ ଯେପରି ଅସଂଖ୍ୟ ଢ଼େଉ ପ୍ରତି ମୁହୂର୍ତ୍ତରେ ଉତ୍‌ଥିତ ହୁଏ ଏବଂ ପରମୁହୂର୍ତ୍ତରେ ପୁନଶ୍ଚ ସମୁଦ୍ର ବକ୍ଷରେ ଲୀନ ହୋଇଯାଏ, ସମୁଦ୍ର ଯେପରି ନିର୍ଲିପ୍ତ ଭାବରେ ବକ୍ଷ ବିସ୍ତୀର୍ଣ୍ଣ କରି ପଡି ରହେ ଏବଂ ତା ବକ୍ଷର ଉତ୍‌କ୍ଷିପ୍ତ ଢ଼େଉ ପୃଥକ ନୁହେଁ ବରଂ ସେହି ବିଶାଳ ଜଳରାଶିର ଅଂଶମାତ୍ର । ଠିକ୍ ସେହିପରି ଏହି ସଂସାରରେ ଯାହା ସବୁ ଜନ୍ମ, ମୃତ୍ୟୁ ସୃଷ୍ଟି, ସ୍ଥିତି, ବିନାଶ ସଂଘଟିତ ହେଉଛି, ତାହା କେବଳ ସମୁଦ୍ରର ଢ଼େଉ ସମ । ଏହି ରହସ୍ୟ ମନୁଷ୍ୟ ଯେତେବେଳେ ବୁଝିଯିବ, ସେତେବେଳେ ସେ ଭୟ ଶୂନ୍ୟ ହୋଇଯିବ ।

ବୁଦ୍ଧଙ୍କ ପଂଚଶୀଳ ନୀତି ସମ୍ରାଟ ବିମ୍ବିସାରଙ୍କୁ ଅନୁପ୍ରାଣିତ କରିଥିଲା, ସେ ବୁଦ୍ଧଙ୍କ ଠାରୁ ପଂଚଶୀଳ ନୀତି ଶ୍ରବଣ କରିଥିଲେ ।

୧. ଅହିଂସା ପରମଧର୍ମ ।
୨. ଚୌର୍ଯ୍ୟ କର୍ମରେ ଲିପ୍ତ ନ ରହିବା ।
୩. ଯୌନ ବ୍ୟଭିଚାର ଏକ ମାନବୀୟ ଏବଂ ସାମାଜିକ କଳଙ୍କ ।
୪. ମିଥ୍ୟା କହିବା ଏକ ସାଂଘାତିକ ଅପରାଧ ।
୫. ମଦ୍ୟପାନ, ଅନ୍ୟ ନିଶାଦ୍ରବ୍ୟ ସେବନ କରନାହିଁ ।

### ପଂଚଶୀଳ ପାଲି ଭାଷାରେ :

୧. ପାଣାତିପାତା ବେରମଣି, ଶିଖ୍ୱାପଦ ସମାଦିଆମି ।
୨. ଅଦିନାଦାନାଂ ବେରମଣି, ଶିଖ୍ୱାପଦ ସମାଦିଆମି ।
୩. କାମେସୁ ମିଛାଚାର ବେରମଣି, ଶିଖ୍ୱାପଦ ସମାଦିଆମି ।
୪. ମୁସାବାଦା ବେରମଣି, ଶିଖ୍ୱାପଦ ସମାଦିଆମି ।
୫. ସୁରାମେରୟମଣ ପମାଦଘପନା ବେରମଣି, ଶିଖ୍ୱାପଦ ସମାଦିଆମି ।

ରାଜା ବିମ୍ବିସାର ତଥାଗତଙ୍କୁ ଦାନ କରିଥିଲେ ସୁରମ୍ୟ ବେଣୁ ବନବିହାର । ଏହା ଥିଲା ତଥାଗତଙ୍କ ବୁଦ୍ଧତ୍ୱ ପ୍ରାପ୍ତିପରେ ପ୍ରଥମ ଉପହାର ।

ନଗରବଧୂ ଆମ୍ବାପଲ୍ଲୀ ମଧ୍ୟ ବୁଦ୍ଧଙ୍କ ଦର୍ଶନରେ ହୋଇଛି ଅନୁପ୍ରେରିତ । ବୁଦ୍ଧଙ୍କ ମର୍ମସ୍ପର୍ଶୀ ଉପଦେଶ ଆମ୍ବାପାଲୀର ହୃଦୟକୁ ବିସ୍ତାରିତ କରେ ଏବଂ ତା'ର ଅଶାନ୍ତ ମନକୁ କରିଦିଏ ଶାନ୍ତ ।

ଉତ୍ତରାଧିକାରୀ ସୂତ୍ରରେ ସେଦିନ ପୁତ୍ର ରାହୁଳ ଯାହା ଗୌତମ ବୁଦ୍ଧଙ୍କଠାରୁ ଲାଭ କଲେ- ତାହା ହେଉଛି ପ୍ରବ୍ରଜ୍ୟା । ସେ ଦୀକ୍ଷିତ ହେଲେ ବୌଦ୍ଧଧର୍ମରେ ମାତା ମହାପ୍ରଜାପତି ଗୌତମୀ ଓ ପିତା ଶୁଦ୍ଧୋଦନ ମଧ୍ୟ ଗ୍ରହଣ କରନ୍ତି ବୌଦ୍ଧଧର୍ମ । ଶ୍ରୀବସ୍ତୀର ଚିଲିକା ପର୍ବତରେ ଚାତୁର୍ମାସ୍ୟା ବ୍ରତ ପାଳନ କରୁଥିବା ଅବସରରେ ଅନୁଷ୍ଠିତ ହେଲା ରାହୁଳଙ୍କ ପ୍ରବ୍ରଜ୍ୟା ଉତ୍ସବ । ସେହି ଅବସରରେ ବୁଦ୍ଧ ଅନାତ୍ମଭାବରେ ବିସ୍ତାରିତ ବ୍ୟାଖ୍ୟା କରନ୍ତି ରାହୁଳଙ୍କ ଉଦ୍ଦେଶ୍ୟରେ ।

ପଂଚସ୍କନ୍ଧ ଯଥା- ଶରୀର, ଅନୁଭବ, ଇନ୍ଦ୍ରିୟାନୁଭୂତି, ମାନସିକ, ଅବବୋଧ ଓ ଚେତନାକୁ ବୋଲାଯାଏ । ଏହା ଅନିତ୍ୟ ଓ ଆତ୍ମା । ଶରୀର ଭିତରେ ଆତ୍ମାକୁ ଖୋଜାଯାଇ ପାରିବ ନାହିଁ, କିମ୍ବା ଆତ୍ମାରେ ଶରୀର ସ୍ଥିତି ମଧ୍ୟ ସମ୍ଭବ ନୁହେଁ ।

ବୁଦ୍ଧଙ୍କ ସଂସ୍ପର୍ଶରେ ଆସି ଅଙ୍ଗୁଳିମାଳା ଦସ୍ୟୁବୃତ୍ତିରୁ ରୂପାନ୍ତରିତ ହୋଇଛି । ମଣିଷ ବେଳେ ବେଳେ ନିଷ୍ଠୁର, କ୍ରୁର ହୋଇପଡେ ଏବଂ ତାହା କେବଳ ତା'ର ଅଜ୍ଞାନତାରୁ ହିଁ ହୋଇଥାଏ । କରୁଣାର ଅବତାର ମହାକାରୁଣିକ ବୁଦ୍ଧଙ୍କ ଶିଷ୍ୟ ପାଲଟି ଯାଇଥିଲେ ଦସ୍ୟୁ ଅଙ୍ଗୁଳିମାଳା । ଭିକ୍ଷୁ ଅହିଂସକ ନାମରେ ପରିଚିତ ହୋଇଥିଲେ ।

'ଶୂନ୍ୟତା' ମୁକ୍ତିର ପ୍ରଥମ ଦ୍ୱାର । 'ଅନିମିତତା' ମୁକ୍ତିର ଦ୍ୱିତୀୟ ଦ୍ୱାର ଏବଂ ତୃତୀୟ ମୁଦ୍ରା ହେଉଛି 'ଅପ୍ରନିହିତା' ଅର୍ଥାତ୍ ଆତ୍ମ ନିହିତତ୍ତ୍ୱ । ମୁକ୍ତି ଓ ଜ୍ଞାନ ମାନବର ସତ୍ତା ବାହାରେ ନଥାଏ । ପ୍ରଜ୍ଞା ନିଜ ଭିତରେ ଥାଏ । ଯଦି ଜଣେ ବ୍ୟକ୍ତି ଚେତନାର ପ୍ରକାଶ ନିଜ ସତ୍ତା ଉପରେ କେନ୍ଦ୍ରିତ କରିବ, ତେବେ ଶୀଘ୍ର ବୁଦ୍ଧତ୍ୱ ପ୍ରାପ୍ତି ସମ୍ଭବ ହୋଇପାରିବ । କୁଶୀନାରାଠାରେ ଭଗବାନ ବୁଦ୍ଧଙ୍କ ମହାପରିନିର୍ବାଣ ପର୍ଯ୍ୟନ୍ତ ବୁଦ୍ଧଙ୍କ ଆଲୋକିତ ଜୀବନର ମହାର୍ଘ ଅଧ୍ୟାୟମାନଙ୍କୁ ପର୍ଯ୍ୟାୟକ୍ରମେ ପରିବେଷଣ କରିଛନ୍ତି ଔପନ୍ୟାସିକ । ଏହି ଉପନ୍ୟାସରେ ଓଡ଼ିଆ ଉପନ୍ୟାସ ଜଗତରେ ବୌଦ୍ଧ ଦର୍ଶନକୁ

କେନ୍ଦ୍ରକରି ରଚିତ ହୋଇଥିବା ସୃଷ୍ଟି ମଧ୍ୟରେ 'ନିର୍ବାଣ' ଉପନ୍ୟାସ ତା'ର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ନିଶ୍ଚୟ ।

**ଯଶୋଧାରା : ହେମନ୍ତ କୁମାର ମହାପାତ୍ର (୨୦୦୮)**

ହେମନ୍ତ କୁମାର ମହାପାତ୍ରଙ୍କ ଉପନ୍ୟାସ 'ଯଶୋଧାରା' (୨୦୦୮) ଆଧୁନିକ ଓଡ଼ିଆ ବୌଦ୍ଧ ସାହିତ୍ୟର ଏକ ସାର୍ଥକ ସଂଯୋଜନ । ବୁଦ୍ଧ ପୂର୍ବବର୍ତ୍ତୀ ଅନେକ ଜନ୍ମରେ ପୃଥିବୀକୁ ବୋଧିସତ୍ତ୍ୱ ରୂପରେ ଆସିଛନ୍ତି ଏବଂ ଏହି ଅଭିଜ୍ଞତାର ପଥରେ ଆସି ପୃଥିବୀକୁ ଆଲୋକସ୍ନାତ କରିଛନ୍ତି । ଏଠାରେ ଯଶୋଧାରା ଓ ସିଦ୍ଧାର୍ଥଙ୍କ ଜନ୍ମ ଜନ୍ମବ୍ୟାପୀ ରହିଥିବା ସମ୍ବନ୍ଧକୁ ଯଶୋଧାରାଙ୍କ ସ୍ମୃତିଚାରଣ ଫୁଟାଇଛନ୍ତି । କୌଣସି ଏକ ଜନ୍ମରେ ସିଦ୍ଧାର୍ଥ ଥିଲେ ବୋଧସତ୍ୱଜନକ ଓ ଯଶୋଧାରା ଥିଲେ ମିଥିଳାର ରାଜକନ୍ୟା ଶିଓ୍ୱାଲୀ ରୂପରେ ।

ଶିଓ୍ୱାଲୀ ଓ ଯଶୋଧାରା ମଧ୍ୟରେ ରହିଛି ଏକ ବିଶେଷତ୍ୱ- ଶିଓ୍ୱାଲୀଙ୍କର ଥିଲା ଆତ୍ମପ୍ରତ୍ୟୟ ଆଉ ଆତ୍ମ ନିବେଦନ । ଯଶୋଧାରା ଅନୁଭବ କରନ୍ତି, ସେ ଜନ୍ମର ଅପୂର୍ଣ୍ଣତା ହିଁ ଏ ଜନ୍ମର ହେତୁ । ତାଙ୍କର କୌଣସି କାମନା ଯଦି ଅପୂରଣୀୟ ନଥାନ୍ତା, ତେବେ ସେ ଜନ୍ମ ନେଇ ନଥାନ୍ତେ ଯଶୋଧାରା ରୂପରେ । ସେ ବିତେଇଛନ୍ତି ଏକ ନିଃସଙ୍ଗ ଜୀବନ, ବୁଦ୍ଧଙ୍କ ପତ୍ନୀ ହୋଇ ସେ ଆଜି ଯେପରି ଖୋଜୁଛନ୍ତି ନିର୍ବାଣ ଆଲୋକ ।

ଶହେ ଜନ୍ମର ପ୍ରତୀକ୍ଷା ପରେ ବୋଧିସତ୍ୱଙ୍କ ଶେଷ ଅବତାର ସିଦ୍ଧାର୍ଥଙ୍କୁ ସେ ଜନ୍ମରୁ ଶିଓ୍ୱାଲୀ ଯଶୋଧାରା ପାଇଛନ୍ତି ପତି ରୂପରେ । ସେ ଜନ୍ମର ପୁତ୍ର କାମନା ବି ପୂର୍ଣ୍ଣ ହୋଇଛି ଏ ଜନ୍ମରେ ।

ଉପନ୍ୟାସରେ ସିଦ୍ଧାର୍ଥଙ୍କ ଜନ୍ମ, କୈଶୋର, ବିବାହ, ଧ୍ୟାନ, ଆଲୋକପ୍ରାପ୍ତିର ଅନ୍ୱେଷା, ଧର୍ମଚକ୍ର ପ୍ରବର୍ତ୍ତନ, ଯଶୋଧାରଙ୍କ ତ୍ୟାଗପୂତ ଜୀବନ ସହିତ ସିଦ୍ଧାର୍ଥଙ୍କ ମହନୀୟ ଜୀବନ ମାର୍ମିକ ଭାବେ ଉପସ୍ଥାପିତ ହୋଇଛି ।

**ଉପସଂହାର :**

ଉତ୍ତରଅଶୀ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ବୌଦ୍ଧଧର୍ମର ଦାର୍ଶନିକ ପ୍ରଭାବ ଦେଖିବାକୁ ମିଳିଥାଏ । ବୁଦ୍ଧଙ୍କ ଜୀବନୀ, ଧର୍ମ, ଦର୍ଶନ, ନିର୍ବାଣ ଏବଂ ତତ୍‌ସହିତ ଓଡ଼ିଶାର ଭୌଗୋଳିକ ପରିସ୍ଥିତି ଏବଂ ପ୍ରାଚୀନ ନାମର ବ୍ୟାଖ୍ୟା କରିଛନ୍ତି ଔପନ୍ୟାସିକଙ୍କ ରଚନା ଶୈଳୀ ବର୍ଣ୍ଣନା ଚାତୁରୀ, କିମ୍ବଦନ୍ତୀ ଓ ଇତିହାସ ବର୍ଣ୍ଣନା ବେଶ୍ ସୁଫଳ ।

ସମଗ୍ର ଭାରତବର୍ଷ ଏବଂ ଭାରତ ବାହାରେ ମଧ୍ୟ ବୌଦ୍ଧଧର୍ମ ପ୍ରଭାବ ବିସ୍ତାର କରିଥିଲା । ସେଥିରୁ ଓଡ଼ିଶା କିପରି ବାଦ୍ ପଡିବ ଓଡ଼ିଶାର ବୌଦ୍ଧଧର୍ମ ସହିତ ସମ୍ପର୍କକୁ ଔପନ୍ୟାସିକମାନେ ମର୍ମେ ମର୍ମେ ଫୁଟାଇଛନ୍ତି । ଏହି ମହାନ୍ ଧର୍ମ ଓ ସଂଘ ମନୁଷ୍ୟକୁ ମୁକ୍ତି ବା ନିର୍ବାଣର ମାର୍ଗ ଦେଖାଉଛି । ଯେଉଁ ନିର୍ବାଣରେ ଅଛିତ ନିତ୍ୟ ସୁଖ । ମାନବ ଜୀବନରୁ ସମଗ୍ର ଦୁଃଖକୁ ଲୋପ କରିବାର ମାର୍ଗ ଭଗବାନ ବୁଦ୍ଧ ଦେଖାଇଛନ୍ତି । ଭଗବାନ ବୁଦ୍ଧଙ୍କ ବାଣୀ ଶାଶ୍ୱତ ଏବଂ ଅମର ।

ଓଡିଶା ମାଟିରେ ବୌଦ୍ଧ ଧର୍ମର କୁହୁକ ବାସ୍ନା ଏବେ ସିଧା ପୂରି ରହିଛି । କେବଳ ଓଡ଼ିଶା ରାଜ୍ୟ କଥା ଦେଖିଲେ ବିଭିନ୍ନ ଜିଲ୍ଲା ମାନଙ୍କରେ ମଧ୍ୟ ବୌଦ୍ଧପୀଠ ଏବଂ ବୌଦ୍ଧ ଧର୍ମ ରୀତିନୀତି, ଚାଲିଚଳଣି ଓ ପରମ୍ପରା ଦେଖାଯାଏ । କଟକ ଜିଲ୍ଲାର ବିଭିନ୍ନ ଅଂଚଳରେ ଯଥା- ମାଣିଆବନ୍ଧ, ନୂଆପାଟଣା, ବାଙ୍କୀ, ମହମ୍ମଦପୁର ଆଦି ଗ୍ରାମମାନଙ୍କରେ ଆଜି ବି ବୌଦ୍ଧ ଧର୍ମାବଲମ୍ବୀମାନେ ଅବସ୍ଥାପିତ ହୋଇ ବୌଦ୍ଧଧର୍ମର ରୀତି-ନୀତି, ପରମ୍ପରାକୁ ଜାବୁଡ଼ି ଧରିଛନ୍ତି ।

ଓଡ଼ିଶାର କୋଣ ଅନୁକୋଣରେ ବାସ କରୁଥିବା ବୌଦ୍ଧଧର୍ମାବଲମ୍ବୀ ମାନଙ୍କର ପରମ୍ପରା ଧର୍ମୀୟ ସଂସ୍କୃତିକୁ ଲୋକଲୋଚନକୁ ଆଜିର ଔପନ୍ୟାସିକଗଣ ଆଣିବାକୁ ପ୍ରୟାସ କଲେ, ବୌଦ୍ଧଧର୍ମର ଉନ୍ନତି ହୋଇପାରିବ ।

**ସହାୟକ ଗ୍ରନ୍ଥସୂଚୀ :**


୧) ମହାପାତ୍ର, ପ୍ରେମାନନ୍ଦ : ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ୫ମ ସଂସ୍କରଣ-୨୦୧୯ ।

୨) ସାହୁ, ନୃସିଂହଚରଣ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨, ୧ମ ସଂସ୍କରଣ-୨୦୧୧ ।

୩) ପ୍ରଧାନ, ଲକ୍ଷ୍ମଣ କୁମାର : ଆଧୁନିକ ଓଡ଼ିଆ ସାହିତ୍ୟରେ ବୌଦ୍ଧ ଦର୍ଶନର ଆଲୋକ, ବାଙ୍କା ବଜାର, କଟକ-୭୫୩୦୦୨, ପ୍ରଥମ ପ୍ରକାଶ-୨୦୧୪ ।

୪) ମହାରଣା, ସୁରେନ୍ଦ୍ର କୁମାର- ସାହିତ୍ୟର ତ୍ୱାଳପତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୭୫୩୦୦୨, ଷଷ୍ଠ ସଂସ୍କରଣ-୨୦୧୮ ।



**ଗବେଷିକା**

**ଭୁବନେଶ୍ୱର**

**ଦୂରଭାଷ : ୯୩୩୭୪୫୦୨୧୧**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
| --- | --- | --- | --- |
| 03-April-2024 | 08-May-2024 | 20-May-2024 | 01-June-2024 |


# ବିସ୍ମୃତ ଗାଳ୍ପିକ ଦିବ୍ୟସିଂହ ପାଣିଗ୍ରାହୀ ଓ ଅମୃତ କଙ୍କଣ

**ଅଧ୍ୟାପକ ବିଶ୍ୱନାଥ ସାହୁ**

ଫକୀରମୋହନଙ୍କ ପରବର୍ତ୍ତୀ ଓଡ଼ିଆ ଗଳ୍ପାକାଶରେ ଗାଳ୍ପିକ ଦିବ୍ୟସିଂହ ପାଣିଗ୍ରାହୀ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ । ପୁରୀ ଜିଲ୍ଲାର ବିଶ୍ୱନାଥପୁରରେ ପିତା ସ୍ୱପ୍ନେଶ୍ୱର ପାଣିଗ୍ରହୀ ଓ ମାତା ହାରାମଣୀଙ୍କ ଜ୍ୟେଷ୍ଠପୁତ୍ର ଭାବରେ ୧୮୮୯/୯୦ ମସିହାରେ ତାଙ୍କ ଜନ୍ମ । ପିତା ସାହିତ୍ୟ ସାଧନା କରିଥିବା ହେତୁ ତା'ର ପ୍ରଭାବ ଦିବ୍ୟସିଂହ ଏବଂ ତାଙ୍କର ଦୁଇ ଅନୁଜ ବହୁପ୍ରତିଭୂ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଉପରେ ପଡ଼ିଥିଲା । ତେଣୁ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପାଣିଗ୍ରାହୀ ପରିବାରର ଦାନ ଅତୁଳନୀୟ । ବାଲ୍ୟଶିକ୍ଷା ପରେ ଦିବ୍ୟସିଂହ ଓକିଲାତି ପାସ୍ କରି ପୁରୀ ଓ ବାରିପଦାରେ ଓକିଲାତି କରିଥିଲେ । ପୁନଶ୍ଚ ଜଣେ ରାଜନୀତିଜ୍ଞ ଭାବରେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି (୧୯୨୬) ଦାୟିତ୍ୱ ମଧ୍ୟ ସୁଚାରୁରୂପେ ତୁଲାଇଥିଲେ ।[୧] ଚନ୍ଦ୍ରଶେଖର ନନ୍ଦଙ୍କ 'ଚିତ୍ର' (୧୯୦୭), ଫକୀରମୋହନ ସେନାପତିଙ୍କ 'ଗଳ୍ପସଳ୍ପ' (୧୯୧୭) ଓ ଦୟାନିଧି ମିଶ୍ରଙ୍କ 'କଥାକଦମ୍ବ' (୧୯୨୪) ପରେ ଦିବ୍ୟସିଂହଙ୍କ 'ଅମୃତ କଙ୍କଣ' (୧୯୨୬) ସମ୍ଭବତଃ ଓଡ଼ିଆ ଗଳ୍ପଗ୍ରନ୍ଥ ପରମ୍ପରାରେ ଚତୁର୍ଥ । ଏହା ବ୍ୟତୀତ ସେ 'ମହାରାଜା ରାମଚନ୍ଦ୍ର' ନାମକ ଜୀବନୀ ଗ୍ରନ୍ଥ ଏବଂ 'ତୁ ମୋ ମା' ଓ 'ବନ୍ଧୁ' ନାମକ ଦୁଇଗୋଟି ଉପନ୍ୟାସ ମଧ୍ୟ ରଚନା କରିଥିବାର ଜଣାଯାଏ ।

'ଅମୃତ କଙ୍କଣ' ୧୯୨୬ ମସିହାରେ କଟକ ଟ୍ରେଡ଼ିଂ କମ୍ପାନୀ, ପୁରୀ ଦ୍ୱାରା ପ୍ରକାଶ ପାଇଥିଲା । ଗ୍ରନ୍ଥାରମ୍ଭରେ ପ୍ରକାଶକ ଲେଖିଛନ୍ତି– "ପୁରୀର ଶ୍ରୀଯୁକ୍ତ ଦିବ୍ୟସିଂହ ପାଣିଗ୍ରାହୀ ବି.ଏଲ୍. ଓଡ଼ିଶାରେ ଜଣେ ପ୍ରସିଦ୍ଧ ଗଳ୍ପ-ଲେଖକ । ଗତ ଦଶବର୍ଷ ଧରି ସେ ଓଡ଼ିଆ ଭାଷାରେ ଉନ୍ନତ ଧରଣର ନାନା ପ୍ରବନ୍ଧ ଓ ଗଳ୍ପ ଲେଖିଛନ୍ତି । ସେଥିମଧ୍ୟରୁ କେତେ ଉତ୍କଳ ସାହିତ୍ୟ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଅବଶିଷ୍ଟ କେତେକ ଏ ପର୍ଯ୍ୟନ୍ତ ଅପ୍ରକାଶିତ ଥିଲା । ଓଡ଼ିଶାର କେହି କେହି ବିଶିଷ୍ଟ ସାହିତ୍ୟସେବୀ ଦିବ୍ୟସିଂହ ବାବୁଙ୍କ ଏହି ସରଳ ସୁଲଳିତ ଗଳ୍ପ ଲେଖାର ବହୁଳ ପ୍ରଂଶସା କରି ସେ ସବୁକୁ ପୁସ୍ତକାକାରରେ ପ୍ରକାଶ କରିବାକୁ ବାରମ୍ବାର ଅନୁରୋଧ କରିବାକୁ ଆମ୍ଭେମାନେ ତାଙ୍କଠାରୁ ଅନୁମତି ନେଇ ପ୍ରକାଶ କରିଅଛୁ । ଓଡ଼ିଆ ସାହିତ୍ୟରେ ସୁରୁଚି-ସମ୍ପନ୍ନ ଗଳ୍ପ ପୁସ୍ତକ ବଡ଼ ବିରଳ । ଦିବ୍ୟସିଂହ ବାବୁ ନିଜର ଅଭିନବ ଔପନ୍ୟାସିକ ଛଟାରେ ସମାଜ ଓ ସଂସାରର ବିଭିନ୍ନ ଚିତ୍ର ସବୁ ଗଳ୍ପ ଆକାରରେ ଯେପରି ସରଳ, ସୁବୋଧ ଓ ହୃଦୟସ୍ପର୍ଶୀ ଭାଷାରେ ବ୍ୟକ୍ତ କରିଛନ୍ତି ତାହା ଉତ୍କଳ ସାହିତ୍ୟରେ ସମ୍ପୂର୍ଣ୍ଣ ନୂତନ । ଏ ପୁସ୍ତକ ପାଠକଲେ ଲେଖାର ସରସତା ଓ ନୂତନତ୍ୱ ଉପଲବ୍ଧି କରାଯାଇ ପାରିବ ।"[୨] କିନ୍ତୁ ଅମୃତ କଙ୍କଣ ପୁସ୍ତକ ଓ ଦିବ୍ୟସିଂହ ପାଣିଗ୍ରାହୀଙ୍କ ଗଳ୍ପ ସଂଖ୍ୟାକୁ ନେଇ ଓଡ଼ିଆ ସମାଲୋଚନା ଗ୍ରନ୍ଥମାନଙ୍କରେ ନାନାଦି ତଥ୍ୟ ଦେଖିବାକୁ ମିଳେ । ବୈଷ୍ଣବ ଚରଣ ସାମଲ କହନ୍ତି– "ଦିବ୍ୟସିଂହ ପାଣିଗ୍ରାହୀ ସର୍ବମୋଟ ୧୭ ଗୋଟି ଗଳ୍ପ ରଚନା କରିଥିଲେ । x x x ଦିବ୍ୟସିଂହ ୧୯୧୯ ମସିହା ପରେ ଆଉ ଗଳ୍ପ ରଚନା କରିନାହାନ୍ତି ।"[୩] ପୁନଶ୍ଚ ପ୍ରକାଶ କୁମାର ପରିଡ଼ାଙ୍କ ମତରେ 'ଅମୃତ କଙ୍କଣ' ନାମକ ଏମମାତ୍ର ଗଳ୍ପ ସଂକଳନରେ ତାଙ୍କ ରଚିତ ୧୭ଟି ଗଳ୍ପ ଗର୍ଭିତ । ସେ ସମସ୍ତ ଗଳ୍ପ ୧୯୧୩ ମସିହାଠାରୁ ୧୯୧୯ ମସିହା ସୁଦ୍ଧା ରଚିତ ।"[୪] ଆଉ କେତେଗୋଟି ଗ୍ରନ୍ଥରେ ଏ ସଂଖ୍ୟା ଓ ସମୟ ଅସ୍ପଷ୍ଟ ଅଥବା ଅନୁଲ୍ଲିଖିତ । କେହି ମୂଳଗ୍ରନ୍ଥ

ନ ଦେଖିଥିବା ହେତୁ ଏଭଳି ଭ୍ରାନ୍ତି ଉପୁଜି ଥିବାର ଅନୁମାନ କରି ହୁଏ । ପ୍ରକୃତରେ ଅମୃତ କଙ୍କଣର ପ୍ରଥମ ସଂସ୍କରଣରେ ସର୍ବମୋଟ ୧୫ଗୋଟି ଗଳ୍ପ ସ୍ଥାନିତ । ଏଥିରେ ଥିବା ଗଳ୍ପମାନଙ୍କ ମଧ୍ୟରେ ଗୋଟିଏ 'ମୁକୁର' ପତ୍ରିକାରେ (ପିତୃଶିରାଧ / ପିତୃଶ୍ରାଦ୍ଧ) ଏବଂ ୧୧ ଗୋଟି ଗଳ୍ପ (ଅମୃତ କଙ୍କଣ, ଗୟାଶ୍ରାଦ୍ଧ, ନିଶାବସାନ, ଦିବାବସାନ, ସାବିତ୍ରୀ ଉପବାସ, ପରିବର୍ତ୍ତନ, ପାନବାଲି, ଜାତୀୟତା, ଶେଷ ଉପହାର, ଆଦ୍ୟ ପରିଣାମ, ହିସାବ ନିକାଶ) ଉତ୍କଳ ସାହିତ୍ୟରେ ପୂର୍ବରୁ ପ୍ରକାଶ ପାଇ ସାରିଥିବା ବେଳେ ଅନ୍ୟ ତିନିଗୋଟି ଗଳ୍ପ (ନୂଆବୋହୂ, ଡିପାର୍ଟମେଣ୍ଟ, ପ୍ରତାରଣା) ସିଧାସଳଖ ଅମୃତ କଙ୍କଣ ପୁସ୍ତକରେ ସଂଯୋଜିତ ।

ଏହା ବ୍ୟତୀତ ୧୯୧୪ରୁ ୧୯୩୬ ମସିହା ମଧ୍ୟରେ 'ମୁକୁର', 'ସତ୍ୟବାଦୀ', 'ସହକାର' ଓ 'ଭଞ୍ଜପ୍ରଦୀପ' ପତ୍ରିକାରେ ଗାଳ୍ପିକଙ୍କ ଆହୁରି ପାଞ୍ଚଗୋଟି ଗଳ୍ପ (ମାଳତୀ, କାରିଗର, ବନ୍ଧୁ, ମଜଲିସ୍ ଓ କରୁଣାକର) ପ୍ରକାଶ ପାଇଥିଲା । ତେଣୁ ଏହି ଦୁଷ୍ପ୍ରାପ୍ୟ ଗଳ୍ପଗୁଡ଼ିକୁ ସଂଗ୍ରହ କରି ସର୍ବମୋଟ କୋଡ଼ିଏଟି ଗଳ୍ପକୁ ନେଇ ଆଲୋଚ୍ୟ ଗ୍ରନ୍ଥ ପ୍ରସ୍ତୁତ କରାଯାଇଅଛି । ତେବେ ଗାଳ୍ପିକଙ୍କ ଆହୁରି କିଛି ଗଳ୍ପ ରହିଥିବାର ଅନୁମାନକୁ ଏଡ଼ାଇ ଦିଆଯାଇ ନପାରେ ।

ଆଉ ଏକ କଥା ଏଠି ଉଲ୍ଲେଖଯୋଗ୍ୟ ଯେ, ଲେଖକଙ୍କ ସାନଭାଇ ଗାଳ୍ପିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସର୍ବମୋଟ ୧୨ ଗୋଟି ଗଳ୍ପ ଥିବାର ଆମେ ଜାଣୁ । ସେଥିମଧ୍ୟରେ ଥିବା 'ମଜଲିସ୍' ନାମକ ଗଳ୍ପ ଭଗବତୀ ଚରଣ ଲେଖି ହିଁ ନାହାନ୍ତି । ତାହା ବାସ୍ତବରେ ଦିବ୍ୟସିଂହ ପାଣିଗ୍ରାହୀଙ୍କ ଦ୍ୱାରା ଲିଖିତ ଗଳ୍ପ ଅଟେ । 'ଭଞ୍ଜ ପ୍ରଦୀପ' ପତ୍ରିକାର ଚତୁର୍ଥ ଭାଗ, ପ୍ରଥମ ସଂଖ୍ୟା ଆଶ୍ୱିନ ୧୩୪୨ (୧୯୩୫/୩୬)ରେ ଏହି ଗଳ୍ପ ଦିବ୍ୟସିଂହ ପାଣିଗ୍ରାହୀଙ୍କ ନାମରେ ପ୍ରକାଶିତ । ଭବବତୀ ଚରଣଙ୍କ ଅନ୍ୟ ଏକ ଗଳ୍ପ 'ଦୋକାନଦାର' ଏଥିରେ ପ୍ରକାଶ ପାଇଅଛି, ଯାହା ଏଯାବତ୍ ଅସଂକଳିତ । ସୁତରାଂ ଦିବ୍ୟସିଂହଙ୍କ ଲିଖିତ ଏକ ଗଳ୍ପ କାହିଁ କେତେଦିନରୁ ଭଗବତୀ ଚରଣଙ୍କ ନାମ ସହ ଯୋଡ଼ିହୋଇ ରହିଛି, ତାହା ଓଡ଼ିଆ ପାଠକ ମହଲରେ ଅଜଣା । ଆମ୍ଭେ ନିଜର ପୂର୍ବସୂରୀଙ୍କୁ ଯେ ଅବହେଳା କରି ଆସିଛୁ ଏହାଠୁ ବଳି ଦୃଷ୍ଟାନ୍ତ ଆଉ କ'ଣ ହୋଇପାରେ ?

'ଅମୃତ କଙ୍କଣ'ରେ ସ୍ଥାନିତ 'ପିତୃଶ୍ରାଦ୍ଧ' ଗଳ୍ପ ପ୍ରଥମେ 'ପିତୃଶିରାଧ' ଶୀର୍ଷକରେ 'ମୁକୁର' ପତ୍ରିକାର ଅଷ୍ଟମ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ ୧୩୨୦ (୧୯୧୩) ରେ ପ୍ରକାଶ ପାଇଥିଲା । ଏହା ଲେଖକଙ୍କ ପ୍ରଥମ ପ୍ରକାଶିତ ଗଳ୍ପ । ଏହି କ୍ଷୁଦ୍ରାୟତନ ବିଶିଷ୍ଟ ଗଳ୍ପକୁ ପରବର୍ତ୍ତୀ କାଳରେ ଗାଳ୍ପିକ ପରିମାର୍ଜିତ ଓ ପରିବର୍ତ୍ତିତ କରି 'ପିତୃଶ୍ରାଦ୍ଧ' ନାମ ଦେଇ ଅମୃତ କଙ୍କଣରେ ଯୋଡ଼ିଛନ୍ତି । ପ୍ଲଟ ଓ ଚରିତ୍ର ବଦଳି ନାହିଁ କେବଳ ବର୍ଣ୍ଣନା ଯୋଗୁଁ ଗଳ୍ପର ଆକାର ବଢ଼ିଛି । ଗଳ୍ପଟି ପୂର୍ବାପେକ୍ଷା ଅଧିକ ପରିପକ୍ୱ ଲାଗୁଛି । ଗରିବ ବ୍ରାହ୍ମଣ ପିଲା ମାଧିଆକୁ କେନ୍ଦ୍ରକରି ଦୁଇଗୋଟି ଉପକାହାଣୀ ମାଧ୍ୟମରେ ଏଥିରେ ସୁନ୍ଦର ହ୍ୟୁମର ତିଆରି କରାଯାଇଅଛି । ପିତାଙ୍କ ଶ୍ରାଦ୍ଧ ପାଇଁ ମାଧିଆ ବାରଦୁଆରେ ଭିକ ମାଗି ମାଗି ଶେଷରେ ଜଣେ ଦୟାବନ୍ତ ରାଜାଙ୍କ ପାଖକୁ ସାହାଯ୍ୟ ପାଇଁ ଯାଇଛି । କିନ୍ତୁ ରାଜାଙ୍କ ବାବଦରେ ଯାହା ଶୁଣିଥିଲା ତାହା ଦେଖିବାକୁ ନପାଇ ସେ ନିରାଶ ହୋଇ ଫେରିଛି ଘରକୁ । ଗଳ୍ପର ପ୍ରଥମ ଭାଗରେ ରାଜାଙ୍କୁ କେନ୍ଦ୍ରକରି ସୃଷ୍ଟ ଉପକାହାଣୀରେ ପାଠକ ଜଣେ ବୁଦ୍ଧିହୀନ ଶାସକର ବେପରୁଆ ବିଚାରକୁ ଦେଖିବାକୁ ପାଏ । ପ୍ରକୃତ ଦୋଷୀକୁ ଦଣ୍ଡ ଦେବାପାଇଁ ଥିବା ଶୂଳୀକାଠି ମୋଟା ହୋଇଯିବାରୁ ରାଜାଙ୍କ ନିର୍ଦ୍ଦେଶ କ୍ରମେ ଜଣେ ମୋଟୀ ସ୍ତ୍ରୀଲୋକକୁ ଆଣି ମୃତ୍ୟୁଦଣ୍ଡ ଦିଆଯାଇଛି । ରାଜାଙ୍କ ଏଭଳି ବିଚିତ୍ର ଫଇସଲା ପାଠକ ଭିତରେ ହାସ୍ୟରୋଳ ସୃଷ୍ଟି କରିବା ପାଇଁ ଯଥେଷ୍ଟ ।

ଗଳ୍ପର ଅନ୍ୟ ଭାଗରେ ପିତାଙ୍କ ଶ୍ରାଦ୍ଧ ପାଇଁ କିଛି ନ ପାଇବାରୁ ମା' ଆଣିଥିବା କିଛି ନଳିତା ମଞ୍ଜିକୁ ସେ ପିତୃପୁରୁଷଙ୍କୁ ଭୋଗ ଚଢ଼ାଇଛି । ପିତୃପୁରୁଷଙ୍କୁ ତାହା ପିତା ଲାଗିବା ସତ୍ତ୍ୱେ ମାଧିଆର ଦୁରବସ୍ଥା ଦେଖି ତାକୁ ସେମାନେ ଧନୀ ହେବାର ଆଶୀର୍ବାଦ ଦେଇଛନ୍ତି ଏବଂ ତାହା ଫଳିଛି ମଧ୍ୟ । ଏହାକୁ ଧନୀ ହେବାର ସୂତ୍ର ଭାବି ମାଧିଆ ପୁଣି ପରବର୍ଷ ପୂର୍ବ ଅପେକ୍ଷା ଅଧିକ ନଳିତା ମଞ୍ଜି ଆଣି ପରଶି ଦେଇଛି ପିତୃପୁରୁଷଙ୍କୁ । ଫଳରେ ପିତୃପୁରୁଷ ଏଥିରେ ରାଗିଯାଇ ମାଧିଆକୁ ଧନହୀନ ହେବାର ଅଭିଶାପ ଦେଇଛନ୍ତି । ଶେଷରେ ମାଧିଆ ପୁଣି କାଙ୍ଗାଳ ହୋଇ ବୁଲିଛି ।

ସଂକଳନସ୍ଥ 'ଅମୃତ କଙ୍କଣ' ଗଳ୍ପରେ 'କଙ୍କଣ' ଏକ ପ୍ରତୀକ । ନିଚୋଳ ଭଲପାଇବାର ସ୍ମୃତି ସିଏ । ହରି ଚରଣ ବାବୁଙ୍କ ଝିଅ କାଞ୍ଚନ । ଗୁରୁଚରଣ ବାବୁଙ୍କ ପୁଅ ମନମୋହନ ସହ ତା'ର ଖେଳକୌତୁକ । ଏହି ଲାଡ଼ଗେଲରୁ ସୃଷ୍ଟି ହୋଇଛି ପ୍ରେମ । କିନ୍ତୁ ସମୟଚକ୍ରରେ ମନମୋହନ ବାହା ହୋଇଯାଇଛି ଅନ୍ୟତ୍ର । ଏପଟେ କାଞ୍ଚନକୁ ତା'ର ଜେଜେମା ଅର୍ଥାତ୍ ହରିଚରଣଙ୍କ ମା ଦେଇଥିଲେ ଏକ 'କଙ୍କଣ' ଏବଂ କହିଥିଲେ ଏ 'କଙ୍କଣ' ସବୁ ରୋଗ-ବ୍ୟାଧି-ଜ୍ୱର ଦୂର କରିବ । ଶେଷରେ

ସନ୍ନ୍ୟାସିନୀ ପାଲଟିଥିବା କାଞ୍ଚନ ଲୋକାରଣ୍ୟ ମଧ୍ୟରେ ଲୁଚିକି ଉକ୍ତ କଙ୍କଣକୁ ମନମୋହନର ରୋଗୀଣା ପୁଅ ହାତରେ ପିନ୍ଧାଇ ଦେଇ ଭିଡ଼ ଭିତରେ କୁଆଡ଼େ ହଜିଯାଇଛି ।

'ଗୟାଶ୍ରାଦ୍ଧ'ରେ ଭ୍ରାତୃପ୍ରେମକୁ ସରଳ, ସାବଲୀଳ କାହାଣୀ ମାଧ୍ୟମରେ ଦର୍ଶାଇ ଦିଆଯାଇଛି । ସଦାନନ୍ଦଙ୍କ ଦୁଇପୁଅ- ରାମହରି ଓ ଗୌର । ରାମହରି ପାଠ ପଢ଼ିଛି ଅଥଚ ଗୌରର ପାଠରେ ମନ ନାହିଁ । ସଦାନନ୍ଦଙ୍କ ମୃତ୍ୟୁ ପରେ ବେସାହାରା ଦୁଇଭାଇ କଷ୍ଟେମଷ୍ଟେ ଚଳିଛନ୍ତି । ଗଲାବେଳେ ବାପା କହିଥିଲେ- "ଗୌରର ଯତ୍ନ ନେବୁ ଏବଂ ସମୟ ଦେଖି ମୋର ଗୟାଶ୍ରାଦ୍ଧ କରି ଦେବୁ ।" ସୁଯୋଗକୁ ନରହରି ମାଷ୍ଟର ଚାକିରି ପାଇ ଘର ସମ୍ଭାଳିଛି ଏବଂ ଗୌର ବଡ଼ଭାଇକୁ ସାହାଯ୍ୟ କରିବା ପାଇଁ ଘରେ ରନ୍ଧାବଢ଼ା ଦାୟିତ୍ୱ ନେଇଛି । ରାମହରି ବିବାହ ପରେ ସ୍ତ୍ରୀ କଥାରେ ପଡ଼ି ଦିନେ ଗୌରକୁ ପ୍ରଚୁର ଗାଳି ଦେବାରୁ ଗୌର ଅଭିମାନ କରି ଘରଛାଡ଼ି ପଳାଇଛି । ସମୟକ୍ରମେ ରାମର ପରିବାର ଦିନକୁ ଦିନ ଅସୁସ୍ଥ ହୋଇପଡ଼ିବାରୁ ତା'ର ମନେପଡ଼ିଛି ପିତାଙ୍କ ଗୟାଶ୍ରାଦ୍ଧ କଥା । ଗୟାରେ ଗୌର ଭିକାରୀ ଅବସ୍ଥାରେ ଥିବାବେଳେ ହଠାତ୍ ଦୁଇଭାଇଙ୍କ ମଧ୍ୟରେ ମିଳନ ଘଟିଛି ।

'ନିଶାବସାନ' ଭାଇଭଉଣୀ ପ୍ରେମମୂଳକ ଏକ ସଫଳ ଗଳ୍ପ । ଗଳ୍ପାରମ୍ଭରେ ଦିଆଯାଇଥିବା ଗ୍ରାମ୍ୟ ଚିତ୍ର ଚମତ୍କାର । କୁଶଭଦ୍ରା ନଈରେ ବଢ଼ିଆସିଛି । ବଢ଼ିର ମଜା ନେବା କୌତୁହଳରେ ଶ୍ୟାମସୁନ୍ଦରଙ୍କ ପୁଅ ବନ ସାଙ୍ଗମାନଙ୍କ ସହ ଡଙ୍ଗା ନେଇ ନଈ ଭିତରକୁ ପଳାଇଛି । କିଛି ଦୂର ଗଲାପରେ ସେମାନେ ନିଖୋଜ ହୋଇ ଯାଇଛନ୍ତି । ଏପଟେ ସାନଭଉଣୀ ସୁଲୋଚନା ବହୁବର୍ଷ ପର୍ଯ୍ୟନ୍ତ ଭାଇ ନ ଫେରିବାରୁ ଅଧୈର୍ଯ୍ୟ ହୋଇ ଦିନେ ଭାଇଙ୍କୁ ଖୋଜିବାକୁ ବାହାରିଛି । ଏକେଲା ଡଙ୍ଗା ନେଇ ପଶି ଯାଇଛି ଗଭୀର ନଈକୁ ଏବଂ ବାଟରେ ଶୋଇ ପଡ଼ିଛି । ଡଙ୍ଗା ଯାଇ ନଈର ଆରପାଖେ ଲାଗିବାରୁ ସୁଲୋଚନାକୁ ସେଠି ମିଳିଛି ତା'ର ପ୍ରିୟ ଭାଇ । ଭାଇଭଉଣୀର ମିଳନରେ ନିଶାର ଅବସାନ ଘଟିଛି ।

'ଦିବାବସାନ' ଗଳ୍ପରେ ଦୁଇବନ୍ଧୁ- ହରିବନ୍ଧୁ ଓ ଶ୍ୟାମବନ୍ଧୁଙ୍କ ସ୍ନେହ-ସୋହାଗ-ରାଗ-ରୁଷାର କାହାଣୀ ବର୍ଣ୍ଣିତ । ହରି ବଡ଼ଘର ପିଲା, ଧନଲୋଭୀ ଓ ପିତାର ଅନୁଗାମୀ; ଅଥଚ ଶ୍ୟାମ ତା' ପିତାଙ୍କ ପରି ଅମାୟିକ ଭଦ୍ର । ଶ୍ୟାମ ପଢ଼ାରେ ସବଳ, ହରି ଦୁର୍ବଳ । ସମୟକ୍ରମେ ଦୁଇବନ୍ଧୁ ମଧ୍ୟରେ ଦୂରତା ଓ ଶତ୍ରୁତା ବଢ଼ିଛି । ଶେଷରେ ହରି ପଶ୍ଚାତ୍ତାପର ସହ ଶ୍ୟାମ ପାଖକୁ ଚିଠି ଲେଖିବାରୁ ଶ୍ୟାମ ଦଉଡ଼ି ଆସିଛି ତା ପାଖକୁ । ସେତେବେଳେ ଅସୁସ୍ଥ ଥିବା ହରି ତା ବନ୍ଧୁର ଆଖି ଆଗରେ ଇହଲୀଳା ସମ୍ବରଣ କରିଛି । ଶେଷାଂଶରେ ଶ୍ୟାମର ସ୍ୱପ୍ନ ବର୍ଣ୍ଣନା ଏବଂ ତା' ଭିତରେ ଲୌହ ଅର୍ଗଳିର ପ୍ରତୀକ ବେଶ୍ ଚମତ୍କାର । 'ସାବିତ୍ରୀ ଉପବାସ' ଗଳ୍ପଟି ପ୍ରସିଦ୍ଧ 'ବୁଢ଼ା ଶଙ୍ଖାରୀ' ଗଳ୍ପକୁ ମନେପକାଇ ଦିଏ । ହରିଶଙ୍କର ମିଶ୍ର ତିନିଗୋଟି ସନ୍ତାନର ମୃତ୍ୟୁ ପରେ ପାଇଛନ୍ତି ଅଳି ଅଳି ଝିଅ ନଳିନୀକୁ । ସ୍ତ୍ରୀର ମୃତ୍ୟୁପରେ ଝିଅ ଭିତରେ ସ୍ତ୍ରୀଙ୍କୁ ଖୋଜିପାଇ ସବୁ ସ୍ନେହ ଢ଼ାଳି ଦେଇଛନ୍ତି । ଭଲ ଜ୍ୱାଇଁ ଦେଖି ବାହା କରାଇବା ପରେ ଧନଲୋଭୀ ସମୁଦି ରାମେଶ୍ୱର ରଥଙ୍କ ସମସ୍ତ ଇଚ୍ଛା ପୂରଣ କରିଛନ୍ତି । ଝିଅ ପ୍ରଥମ ସାବିତ୍ରୀ ଉପବାସ କରିଛି । ତା' ପାଇଁ ଭାର ଯିବ ବାପଘରୁ । ତେଣୁ ଜମିବାଡ଼ି ବିକ୍ରି କରି ଝିଅ ପାଇଁ ଶାଢ଼ୀ ଜାମା, ଅଳଙ୍କାର ଭାର ନେଇକି ପହଞ୍ଚିଲା ବେଳକୁ ହରିଶଙ୍କର ଦେଖନ୍ତି ଝିଅ ବିଧବା ହୋଇସାରିଛି ।

କନକ ଚରିତ୍ରକୁ କେନ୍ଦ୍ରକରି 'ପରିବର୍ତ୍ତନ' ଗଳ୍ପ ଲେଖା ଯାଇଅଛି । ଗଳ୍ପାରମ୍ଭରେ ଉଲ୍ଲେଖ ଅଛି- "ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନି-ଚ-ସୁଃଖାନି-ଚ ।" ଅର୍ଥାତ୍ ଦୁଃଖ ଓ ସୁଖ ଚକ୍ରବତ୍ ବଦଳୁଥାଏ । ଆଲୋଚ୍ୟ ଗଳ୍ପରେ ହସଖୁସିରେ ଥିବା କନକ ମାଆର ମୃତ୍ୟୁପରେ ନୂଆବୋଉ ସରର ମାଉସୀଠାରୁ ଅକଥନୀୟ ଅତ୍ୟାଚାର ପାଇଛି । ଅତ୍ୟାଚାର ଅସହ୍ୟ ହେବାରୁ ଘରଛାଡ଼ି କୁଆଡ଼େ ଚାଲି ଯାଇଛି । ଏଇଠୁ ହୋଇଛି ତା'ର ଭାଗ୍ୟୋଦୟ । ସୋମନାଥ ଶତପଥୀ ତାକୁ ବାଟରେ ପାଇ ଝିଅ କରି ନେଇଛନ୍ତି । ପରେ କନକକୁ ବାହା କରାଇ ସବାରୀରେ ଶାଶୂଘରକୁ ନେବାବେଳେ ଆଉ ଏକ ବାହାଘରିଆ ଦଳର ସବାରୀ ସହ କନକର ସବାରୀ ବଦଳିଯାଇଛି । ତେଣୁ କନକ ଠିକଣା ଜାଗାରେ ନପହଞ୍ଚି, ପହଞ୍ଚିଛି ଅନ୍ୟ ଏକ ବରଘରେ । ଗଳ୍ପରେ କନକ ଭାଗ୍ୟରେ ଏପରି ପରିବର୍ତ୍ତନ ଲାଗିରହିଛି । ଶେଷରେ ମ୍ନ କନକର ଏ ଦୁଃଖ ଅପସରି ଯାଇଛି ଯେତେବେଳେ ସେ ତା'ର ପିତା ଓ ଭାଇ ନବଘନକୁ ଫେରିଯାଇଛି । 'ପାନବାଲି' ଗଳ୍ପରେ ରାଜ୍ୟର ଜଣେ ରାଜବଂଶୀୟ ଯୁବକ ଦସ୍ୟୁଙ୍କ ଦ୍ୱାରା ଆଘାତ ପ୍ରାପ୍ତ ହୋଇ ଏକ ଶୁନ୍‌ଶାନ ଘରେ ଆଶ୍ରୟ ନିଅନ୍ତି । ସେ ଘର ପୁଣି ଦସ୍ୟୁମାନଙ୍କ ଦଳପତିର ଘର । ଦଳପତିର ପାଳିତା କନ୍ୟା ଶାରଦା ଯୁବକଙ୍କ ସେବା ଶୁଶ୍ରୂଷା କରିବା ସହ ଦଳପତି ହାତରୁ ତାଙ୍କ ଜୀବନ ରକ୍ଷା କରେ । ଏହାକୁ ଯୁବକ ଭୁଲିପାରି ନାହାନ୍ତି । ପରେ ଯୁବକଙ୍କ ବିବାହ ହୁଏ ଅନ୍ୟତ୍ର ।

ବହୁଦିନ ପରେ କଟକର ଜଣେ ପାନବାଲି ଯୁବତୀ ସହ ତାଙ୍କ ପରିଚୟ ହୁଏ ଏବଂ ପାନବାଲି ତାଙ୍କ ସନ୍ତାନମାନଙ୍କୁ ଶିକ୍ଷା ଦେବାପାଇଁ ନିଯୁକ୍ତି ପାଏ । ନିଜ ପରିବାର ସହ ପାନବାଲିର ଗଭୀର ଆଗ୍ରହ ଦେଖି ଯୁବକ କିଶୋରଚନ୍ଦ୍ର ଜାଣିପାରନ୍ତି ଯେ ପାନବାଲି ହିଁ ତାଙ୍କ ଜୀବନ ରକ୍ଷାକାରୀ ଦସ୍ୟୁକନ୍ୟା ଶାରଦା । କିନ୍ତୁ କାଳର କରାଳରେ ପାନବାଲିର ମୃତ୍ୟୁ ହୁଏ ଏବଂ ସେ ତା'ର ଅର୍ଦ୍ଧେକ ସମ୍ପତ୍ତି କିଶୋର ଚନ୍ଦ୍ରଙ୍କ ସନ୍ତାନମାନଙ୍କ ନାମରେ ଲେଖିଦେଇ ଚାଲିଯାଏ ।

'ଜାତୀୟତା' ଗଳ୍ପରେ ଜାତିପ୍ରେମର କଥା ସମୁଜ୍ଜ୍ୱଳ । ସେ ସମୟର ଓଡ଼ିଆ କିପରି ନିଜକୁ ଓଡ଼ିଆ କହିବାକୁ ଲଜ୍ଜାବୋଧ କରୁଥିଲେ ଏବଂ ନିଜକୁ ବଙ୍ଗାଳୀ କହିବାକୁ ଗର୍ବ ମଣୁଥିଲେ, ତା'ର ଏକ ବ୍ୟଙ୍ଗାତ୍ମକ ନମୁନା ଏ ଗଳ୍ପ । କଲିକତାରେ କିରାଣୀ କାମକରି ବଡ଼ କଷ୍ଟରେ ପରିବାର ପୋଷୁଥିବା ଜଣେ ଲୋକ ନିଜକୁ ବଙ୍ଗାଳୀ କହି ବାହାବା ନେବାବେଳେ ଅନ୍ୟ ଜଣେ ଜାତିପ୍ରେମୀ ଖାଣ୍ଟି ଓଡ଼ିଆଙ୍କ ଦ୍ୱାରା ଉପହାସର ଶିକାର ହେବାର ଦୃଶ୍ୟ ସୁନ୍ଦର ଭାବରେ ଚିତ୍ରିତ । ସ୍ଥାନେ ସ୍ଥାନେ ବଙ୍ଗଳା ସଂଳାପର ପ୍ରୟୋଗ କରି ଲେଖକ ହାସ୍ୟରସ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି ।

'ଆଦ୍ୟ ପରିଣାମ' ଗଳ୍ପରେ ରାମଶରଣ ବାବୁ ଜଣେ ଶିକ୍ଷକ । ଚାକିରି ହେବାର ବର୍ଷକ ମଧ୍ୟରେ ସୁନ୍ଦରୀ କନ୍ୟା ନିର୍ମଳ କୁମାରୀ ସହ ତାଙ୍କ ବିବାହ ହୁଏ । ନିର୍ମଳ କିନ୍ତୁ ଲୋଭୀ ଓ ଅର୍ଥଲିପ୍ସୁ । ରାମଶରଣ ପତ୍ନୀ ପ୍ରିୟ ଥିବାବେଳେ ନିର୍ମଳ ଠିକ୍ ଓଲଟା । ପଡ଼ୋଶୀ ହରପ୍ରସାଦ ବାବୁଙ୍କ ଧନଦୌଲତ ତଥା ତାଙ୍କ ସ୍ତ୍ରୀଙ୍କ ଅଳଙ୍କାର ଉପରେ ନିର୍ମଳର ଭାରି ଲୋଭ । ଏଇ ଲୋଭରୁ ନିର୍ମଳ ଚୋରି କରିଛି ଅଳଙ୍କାର, ଯାହା ଫଳରେ ପୋଲିସ୍ ରାମଶରଣଙ୍କୁ ବାନ୍ଧି ନେଇଛି ହାଜତକୁ । ସ୍ତ୍ରୀକୁ ରକ୍ଷା କରିବାକୁ ଯାଇ ରାମବାବୁ ଭୋଗିଛନ୍ତି ଦୁଇମାସ ଜେଲ । ଜେଲ ଅବଧି ସରିବା ପରେ ସେ ଯେତେବେଳେ ବଡ଼ ଉଲ୍ଲାସରେ ଘରକୁ ଫେରିଛନ୍ତି; ସେ ଦେଖନ୍ତି ଘର ଭିତରୁ ନିର୍ମଳର ଖୋଲାହସ ଶୁଭୁଛି ଏବଂ ହଡ଼ବଡ଼ିରେ ଘରୁ ବାହାରି ଯାଉଛନ୍ତି ହରପ୍ରସାଦ । ସେଇଠି ହତବାକ୍ ହୋଇପଡ଼ିଛନ୍ତି ରାମଶରଣ । ପ୍ରେମ ଓ ଛଳନାର ଏକ ପ୍ରକୃଷ୍ଟ ଚିତ୍ର ଏ ଗଳ୍ପରେ ଚିତ୍ରିତ ।

ପ୍ରେମ, ବିରହ ଓ ଅପ୍ରାପ୍ତିଜନିତ ଦୁରବସ୍ଥା ହିଁ 'ଶେଷ ଉପହାର' ଗଳ୍ପର ବିଷୟବସ୍ତୁ । ମୋହିନୀ ମୋହନ ଓ ବିମଳା ପିଲାଦିନରୁ ସାଙ୍ଗ ଓ ପରସ୍ପର ପ୍ରତି ଅନୁରକ୍ତ । ମାତ୍ର ଘଟଣାଚକ୍ରରେ ସେମାନେ ବାହା ହୋଇ ପାରିନାହାନ୍ତି । ଶେଷରେ ବିମଳା ମୋହିନୀ ମୋହନଙ୍କୁ ଶେଷ ଉପହାର ସ୍ୱରୂପ ତାଙ୍କ ହଜିଲା କବିତା ସହ ନିଜ ମନୋଭାବ ଲେଖି ଚିଠିଟିଏ ପଠାଇ ଦେଇଛି ଏବଂ ଇହଧାମ ତ୍ୟାଗ କରିଛି । ମୋହିନୀ ମୋହନ ତା'ପରେ ଫେରନ୍ତି ଗ୍ରାମକୁ । ପ୍ରିୟ ବିମଳା ପାଖକୁ । ଏବଂ ବିମଳାର ଦଗ୍ଧ ପାଉଁଶ ଆଗରେ କରନ୍ତି ପଶ୍ଚାତ୍ତାପ । କିଛି ସମକାଳୀନ ବାସ୍ତବତା ଓ କିଛି ହ୍ୟୁମରକୁ ନେଇ ରଚିତ ହୋଇଛି 'ହିସାବ ନିକାଶ' ଗଳ୍ପ । ମାରୁଣୀ ଗୁରୁର ବହପ ଓ ବାହାଦୂରୀ କେମିତି ତାକୁ କାଙ୍ଗାଳ ପରିସ୍ଥିତିକୁ ଆଣି ଥୋଇଛି ତା'ର ଚିତ୍ର ଏଥିରେ ପ୍ରଦତ୍ତ । ସୁଧଖୋର ଲୋଭୀ ମହାଜନ ଯାହା ଯାହା ଜମିବାଡ଼ି ବନ୍ଧକ ରଖି ଧନ ଲୁଟି ଥିଲା ସବୁ ନିଆଁରେ ପୋଡ଼ିଯାଇଛି । ମାଗୁଣୀର ମୃତ୍ୟୁ ସହ ମହାଜନର ସମସ୍ତ ସମ୍ପତ୍ତି ମଧ୍ୟ ଶେଷ ହୋଇଛି । ତେଣୁ ଗଳ୍ପର ଶେଷରେ କୁହାଯାଇଛି- "ଦୁଃଖେ ଅର୍ଜିତ ଯେତେ ଧନ, ସୁଖେ ସେ ନୋହେ ପ୍ରୟୋଜନ ।" ବୋହୂ-ନଣନ୍ଦର ସ୍ନେହ ସରାଗକୁ ନେଇ ଗଢ଼ିଉଠିଛି 'ନୂଆବୋହୂ' ଗଳ୍ପ । ତିନିବୋହୂରେ ନୂଆବୋହୂ ଭାରି ଭଲ । ନଣନ୍ଦ ରତନ ସହ ତା'ର ସମ୍ପର୍କ ମା-ଝିଅ ପରି । ରତନର ଏକା ଜିଦ୍ ନୂଆବୋହୂ ହିଁ ତା' ପାଇଁ ବର ଖୋଜିବ । ଅନ୍ୟ ବୋହୂମାନେ ଏହାକୁ ସହିପାରନ୍ତିନି । ଏପଟେ ରତନର ବାହାଘର ଠିକ୍ ହେଲା ପରେ ନୂଆବୋହୂ ପିଲାଟେ ଜନ୍ମ କରିଛି । ପିଲାକୁ ରତନ ଭାରି ସ୍ନେହ କରେ । ଏହାକୁ ସହି ନପାରି ମଝିଆବୋହୂ କ୍ଷୀରରେ ବିଷଦେଇ ଛୁଆକୁ ମାରିବାକୁ ଚେଷ୍ଟା କଲାବେଳେ ରତନ ହାତରେ ଧରା ପଡ଼ିଛି ଏବଂ ରତନ ସେ କ୍ଷୀର ପିଇଦେବା ଫଳରେ ଏକ ଦୁଃଖଦ ସମାପ୍ତିରେ ଗଳ୍ପ ଶେଷ ହୋଇଛି ।

'ଡିପାର୍ଟମେଣ୍ଟ' ଗଳ୍ପର ମୁଖ୍ୟ ଚରିତ୍ର ନରହରି ତତ୍କାଳୀନ ସହରୀ ଶିକ୍ଷିତ ଯୁବକର ପ୍ରତୀକ ମାତ୍ର । ସେ ସମୟର ଏକାଧିକ ଯୁବକ ଶିକ୍ଷା, ବୃତ୍ତି ଓ ପାରିବାରିକ ଜଞ୍ଜାଳରେ ଫସିରହି କିପରି ବିପର୍ଯ୍ୟୟ ଭୋଗୁଥିଲେ ତାହା ଏ ଗଳ୍ପରେ ବର୍ଣ୍ଣିତ । ଶିକ୍ଷିତ ଯୁବକ ନରହରିଙ୍କ ସ୍ୱପ୍ନ ଅନେକ । ଘରେ ଏକାସଙ୍ଗେ ଛଅଗୋଟି ଡିପାର୍ଟମେଣ୍ଟ ଖୋଲି ଅଧିକ ଆୟ କରିବାର ଅଭିଳାଶ ତାଙ୍କର । ମାତ୍ର ଏଥିରେ ବିଫଳ ହେବାପରେ ଶେଷରେ ତାଙ୍କୁ ବେସାହାରା ଭାବରେ ଗ୍ରାମପ୍ରାନ୍ତ ନଈକୂଳରେ ଥିବା ଏକ କୁଡ଼ିଆ ଘରେ ଜୀବନ ବିତାଇବାକୁ ପଡ଼ିଛି । ସେ ସମୟରେ ଓକିଲାତିକୁ ଆୟର ବଡ଼ ପନ୍ଥା ଭାବୁଥିବା ଯୁବକମାନଙ୍କ ବିଫଳତା ଏଥିରେ ଜୀବନ୍ତ । 'ପ୍ରତରଣା' ଏକ ଭିନ୍ନ ସ୍ୱାଦର ଗଳ୍ପ । ଏଥିରେ ଯେଉଁ ପ୍ରତାରଣାର

କଥା ଉଲ୍ଲିଖିତ, ତାହା ଗୋଟେ ସୁଖଦ ପ୍ରତାରଣା । ସୁଦର୍ଶନ ରାଉତରାୟଙ୍କ ପୁଅ ଶ୍ରୀକାନ୍ତ ବିଲାତରୁ ବାରିଷ୍ଟରୀ ପଢ଼ି କଲିକତାରେ ରହେ । ଶିକ୍ଷିତ ଯୁବକ । ଓଡ଼ିଆ ସଂସ୍କୃତି ତା'ର ପସନ୍ଦ ନୁହେଁ । ତେଣୁ ବିବାହିତ କନ୍ୟାକୁ ସେ ଗ୍ରହଣ କରିବାକୁ ନାରାଜ । ଘରକୁ ଫେରିବା ପାଇଁ ସିଧା ମନା କରି ଦେଇଛି ବାପାଙ୍କୁ । ଏ ସମୟରେ କୌଶଳ ପୂର୍ବକ ମନମୋହନ ବାବୁ ଶ୍ରୀକାନ୍ତଙ୍କ ପଡ଼ୋଶୀ ହୋଇ ରହିବାକୁ ଆସନ୍ତି । ଏଇଠି ଲୀଳା ସହ ଶ୍ରୀକାନ୍ତଙ୍କ ପରିଚୟ ହୁଏ । ଲୀଳା ମନମୋହନ ବାବୁଙ୍କ ଘରେ ସବୁ କାମଧାମ ବୁଝେ । ଲୀଳାର ରୂପ-ଗୁଣ ଦେଖି ଶ୍ରୀକାନ୍ତ କୌଣସି ମତେ ତାକୁ ନିଜର କରିବାକୁ ଉପାୟ ପାଞ୍ଚନ୍ତି ଏବଂ କୌଶଳ କରି ଏଥିରେ ସେ ସଫଳ ହୁଅନ୍ତି । ଶେଷରେ କଥାର ରହସ୍ୟ ଫିଟେ ଯେ- ମନମୋହନ ହେଉଛନ୍ତି ଶ୍ରୀକାନ୍ତର ସଢୁ ଏବଂ ଲୀଳା ହିଁ ତା'ର ବାଲ୍ୟବଧୂ ସହଧର୍ମିଣୀ, ଯାହାକୁ ସେ ଗ୍ରହଣ କରିବାକୁ ମନା କରୁଥିଲା । ଏଇଠି ସଢୁ-ସଢୁ ମଧ୍ୟରେ ଏକ ସୁଖଦ ପ୍ରତାରଣା ପାଠକ ଦେଖିବାକୁ ପାଏ । ଚାଲାକି କରି ମନମୋହନ ସ୍ୱାମୀ-ସ୍ତ୍ରୀର ମିଳନ କରାଇବାରେ ସଫଳ ହୋଇଛନ୍ତି ।

ଏକ ପ୍ରେମମୂଳକ କାହାଣୀକୁ ନେଇ 'ମାଳତୀ'(୫) ଗଳ୍ପର ସଂରଚନା । ଜଣେ ସମ୍ଭ୍ରାନ୍ତବଂଶୀୟ ଯୁବକକୁ ସେ ଭଲପାଏ; କିନ୍ତୁ ବାହା ହେବାପାଇଁ ନିଜ ଘରେ କହିପାରେନି । ଫଳସ୍ୱରୂପ ମାଳତୀର ବାହାଘର ଅନ୍ୟତ୍ର ଠିକ୍ ହୋଇଯାଇଛି । ବାହାଘର ଦିନ ସାହସ କରି କହିବା ପରେ ଘରେ ସମସ୍ତେ ଅମଙ୍ଗ ହେବାରୁ ମାଳତୀ ବିଷ ଖାଇ ବେଦୀ ଉପରେ ଢଳି ପଡ଼ିଛି । ଏହାପରେ ସେଠି ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଛି । ଅନ୍ୟପଟେ ମାଳତୀର ପ୍ରେମିକ ସେହି ସମ୍ଭ୍ରାନ୍ତ ଯୁବକ ମଧ୍ୟ ପାଗଳ ହୋଇ ଏଣେତେଣେ ଘୂରି ବୁଲୁଥିବାର ଲୋକେ ଦେଖିଛନ୍ତି । ଚିରାଚରିତ ସରଳ ସାମାଜିକ ବିଷୟବସ୍ତୁକୁ ନେଇ ଗଳ୍ପଟି ରଚିତ ହୋଇଥିଲେ ହେଁ ଏହାର ଆବେଦନ ହୃଦୟଭେଦୀ । 'କାରିଗର'(୬) ଗଳ୍ପ ସଂପୂର୍ଣ୍ଣ ମିଳିପାରି ନଥିବାରୁ ପ୍ରାପ୍ତ ଅଂଶରୁ ଯାହା ବୁଝାପଡ଼େ- ଏଥିରେ ହୃଦାନନ୍ଦ ଓ ରମାର ବନ୍ଧୁତାର କଥା କୁହାଯାଇଛି । ହୃଦାନନ୍ଦ ଶୈଶବରୁ ସୌନ୍ଦର୍ଯ୍ୟ-ପିପାସୁ । ସୁନ୍ଦର ମୂର୍ତ୍ତି ବା ପ୍ରକୃତି ଦେଖିଲେ ସେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିବା କଥାରୁ ଜଣାଯାଏ, ପରବର୍ତ୍ତୀ ଗଳ୍ପାଂଶରେ ଗାଳ୍ପିକ ତାକୁ ଜଣେ କାରିଗର ଭାବରେ ଗଢ଼ିଥାଇ ପାରନ୍ତି । ତେଣୁ ଗଳ୍ପର ଶୀର୍ଷକ ଏପରି ରଖାଯାଇ ଥାଇପାରେ । ସତ୍ୟବାଦୀ ପତ୍ରିକାର ଫର୍ମା ତିଆରିରେ କିଛି ଅସୁବିଧା ରହିଯାଇ ଥିବାରୁ ଏ ଗପ ଅଧାହିଁ ପ୍ରକାଶ ପାଇଥିଲା ବୋଧେ ।

'ବନ୍ଧୁ'(୭) ଗଳ୍ପରେ ନିଟୋଳ ବନ୍ଧୁତ୍ୱର କଥା କୁହାଯାଇଅଛି । ବନ୍ଧୁବତ୍ସଳ ଲେଖକ ପ୍ରିୟ ବନ୍ଧୁ ଶ୍ରୀନିବାସଙ୍କୁ ଭେଟିବାକୁ ଇଚ୍ଛା ରଖିବା, ସେଠି ପହଞ୍ଚି ବନ୍ଧୁଙ୍କ ଦେହାନ୍ତ ଖବର ତଥା ବନ୍ଧୁ ପତ୍ନୀଙ୍କ ଦୁର୍ଦ୍ଦଶା ଦେଖି ବିଚଳିତ ହେବା ଏବଂ ଘରଭଡ଼ା ସୁଝିବା ପାଇଁ ଘରୁ ତାର ଯୋଗେ ଟଙ୍କା ମଗାଇ ତାଙ୍କୁ ସାହାଯ୍ୟ କରିବା ଭିତରେ ପାଠକ ଦ୍ରବୀଭୂତ ହୋଇଯାଏ । ବନ୍ଧୁପ୍ରେମ ଆଗରେ ପତ୍ନୀମାନେ ସବୁବେଳେ ଏକ ପ୍ରଶ୍ନବାଚୀ ସୃଷ୍ଟି କରନ୍ତି- ଏ ବାସ୍ତବ ଦିଗ ବି ଗଳ୍ପରେ ଦୃଶ୍ୟାୟିତ । 'ମଜଲିସ୍' (୮) ଏକ ହାସ୍ୟରସାତ୍ମକ ଗଳ୍ପ । ଏଥିରେ ଦାଢ଼ିକୁ ନେଇ ଦୁଇଟି ସୁନ୍ଦର ବ୍ୟଙ୍ଗାତ୍ମକ ଉପାଖ୍ୟାନ ରହିଛି । ତିନିଗୋଟି ଉପକାହାଣୀକୁ ନେଇ ଏ ଗଳ୍ପ ଗଠିତ । ଲେଖକ ଶ୍ରୀହରି ବାବୁ ଏବଂ ଦୁଇଜଣ ଭଦ୍ରଲୋକ ଖଟି କଲାବେଳେ ସେମାନେ ଏକ ଏକ ମଜାକିଆ ଘଟଣା ବା କାହାଣୀର ଉଲ୍ଲେଖ କରିଛନ୍ତି । 'ପାଦ୍ରୀ, ପଣସ ଓ ଦାଢ଼ି କଥା' ହେଉ ବା 'ପଣ୍ଡିତଙ୍କ ବାଇଗଣ କିଣା' ଗପ ହେଉ ଅଥବା ମନ୍ତ୍ରୀ ହାଣ୍ଡିରେ ଦାଢ଼ି ବୁଡ଼ାଇ ଆମ୍ୱର ସ୍ୱାଦ ବଢ଼ାଇବା କାହାଣୀ ହେଉ, ସବୁଥିରେ ହାସ୍ୟରସ ଭରପୁର । 'କରୁଣାକର'(୯) ଅନ୍ୟ ଏକ ହାସ୍ୟରସାତ୍ମକ ଗଳ୍ପ । ବୁଢ଼ା କରୁଣାକରକୁ ଗାଁରେ ସମସ୍ତେ ଥଟ୍ଟା ପରିହାସ କରନ୍ତି । ବୁଢ଼ାର ଏକ ସୁନ୍ଦର ରୂପ ବର୍ଣ୍ଣନା ଗାଳ୍ପିକ ଦେଇଛନ୍ତି ଗଳ୍ପରେ । ଅଳାରପୁରକୁ ଭାଗବତ ଗାଇବାକୁ ଯାଇଥିବାବେଳେ କରୁଣାକର ଦେଖିଛି ଶ୍ରୋତା ମଧ୍ୟରେ ଜଣେ ବୁଢ଼ୀ ତା' ଭାଗବତ ଶୁଣି ବାରମ୍ବାର କାନ୍ଦୁଥାଏ । ବୁଢ଼ୀ ଏକଲୟରେ କରୁଣାକରକୁ ଦେଖି କାନ୍ଦୁଥିବାର ଅସଲ ରହସ୍ୟ ଥିଲା କିନ୍ତୁ ଭିନ୍ନ । ବୁଢ଼ୀର କହିବାନୁସାରେ କରୁଣାକର ଯେତେବେଳେ ପାଟି ପାକୁ ପାକୁ କରି ଗୀତ ବୋଲୁଥିଲା, ତା'ର ଦାଢ଼ି ଯେତବେଳେ ଥରି ଉଠୁଥିଲା, ସେତେବେଳେ ବୁଢ଼ୀ ମନେପକାଏ ତା'ର ହଜିଯାଇଥିବା ଛେଳି କଥା । ତା'ରି ପରି ପାଟି, ତା'ରି ପରି ଦାଢ଼ୀ କରୁଣାକରର । ଏହାକୁ ପଢ଼ିଲା ପରେ ପାଠକ ନ ହସି ରହିପାରେ ନାହିଁ ।

ଦିବ୍ୟସିଂହ ପାଣିଗ୍ରାହୀଙ୍କ ପ୍ରାୟ ସମସ୍ତ ଗଳ୍ପ ସାମାଜିକ ବିଷୟବସ୍ତୁ ଆଧାରିତ । କଥାବସ୍ତୁଜନିତ ବୈବିଧ ପ୍ରାୟ ନାହିଁ । ତତ୍କାଳୀନ ଉତ୍କଳୀୟ ସମାଜ ଓ ସଂସ୍କୃତିର ଟିକିନିକି ବର୍ଣ୍ଣନା ତାଙ୍କ ଗଳ୍ପଗୁଡ଼ିକର ମୁଖ୍ୟ ବିଭବ । ପାରିବାରିକ ସଂପର୍କ, ସାଂସାରିକ

ଜଞ୍ଜାଳ ଓ ଦାୟିତ୍ୱ, ଚାକିରିଆର ଦୁର୍ଦ୍ଦଶା, ଗାଁ ମହାଜନର ଶୋଷଣ ଓ ଗରିବର ଦୁରବସ୍ଥା- ଏସବୁ ତାଙ୍କ ଗଳ୍ପର ଛତ୍ରେ ଛତ୍ରେ ପ୍ରତିଫଳିତ । ବିଶେଷ କରି 'ପ୍ରେମ' ବିଷୟ ତାଙ୍କ ଅଧିକାଂଶ ଗଳ୍ପର ଭାବବସ୍ତୁ । ଏ ପ୍ରେମ ପୁଣି ବିବିଧ, ସେ ବନ୍ଧୁ ପ୍ରେମ ହୋଇପାରେ, ସେ ହୋଇପାରେ ବାତ୍ସଲ୍ୟ ପ୍ରେମ, ଭ୍ରାତୃ ପ୍ରେମ ଅଥବା ତାରୁଣ୍ୟ ପ୍ରେମ । 'ଦିବାବସାନ', 'ଆଦ୍ୟ ପରିଣାମ' ତଥା 'ବନ୍ଧୁ' ଗଳ୍ପରେ ବନ୍ଧୁପ୍ରେମର କଥା, ସାବିତ୍ରୀ ଉପବାସ, ପରିବର୍ତ୍ତନ ଗଳ୍ପରେ ବାତ୍ସଲ୍ୟ ପ୍ରେମର କଥା, ନିଶାବସାନ, ଗୟାଶ୍ରାଦ୍ଧ ଆଦିରେ ଭ୍ରାତୃ ପ୍ରେମର କଥା ଏବଂ 'ଅମୃତ କଙ୍କଣ', 'ଶେଷ ଉପହାର', 'ମାଳତୀ', 'ପାନବାଲୀ' ଆଦି ଗଳ୍ପରେ ତାରୁଣ୍ୟ ପ୍ରେମର କଥା ଉଲ୍ଲିଖିତ ।

ଦିବ୍ୟସିଂହଙ୍କ ଗଳ୍ପରେ ହାସ୍ୟରସର ପ୍ରଚୁର ପ୍ରୟୋଗ ରହିଛି । ଫକୀରମୋହନଙ୍କ ପରେ ଏ ଧାରାକୁ ଆଗେଇ ନେବାରେ ଦିବ୍ୟସିଂହ ଉପଯୁକ୍ତ ଦାୟାଦ । 'ପିତୃଶ୍ରାଦ୍ଧ', 'ଜାତୀୟତା', 'ମଜଲିସ', 'କରୁଣାକର' ଆଦି ଗଳ୍ପରେ ବ୍ୟଙ୍ଗ ସହିତ ନିଟୋଳ ହାସ୍ୟ ପୂରି ରହିଛି । ଏ ଗଳ୍ପମାନଙ୍କରେ ଜାତୀୟତା ଓ ସଂସ୍କୃତି ପ୍ରୀତି ମଧ୍ୟ ବିଦ୍ୟମାନ । ବାତ୍ସଲ୍ୟ ରସର ସଫଳ ରୂପାୟନ ଦିବ୍ୟସିଂହଙ୍କ ଗଳ୍ପକୁ କରିଛି ପାଠକ ପ୍ରିୟ । ପିତା-ପୁତ୍ର, ମାଆ-ଝିଅ, ବୋହୂ-ନଣନ୍ଦ, ଭାଇ-ଭଉଣୀ ଆଦି ସବୁ ପାରିବାରିକ ସଂପର୍କର କଥା ଏ ଗଳ୍ପଗୁଡ଼ିକରେ ବର୍ଣ୍ଣିତ । ଗ୍ରାମ୍ୟ ସଭ୍ୟତା ସହରୀମୁହାଁ ହେବା ଏବଂ ପୁଣି ସହରୀ ଲୋକ ଗ୍ରାମପଥ ଆଡ଼କୁ ମୁହାଁଉଥିବାର ଅନେକ ଦୃଷ୍ଟାନ୍ତ ଦିବ୍ୟସିଂହଙ୍କ ଗଳ୍ପରେ ପ୍ରତିଭାତ । ସୁତରାଂ ଉନ୍ମେଷକାଳୀନ ଓଡ଼ିଆ ଗଳ୍ପଧାରାରେ ଦିବ୍ୟସିଂହ ପାଣିଗ୍ରାହୀ ଜଣେ ଧୂରୀଣ କଥାଶିଳ୍ପୀ ଭାବରେ ନିଜକୁ ପ୍ରମାଣିତ କରି ପାରିଛନ୍ତି, ଏଥିରେ ଦ୍ୱିରୁକ୍ତି ନାହିଁ ।

**ପ୍ରାନ୍ତଟୀକା :**


୧. ମହାନ୍ତି, ନଗେନ୍ଦ୍ରନାଥ (ସଂକଳକ), ଓଡ଼ିଆ ଚରିତକୋଷ (ଦ୍ୱିତୀୟ ଭାଗ ଜ-ଫ), ପ୍ରତିମାନାଥ ଟ୍ରଷ୍ଟ, ଦିଲ୍ଲୀ ପ୍ରକାଶନ, ପ୍ରଥମ ସଂସ୍କରଣ ୨୦୧୨, ପୃ-୫୬୧ ।

୨. ପାଣିଗ୍ରାହୀ, ଦିବ୍ୟସିଂହ, ଅମୃତ କଙ୍କଣ, କଟକ ଟ୍ରେଡ଼ିଂ କମ୍ପାନୀ, ପୁରୀ, ୧୯୨୬, ନିବେଦନ ।

୩. ସାମଲ, ବୈଷ୍ଣବଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ ୨୦୧୯, ପୃ- ୪୦୦ ।

୪. ପରିଡ଼ା, ଡ. ପ୍ରକାଶ କୁମାର, କଥା କଥାଗ୍ରନ୍ଥ କଥାକାର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମ ପ୍ରକାଶ-୧୯୯୫, ପୃ-୬୧ ।

୫. ମୁକୁର, ୦୮/୦୭, କାର୍ତ୍ତିକ ୧୩୨୧ (୧୯୧୪) ।

୬. ସତ୍ୟବାଦୀ, ୦୫/୦୩-୦୪, ମିଥୁନ ଓ କର୍କଟ ୧୩୨୬-୨୭ (୧୯୧୯-୨୦) ।

୭. ସହକାର, ୧୪/୧୧, ଫାଲ୍‌ଗୁନ ୧୩୪୧, (୧୯୩୪/୩୫) ।

୮. ଭଞ୍ଜ ପ୍ରଦୀପ, ୦୪/୦୧, ଆଶ୍ୱିନ ୧୩୪୨ (୧୯୩୫-୩୬) ।

୯. ଭଞ୍ଜ ପ୍ରଦୀପ, ୦୪/୦୨, ପୌଷ ୧୩୪୨ (୧୯୩୫-୩୬) ।



**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ବରପାଲି ମହାବିଦ୍ୟାଳୟ, ବରପାଲି**
**ମୋ-୭୦୦୮୮୧୪୯୮୯**

ISSN -2583-147X (P), Vol.- 10, Issue No.III, June 2024
Bastabatara Pariprakash Prachee
*Peer Reviewed and Referred Research Journal*

| Received | Reviewed | Accepted | Published |
| --- | --- | --- | --- |
| 07-April-2024 | 03-May-2024 | 20-May-2024 | 01-June-2024 |


# ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାରେ ଆଧାତ୍ମିକ ଚେତନା

**ପ୍ରାଚୀପ୍ରଭା ସାଏନ୍ତ**

"ଯେଉଁ କବିତା ହୃଦୟର ଅବରୁଦ୍ଧ ଦ୍ୱାର
ଖୋଲି ଦିଏନା ସେ କି କବିତା !"

କବିତା ହିଁ ଆମ ହୃଦୟର ଅବରୁଦ୍ଧ ଦ୍ୱାରକୁ ଉନ୍ମୋଚିତ କରିଥାଏ । ଚିନ୍ତା ଓ ଚେତନାକୁ ପ୍ରସାରିତ କରିଥାଏ । ଏହି ବିଶ୍ୱାସବୋଧ ରଖିଥିବା କବି ହେଉଛନ୍ତି ବ୍ରହ୍ମୋତ୍ରୀ ମହାନ୍ତି । ଉତ୍ତର ସତୁରୀରେ ଲେଖନୀ ଚାଳନା କରିଥିବା କବିଙ୍କ ପ୍ରଥମ କବିତା ସଂକଳନ 'ଅବତରଣ' ପ୍ରକାଶ ପାଏ ୧୯୭୨ ରେ । ପରେ ପରେ ପ୍ରକାଶ ପାଏ 'ଦୃଷ୍ଟିର ଦ୍ୟୁତି' (୧୯୮୧), 'ସ୍ତବକ' (୧୯୮୮), 'ସ୍ରୋତସ୍ୱତୀ' (୧୯୯୫), 'ସେତୁବନ୍ଧ', 'ଦୟିତ' (୨୦୦୦), 'ପ୍ରଦକ୍ଷିଣ' (୨୦୦୧), 'ଉତ୍ତରଣ' (୨୦୦୨), 'ନିରୀକ୍ଷଣ' (୨୦୦୩), 'ଚିରନ୍ତନ' (୨୦୦୪) ଆଦି କବିତା ସଂକଳନ । 'ଦୃଷ୍ଟିର ଦ୍ୟୁତି' ୧୯୮୧ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ଦୈନନ୍ଦିନ ଜୀବନର ସୁଖ-ଦୁଃଖ, ହସ-କାନ୍ଦକୁ କବିତାରେ ରୂପାୟିତ କରୁ କରୁ କବିଙ୍କ ଚେତନା ପ୍ରସରି ଯାଏ ଲୌକିକରୁ ଅଲୌକିକତାକୁ ଏବଂ ମୂର୍ତ୍ତରୁ ଅମୂର୍ତ୍ତ ଆଡ଼କୁ । ସେ ହିଁ ପ୍ରକୃତ କବି ଯେ ଆମକୁ ସତ୍ୟର ନିକଟତର କରାଏ ଏବଂ ଚେତନାକୁ ଉତ୍ତରିତ ମାର୍ଗକୁ ନେଇଯାଏ । ଏହାହିଁ ତ ଆଧାତ୍ମିକ ଦୃଷ୍ଟିଭଙ୍ଗୀ । ଏଇ ପରିପ୍ରେକ୍ଷୀରେ କବି ବ୍ରହ୍ମୋତ୍ରୀ ମହାନ୍ତିଙ୍କ କବିତାକୁ ଆଲୋଚନା କଲେ କବିଙ୍କ ଅନେକ କବିତାରେ ଏ ଦୃଷ୍ଟିଭଙ୍ଗୀ ପରିଲକ୍ଷିତ ହୋଇଥାଏ ।

କବି ମହାନ୍ତିଙ୍କ କବିତାଗୁଡ଼ିକରେ ଘର-ସଂସାର, ଜୀବନ-ଜଞ୍ଜାଳ, ଲାଭ-କ୍ଷତି, ହସ-କାନ୍ଦ, ପ୍ରାପ୍ତ-ଅପ୍ରାପ୍ତି, ନିଃସଙ୍ଗତ ତଥା ଅଭାବ ବୋଧରେ ଜର୍ଜରିତ ସମ୍ବେଦନଶୀଳ ନାରୀ ସତ୍ତାଟି ପରିଲକ୍ଷିତ ହୋଇଥିଲେ ମଧ୍ୟ ବସ୍ତୁବାଦୀ ଚେତନାକୁ ଅତିକ୍ରମ କରି ସୂକ୍ଷ୍ମ ଚେତନା ଆଡ଼କୁ ଅଗ୍ରସର କବି ଚେତନତା ପରମସତ୍ତାଙ୍କ ସହ ଏକାତ୍ମ ହୋଇ ପରମାନନ୍ଦକୁ ପ୍ରାପ୍ତ ହେବା, ଏହାହିଁ ତାଙ୍କ କବିତାର ଅନ୍ତଃସ୍ୱର । 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନାମ୍' (ଗୀତା, ୧୦/୩୨) । ସଂସାରରେ ଯେତେ ବିଦ୍ୟା ଅଛି 'ଅଧ୍ୟାତ୍ମ' ବିଦ୍ୟା ସବୁଠାରୁ ଶ୍ରେଷ୍ଠ । ତେଣୁ ଯେଉଁ ବିଦ୍ୟା ବା ଯେଉଁ ଶିକ୍ଷା ଆମକୁ ପରମ ସତ୍ୟ ସହ ପରିଚିତ କରାଏ ତାହାହିଁ ତ ଅଧ୍ୟାତ୍ମ ଜ୍ଞାନ । କବି ମହାନ୍ତି ତେଣୁ ପ୍ରକାଶ କରନ୍ତି-

"ଯେଉଁ ଶିକ୍ଷା
ନିଃସଙ୍ଗତା ବୋଧରୁ ମୁକ୍ତି ଦେଇ
ପରମାର୍ଥରେ ପହଞ୍ଚାଇ ଦିଏ,
ତାହାହିଁ ବିଦ୍ୟା ।"(ଉତ୍ତରଣ)

ତେଣୁ ଆଧାତ୍ମ ବିଦ୍ୟା ନିଜକୁ ନିଜ ମଧ୍ୟରେ ଅନୁସନ୍ଧାନ କରିବା । ଆତ୍ମଜ୍ଞାନ ଉପଲବ୍ଧି ହିଁ ଆଧାତ୍ମିକତା । ମଣିଷ ମୁଖ୍ୟତଃ ମନର ଯାତନାର ଉପଚାର ପାଇଁ ବାହ୍ୟ ଦୁନିଆ ଉପରେ ନିର୍ଭର କରିଥାଏ । ଯଦ୍ୱାରା ତାକୁ ଏଥିରୁ ମୁକ୍ତି ମିଳେ ନାହିଁ । କାରଣ ବାହ୍ୟ ଉପଚାର ମନକୁ ପୂର୍ଣ୍ଣ କରେ ନାହିଁ । କାରଣ ଯାତନା ବାହାରେ ନୁହେଁ ମନ ଭିତରେ ଥାଏ । ଏ ପ୍ରସଙ୍ଗରେ କବି ଅନଦାଶ କରଙ୍କୁ ସ୍ମରଣ କରାଯାଇପାରେ-

"ବାହାରେ ଯାତନା ନାହିଁ, ଯାତନା ମନେ
ଜଗତେ ହଜେନା କିଛି, ହଜେ ଜୀବନେ ।"

ତେଣୁ ଏହି ଯାତନାରୁ ମୁକ୍ତି ପାଇବା ପାଇଁ ବାହାରେ ଅନୁସନ୍ଧାନ କଲେ କିଛି ଲାଭ ମିଳେ ନାହିଁ । କବି ବ୍ରହ୍ମୋତ୍ରୀ ତେଣୁ ପ୍ରକାଶ କରନ୍ତି-

"ଆପଣା ଘରର ପୂର୍ଣ୍ଣତାକୁ

ନ ବୁଝି ମନ ତଳର ଶୂନ୍ୟତାରୁ ମୁକ୍ତିପାଇଁ

ଏ ଘର ସେ ଘର ହେବାରେ କି ଲାଭ ?"(ଉତ୍ତରଣ, ପୃ.୪୧୭)

ମଣିଷ ହ୍ରସ୍ୱ । ତେଣୁ ପୂର୍ଣ୍ଣତା ପ୍ରାପ୍ତି ପାଇଁ ମନ ତା'ର ଶତତ ବ୍ୟାକୁଳ । ପୂର୍ଣ୍ଣତାପ୍ରାପ୍ତ କରିବାକୁ ହେଲେ ତାକୁ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ତା' ହେଲେ ହିଁ ସେ ଅଖଣ୍ଡ ଆନନ୍ଦର ଅଧିକାରୀ ହୋଇପାରିବ । ତେଣୁ କବି ମହାନ୍ତି 'ଚିରନ୍ତନ' କବିତା ସଂକଳନରେ ଏ ଭାବକୁ ହୃଦୟଙ୍ଗମ କରି ପ୍ରକାଶ କରନ୍ତି-

"ବାହାରଟାକୁ ନେଇ କେତେ କ୍ଷଣ

ଆନନ୍ଦରେ ବଞ୍ଚିବା ଆମେ ?

ଅନ୍ତର୍ମୁଖୀ ହେଲେ ହେଁ

ଅଖଣ୍ଡ ଆନନ୍ଦର ଅଧିକାରୀ ହୋଇପାରିବା ।"

କବିସତ୍ତା ଉପଲବ୍ଧି କରିଛନ୍ତି ଜୀବନକୁ ବଦଳେଇ ଦେବାକୁ ହେଲେ ଅନ୍ତର୍ମୁଖୀ ହେବାକୁ ପଡ଼େ । କାରଣ ଆନନ୍ଦର ଉତ୍ସ ତ ଅନ୍ତରରେ ଥାଏ । କାରଣ ଆତ୍ମାର ଦର୍ଶନ ଅନ୍ତରରେ ହୋଇଥାଏ । ଆଖି ବନ୍ଦ କଲେ ହିଁ ଭିତରର ଆକାଶର ଦର୍ଶନ ହୋଇଥାଏ । ସେହି ଆକାଶକୁ ଜାଣିବାକୁ ହେଲେ ନିରାକାରଙ୍କୁ ଜାଣିବାକୁ ପଡ଼ିଥାଏ । କାରଣ ସେ ହେଉଛନ୍ତି ଅନନ୍ତ, ଅକ୍ଷୟ ଓ ଅବ୍ୟୟ । ତେଣୁ କବି 'ଉତ୍ତରଣ' ସଂକଳନରେ ପ୍ରକାଶ କରନ୍ତି-

"ବହିର୍ମୁଖୀ ଉଲ୍ଲାସ ଆକାଶରୁ ସମ୍ଭୂତ,

ଅନ୍ତର୍ମୁଖୀ ଆନନ୍ଦ କିନ୍ତୁ ନିରାକାର ସହ ସଂଶ୍ଳିଷ୍ଟ,

ତେଣୁ ଅକ୍ଷୟ, ଅବ୍ୟୟ ।"

ମଣିଷ ଯେ ପର୍ଯ୍ୟନ୍ତ ଆତ୍ମଜ୍ଞାନ ଲାଭ ନ କରିଛି, ସେ ପର୍ଯ୍ୟନ୍ତ ଦୁଃଖ, କଷ୍ଟ ଯନ୍ତ୍ରଣାରେ ରହିବ । ଯେ ପର୍ଯ୍ୟନ୍ତ ପୂର୍ଣ୍ଣତା ପ୍ରାପ୍ତ କରିନି ସେ ପର୍ଯ୍ୟନ୍ତ ବ୍ୟାକୁଳିତ ରହେ । ଯେଉଁଠି ଜୀବନର ଫୁଲ ପ୍ରସ୍ଫୁଟିତ ହେଉନି, ସେଠି ସତ୍ୟର କୌଣସି ଆଧାର ନାହିଁ । ସେହି ପରମ ଆନନ୍ଦକୁ ପ୍ରାପ୍ତ କରିବା ହେଉଛି ଜୀବନର ସତ୍ୟ । ଏଥିପାଇଁ କବିଙ୍କ ବ୍ୟାକୁଳିତ ସତ୍ତା ପ୍ରକାଶ କରେ-

"ନେଇ ଯାଅ ଅନ୍ୟ ଏକ ସ୍ଥାନେ / ଯେଉଁଠାରେ ବୁଝିବି ମୁଁ / ଜୀବନର ମାନେ / କ୍ଲାନ୍ତି ନାହିଁ, ନାହିଁ ଅବସାଦ / ଅଥବା ବିଷାଦ / ପରିପୂର୍ଣ୍ଣ ଆନନ୍ଦର ଉଲ୍ଲୋଳ, କଲ୍ଲୋଳ / ଅମୃତର ସ୍ୱାଦ । / ସଂକ୍ଷିପ୍ତ ଉତ୍ତରଟିଏ ଝରିଗଲା / ବାହାରର ପୃଥିବୀରେ ନୁହେଁ, ତାହା / ସେ ସ୍ଥାନଟି ମଣିଷର ହୃଦୟ ଭିତରେ ।" (ନିରୀକ୍ଷଣ)

ମନୁଷ୍ୟ ଅମୃତର ସନ୍ତାନ । ସେହି ଅମୃତର ସ୍ୱାଦ ଚାଖିବାକୁ ସେ ବ୍ୟାକୁଳ । କବିସତ୍ତା ଉପଲବ୍ଧି କରିଛନ୍ତି ବାହାରର ପୃଥିବୀରେ ତାହା ପ୍ରାପ୍ତି ଅସମ୍ଭବ । ସେ ସ୍ଥାନଟି ହେଉଛି ମଣିଷର ହୃଦୟ । କାରଣ ତାକୁ ପ୍ରାପ୍ତ କରିବାକୁ ହେଲେ ଅନ୍ତରର ଗଭୀରତାକୁ ପ୍ରବେଶ କରିବାକୁ ପଡ଼ିବ । ଯେତେ ଯେତେ ଆମେ ସେ ଭିତରକୁ ପ୍ରବେଶ କରିବା ସେତେ ସେତେ ଅଚିତ୍‌ର ଉଜ୍ଜ୍ୱଳତା ଆପେ ଆପେ ବାହାରି ଆସେ । ଯେ ସେହି ଗଭୀରତାକୁ ପ୍ରବେଶ କରିଛି ସେ ଆତ୍ମଜ୍ଞାନରେ ପ୍ରଜ୍ଜ୍ୱଳିତ ହୋଇଛି । କୂଳରେ ରହି କେହି ଏ ଆଲୋକର ଅଧିକାରୀ ହୋଇପାରି ନାହାନ୍ତି । ତେଣୁ ସନ୍ଥ କବିର ଦାସ କହିଛନ୍ତି–

"ଜିନ ଖୋଜା ତିନି ପାଇଆଁ ଗେହେରେ ପାନି ସେଠ୍

ଯୋ ବୁଡ଼ା ଡୁବନ୍ ଦରା ରହା କିନାରା ବେଠ୍ ।"

ଯିଏ ଏ ସତ୍ୟକୁ ଉପଲବ୍ଧି କରେ, ସେ ଈଶ୍ୱରଙ୍କ ନିକଟତର ହୋଇଯାଏ । ତା'ର ଆଉ ଦୁଃଖ କ୍ଳେଶ ରହେ ନାହିଁ । ଏହାହିଁ ତ ବ୍ରହ୍ମୋପଲବ୍ଧି । କବି ମହାନ୍ତିଙ୍କ ଭାଷାରେ –

"ତମେ ଯେବେ ଉପଲବ୍ଧି କରିବ

ଆନନ୍ଦ ପାଇଁ କାହାରି ଦ୍ୱାରସ୍ଥ ନ ହୋଇ

ସଦା ଭରପୂର ରହୁଚ ନିଜ ଭିତରେ

ତାହାହିଁ ତ ବ୍ରହ୍ମୋପଲବ୍ଧି ।"(ନିରୀକ୍ଷଣ)

ଅଧ୍ୟାତ୍ମ ଅନ୍ୱେଷୀ କବିସତ୍ତା ତେଣୁ ନିଜକୁ ପ୍ରତିକ୍ଷଣ ଓ ପ୍ରତିମୁହୂର୍ତ୍ତରେ ନୂଆ ରୂପରେ ଆବିଷ୍କାର କରିଛନ୍ତି । ସେ ଉପଲବ୍ଧି କରନ୍ତି ସେ କେହି ନୁହେଁ, ସବୁକିଛି ସେହି ସର୍ବନିୟନ୍ତା ପରମାତ୍ମା । ସେ ଅନୁଭବ କରନ୍ତି ଭଗବତ୍ ଇଚ୍ଛାର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ । ଯାହାକୁ ଉପନିଷଦ 'ବ୍ରହ୍ମ' କହେ, ଲାଓ ସେ ତାଓ କୁହେ । ସେ 'ଏକ୍' ଆମଠୁ ଦୂରରେ ନୁହେଁ, ଆମ ଭିତରେ ଅଛି । ଏ ଛୋଟ ପିଣ୍ଡ ଭିତରେ ସାରା ବ୍ରହ୍ମାଣ୍ଡ ଲୁଚି ରହିଛି । ସେଇ ବୃହତ୍ ଶକ୍ତିର ସେ ଏକ ଅଂଶ ମାତ୍ର । ତେଣୁ ଯେ ନିଜକୁ ଜାଣି ଦିଏ, ସେ ସବୁ

ଜାଣି ଦିଏ । କବିସତ୍ତା ତେଣୁ ଏ ସତ୍ୟକୁ ଉପଲବ୍ଧି କରି ସେ ପରମସତ୍ତାଙ୍କ ନିକଟରେ ଆତ୍ମସମର୍ପଣ କରିଦିଏ-

"ତମରି ଇଚ୍ଛା ପୂର୍ଣ୍ଣ ହେଉ

ଆତ୍ମ ସମର୍ପଣର ଏ ଆନନ୍ଦଠୁ ବଳି

ଅଧିକ ଆନନ୍ଦ କ'ଣ ଅଛି ଆଉ ?" (ନିରୀକ୍ଷଣ)

ମଣିଷ ବହୁ ସମ୍ଭାବନାର ମଞ୍ଜି । ସବୁ ଅସାଧକୁ ସାଧ କରିବାର କ୍ଷମତା ରଖେ । ସବୁ ଅସମ୍ଭବକୁ ସମ୍ଭବ କରି ଦେଖାଏ । ଯେ ପର୍ଯ୍ୟନ୍ତ ସେ ନିଜ ଆତ୍ମଶକ୍ତି ସଂପର୍କରେ ଅଜ୍ଞ ସେ ପର୍ଯ୍ୟନ୍ତ ସ୍ଥାଣୁ ସେ । ଯେତେବେଳେ ସେ ତା'ର କ୍ଷମତା ସମ୍ପର୍କରେ ପରିଚିତ ହୁଏ ଅଚିରେ ବ୍ରହ୍ମଜ୍ଞାନ ପ୍ରାପ୍ତି ହୁଏ ।

ତେଣୁ ଜଗନ୍ନାଥ ଦାସ କହିଛନ୍ତି-

"ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ

ଦେଖି ସନ୍ତୋଷ ଭଗବାନ ।"(ଭାଗବତ)

କିନ୍ତୁ ବସ୍ତୁବାଦୀ ମଣିଷ ଏ ସତ୍ୟର ନିକଟତର ହୋଇପାରେନା । ଆଧ୍ୟାତ୍ମିକ ଶାନ୍ତିର ସାମ୍ରାଜ୍ୟକୁ ଯିବାକୁ ହେଲେ ଅନ୍ତର୍ଦୃଷ୍ଟି ପରାୟଣ ହେବାକୁ ପଡ଼େ । ସ୍ଥୂଳ ଜୀବନରେ ପ୍ରମତ୍ତ ହୋଓ ସୂକ୍ଷ୍ମ ଜୀବନ ପ୍ରତି ଅଜ୍ଞ ହୋଇପଡୁଛି ସେ । ତେଣୁ କବି ସମ୍ବେଦନଶୀଳ ହୋଇ ସେଇ ପରମଶକ୍ତିଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି-

"ପ୍ରଭୋ ! ଏମାନଙ୍କୁ କଣିକାଏ କୃପା ଦିଅ, ଥରଟିଏ ସ୍ପର୍ଶ ଦିଅ ତମ କରୁଣାର / ଥରଟିଏ ହସନ୍ତୁ ଏମାନେ / ଥରଟିଏ ହେଲେ, ତୁମ ଭାବେ ହୁଅନ୍ତୁ ବିହ୍ୱଳ / ବୁଝିବେ ତା' ହେଲେ ଯାଇ, ବିଷୟର ଊର୍ଦ୍ଧ୍ୱେ ଆଉ ଇନ୍ଦ୍ରିୟର ପର ପାରେ / ଯେ ସାମ୍ରାଜ୍ୟ ଅଛି ତାହା ନିତ୍ୟ ଆନନ୍ଦର ।"(ସ୍ତବକ)

ଆଧ୍ୟାତ୍ମିକତା ଅନୁଭବର ବିଷୟ, ପ୍ରକାଶ୍ୟର ନୁହେଁ । ଆଧ୍ୟାତ୍ମ ଜ୍ଞାନ ହିଁ ଆମକୁ ପୂର୍ଣ୍ଣ କରିବାର ମାର୍ଗ ଦେଖାଏ । ଏହି ଭାବ ଦ୍ୱାରା ହିଁ ମଣିଷ ଚିରନ୍ତନ ଶାନ୍ତି ଓ ତୃପ୍ତି ପାଇବା ସମ୍ଭବ ହୋଇପାରିବ । ବୃହତ୍ତମ ଶକ୍ତିର ସେ ହିଁ କ୍ଷୁଦ୍ର ଅଂଶ । ସେ ଯେତେ ତା' ଚେତନାକୁ ଊର୍ଦ୍ଧ୍ୱାୟନ କରିପାରିବ ସେ ଦିବ୍ୟତ୍ୱ ଆଡ଼କୁ ସେତେ ଅଗ୍ରସର ହୋଇପାରିବ । ଲୌକିକରୁ ଅଲୌକିକ, ମୂର୍ତ୍ତରୁ ଅମୂର୍ତ୍ତ, ସସୀମରୁ ଅସୀମ ଆଡ଼କୁ ଗତିକରି ବ୍ରହ୍ମତ୍ୱ ପ୍ରାପ୍ତ କରିପାରିବ । ଏହାହିଁ ବେଦ, ଉପନିଷଦ, ପୁରାଣ ତଥା ଧର୍ମଶାସ୍ତ୍ରର ମୁଖ୍ୟ ପ୍ରତିପାଦ୍ୟ ବିଷୟ । କବି ବ୍ରହ୍ମୋତ୍ରୀ ମହାନ୍ତି ଏହି ଭାବକୁ ତାଙ୍କ କବିତାରେ ସୁନ୍ଦର ଭାବରେ ଫୁଟେଇବାକୁ ଚେଷ୍ଟା କରିଛନ୍ତି ।

**ଗବେଷିକା**
**ଓଡ଼ିଆ ଭାଷା-ସାହିତ୍ୟ ବିଭାଗ**
**ବିଶ୍ୱଭାରତୀ, ଶାନ୍ତିନିକେତନ**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ